୫୧ ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୪/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 14/2024 Page 16 ₹ 7.00 | SAMBALPUR
୫୧ଶ ଭାଗ ୨୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 21 ମୂଲ୍ୟ ₹୭/-

# ଲୁଟେରା ନୁହେଁ, ସ୍ୱାମୀ ହତ୍ୟାକାରୀ

**ବଣାଇଁ, ୧୩।୧୨ (ପ୍ରଦୀପ ତ୍ରିପାଠୀ)**

ଲୁଟ୍ ନୁହେଁ ବରଂ ପରକୀୟାପ୍ରୀତି ଯୋଗୁ ୭ମାସର ଗର୍ଭବତୀ ସ୍ତ୍ରୀଙ୍କୁ ସ୍ୱାମୀ ଗୁଳିକରି ହତ୍ୟା କରିଛନ୍ତି। ଆଉ ଏଥିରେ ତାଙ୍କୁ ସହଯୋଗ କରିଛନ୍ତି ତାଙ୍କ ଭିଣୋଇ। ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ଅନ୍ତର୍ଗତ ଝିର୍ଡାପାଲୀ ଗ୍ରାମରେ ସାମ୍ୟମୟୀ ହତ୍ୟାକାଣ୍ଡରେ ପୋଲିସ ଉଭୟ ସ୍ୱାମୀ ଦେବେନ ବେହେରା ଓ ତାଙ୍କ ଭିଣୋଇ ସତ୍ୟନାରାୟଣ ବେହେରାଙ୍କୁ ଶୁକ୍ରବାର ଗିରଫ କରିଛି। ସତ୍ୟନାରାୟଣ ରାଉରକେଲା ପୋଲିସ ଜିଲାର ଉଦିତନଗର କୋର୍ଟରେ ଏଏସ୍ଆଇ ଅଛନ୍ତି।

## ପରକୀୟା ପ୍ରୀତି ଯୋଗୁ ହତ୍ୟା

■ **ହତ୍ୟାକାରୀ ସ୍ୱାମୀ, ଭିଣୋଇ ଗିରଫ**

ଶନିବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବ। ସ୍ତ୍ରୀହନ୍ତା ସ୍ୱାମୀ ପୋଲିସ ଆଗରେ ସବୁ ସତ ବଖାଣିବା ସହ ହତ୍ୟାକାଣ୍ଡର ଡେମୋ ଦେଖାଇଥିଲେ। ଅଭିଯୁକ୍ତଙ୍କ ବୟାନ କ୍ରମେ ହତ୍ୟାକାଣ୍ଡରେ ବ୍ୟବହୃତ ପିସ୍ତଲକୁ ପୋଲିସ ଜବତ କରିଛି। ପରକୀୟା ପ୍ରୀତିଯୋଗୁ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଦେବେନ ସ୍ୱୀକାର କରିଥିବା ରାଉରକେଲାରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ନୀତେଶ ୱାଧୱାନୀ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଦେବେନଙ୍କ ଅନ୍ୟ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ସାମ୍ୟମୟୀଙ୍କୁ ରାସ୍ତାରୁ ହଟାଇ ପ୍ରେମିକାଙ୍କ ସହ ଘର ସଂସାର କରିବାକୁ ସେ ଭାବିଥିଲେ। ଏଥିରେ ଦେବେନଙ୍କୁ ତାଙ୍କ ଭିଣୋଇ ସତ୍ୟନାରାୟଣ ସହଯୋଗ କରିଥିଲେ। ପୂର୍ବଯୋଜନା ଅନୁଯାୟୀ ବୁଧବାର ବିଳମ୍ବିତ ରାତିରେ ଦେବେନ ସ୍ତ୍ରୀ ସାମ୍ୟମୟୀଙ୍କୁ ଗୁଳିକରି ହତ୍ୟା କରିବା ପରେ ଦୁର୍ବୃତ୍ତମାନେ ଲୁଟ୍ କରିବାକୁ ଆସି ଗୁଳି କରିଥିବା ପ୍ରଚାର କରିଥିଲେ। ରାଉରକେଲା ଏସ୍‌ପି ନୀତେଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ତଦନ୍ତରେ ଉଭୟ ଟିକାୟତପାଲି ଓ ବଣାଇ ପୋଲିସ ସମସ୍ତ ପ୍ରକାର ତଦନ୍ତ କରୁଛନ୍ତି। ଟିକାୟତପାଲି ଥାନା ପୋଲିସ ଏକ ହତ୍ୟା ମାମଲା ( ନଂ. ୮୭/୨୦୨୪) ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ଏଥିସହ ହତ୍ୟାରେ ବ୍ୟବହୃତ ବନ୍ଧୁକକୁ ଦେବେନଙ୍କ ଘରୁ ପୋଲିସ ଜବତ କରିଛି।

ପ୍ରକାଶ ଯେ, ୨୦୨୪ ଫେବୃଆରୀ ୭ରେ ଅନୁଗୋଳ ଛେଣ୍ଡିପଦାର ପୀତାମ୍ବର ବେହେରାଙ୍କ ଝିଅ ସାମ୍ୟମୟୀଙ୍କର ଦେବେନଙ୍କ ସହ ବିବାହ ହୋଇଥିଲା। ସେ ୭ମାସ ଗର୍ଭବତୀ ଥିବାବେଳେ ସ୍ୱାମୀ ଦେବେନ ଅନ୍ୟ ଜଣେ ଯୁବତୀଙ୍କ ସହ ସମ୍ପର୍କ ରଖି ସ୍ତ୍ରୀଙ୍କୁ ହଟାଇ ☞ପୃଷ୍ଠା-୨






ହାଇଦ୍ରାବାଦର ଚିକ୍କାଡପାଲ୍ଲୀ ପୋଲିସ ଅଭିନେତା ଅଲ୍ଲୁ ଅର୍ଜୁନଙ୍କୁ ଗିରଫ କରି ନେଉଛି।

# ଅଲ୍ଲୁ ଅର୍ଜୁନ: ଅବାଞ୍ଛିତ ଗିରଫ, ପରେ ଜାମିନ

**ଡିସେମ୍ବର ୪ରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ 'ପୁଷ୍ପା ୨: ଦି ରୁଲ୍'ର ପ୍ରିମିୟର ବେଳେ ହୋଇଥିବା ଦଳାଚକଟାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ତେଲଙ୍ଗାନା ପୋଲିସ ଅଭିନେତା ଅଲ୍ଲୁ ଅର୍ଜୁନଙ୍କୁ ଶୟନକକ୍ଷରୁ ଉଠାଇ ଆଣିବା ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଅଲ୍ଲୁଙ୍କ ଗିରଫକୁ ସାଧାରଣରେ ଅବାଞ୍ଛିତ ବୋଲି କୁହାଯାଉଛି। ଦର୍ଶକ ପ୍ରିମିୟର ଶୋ' ଦେଖିବା ପାଇଁ ଯେଉଁଭଳି ଭାବେ ଠେଲାପେଲା ହୋଇଥିଲେ ସେଥିରେ ଅଭିନେତାଙ୍କ ଭୂମିକା ନ ଥିବା ଆଲୋଚନା ହେଉଛି। ତଳ କୋର୍ଟ ଅଭିନେତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଥିବାବେଳେ ଏହାର କିଛି ଘଣ୍ଟା ପରେ ତେଲଙ୍ଗାନା ହାଇକୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଅଲ୍ଲୁ କେବଳ ଜଣେ ଅଭିନେତା ହୋଇଥିବାରୁ ତାଙ୍କୁ ଏପରି ଭାବେ ଜେଲରେ ପୂରାଯାଇପାରିବ ନାହିଁ। ତାଙ୍କର ମଧ୍ୟ ଜୀବନ ଧାରଣ ଓ ସ୍ୱାଧୀନତା ଅଧିକାର ରହିଛି ବୋଲି ହାଇକୋର୍ଟ କହିଛନ୍ତି।**

**ହାଇଦ୍ରାବାଦ, ୧୩।୧୨**

'ପୁଷ୍ପା: ଦି ରାଇଜ୍'ର ସିକ୍ୱେଲ 'ପୁଷ୍ପା ୨: ଦି ରୁଲ୍' ଡିସେମ୍ବର ୫ରେ ବିଶ୍ୱବ୍ୟାପୀ ବିଭିନ୍ନ ଫର୍ମାଟରେ ମୁକ୍ତିଲାଭ କରିବା ସହ ଖୁବ୍ କମ୍ ସମୟରେ ୧୦୦ କୋଟି କ୍ଲବ୍‌ରେ ସାମିଲ ହୋଇଛି। ଏହାର ଦିନକ ପୂର୍ବରୁ ଅର୍ଥାତ୍ ୪ ତାରିଖ ପୂର୍ବାହ୍ଣ ୯ଟା ୩୦ରେ ହାଇଦ୍ରାବାଦସ୍ଥିତ ସନ୍ଧ୍ୟା ଥିଏଟରରେ ଉକ୍ତ ଫିଲ୍ମର ପ୍ରିମିୟର ଶୋ' ବେଳେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ସେଠାରେ ପହଞ୍ଚିଥିଲେ। ☞ପୃଷ୍ଠା-୨

ଏନ୍ଆର୍‌ଟିଏସ୍ ପରୀକ୍ଷାଫଳ ପ୍ରକାଶିତ ......୫......
ମହାକୁମ୍ଭ ଏକତାର ମହାଯଜ୍ଞ: ପ୍ରଧାନମନ୍ତ୍ରୀ ......୭......

**ଆଜିର ସମ୍ପାଦକୀୟ**

## ନୂଆ ନେତୃତ୍ୱ

**ଆଜିର ମନ୍ତବ୍ୟ**

" କଂଗ୍ରେସ ଭାରତୀୟ ସମ୍ବିଧାନକୁ ନିଜ ଅବଦାନ ବୋଲି ଦର୍ଶାଇବା ସହ ଏହାର ପ୍ରଣୟନରେ ଅନ୍ୟ ନେତାଙ୍କ ଭୂମିକାକୁ ଅଣଦେଖା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।
-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ


## ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

**ଡିସେମ୍ବର ୧୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ**

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୧୬।୧୨।୨୦୨୪ରିଖ (ସୋମବାର) ଦିନ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଗତ ତା୨୮।୧୦।୨୦୨୪ରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନେ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। ଅକ୍ଟୋବର ୨୮ ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କର ପ୍ରାପ୍ତି ସ୍ୱୀକାର ପତ୍ର ଓ ବ୍ୟକ୍ତିଗତ ପରିଚୟ ପତ୍ର ସହିତ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ଅନୁରୋଧ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0037/2425




# ସଂସଦରେ 'ସମ୍ବିଧାନ' ବିତର୍କ

**୧୯୪୯ ନଭେମ୍ବର ୨୬ରେ ଗୃହୀତ ତଥା ୧୯୫୦ ଜାନୁଆରୀ ୨୬ରୁ ପ୍ରଚଳିତ ଭାରତୀୟ ସମ୍ବିଧାନକୁ ଇତିମଧ୍ୟରେ ୭୫ ବର୍ଷ ପୂରିଛି। ଏହି ପରିପ୍ରେକ୍ଷୀରେ ସାମ୍ବିଧାନିକ ସିଦ୍ଧାନ୍ତ ଓ ସାମ୍ପ୍ରତିକ ସ୍ଥିତିରେ ଏହାର କାର୍ଯ୍ୟକାରିତାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇବା ସହ ସଂସଦରେ ସମ୍ବିଧାନ ଉପରେ ବିତର୍କ ଦାବି କରିଥିଲେ। ଲୋକ ସଭାରେ ଶୁକ୍ରବାର ବିତର୍କ ଆରମ୍ଭ ହୋଇଥିବାବେଳେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ବକ୍ତବ୍ୟ ରଖିବେ। ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସନ୍ତା ୧୬ରେ ରାଜ୍ୟ ସଭାରେ ବିତର୍କର ନେତୃତ୍ୱ ନେବେ, ଯାହାକି ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦ରେ ଶୀତ ଅଧିବେଶନ ଶେଷ ହେବା ପୂର୍ବରୁ ଏହି ପ୍ରସଙ୍ଗରେ ଶାସକ-ବିରୋଧୀ ମୁହାଁମୁହିଁ ହୋଇଛନ୍ତି, ଯାହାକୁ ପାର୍ଲାମେଣ୍ଟରେ ଚଳିତ ଅଧିବେଶନର ସବୁଠୁ ବଡ଼ ବିତର୍କ ବୋଲି କୁହାଯାଉଛି।**


ଲୋକ ସଭାରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ।

### ସରକାର-ବିରୋଧୀ ମୁହାଁମୁହିଁ

ନୂଆଦିଲ୍ଲୀ,୧୩।୧୨

କଂଗ୍ରେସ ସବୁବେଳେ ସମ୍ବିଧାନ ଅପେକ୍ଷା କ୍ଷମତାକୁ ବାଛିଆସିଛି। ଏପରିକି ସାମ୍ବିଧାନିକ ସଂସ୍ଥାଗୁଡ଼ିକର ସ୍ୱାୟତ୍ତତାକୁ ମଧ୍ୟ ବିରୋଧୀ ଦଳ ବରଦାସ୍ତ ନ କରି ସିଦ୍ଧାନ୍ତଗୁଡ଼ିକୁ ଧ୍ୱଂସ କରିବାକୁ ଉଦ୍ୟମ ଚଳାଇଆସିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶୁକ୍ରବାର ସମାଲୋଚନା କରିଛନ୍ତି। ସମ୍ବିଧାନର ୭୫ ବର୍ଷ ଯାତ୍ରା ସମ୍ପର୍କରେ ଲୋକ ସଭାରେ ୨ ଦିନିଆ ବିତର୍କର ଆରମ୍ଭକରି ବରିଷ୍ଠ ଭାଜପା ସଦସ୍ୟ ରାଜନାଥ କହିଛନ୍ତି, କଂଗ୍ରେସ ସମ୍ବିଧାନକୁ ନିଜ ଅବଦାନ ବୋଲି ଦର୍ଶାଇବା ସହ ଏହାର ପ୍ରଣୟନରେ ଅନ୍ୟ ଅନେକ ନେତାଙ୍କ ଭୂମିକାକୁ ଅସ୍ୱୀକାର କରିଛି। ଅନେକ ବିରୋଧୀ ନେତା ସମ୍ବିଧାନକୁ ପକେଟରେ ପୂରାଇ ଏହାର ସୁରକ୍ଷା ଉପରେ ଭାଷଣ ଦେଉଛନ୍ତି। ବାସ୍ତବରେ ସେମାନେ ସମ୍ବିଧାନକୁ ପକେଟରେ ପୂରାଇବା ପିଲାବେଳୁ ନିଜ ପରିବାରରୁ ଶିଖିଛନ୍ତି ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ରାଜନାଥ ଟେରଛା ବାଣ ଛାଡ଼ିଛନ୍ତି। ଏହାର ଜବାବରେ ୱାୟନାଡ଼ର କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ସମ୍ବିଧାନକୁ ବୁଝିପାରି ନାହାନ୍ତି। ସେ ସଂଘର ସମ୍ବିଧାନକୁ ମାନନ୍ତି। ନିର୍ବାଚିତ ହେବା ପରେ ନିଜ ଆଦ୍ୟ ଭାଷଣରେ ପ୍ରିୟଙ୍କା ଆହୁରି କହିଛନ୍ତି, ଲୋକ ସଭା ନିର୍ବାଚନର ଫଳ ଝଟ୍‌କା ଦେଇ ନ ଥିଲେ ଶାସକ ଦଳ ସମ୍ବିଧାନକୁ ବଦଳାଇବା ଆରମ୍ଭ କରିସାରନ୍ତାଣି। ଗତ ୧୦ ବର୍ଷ ମଧ୍ୟରେ ଭାଜପା ନେତୃତ୍ୱାଧୀନ ଏହି ସରକାର ନ୍ୟାୟ, ଏକତା ଓ ଅଭିବ୍ୟକ୍ତି ସ୍ୱାଧୀନତାର 'ସୁରକ୍ଷା କବଚ'କୁ ଭାଙ୍ଗିଦେବା ପାଇଁ ସବୁ ପ୍ରକାର ଉଦ୍ୟମ କରିଛି। ପ୍ରିୟଙ୍କା ନିଜ ୩୨ ମିନିଟର ଭାଷଣରେ ଆଦାନୀ, ମଣିପୁର, ସମ୍ଭଲ ଓ ଜାତିଗତ ଜନଗଣନା ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଘେରିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ଦେଶରେ ସଂଖ୍ୟାଲଘୁ ମୁସଲିମ୍‌ଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ବ୍ୟବହାର କରାଯାଉଛି। ସେମାନଙ୍କ ଅଧିକାର ଓ ସମ୍ପତ୍ତିକୁ ବ୍ୟବସ୍ଥିତ ରୂପେ ଛଡ଼ାଇ ନିଆଯାଉଛି। ଏଭଳି ସ୍ଥିତିରେ ଆମ ସମ୍ବିଧାନକୁ ପଛୁଆ, ଦଳିତ ଓ ଅଳ୍ପସଂଖ୍ୟକ(ପିଡିଏ)ଙ୍କ ଉନ୍ନତି ପରିବର୍ତ୍ତେ ସେମାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ ବ୍ୟବହାର କରାଯାଉଥିବା ଅଖିଳେଶ ସମାଲୋଚନା କରିଛନ୍ତି।

## ଆମେରିକାର ପ୍ରଥମ ବିଦା ତାଲିକାରେ ୧୮ ହଜାର ଭାରତୀୟ

ନୂଆଦିଲ୍ଲୀ,୧୩।୧୨

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସବୁଠୁ ବଡ଼ ଦେଶାନ୍ତର ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ବେଆଇନ ଭାବେ ଆମେରିକାରେ ବସବାସ କରୁଥିବା ପ୍ରବାସୀମାନଙ୍କୁ ବିଦା କରିବା ପାଇଁ ସେଠାର ଇମିଗ୍ରେଶନ ଆଣ୍ଡ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ (ଆଇସିଇ) ୧୫ ଲକ୍ଷ ଲୋକଙ୍କର ଏକ ତାଲିକା ପ୍ରସ୍ତୁତ କରିଛି। ଉକ୍ତ ତାଲିକାରେ ବିନା କାଗଜପତ୍ରରେ ରହିଥିବା ୧୮,୦୦୦ ଭାରତୀୟ ଅଛନ୍ତି। ଆମେରିକାରେ ପ୍ରାୟ ୭,୨୫,୦୦୦ ଭାରତୀୟ ବେଆଇନ ଭାବେ ରହିଛନ୍ତି। ମେକ୍ସିକୋ ଏବଂ ଏଲ୍ ସାଲଭାଡର ପରେ ସର୍ବାଧିକ ଭାରତୀୟ ସେଠାର ବେଆଇନ ପ୍ରବାସୀ।

## ଆର୍‌ଜି କର ମାମଲା: ସନ୍ଦୀପ୍ ଘୋଷଙ୍କୁ ଜାମିନ

ନୂଆଦିଲ୍ଲୀ,୧୩।୧୨

କୋଲକାତାର ଆର୍‌ଜି କର ମେଡିକାଲ କଲେଜ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କୁ ସିଆଲ୍‌ଦା କୋର୍ଟ ଶୁକ୍ରବାର ଜାମିନ ପ୍ରଦାନ କରିଛନ୍ତି। ଏଥିସହିତ ତଲା ଥାନାର ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ଅଭିଜିତ ମଣ୍ଡଳଙ୍କୁ ମଧ୍ୟ ଜାମିନ ମିଳିଛି।



ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୯୦ ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରିବା ପରେ ଉଭୟ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରାଯାଇଛି। ଗତ ଅଗଷ୍ଟ ୯ ତାରିଖ ରାତିରେ ଆର୍.ଜି. କର ମେଡିକାଲ କଲେଜ ହସ୍ପିଟାଲର ଛାତି ବିଭାଗ ଅଡିଟୋରିୟମ୍‌ରେ ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା।

## ରାଜ୍ୟ ସଭାରେ ମହାଭିଯୋଗ ନୋଟିସ ଆଣିଲେ ବିରୋଧୀ

ନୂଆଦିଲ୍ଲୀ,୧୩।୧୨(ପି.ଟି.)

### ଆଲ୍ଲାହାବାଦ ହାଇକୋର୍ଟ ବିଚାରପତିଙ୍କ ବିବାଦୀୟ ମନ୍ତବ୍ୟ

ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି)ର ଏକ କାର୍ଯ୍ୟକ୍ରମରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଆଲ୍ଲାହାବାଦ ହାଇକୋର୍ଟର ବିଚାରପତି ଶେଖର କୁମାର ଯାଦବଙ୍କ ବିରୋଧରେ ରାଜ୍ୟ ସଭାରେ ମହାଭିଯୋଗ ପ୍ରସ୍ତାବ ଆଣିବା ପାଇଁ ବିରୋଧୀ ସଦସ୍ୟମାନେ ଶୁକ୍ରବାର ନୋଟିସ୍ ଦେଇଛନ୍ତି। ସେମାନେ ରାଜ୍ୟ ସଭା ମହାସଚିବଙ୍କୁ ଭେଟି ନୋଟିସ୍ ଦେଇଥିଲେ। ପ୍ରସ୍ତାବରେ କପିଲ ସିବଲ, ଦିଗ୍‌ବିଜୟ ସିଂ, ପି. ଚିଦାମ୍ବରମ୍, ଜୟରାମ ରମେଶ, ରଣଦୀପ୍ ସୁର୍ଜେୱାଲା, ମୁକୁଲ ୱାସ୍‌ନିକ, ଜନ୍ ବ୍ରିଟ୍ଟାସ୍, ମନୋଜ କୁମାର ଝା, ସାକେତ୍ ଗୋଖ୍‌ଲେ, ସଞ୍ଜୟ ସିଂଙ୍କ ସମେତ ୫୫ ଜଣ ବିରୋଧୀ ଏମ୍‌ପି ସ୍ୱାକ୍ଷର କରିଛନ୍ତି। ଡିସେମ୍ବର ୮ରେ ଆଲ୍ଲାହାବାଦ ହାଇକୋର୍ଟ ପରିସରରେ ଭିଏଚ୍‌ପି ଲିଗାଲ ସେଲ୍ ପକ୍ଷରୁ ଏକକ ଦେୱାନୀ ସଂହିତା (ୟୁସିସି) ଉପରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


ଜଷ୍ଟିସ୍ ଶେଖର କୁମାର ଯାଦବ

ଜଷ୍ଟିସ୍ ଯାଦବ ଏଥିରେ ସମ୍ବୋଧିତ କରି କହିଥିଲେ, ଭାରତ ସଂଖ୍ୟାବହୁଳଙ୍କ ଇଚ୍ଛା ଅନୁସାରେ ପରିଚାଳିତ ହେବା ଉଚିତ। ସଂଖ୍ୟାବହୁଳ ଲୋକଙ୍କୁ ଖୁସି ଦେଇ ସେମାନଙ୍କ ସ୍ୱାର୍ଥରେ କାର୍ଯ୍ୟ କରୁଥିବା ଆଇନ ପ୍ରଚଳିତ ହେବା ଆବଶ୍ୟକ।

## ଅନଶନରତ କୃଷକଙ୍କୁ ଡାକ୍ତରୀ ସହାୟତା ଦିଅ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୩।୧୨(ପି.ଟି.)

ଆନ୍ଦୋଳନରତ କୃଷକମାନେ ଗାନ୍ଧୀଜୀଙ୍କ ମାର୍ଗ ଆପଣାଇବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେଇଛନ୍ତି। ପଞ୍ଜାବ-ହରିୟାଣା ସୀମାରେ ୧୭ ଦିନ ହେଲା ଅମରଣ ଅନଶନରେ ବସିଥିବା କୃଷକ ନେତା ଜଗଜିତ୍ ସିଂ ଡଲେୱାଲଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଉଥିବାରୁ ତୁରନ୍ତ ଡାକ୍ତରୀ ସହାୟତା ଯୋଗାଇଦେବାକୁ ଶୁକ୍ରବାର ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଓ ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଓ ପଞ୍ଜାବ ସରକାରଙ୍କ ପ୍ରତିନିଧି ତୁରନ୍ତ ଡାଲେୱାଲଙ୍କୁ ଭେଟିବା ପାଇଁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ହିଂସାତ୍ମକ ଆନ୍ଦୋଳନ ଉଭୟ ସ୍ଥାନରେ ସମସ୍ୟା ସୃଷ୍ଟି କରିଥିବାରୁ କୃଷକମାନେ ହିଂସ୍ର ନ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସେମାନଙ୍କ ଆପତ୍ତି ଅଭିଯୋଗଗୁଡ଼ିକ ବିଚାରାଧୀନ ଥିବାରୁ ସେମାନେ ବିକ୍ଷୋଭ ବେଳେ ଗାନ୍ଧିଜୀଙ୍କ ପନ୍ଥା ଆପଣାଇବା ଉଚିତ। ଜୀବନ ମୂଲ୍ୟବାନ ହୋଇଥିବା କୃଷକ ନେତା ଜଗଜିତ ଆମରଣ ଅନଶନ ଭାଙ୍ଗିବା ପାଇଁ ଅଦାଲତ ପରାମର୍ଶ ଦେଇଛନ୍ତି। ତେବେ ଡଲେୱାଲଙ୍କୁ ଅନଶନ ଭାଙ୍ଗିବା ପାଇଁ ବଳ ପ୍ରୟୋଗ ନ କରି ଶାନ୍ତିପୂର୍ଣ୍ଣ ପଦକ୍ଷେପ ନେବା ଏବଂ ତାଙ୍କୁ ପର୍ଯ୍ୟାପ୍ତ ମେଡିକାଲ ସହାୟତା ଯୋଗାଇଦେବା କେନ୍ଦ୍ର ଓ ପଞ୍ଜାବ ସରକାରଙ୍କ ଦାୟିତ୍ୱ ବୋଲି ଖଣ୍ଡପୀଠ କହିଛନ୍ତି।

## ୟୁକ୍ରେନ୍‌ରେ ୯୩ ମିଶାଇଲ ମାଡ଼କଲା ରୁଷିଆ

କିଭ୍,୧୩।୧୨

ରୁଷିଆ ଶୁକ୍ରବାର ୟୁକ୍ରେନ୍‌ର ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭିତ୍ତିଭୂମିଗୁଡ଼ିକୁ ଟାର୍ଗେଟ କରି ୯୩ଟି ମିଶାଇଲ ମାଡ଼ କରିଛି। ଆକ୍ରମଣରେ ୯୩ଟି କ୍ରୁଜ୍ ଓ ବାଲିଷ୍ଟିକ୍ ମିଶାଇଲ ସମେତ ପ୍ରାୟ ୨୦୦ ଡ୍ରୋନ୍ ସାମିଲ ଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ୟୁକ୍ରେନ୍‌ର ଶକ୍ତି ସେକ୍ଟର ଉପରେ ଏହା ଅନ୍ୟତମ ସର୍ବବୃହତ୍ ଆକ୍ରମଣ। ରୁଷିଆ ଛାଡ଼ିଥିବା ମିଶାଇଲ ମଧ୍ୟରେ ଉତ୍ତର କୋରିଆର ଅନ୍ୟୂନ ଗୋଟିଏ କ୍ଷେପଣାସ୍ତ୍ର ରହିଥିବା ଜଣାପଡ଼ିଛି। ସେଥିରୁ ୮୧ଟିକୁ ୟୁକ୍ରେନ୍ ସେନା ପ୍ରତିହତ କରିଥିଲା। ଏଭଳି ଆକ୍ରମଣ ପାଇଁ ୟୁକ୍ରେନ୍ ନେତା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ସମାଲୋଚନା କରିଛନ୍ତି। ତାଙ୍କର ଶାନ୍ତି ଯୋଜନା ସବୁକିଛି ଧ୍ୱଂସ କରିଦେବ ବୋଲି ଜେଲେନ୍‌ସ୍କି କହିଛନ୍ତି। ଅନ୍ତର୍ଜାତୀୟ ସମୁଦାୟ ଏହାର ଦୃଢ଼ ଜବାବ ଦେବାକୁ ସେ ନିବେଦନ କରିଛନ୍ତି। କେବଳ କଥାବାର୍ତ୍ତାରେ ପୁଟିନ୍‌ଙ୍କୁ ଅଟକାଇ ହେବନି। ଶାନ୍ତି ପାଇଁ ସାମର୍ଥ୍ୟର ଆବଶ୍ୟକତା ରହିଛି। ମସ୍କୋ ବିରୋଧରେ ପାଶ୍ଚାତ୍ୟ ରାଷ୍ଟ୍ର ସହାୟତା ବଢ଼ାଇବାକୁ ଜେଲେନ୍‌ସ୍କି ନିବେଦନ କରିଛନ୍ତି। ଅଧିକ ଏୟାର ଡିଫେନ୍ସ ସିଷ୍ଟମ ଯୋଗାଇଦେବା ସହ ରୁଷିଆ ବିରୋଧରେ କଠୋର କଟକଣା ଲଗାଇବାକୁ ସେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ କହିଛନ୍ତି।

## ଫ୍ରାଙ୍କୋଇସ୍ ବେରୁ ଫ୍ରାନ୍ସର ନୂଆ ପ୍ରଧାନମନ୍ତ୍ରୀ

ପ୍ୟାରିସ୍ ,୧୩।୧୨

ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ଶୁକ୍ରବାର ଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ମଧ୍ୟଗାମୀ ସହଯୋଗୀ ଫ୍ରାଙ୍କୋଇସ୍ ବେରୁଙ୍କୁ ମନୋନୀତ କରିଛନ୍ତି। ଏକ ଐତିହାସିକ ସଂସଦୀୟ ଭୋଟ ପରେ ଗତ ସପ୍ତାହରେ ପୂର୍ବ ସରକାର ବହିଷ୍କୃତ ହୋଇଥିଲେ। ୭୩ ବର୍ଷୀୟ ବେରୁ ବହୁ ଦଶନ୍ଧି ଧରି ଫ୍ରାନ୍ସ ରାଜନୀତିରେ ଜଣାଶୁଣା ନେତା। ନ୍ୟାଶନାଲ ଆସେମ୍ବ୍ଲିରେ କୌଣସି ଦଳର ସଂଖ୍ୟାଗରିଷ୍ଠତା ନ ଥିବାବେଳେ ତାଙ୍କର ରାଜନୈତିକ ଅଭିଜ୍ଞତା ଦେଶରେ ସ୍ଥିରତା ବଜାୟ ରଖିବାରେ ପ୍ରମୁଖ ଭୂମିକା ନେବ ବୋଲି କୁହାଯାଉଛି। ୟୁରୋପୀୟ


ଫ୍ରାଙ୍କୋଇସ୍ ବେରୁ

ପାର୍ଲାମେଣ୍ଟ ପାଣ୍ଠି ହଡ଼ପ ମାମଲାରେ ବେରୁ ନିକଟରେ ଦୋଷମୁକ୍ତ ହୋଇଥିଲେ। ନୂଆ ସରକାର ଗଠନ ପାଇଁ ତାଙ୍କୁ ଦାୟିତ୍ୱ ଦିଆଯାଇଥିବା ମାକରଁଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ନ୍ୟାଶନାଲ ଆସେମ୍ବ୍ଲିରେ ବଜେଟ ବିବାଦକୁ ନେଇ ଅନାସ୍ଥା ଭୋଟ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ମିଶେଲ ବାର୍ନିଏର୍ ଗତ ସପ୍ତାହରେ ଇସ୍ତଫା ଦେଇଥିଲେ।

## ବ୍ୟବସାୟୀ ଦମ୍ପତିଙ୍କ ଆତ୍ମହତ୍ୟା

ଭୋପାଳ,୧୩।୧୨

### ଦଳୀୟ ସମର୍ଥକ ହୋଇଥିବାରୁ ଇଡି ଟାର୍ଗେଟ କରିଥିଲା: କଂଗ୍ରେସ

ମଧ୍ୟପ୍ରଦେଶର ସେହୋର ଜିଲାରେ ଏକ ବ୍ୟବସାୟୀ ଦମ୍ପତି ଶୁକ୍ରବାର ସକାଳେ ଆତ୍ମହତ୍ୟା କରିଛନ୍ତି। ସେମାନେ କ'ଣ ପାଇଁ ଏଭଳି ଚରମ ନିଷ୍ପତ୍ତି ନେଲେ, ତାହା ଜଣାପଡ଼ି ନ ଥିବାବେଳେ ଏନେଇ କଂଗ୍ରେସ ଶାସକ ଦଳ ଭାଜପାକୁ କଡ଼ା ସମାଲୋଚନା କରିଛି। ମୃତକ ମନୋଜ ପାର୍‌ମାର ଏବଂ ତାଙ୍କ ସ୍ତ୍ରୀ କଂଗ୍ରେସର ସମର୍ଥକ ହୋଇଥିବାରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସେମାନଙ୍କୁ ହଇରାଣ କରୁଥିଲା ବୋଲି ବିରୋଧୀ ଦଳ ଅଭିଯୋଗ କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରା ବେଳେ ଏହି ଦମ୍ପତିଙ୍କ ପିଲାମାନେ ତାଙ୍କୁ ପିଗି ବ୍ୟାଙ୍କ ଉପହାର ଦେଇଥିଲେ ।

## ୱାଇଏସ୍‌ଆର୍‌ସିପି ଏମ୍‌ପି ଅବିନାଶ ରେଡ୍ଡୀ ଗିରଫ

ତିରୁପତି,୧୩।୧୨

ଆନ୍ଧ୍ରପ୍ରଦେଶର କଡ଼ପା ଜିଲା ଅନ୍ତର୍ଗତ ପୁଲିଭେନ୍ଦୁଲା ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ଜଳ ସୋସାଇଟି ନିର୍ବାଚନକୁ ନେଇ ଶାସକ ଟିଡିପି ଏବଂ ବିରୋଧୀ ଦଳ ୱାଇଏସ୍‌ଆର୍‌ସିପି ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଘଟଣାରେ କଡ଼ପାର ୱାଇଏସ୍‌ଆର୍‌ସିପି ଏମ୍‌ପି ୱାଇଏସ୍ ଅବିନାଶ ରେଡ୍ଡୀଙ୍କୁ ଭେମୁଲାରୁ ଗିରଫ କରାଯାଇଛି। କଡ଼ପା ଏମ୍‌ପି ରାଜ୍ୟପାଳଙ୍କୁ ପତ୍ର ଲେଖି ଟିଡିପି କର୍ମୀମାନେ ଅଗଣତାନ୍ତ୍ରିକ ଉପାୟରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରୁଥିବା ଜଣାଇଥିଲେ। ଏଥିସହିତ ସ୍ଥାନୀୟ ଜଳ ସୋସାଇଟି ନିର୍ବାଚନକୁ ଗଣତାନ୍ତ୍ରିକ ଉପାୟରେ ଏବଂ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା ପାଇଁ କଠୋର ପଦକ୍ଷେପ ନେବାକୁ ସେ ଜିଲା ପ୍ରଶାସନକୁ ନିବେଦନ କରିଥିଲେ। ଭେମୁଲା ଏମ୍‌ଆର୍‌ଓ କାର୍ଯ୍ୟାଳୟ ନିକଟରେ ବହୁସଂଖ୍ୟାରେ ୱାଇଏସ୍‌ଆର୍‌ସିପି ଏବଂ ଟିଡିପି କ୍ୟାଡର ଏକତ୍ର ହୋଇଥିବାବେଳେ ପୋଲିସ ଉତ୍ତେଜନା ହ୍ରାସ ପାଇଁ କଡ଼ପା ଏମ୍‌ପିଙ୍କୁ ଗିରଫ କରିଛି।

DSPL - 255



**ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

"ଶକ୍ତି ସଂରକ୍ଷଣ" ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ | ଏହି ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୧୪ ତାରିଖକୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ରୂପେ ପାଳନ କରାଯାଇଥାଏ | ପରିବେଶ ସନ୍ତୁଳନ ରଖିବା ଏବଂ ଆଗାମୀ ପିଢି ପାଇଁ ଏକ ଉଜ୍ଜ୍ୱଳ ଏବଂ ସମୃଦ୍ଧମୟ ଭବିଷ୍ୟତକୁ ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ | ଦୈନନ୍ଦିନ ଜୀବନରେ ଶକ୍ତି ସଂରକ୍ଷଣ ଦିଗରେ ଛୋଟ ଛୋଟ ପଦକ୍ଷେପ ମଧ ଶକ୍ତିର ଅପଚୟ ହ୍ରାସ କରିବାରେ ସହାୟକ ହୋଇଥାଏ | ଉଦାହରଣ ସ୍ୱରୂପ -

- ପାରମ୍ପରିକ ପଙ୍ଖା ବଦଳରେ ବିଏଲ୍.ଡି.ସି. ପଙ୍ଖା ବ୍ୟବହାର |
- କୃଷି କ୍ଷେତ୍ରରେ ଉଚ୍ଚ ଦକ୍ଷତାସମ୍ପନ୍ନ ବି.ଇ.ଇ. ତାରକା ଚିହ୍ନିତ ବୈଦ୍ୟୁତିକ ପମ୍ପ ବ୍ୟବହାର |
- ପେଟ୍ରୋଲ୍ ଓ ଡିଜେଲ ଚାଳିତ ଯାନବାହନ ପରିବର୍ତ୍ତେ ବିଦ୍ୟୁତ୍ ଚାଳିତ ଯାନର ବ୍ୟବହାର |
- ପାରମ୍ପରିକ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବଦଳରେ ପଞ୍ଚତାରକା ଇନ୍‌ଭର୍‌ଟର୍ ବିଶିଷ୍ଟ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର |
- ଘରେ ଯଥାସମ୍ଭବ ସୂର୍ଯ୍ୟାଲୋକ ଏବଂ ଖୋଲା ପବନର ବ୍ୟବହାର ଏବଂ ଆବଶ୍ୟକ ନଥିଲେ ଲାଇଟ୍, ଏସି, ଫ୍ୟାନ, ଟିଭି ଓ କମ୍ପ୍ୟୁଟର ଇତ୍ୟାଦି ବନ୍ଦ ରଖିବା |
- ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର-ଦେୟମୁକ୍ତ ବିଜୁଳି ଯୋଜନାରେ ଭାଗିଦାର ହୋଇ ନିଜ ବ୍ୟବହାର ପାଇଁ ନିଜସ୍ୱ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ଇତ୍ୟାଦି |

ଓଡିଶାର ଜନସାଧାରଣଙ୍କୁ ଶକ୍ତି ସଂଚୟରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ସରକାରଙ୍କ ତରଫରୁ ସବିଶେଷ ଅନୁରୋଧ କରାଯାଉଛି | ଜନସାଧାରଣଙ୍କର ମିଳିତ ଅବଦାନ ଆମ ରାଜ୍ୟ, ଦେଶ ତଥା ବିଶ୍ୱକୁ ସ୍ୱଚ୍ଛ ଏବଂ ସବୁଜ କରିବାରେ ସହାୟକ ହେବ | ଆସନ୍ତୁ ମିଳିମିଶି ଶକ୍ତି ସଂଚୟ କରିବା ଓ ବିକଶିତ ଓଡିଶା ନିର୍ମାଣ କରିବାରେ ସହଯୋଗ କରିବା |

|| ବନ୍ଦେ ଉତ୍କଳ ଜନନୀ ||

(ଶ୍ରୀ କନକ ବର୍ଦ୍ଧନ ସିଂହଦେଓ)
ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ଓଡିଶା
କୃଷି, କୃଷକ ସଶକ୍ତି କରଣ ଓ ଶକ୍ତି ବିଭାଗ

OIPR-04025/13/0003/2425

DADLS - 62



ଓଡ଼ିଶା ସରକାର

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ
**ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**
୧୪ ଡିସେମ୍ବର, ୨୦୨୪

ସକାଳ ୯ ଘଟିକା ସମୟରେ ଜୟଦେବ ବିହାର ଛକ, ଭୁବନେଶ୍ୱରସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା ସାଧାରଣ ସଭା ସ୍ଥାନ – ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
**ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ**,
ପ୍ରାକ୍ତନ ରାଜ୍ୟପାଳ, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼

ସମ୍ମାନନୀୟ ଅତିଥି
**ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ**, ମାନ୍ୟବର ସାଂସଦ, ଲୋକସଭା
**ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ**, ପ୍ରାକ୍ତନ ବିଧାୟକ ତଥା ସଭାପତି
ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ମୁଖ୍ୟବକ୍ତା
**ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ**, ଅଧ୍ୟକ୍ଷ,
ଇଷ୍ଟର୍ଣ୍ଣ ମିଡ଼ିଆ ଗ୍ରୁପ୍, ଭୁବନେଶ୍ୱର

ଧନ୍ୟବାଦ ଅର୍ପଣ
**ଡା. କୃଷ୍ଣ କେଶବ ଷଡ଼ଙ୍ଗୀ**, ସମ୍ପାଦକ,
ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

'ନାଦବ୍ରହ୍ମ' ସଂଗୀତ ଅନୁଷ୍ଠାନ ଦ୍ୱାରା ଭଜନ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0317/2425

୫୧ ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୪/୨୦୨୪ | Bhubaneswar, Saturday, December 14/2024 | ପୃଷ୍ଠା-୧

# ସ୍ୱାସ୍ଥ୍ୟ ର୍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ଉନ୍ନତି ଜରୁରୀ: ମୁଖ୍ୟମନ୍ତ୍ରୀ



ଲୋକସେବା ଭବନସ୍ଥିତ କନ୍‌ଭେନଶନ ସେଣ୍ଟରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଯେତେ ପାରଦର୍ଶିତା ହାସଲ କରିବା କଥା ସେପରି କରିପାରି ନାହିଁ। ଆମେ ଆମର ପ୍ରକୃତ ସାମର୍ଥ୍ୟ ହାସଲ କରିପାରିନାହୁଁ। ନୀତି ଆୟୋଗ ଦ୍ୱାରା ସଦ୍ୟ ପ୍ରକାଶିତ ସ୍ୱାସ୍ଥ୍ୟ ର୍ୟାଙ୍କିଙ୍ଗ୍‌ରେ ଓଡ଼ିଶା ୨୮ଟି ରାଜ୍ୟ ମଧ୍ୟରେ ତଳଆଡୁ ୩ୟ ସ୍ଥାନରେ ରହିଛି। ଶହେ ନମ୍ବରରୁ ଓଡ଼ିଶା ମାତ୍ର ୪୦.୧୯ ପାଇଛି। କିନ୍ତୁ ପୂର୍ବରୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ନାମରେ ବ୍ୟାପକ ପ୍ରଚାର କରାଯାଉଥିଲା। ବର୍ତ୍ତମାନ ଏ ସ୍ଥିତିକୁ ପରିବର୍ତ୍ତନ କରିବାକୁ ପଡ଼ିବ। ହେଲ୍‌ଥ ର୍ୟାଙ୍କିଙ୍ଗ୍‌ରେ ରାଜ୍ୟକୁ ଅତି କମ୍‌ରେ ୬୦ ନମ୍ବର ରଖିବାକୁ ପଡ଼ିବ। ଦେଶର ପ୍ରଥମ ୧୦ଟି ଶ୍ରେଷ୍ଠ ସେବା ପ୍ରଦାନକାରୀ ରାଜ୍ୟ ମଧ୍ୟରେ ରହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜ୍ୟ ସରକାରଙ୍କ ଦ୍ୱାରା ଭୁବନେଶ୍ୱରରେ ଆୟୋଜିତ ନିଯୁକ୍ତି ମେଳାରେ କହିଛନ୍ତି।

**■ ୩୭୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କଲେ ସରକାର**
**■ ସରକାରୀ ହସ୍ପିଟାଲରେ ନିଯୁକ୍ତ ହେବେ ଫାର୍ମାସୀ ଅଫିସର**

ଭୁବନେଶ୍ୱର, ୧୩।୧୨(ସୁନିତ୍ ମିଶ୍ର)

ଲୋକସେବା ଭବନସ୍ଥିତ କନ୍‌ଭେନଶନ ସେଣ୍ଟରଠାରେ ଆୟୋଜିତ ନିଯୁକ୍ତି ମେଳାରେ ୩୭୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏଥିରେ ସ୍ୱାସ୍ଥ୍ୟ ବିଭାଗର ୮୫ ଜଣ ହୋମିଓପାଥିକ ଚିକିତ୍ସକ ଓ ୨୩୯ ଜଣ ରେଡିଓଗ୍ରାଫର ଥିବା ବେଳେ ଉଚ୍ଚଶିକ୍ଷା ବିଭାଗର ୫୨ ଜଣ ଅଧ୍ୟାପକ ରହିଛନ୍ତି। ନବନିଯୁକ୍ତ ଡାକ୍ତର, ଅଧ୍ୟାପକ ଓ ରେଡିଓଗ୍ରାଫରମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବୃତ୍ତିଗତ ଦକ୍ଷତା ଓ ସେବା ମନୋବୃତ୍ତି ନେଇ କାମ କରିବା ଆବଶ୍ୟକ। ସରକାରୀ ଚାକିରିକୁ ଅର୍ଥ ଉପାର୍ଜନସର୍ବସ୍ୱ ନ କରି ନିଜର କର୍ତ୍ତବ୍ୟ ପ୍ରତି ଅନୁରକ୍ତ ରହିବା ଓ ଦୁର୍ନୀତିକୁ ପ୍ରଶ୍ରୟ ନ ଦେବା ଦରକାର। ସ୍ୱାସ୍ଥ୍ୟ ଓ ଶିକ୍ଷା ର୍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ଉନ୍ନତି ଜରୁରୀ। ଏନେଇ ସରକାରଙ୍କ ଆଭିମୁଖ୍ୟରେ ନବନିଯୁକ୍ତମାନଙ୍କୁ ସହଯୋଗ କରିବା ପାଇଁ ସଂକଳ୍ପ ନେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଭିତ୍ତିଭୂମି ଓ ପ୍ରଶିକ୍ଷିତ ମାନବ ସମ୍ବଳର ଆବଶ୍ୟକତା ରହିଛି। ଏହି ଉଭୟ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଯୋଜନାବଦ୍ଧ ଭାବେ କାମ କରୁଛନ୍ତି। ଚଳିତ ଥର ସ୍ୱାସ୍ଥ୍ୟ ବଜେଟରେ ପୂର୍ବବର୍ଷ ତୁଳନାରେ ୩୨% ଅଧିକ ବ୍ୟୟବରାଦ ହୋଇଛି। ଏହାର ସିଂହଭାଗ ଭିତ୍ତିଭୂମି ନିର୍ମାଣରେ ଖର୍ଚ୍ଚ ହେବ। ଆସନ୍ତା ୫ ବର୍ଷରେ ରାଜ୍ୟର ସମସ୍ତ ଜିଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା ☞ପୃଷ୍ଠା–୨




There can't be a better time than now to bring home your new Kia. Your favorite tech-loaded, inspiring Kia now comes with astounding benefits and privileges. Visit your nearest dealership today.

Exclusive ownership benefits

| Exchange & Loyalty Benefits* up to ₹60 000 (On Seltos) | Extended Warranty** up to 5 years (On Seltos and Carens) | Additional Benefits^ up to ₹64 000 (On Seltos, Sonet and Carens) |
|---|---|---|

Hassle-free exchange services: New car with old EMI#-packaged exchange deal on your new car | Car evaluation at your convenience | Best price for your old car | Hassle-free transfer of ownership | Complete assurance of your car going into the right hands

Exclusive scrappage benefits of up to ₹20 000/-~.
Additional benefits for select corporates (consumer, accessory, extended warranty and maintenance package benefits).
Kia cars are now available through Canteen Stores Department (CSD) & Kendriya Police Kalyan Bhandar (KPKB).

For more information, visit our dealership or contact:
1800 108 5000 | 093195 91407 | www.kia.com/in | Book Kia
kiacare@kiaindia.net | Look for "Kia India" @

**Krishna Kia**
Kalunga Industrial Estate, Rourkela
Tel: 7852941723

Terms & condition apply. *Exchange and loyalty benefits is a split of ₹40 000 exchange benefit and loyalty benefit up to ₹20 000 for existing Kia customers. **Limited period offer. Applicable on all trims of Seltos and select trims of Carens. 3 years standard warranty and 2 years extended warranty. ^Additional benefit amount is for highest variant and same may vary from model to model. Applicable on select trims of Seltos, Sonet and Carens. #Depending on the old car age & quality, old car price to be considered as down payment. Balance will be converted into EMI for full tenure, combined with finance & insurance benefits. ~Defined benefit is 1.5% of the value of Ex-showroom price of the purchased car or up to ₹20 000 which-ever is lower. The product shown is for representation purposes only. Actual features, colors, and specifications may not be part of standard fitment and may vary. Kia India Pvt. Ltd. reserves the right to make any changes with respect to the trims, colors, specifications, and other details of any model as mentioned or to modify/discontinue any offer/scheme/service without prior notice. These are meant to keep you safe on the roads. Visit your nearest Kia dealership for more details. Kia urges you to follow traffic rules.

DSPL - 253

सत्यमेव जयते
Goverment Of India


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ପି.ଏମ୍ କିଷାନ
## ଯୋଜନାର ସ୍ୱତନ୍ତ୍ର ଅଭିଯାନ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସମସ୍ତ ବର୍ଗର ଭୂମିଧାରୀ (କ୍ଷୁଦ୍ର, ନାମମାତ୍ର, ମଧ୍ୟମ ଓ ବୃହତ) ଚାଷୀ ଏହି ପ୍ରକ୍ରିୟାରେ ସାମିଲ ହେବେ

ପିଏମ କିଷାନରେ ପଞ୍ଜିକୃତ ଥାଇ ମଧ୍ୟ ସହାୟତା ରାଶି ପାଉନଥିବା ହିତାଧିକାରୀ ନିମ୍ନଲିଖିତ ପ୍ରକ୍ରିୟାଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ:-

* ନିଜର ବ୍ୟାଙ୍କ ଆକାଉଣ୍ଟ ସହିତ NPCI ଅଧୀନରେ ଆଧାର ଲିଙ୍କ୍ କରନ୍ତୁ
* ନିଜର ଜମିଜମା ସମ୍ବନ୍ଧୀୟ ତଥ୍ୟ କୃଷକ ଓଡିଶା ପୋର୍ଟାଲରେ ଅପଡେଟ କରନ୍ତୁ
* ପି.ଏମ କିଷାନ ପୋର୍ଟାଲ (pmkisan.gov.in)ରେ ନିଜର e-KYC ସମ୍ପୂର୍ଣ୍ଣ କରନ୍ତୁ

ପି.ଏମ୍.କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନର ଅବଧି ୩୧.୧୨.୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।



*ଯୋଗ୍ୟ ହିତାଧିକାରୀ ନିକଟସ୍ଥ ଜନସେବା କେନ୍ଦ୍ରକୁ ଯାଇ ସି.ଏମ କିଷାନ ପୋର୍ଟାଲ (cmkisan.odisha.gov.in)ରେ ପଞ୍ଜିକରଣ କରନ୍ତୁ।

OIPR-01510/13/0021/2425

ଅଧିକ ସୂଚନା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ/ଜନସେବା କେନ୍ଦ୍ର/କୃଷି ସମୃଦ୍ଧି ହେଲ୍‌ପଲାଇନ୍ ନମ୍ବର - ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଡିରେକ୍ଟୋରେଟ୍ ଅଫ୍ ଇନକମ୍ ଟ୍ୟାକ୍ସ(ଇଣ୍ଟେଲିଜେନ୍ସ ଆଣ୍ଡ କ୍ରିମିନାଲ ଇନ୍‌ଭେଷ୍ଟିଗେଶନ) ଭୁବନେଶ୍ୱର ପକ୍ଷରୁ ଇ-ଭେରିଫିକେଶନ ସ୍କିମ୍-୨୦୨୧ ଆଲୋଚନାଚକ୍ର, ସ୍ଥାନ: ହୋଟେଲ ଲାଇଫ୍, ସମୟ: ପୂର୍ବାହ୍ନ ୧୦ଟା।
- ଟ୍ରେନ୍‌ରେ ସାହିତ୍ୟୋତ୍ସବ, ସ୍ଥାନ: ରେଲୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସମୟ: ଅପରାହ୍ନ ୧ଟା ୩୦।
- ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ସାଇବାବାଙ୍କ ଦ୍ୱାଦଶତମ ବାର୍ଷିକ ଉତ୍ସବ ପାଳନ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ପ୍ଲଟ ନଂ.୧୫୮, ବେହେରା ସାହି ରାସ୍ତା, କଳିଙ୍ଗ ଷ୍ଟାଡିୟମ ଛକ ନିକଟ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଶ୍ରୀନୃତ୍ୟୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ହାବିଲଦାର ଏବଂ ସିପାହୀ ଆସୋସିଏଶନ ସପ୍ତମ ବାଟାଲିୟନର ୪୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଓଏସ୍‌ଏପି ସପ୍ତମ ବାଟାଲିୟନ ଆସୋସିଏଶନ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ସଟଲ୍ ସ୍ମାଶର୍ସ-୨୦୨୪ କାର୍ଯ୍ୟକ୍ରମ, ସ୍ଥାନ: ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପରିସର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ଅନନ୍ତ ସ୍ମୃତି ସଂସଦ ଏବଂ ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ ଅନନ୍ତ ଜୟନ୍ତୀ, ସ୍ଥାନ: ଶିଶୁ ଅନନ୍ତ ପୀଠ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ସିଭିଲ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍ ସଂଶୋଧକଙ୍କୁ ପୁରସ୍କାର ପ୍ରଦାନ , ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦ ଟୁର୍ନାମେଣ୍ଟ ଓଡ଼ିଶା ମାଷ୍ଟର୍ସ ୨୦୨୪ର ପଞ୍ଚମ ଦିବସ, ସ୍ଥାନ: କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ
- ଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ପ୍ରଥମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ-୨୦୨୪, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ହାଟ ଛକ, ନିମାପଡ଼ା, ସମୟ: ପୂର୍ବାହ୍ନ ୯ଟା।

## ବ୍ରହ୍ମପୁର
- ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଆଲୁମନି ମିଟ୍, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ
- ଲୋକ ଅଦାଲତ, ସ୍ଥାନ: ଭଞ୍ଜନଗର କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବୁଗୁଡା ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମିଳନୀ, ସ୍ଥାନ: ଟାକରଡା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା। ୧୧ଟା।

## ଅନୁଗୋଳ
- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଆଠମଲ୍ଲିକ ଖେଳପଡ଼ିଆ, ସମୟ: ସକାଳ ୮ଟା ୩୦।

## ଜଗତ୍‌ସିଂହପୁର
- କେନ୍ଦ୍ରୀୟ ବିଦ୍ୟାଳୟ ପାରାଦୀପର ୬୨ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ୨୪ ତମ ବୃହତ୍ ବନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାରେ ଦୀନଦୟାଲ ପୋର୍ଟର ନୃତ୍ୟଗୀତ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ପୂର୍ଣ୍ଣଗ୍ରାମର ଶ୍ରୀକ୍ଷେତ୍ର ମହୋତ୍ସବ, ସିଦ୍ଧବାରଙ୍ଗ ପୀଠ, ଜଗତ୍‌ସିଂହପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଶ୍ରୀସତ୍ୟସାଇ ସ୍କୁଲ, ନିଆଳ, ଆଳି, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା କ୍ରିକେଟ ସୁପର ଲିଗ ମ୍ୟାଚରେ ବିଶ୍ୱାସ କ୍ଲବ ବନାମ କେନ୍ଦ୍ରାପଡ଼ା ଲାୟନ୍ସ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: କେନ୍ଦ୍ରାପଡ଼ା ଜିଲାର ସମସ୍ତ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କଂସାର ସାହାସପୁର ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ, ସ୍ଥାନ: ଶିକ୍ଷା ନିକେତନ ପରିସର, କଂସାର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଯାଜପୁର ଜିଲା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଆଦିବାସୀ ମହୋତ୍ସବ ପରବ ଉଦ୍‌ଘାଟନୀ ସମାରୋହ, ସ୍ଥାନ:କୁମ୍ଭା ନିକଟସ୍ଥ ନୂତନ ପରବ ପଡିଆ, କୋରାପୁଟ, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ବିଶ୍ୱସେବା ସରକାରୀ ଉଚ୍ଚବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବ, ସ୍ଥାନ: କୁଲୁଣ୍ଡି ଗ୍ରାମ, ସମୟ : ପୂର୍ବାହ୍ନ ୧୦ଟା।
- ଭାଗବତ ନନ୍ଦ ସ୍ମୃତି କମିଟି ଆୟୋଜିତ ମନେ ପଡେ ଆତ୍ମ ଜୀବନୀ ପୁସ୍ତକର ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- କୁଚିଣ୍ଡା ବ୍ଲକ ସାଲେଭାଡି ରାହାସ ବିହାରୀ ଉଚ୍ଚ ବିଦ୍ୟାଳୟର ରୌପ୍ୟଜୟନ୍ତୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସାଲେଭାଡି ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: କୁଟୁରାଚୁଆଁ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।
- କଖଗ ଆୟୋଜିତ ନାଟ୍ୟ ମହୋତ୍ସବ-୨୦୨୪ର ଦ୍ୱିତୀୟ ସନ୍ଧ୍ୟାରେ ସଙ୍ଗୀତ କାର୍ଯ୍ୟକ୍ରମ ସ୍ପନ୍ଦନ ଓ ନାଟକ ଅନ୍ୟାୟ ମଞ୍ଚସ୍ଥ , ସ୍ଥାନ : ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ୧୫।
- ସମ୍ବଲପୁରୀ ଧନୁଯାତ୍ରାର କଳାକାରମାନଙ୍କ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।
- ଶ୍ରୀକଲଚରାଲ ଆସୋସିଏଶନ ଆୟୋଜିତ ଶ୍ରୀରଙ୍ଗ ସମାଗମ, ସ୍ଥାନ : ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଚତୁର୍ଥ ଲୋକ ଅଦାଲତ, ସ୍ଥାନ: ସିଭିଲ କୋର୍ଟ ପରିସର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ 'ଆମ ମଞ୍ଚ ନାଟକ: ଆଶା ଓ ଆଶଙ୍କା'ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ପିପି ଏକାଡେମୀ ସଭାଗୃହ, ବଲାଙ୍ଗୀର,ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର
- ଫକୀର ବାବାଙ୍କ ଉର୍ସ ଉତ୍ସବର ଶୁଭାରମ୍ଭ, ସ୍ଥାନ:ତରଭା ମସଜିଦ୍ ପରିସର, ସମୟ: ସକାଳ ୯ଟା।
- ତରଭା ବ୍ଲକ ଜୁରାବନ୍ଧରେ ଚବିଶ ପ୍ରହର ନାମଯଜ୍ଞ ଅବସରରେ ସଂକୀର୍ତ୍ତନ ଆରମ୍ଭ। ସ୍ଥାନ:ଭାଗବତ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ଲକ୍ଷ୍ମୀ ପୂଜା ଉତ୍ସବ, ସ୍ଥାନ: ସାହୁପଡା ଛକ, ଗାଇସିଲେଟ୍, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା
- ଭାଗବତ ପାରାୟଣର ପୂର୍ଣ୍ଣାହୁତି, ସ୍ଥାନ: ସରବାହାଲ, ସମୟ: ସକାଳ ୯ଟା।
- ଆନ୍ତଃଜିଲା କ୍ଲବ କ୍ରିକେଟ ଲିଗ୍‌ର ଏକାଦଶ ଦିବସ, ସ୍ଥାନ: ସରବାହାଲ ଖେଳ ପଡ଼ିଆ, ସମୟ: ସକାଳ ୯ଟା।
- ଶ୍ରୀ ହନୁମାନ କଥାର ୧୦୫ତମ ଆୟୋଜନ, ସ୍ଥାନ: ଶ୍ରୀ ରାଣୀସତୀ ଦାଦି ମନ୍ଦିର, ସରବାହାଲ ରୋଡ଼, ସମୟ: ଅପରାହ୍ନ ୩ଟା।
- ମାରୱାଡି ବିଦ୍ୟା ମନ୍ଦିରର ବାର୍ଷିକ ଦିବସ ପାଳନ, ସ୍ଥାନ: ନବଦାସ ଅଡିଟୋରିୟମ, ସମୟ: ଅପରାହ୍ନ ୫ଟା।

## ସୁନ୍ଦରଗଡ଼
- ସୃଜନ ସମାବେଶ,ସ୍ଥାନ:ସେବକ, ରଙ୍ଗିଆମୁଣ୍ଡା, ସମୟ:ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା।
- ଆପୋଲୋ ହସ୍ପିଟାଲ ପକ୍ଷରୁ ସ୍କ୍ରିନିଂ କ୍ୟାମ୍ପ,ସ୍ଥାନ:କୁଆଁରମୁଣ୍ଡା ଲୋକନାଥ ମନ୍ଦିର କଲ୍ୟାଣ ମଣ୍ଡପ,ସମୟ:ପୂର୍ବାହ୍ନ ୧୦ଟା ୩୦।
- କୁଆଁରମୁଣ୍ଡା ଶିଶୁ ମନ୍ଦିରର ବାର୍ଷିକ କ୍ରୀଡାର ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: କୁଆଁରମୁଣ୍ଡା ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ରାଜ୍ୟସ୍ତରୀୟ ଆୟୁଷ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ସ୍ପୋର୍ଟସ ମିଟ୍‌ର ୭ମ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- କସ୍ତୁରି ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ପାଳନ, ସ୍ଥାନ: ରିଆମାଳ ହାଇସ୍କୁଲ, ସମୟ: ସକାଳ ୯ଟା।
- କମଳା କୃଷକମାନଙ୍କ ପାଇଁ ତାଲିମ, ସ୍ଥାନ: ରିଆମାଳ ବ୍ଲକ, ଚଡେଇମରା ଜିପିର ଖିଲୋର୍ବନି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ୨୦ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଟାଉନହଲ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଭବାନୀପାଟଣା (ଜିଲା ନୂତନ କୋଠା), ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଯୁବ ଉତ୍ସବ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବୌଦ୍ଧ ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ପଞ୍ଚମ ଦିନ, ସ୍ଥାନ: ଭୈରବୀ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# ଫେରିବା ନାଁ ଧରୁନି ଜିନ୍ନତ
- ୫ ଦିନ ପରେ ମଇଁଷି ବାଛୁରି ମାରି ଖାଇଲା
- ପଶ୍ଚିମବଙ୍ଗ, ଛତିଶଗଡ଼ ପଳାଇବା ସମ୍ଭାବନା

ବାରିପଦା,୧୩।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରୁ ଝାଡ଼ଖଣ୍ଡ ଜଙ୍ଗଲକୁ ପଳାଇଥିବା ମହାବଳ ବାଘୁଣୀ ଜିନ୍ନତ ଫେରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ରବିବାର ରାତିରୁ ପଳାଇଯାଇ ଝାଡ଼ଖଣ୍ଡର ଚିଆବାନ୍ଧି ଗ୍ରାମ୍ୟ ଜଙ୍ଗଲରେ ଲୁଚି ରହିଥିବା ଜିନ୍ନତ ୫ ଦିନ ପରେ ବନ୍ଧାଯାଇଥିବା ଏକ ମଇଁଷି ବାଛୁରିକୁ ମାରି ଖାଇଛି। ଖାଦ୍ୟ ଗ୍ରହଣ କରିବା ପରେ ସେ ଦକ୍ଷିଣମୁହାଁ ହୋଇଥିବା ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ କୁମାର ଝା ପ୍ରକାଶ କରିଛନ୍ତି। ତେବେ ଚିଆବାନ୍ଧି ଗ୍ରାମ୍ୟ ଜଙ୍ଗଲରେ ବାଘ ଆତଙ୍କ ଥମି ନ ଥିବାରୁ ସନ୍ଧ୍ୟା ପୂର୍ବରୁ ଲୋକେ ତାଟିକବାଟ ବନ୍ଦ କରି ଭୟଭୀତ ଅବସ୍ଥାରେ ରହୁଛନ୍ତି। ନିକଟସ୍ଥ ସ୍କୁଲଗୁଡ଼ିକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବା ସହ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ବଳବତ୍ତର ରହିଛି। ତେବେ ବାଘୁଣୀ ଜିନ୍ନତକୁ ଧରିବା ପାଇଁ ଟ୍ରାଙ୍କୁଲାଇଜ୍ କରାଯାଇଥିଲେ ମଧ୍ୟ ବନ ବିଭାଗ ଏଥିରେ ଫେଲ୍ ମାରିଛି। ବନ କର୍ମଚାରୀଙ୍କୁ ଚକମା ଦେଇ ପୁଣି ଜଙ୍ଗଲ ଲଟାବୁଦାରେ ଛପି ଯାଉଛି। ବନ ବିଭାଗ ଅଧିକାରୀମାନେ ଏହାକୁ ଖଣ୍ଡନ କରିଥିବା ବେଳେ ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ଜିନ୍ନତ ଘୂରି ବୁଲୁଥିବା ନେଇ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

ସୂଚନାଯୋଗ୍ୟ, ଝାଡ଼ଖଣ୍ଡ ରାଜ୍ୟ ଚିଆବାନ୍ଧି ଜଙ୍ଗଲରେ ମହାବଳ ବାଘୁଣୀ ୩ ଦିନ ଧରି ଚଳପ୍ରଚଳ କରୁଛି। ଏହି ଜଙ୍ଗଲରେ ଖାଦ୍ୟ ଅଭାବ ରହିଥିବାରୁ ବନ ବିଭାଗ ପକ୍ଷରୁ ୩ ମଇଁଷି ବାଛୁରିଙ୍କୁ ଜଙ୍ଗଲର ବିଭିନ୍ନ ସ୍ଥାନରେ ବାନ୍ଧି ନିରୀକ୍ଷଣ କରୁଛି। ଗୁରୁବାର ଭୋର ୪ଟାରେ ଏକ ବାଛୁରିକୁ ବାଘୁଣୀ ମାରି ଖାଇବା ସମୟରେ ବନ ବିଭାଗର ଟିମ୍ ଟ୍ରାଙ୍କୁଲାଇଜ୍ କରିଥିଲା। ମାତ୍ର ଲକ୍ଷ୍ୟଭେଦ ନ ହେବାରୁ ଜିନ୍ନତ ଶିକାରକୁ ଛାଡ଼ି ପୁଣି ଜଙ୍ଗଲ ମଧ୍ୟରେ ଲୁଚିଯାଇଛି। ଗୁରୁବାର ଓ ଶୁକ୍ରବାର ଦିନ ତମାମ ବନ ବିଭାଗର ଟିମ୍ ବାଘୁଣୀର ବାହାରିବା ବାଟକୁ ଜଗି ବସିଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ୩ଟି ୪ ଜଣିଆ ଟିମ୍ ସହିତ ୩ ଅଧିକାରୀ ବାଘୁଣୀର ଗତିବିଧି ଉପରେ ନଜର ରଖିଛନ୍ତି। ଜିନ୍ନତ ରହୁଥିବା ଜଙ୍ଗଲର ପୂର୍ବକୁ ୨ରୁ ୩ କି.ମି. ପରେ ପଶ୍ଚିମବଙ୍ଗ ରାଜ୍ୟ ରହିଥିବା ବେଳେ ପୂର୍ବ-ପଶ୍ଚିମ କୋଣର ଡାହାଣକୁ ଗଲେ ଛତିଶଗଡ଼ ରାଜ୍ୟକୁ ପ୍ରବେଶ କରିପାରେ ବୋଲି ଅନୁମାନ କରାଯାଉଛି। ଏ ନେଇ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ଆକାଶିଆ ଓ ଇଉକାଲି ପଟାସ ଭଳି ସମତଳ ଜଙ୍ଗଲରେ ଜିନ୍ନତ ଚଳପ୍ରଚଳ କରୁଛି। ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ଜଙ୍ଗଲ ଭଳି ଅଞ୍ଚଳରୁ ଜିନ୍ନତକୁ ଅଣାଯାଇଥିବାରୁ ଶିମିଳିପାଳର ପାହାଡ଼ିଆ ଜଙ୍ଗଲରେ ସେ ନିଜକୁ ଖାପଖୁଆଇବାରେ ସହଜ ସାଧ ହୋଇପାରିନାହିଁ। ଝାଡ଼ଖଣ୍ଡ ଜଙ୍ଗଲରେ ସେ ନିଜକୁ ସୁରକ୍ଷିତ ମଣୁଥିବା ବେଳେ କଣ୍ଟାବୁଦା ଓ ବାଉଁଶ ବୁଦାରେ ଛପି ରହୁଛି। ଯାହାଫଳରେ ବନ ବିଭାଗର କର୍ମଚାରୀମାନେ ତା' ନିକଟକୁ ଯାଇ ପାରୁନାହାନ୍ତି କିମ୍ବା ଦେଖିପାରୁନାହାନ୍ତି। ଝାଡ଼ଖଣ୍ଡ ରାଜ୍ୟର ସମତଳ ଜଙ୍ଗଲରେ ନିଜକୁ ଖାପଖୁଆଇଥିବାରୁ ବାଘୁଣୀ ଫେରିବାର ନାଁ ଧରୁନାହିଁ। ଏପରିସ୍ଥଳେ ପ୍ରାଣୀଶୂନ୍ୟ ଜଙ୍ଗଲରେ ବାଘୁଣୀଟି ତିଷ୍ଠି ରହିବା ସମ୍ଭବ ନୁହେଁ। ଶିମିଳିପାଳକୁ ଫେରାଇଆଣିବା ପାଇଁ ବନ ବିଭାଗର ଠିକ୍ ନିଷ୍ପତ୍ତିର ଆବଶ୍ୟକତା ରହିଛି। ତରବରିଆ ଭାବେ ନିଷ୍ପତ୍ତି ନେଲେ ବାଘୁଣୀ ପ୍ରତି ବିପଦ ସୃଷ୍ଟି ହେବା ସହିତ ପଶ୍ଚିମବଙ୍ଗ କିମ୍ବା ଛତିଶଗଡ଼ ରାଜ୍ୟକୁ ଚାଲିଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ପ୍ରଥମ ପୃଷ୍ଠାରୁ...

## ଅଲ୍ଲୁ ଅର୍ଜୁନ: ଅବାଞ୍ଛିତ ...

ଅଲ୍ଲୁଙ୍କ ଟିକିଏ ଝଲକ୍ ପାଇବା ପାଇଁ ଥିଏଟରରେ ପ୍ରଶଂସକଙ୍କ ଅସମ୍ଭାଳ ଭିଡ଼ ଜମିଥିଲା। ଫଳରେ ସେଠାରେ ଦଳାଚକଟା ହୋଇଥିଲା। ଦଳାଚକଟାରେ ୩୫ ବର୍ଷୀୟା ଏମ୍. ରେବତୀଙ୍କ ମୃତ୍ୟୁ ଘଟିଥିଲା। ଏପରି କି ମହିଳାଙ୍କ ୮ ବର୍ଷର ପୁଅ ଗୁରୁତର ହୋଇଥିଲେ, ଯିଏକି ଏବେ ମଧ୍ୟ ସିକନ୍ଦରାବାଦର କିମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି। ରେବତୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ସିଟି ପୋଲିସ ଅଲ୍ଲୁ, ତାଙ୍କ ସିକ୍ୟୁରିଟି ଟିମ୍ ଏବଂ ଥିଏଟର ପରିଚାଳକଙ୍କ ବିରୋଧରେ ଚିକ୍କାଡପଲ୍ଲୀ ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୧୦୫(ଉଦ୍ଦେଶ୍ୟ ନ ଥାଇ ହତ୍ୟା ପାଇଁ ଦଣ୍ଡ) ଓ ୧୧୮(୧) (ସ୍ୱେଚ୍ଛାକୃତ ଭାବେ ଗଭୀର ଆଘାତ ଦେବା) ବଳରେ ଏକ ମାମଲା ରୁଜୁ କରିଥିଲା। ଏହା ପରେ ୬ ତାରିଖରେ ଅଭିନେତା ମୃତ ମହିଳାଙ୍କ ଘରକୁ ଯାଇ ତାଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ପ୍ରଦାନ ଓ ପୁଅଙ୍କ ସବୁ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶୁକ୍ରବାର ସକାଳେ ଅଲ୍ଲୁଙ୍କୁ ସ୍ଥାନୀୟ ପୋଲିସ ତାଙ୍କ ଜୁବିଲି ହିଲ୍ସ ବାସଭବନରୁ ଗିରଫ କରିଥିଲା। ପୋଲିସ ଅଭିନେତାଙ୍କୁ ତାଙ୍କ ଶୟନକକ୍ଷରୁ ଉଠାଇ ନେବାବେଳେ ଘରେ ବାପା ତଥା ଜଣାଶୁଣା ପ୍ରଯୋଜକ ଅଲ୍ଲୁ ଅରବିନ୍ଦ ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏକ ସରକାରୀ ହସ୍ପିଟାଲରେ ଅଭିନେତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ତାଙ୍କୁ ଆନୁଷ୍ଠାନିକ ଭାବେ ଗିରଫ କରାଯାଇଥିଲା। ଇତିମଧ୍ୟରେ ସୋମବାର ପର୍ଯ୍ୟନ୍ତ ଗିରଫଦାରି ଏଡ଼ାଇବା ପାଇଁ ଅଲ୍ଲୁଙ୍କ ପକ୍ଷରୁ ଦାଖଲ ହୋଇଥିବା ଏକ ପିଟିଶନକୁ ସ୍ଥାନୀୟ ନାମପଲ୍ଲୀ କୋର୍ଟ ଖାରଜ କରିଦେଇଥିଲେ। ଏହାସହ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଥିଲେ। ଅନ୍ୟପକ୍ଷେ ଅଲ୍ଲୁ ତାଙ୍କ ବିରୋଧରେ ରୁଜୁ ମାମଲାକୁ ଖାରଜ କରାଇବା ପାଇଁ ଗତ ୧୧ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଲ୍ଲୁଙ୍କୁ ପୋଲିସ ଜେଲକୁ ନେଉଥିବାବେଳେ ହାଇକୋର୍ଟ ତାଙ୍କ ଆବେଦନର ଶୁଣାଣି କରି ଜାମିନ ପ୍ରଦାନ କରିଛନ୍ତି। ଏଥିସହ ପୋଲିସ ତଦନ୍ତରେ ସହଯୋଗ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଜୁଭାଦି ଶ୍ରୀଦେବୀଙ୍କ ଜଣିକିଆ ଖଣ୍ଡପୀଠ ଶୁଣାଣି ବେଳେ କହିଛନ୍ତି, ଅଲ୍ଲୁ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକ ଅନୁମତି ନେବା ପରେ ମୁଭି ପ୍ରିମିୟରକୁ ଯାଇଥିଲେ। ତେଣୁ ଦଳାଚକଟା ପାଇଁ ତାଙ୍କୁ ଦାୟୀ କରାଯାଇପାରିବ ନାହିଁ। ସେ ସ୍କ୍ରିନିଂକୁ ଗଲେ ଏଭଳି ଅପ୍ରୀତିକର ଘଟଣା ଘଟିପାରେ ବୋଲି ଅଭିନେତା ପୂର୍ବରୁ ଜାଣିଥିବା ନେଇ ସରକାରୀ ଓକିଲ ବାଢ଼ିଥିବା ଯୁକ୍ତିକୁ ଜଷ୍ଟିସ୍ ଶ୍ରୀଦେବୀ ଖାରଜ କରିଦେଇଛନ୍ତି। ଅଲ୍ଲୁ ଜଣେ ଅଭିନେତା ହୋଇଥିବାରୁ ତାଙ୍କ ଯୋଗୁ ମୃତ୍ୟୁ ଘଟିଥିବା ପ୍ରମାଣିତ ହେବା ପୂର୍ବରୁ ତାଙ୍କୁ ଦିନେ ହେଲେ ଜେଲରେ ରଖାଯାଇପାରିବ କି ବୋଲି ବିଚାରପତି ପ୍ରଶ୍ନ କରିଛନ୍ତି।

ତେଲଙ୍ଗାନା ହାଇକୋର୍ଟ ଆହୁରି କହିଛନ୍ତି, ଯେହେତୁ ସେ ଜଣେ ଅଭିନେତା, ସେହେତୁ ତାଙ୍କୁ ନିଜ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ। ପୃଥିବୀର ଜଣେ ନାଗରିକ ଭାବେ ତାଙ୍କର ମଧ୍ୟ ଜୀବନ ଧାରଣ ଓ ସ୍ୱାଧୀନତା ଅଧିକାର ରହିଛି କହି ଉଚ୍ଚ ଅଦାଲତ ୫୦,୦୦୦ ଟଙ୍କାର ବ୍ୟକ୍ତିଗତ ମୁଚାଲିକାରେ ଅଲ୍ଲୁଙ୍କୁ ଅନ୍ତରୀଣ ଜାମିନ ଦେଇଛନ୍ତି। ଏହି ମାମଲାରେ ଗିରଫ ସନ୍ଧ୍ୟା ଥିଏଟର ମାଲିକ ଏବଂ ଅନ୍ୟ ୨ କର୍ମଚାରୀଙ୍କୁ ମଧ୍ୟ ଜାମିନ ପ୍ରଦାନ କରାଯାଇଛି।

ସେପଟେ ଅଲ୍ଲୁଙ୍କ ଗିରଫଦାରି ପ୍ରସଙ୍ଗରେ ତେଲଙ୍ଗାନାର ଶାସକ କଂଗ୍ରେସ ଓ ବିରୋଧୀ ଭାଜପା ଏବଂ ବିଆର୍‌ଏସ୍ ମୁହାଁମୁହିଁ ହୋଇଛନ୍ତି। ଭାଜପା ନେତା ତଥା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର କହିଛନ୍ତି, ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତାଙ୍କୁ ଆଦୌ ସମୟ ନ ଦେଇ ତାଙ୍କ ବେଡ୍‌ରୁମ୍‌ରୁ ଉଠାଇ ନିଆଯିବା ତାଙ୍କ ପ୍ରତି ଅସମ୍ମାନ। ଅଲ୍ଲୁଙ୍କ ସହ ଉଚିତ ବ୍ୟବହାର କରାଯିବା ଆବଶ୍ୟକ ଥିଲା। ବିଆର୍‌ଏସ୍ କାର୍ଯ୍ୟକାରୀ ସଭାପତି କେ.ଟି. ରାମାରାଓ ମଧ୍ୟ ଜଣେ ତାରକାଙ୍କୁ ଅପରାଧୀ ଭଳି ବ୍ୟବହାର କରାଯିବା ଦୁର୍ଭାଗ୍ୟଜନକ କହି ନିନ୍ଦା କରିଛନ୍ତି। ଆନ୍ଧ୍ର ପ୍ରଦେଶର ପୂର୍ବତନ ମନ୍ତ୍ରୀ ତଥା ୱାଇଏସ୍‌ଆର୍‌ସିପି ନେତା ଅମ୍ବାଟି ରାମବାବୁ ଏକ ସୋସିଆଲ ମିଡିଆ ପୋଷ୍ଟରେ ଅଲ୍ଲୁଙ୍କ ଗିରଫଦାରିକୁ ଅଯୌକ୍ତିକ ଦର୍ଶାଇ ତେଲଙ୍ଗାନା ସରକାରଙ୍କୁ ସମାଲୋଚନା କରିଛନ୍ତି। ଅଭିନେତା ଚିରଞ୍ଜିବୀ ଓ ତାଙ୍କ ସ୍ତ୍ରୀ ସୁରେଖା ପୁତୁରା ଅଲ୍ଲୁଙ୍କ ଗିରଫଦାରି ପରେ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଭେଟିଛନ୍ତି। ଏଭଳି ସମୟରେ ପରିବାର ସହ ଛିଡ଼ା ହୋଇଥିବାରୁ ଚିରଞ୍ଜିବୀଙ୍କୁ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରି ପ୍ରଶଂସା କରିଛି।

## ଲୁଟେରା ନୁହେଁ,...

ଦେବାକୁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର କରିଥିଲେ। ଘଟଣାରେ ଯେପରି ଧରା ନ ପଡ଼ିବେ ସେଥିପାଇଁ ଉଭୟେ ଦେବେନ ଏବଂ ତାଙ୍କ ଭିଣୋଇ ସତ୍ୟନାରାୟଣ ଏକ ନାଟକ ରଚିଥିଲେ। ବୁଧବାର ବିଳମ୍ବିତ ରାତିରେ ଦେବେନ ସ୍ତ୍ରୀଙ୍କୁ ଗୁଳି କରି ହତ୍ୟା କରିଥିଲେ। ହେଲେ ଏଥିରୁ ବର୍ତ୍ତିବା ପାଇଁ ସାମ୍ୟମୟୀ ରାତ୍ରିରେ ଶୌଚପାଇଁ ଉଠିଥିବାବେଳେ ଦୁର୍ବୃତ୍ତମାନେ କବାଟ ବାଡ଼େଇଥିଲେ। ସାମ୍ୟମୟୀ ଯେତେବେଳେ କବାଟ ଖୋଲିଥିଲେ ତାଙ୍କ ବେକରୁ ସୁନାଚେନ ଲୁଟ କରିବା ସହ ତାଙ୍କୁ ଗୁଳି କରି ଫେରାର ହୋଇଯାଇଥିବା ଦେବେନ ପୋଲିସ ନିକଟରେ ପ୍ରକାଶ କରିଥିଲେ। ଏପରି କି ସାମ୍ୟମୟୀଙ୍କ ମୃତ୍ୟୁ ଖବରକୁ ଦେବେନ ନିଜେ ନ ଜଣାଇ ତାଙ୍କର ଜଣେ ମାଉସୀ ଫୋନ କରି ପୀତାମ୍ବରଙ୍କୁ ଜଣାଇଥିଲେ। ଜ୍ୱାଇଁ କି ଶାଶୁଶ୍ୱଶୁର କେହି ତାଙ୍କୁ ନ ଜଣାଇବା ଘଟଣାକୁ ଅଧିକ ରହସ୍ୟମୟ କରୁଛି ବୋଲି ପୀତାମ୍ବର ଏତଲାରେ ଦର୍ଶାଇଥିଲେ। ପୋଲିସ ଦେବେନଙ୍କୁ ଅଟକ ରଖି ପଚରାଉଚରା କରିବା ସମୟରେ ସେ ସବୁ ସତ ମାନିଥିଲେ।

## ସ୍ୱାସ୍ଥ୍ୟ ର୍‍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ...

ସହିତ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ନୂଆ ସରକାର ରାଜ୍ୟର ସରକାରୀ କ୍ଷେତ୍ରରେ ଖାଲି ପଦବୀ ପୂରଣ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋମିଓପାଥି ଚିକିତ୍ସକ ଓ ରେଡିଓଗ୍ରାଫର ନିଯୁକ୍ତି ସହିତ ଖୁବ୍‌ଶୀଘ୍ର ସରକାରୀ ଡାକ୍ତରଖାନାରେ 'ଫାର୍ମାସୀ ଅଫିସର' ନିଯୁକ୍ତ ହେବେ। ଜାତୀୟ ଆୟୁଷ ମିଶନରେ ଓଡ଼ିଶାରେ ୪୨୨ଟି ହୋମିଓପାଥି ଓ ଆୟୁର୍ବେଦିକ୍ ଡାକ୍ତରଖାନାର 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ଉନ୍ନତୀକରଣ କରାଯାଇଛି। ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ଆଉ ୩ଟି ୫୦ ଶଯ୍ୟା ବିଶିଷ୍ଟ ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଉଛି। ଅଧ୍ୟାପକମାନେ ନିଜେ ଯୁବବର୍ଗରୁ ଆସିଛନ୍ତି। ତେଣୁ ପିଲାମାନଙ୍କୁ ଦାୟିତ୍ୱବାନ୍ ହେବା ପାଇଁ ମାର୍ଗଦର୍ଶନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏବେ ପ୍ରାୟ ପ୍ରତ୍ୟେକ ମାସରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇ ଯୁବବର୍ଗଙ୍କୁ ସରକାରୀ ନିଯୁକ୍ତି ଦିଆଯାଉଛି। ତେଣୁ ୨୦୩୬ ଓ ୨୦୪୭ର ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତେ ସେବା ଓ ସମର୍ପଣ ମନୋଭାବ ନେଇ କାମ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

# ରେଳଧାରଣାରୁ ୨ ମହିଳାଙ୍କ ମୃତଦେହ ଜବତ

କଣ୍ଟାବାଞ୍ଜି,୧୩।୧୨
(ଗୁରୁ ଦୟାଳ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅଧୀନ କଣ୍ଟାବାଞ୍ଜି ମୁରିବାହାଲ ରେଳ ସେକ୍ସନର କୁକୁଡ଼ାହାଡ ଗ୍ରାମ ନିକଟ ରେଳଧାରଣାରୁ ଶୁକ୍ରବାର ଦୁଇଜଣ ମହିଳାଙ୍କ ମୃତଦେହ ଜିଆର୍‌ପି ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ସକାଳେ ଉକ୍ତ ରେଳ ସେକ୍ସନର କି.ମି ଖୁଣ୍ଟ ନଂ ୧୭୨/୧୪-୧୬ ଓ ଖୁଣ୍ଟ ନଂ ୧୭୩/୨୮-୩୦ଠାରେ ଦୁଇଜଣ ମହିଳା ଟ୍ରେନ୍‌ରେ କଟି ରେଳଧାରଣାରେ ପଡ଼ି ରହିଥିବା କଣ୍ଟାବାଞ୍ଜି ଜିଆର୍‌ପି ପୋଲିସ ଖବର ପାଇଥିଲା। ପୋଲିସ ସେଠାକୁ ଯାଇ ମୃତଦେହ ଜବତ କରିଥିବା ବେଳେ ଦୁଇଟି ପୃଥକ ଅପମୃତ୍ୟୁ ମାମଲା(ନଂ ୫୪ ଓ ୫୫ /୨୦୨୪) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ମୃତ ଦୁଇ ଜଣଙ୍କ ମଧ୍ୟରୁ ଜଣକ ବୟସ ୬୦ ଓ ଅନ୍ୟ ଜଣକ ବୟସ ୫୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ମୃତଦେହ ଟିଟିଲାଗଡ ଡାକ୍ତରଖାନାର ଫ୍ରିଜରରେ ରଖାଯାଇଥିବା ଜିଆର୍‌ପି ପୋଲିସଠାରୁ ସୂଚନା ମିଳିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରି ଖୁସି ମନେଇବେ। ପରିବାରର ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ମାନସିକ ସୁସ୍ଥତା ରହିବ ନାହିଁ। ପୂର୍ବ ପରିକଳ୍ପିତ ଯୋଜନା ଅନୁଯାୟୀ କର୍ମ କରିଚାଲିଲେ ଉପକୃତ ହେବେ। ମାତ୍ରାଧିକ ଭ୍ରମଣ ଜନିତ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ସୃଷ୍ଟି ହେବାର ଆଶଙ୍କା ରହିଛି।

**ବୃଷ** ପଡ଼ୋଶୀଙ୍କ ସାହାଯ୍ୟ, ସହାନୁଭୂତି ଲାଭ କରି ସମସ୍ୟାର ସମାଧାନ କରିପାରିବେ। ଅଭାବ ପୂରଣ ଦିଗରେ ଆତ୍ମୀୟଙ୍କ ସହଯୋଗ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବ। ଆନୁଷ୍ଠାନିକ କାର୍ଯ୍ୟ ସାମାଜିକ ସ୍ତରରେ ପ୍ରତିଷ୍ଠା ଓ ପ୍ରଶଂସା ପ୍ରଦାନ କରିପାରେ। ପାରିବାରିକ ଜୀବନରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ** ସ୍ୱାସ୍ଥ୍ୟରେ ଉନ୍ନତି ହେବା ସହ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ପ୍ରତିଶ୍ରୁତି ପାଇ ଖୁସି ହେବେ। ଯାନବାହନ କ୍ରୟ, ଗୃହ ନିର୍ମାଣ, ନୂତନ ବନ୍ଧୁ ସମ୍ପର୍କ ଦିଗରେ ତତ୍ପର ରହିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ ପ୍ରଭୃତି ଦିଗରୁ ଅନୁକୂଳ ଫଳ ପାଇବେ। ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** ଉତ୍ତମ ବୁଝାମଣା ପରିପ୍ରେକ୍ଷୀରେ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଶିଳ୍ପ, ଗୃହ ନିର୍ମାଣ, ପରିବହନ, ବାଣିଜ୍ୟ ଏବଂ ଯୋଗାଣ କାରବାରରେ ଉନ୍ନତି କରିବେ। ବିବାଦୀୟ ଘଟଣା, କଚେରି ମମଲା, ଜମିଜମା କାରବାର ଓ ଚୁକ୍ତିପତ୍ର ସମ୍ପର୍କୀୟ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିପାରନ୍ତି।

**ସିଂହ** ସମସ୍ୟା ବିଜଡ଼ିତ ରହିବା କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ। କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ମଘା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବାର ଆଶଙ୍କା ରହିଛି।

**କନ୍ୟା** କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ ସୁସମ୍ପର୍କ ଓ ସମ୍ମାନ, ପ୍ରଶଂସା ପାଇ ମନ ଖୁସି ରହିବ। ସାମାନ୍ୟ ବିଳମ୍ବରେ ଅଭିଳଷିତ ଜିନିଷଟି ପାଇବେ। ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦ ଦେଖାଦେବ। ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ, ପରିବହନ, କ୍ରୟବିକ୍ରୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ।

**ତୁଳା** ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପାରିବାରିକ ଜୀବନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳାଇବେ ଓ ବନ୍ଧୁ ମିଳନ ଘଟିବ। ସ୍ୱାତୀ ନକ୍ଷତ୍ର କର୍ମକ୍ଷେତ୍ରରେ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ସଭାସମିତିରେ ନିଷ୍ପତ୍ତି ବଦଳାଇବା ଫଳରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବେ।

**ବିଛା** ବାରମ୍ବାର ଭ୍ରମଣ ଜନିତ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ସଭାସମିତି, ମନୋରଞ୍ଜନ କାର୍ଯ୍ୟକ୍ରମ, ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ବିଶାଖା ନକ୍ଷତ୍ର ଆଜିର ଯାତ୍ରାରେ ସମସ୍ୟାର ସମ୍ମୁଖୀନ ହେବେ।

**ଧନୁ** ଉତ୍ତରାଷାଢ଼ା ନକ୍ଷତ୍ର କର୍ମାରମ୍ଭରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କଲେ ହଇରାଣରେ ପଡ଼ିପାରନ୍ତି। ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ହଠାତ୍ ବିଶେଷ ଶ୍ରମ ଓ ଭ୍ରମଣ କରିବା ଠିକ୍ ହେବନାହିଁ। ଲେଖାପଢ଼ା ତଥା ସାମ୍ବାଦିକତା, ପ୍ରକାଶନ, ରାଜନୀତି କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** ଅର୍ଥ ସମ୍ବନ୍ଧୀୟ ସମସ୍ୟା ନ ଥିଲେ ମଧ୍ୟ ସ୍ଥାନାନ୍ତର ଜନିତ ମାନସିକ ଅସ୍ଥିରତା ଲାଗିରହିବ। ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ ହେବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ଲୋଡ଼ିବାକୁ ପଡ଼ିବ। ଧନିଷ୍ଠା ନକ୍ଷତ୍ରର ଦାମ୍ପତ୍ୟ ଜୀବନରେ ବୁଝାମଣାର ଅଭାବ ଦେଖାଦେଇପାରେ।

**କୁମ୍ଭ** ଆକସ୍ମିକ ଦୂରଯାତ୍ରା, ନୂତନ କର୍ମନିଯୁକ୍ତି ସମ୍ପର୍କରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଶତଭିଷା ନକ୍ଷତ୍ର ସକାଶେ ବିଳାସବ୍ୟସନର ସୁଯୋଗ ପାଇଲେ ମଧ୍ୟ ତାହା ଉପଭୋଗ୍ୟ ହୋଇ ନ ପାରେ। ଆବଶ୍ୟକତାନୁଯାୟୀ ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ** ରେବତୀ ନକ୍ଷତ୍ରର ଆଜି ପ୍ରତ୍ୟେକ କାର୍ଯ୍ୟ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଦିନଟିରେ ଅର୍ଥଲାଭ, ସ୍ୱାଦିଷ୍ଟ ଭୋଜନ, ବନ୍ଧୁଙ୍କ ଆଦରସୋହାଗ ମନକୁ ପ୍ରଫୁଲ୍ଲିତ କରି ରଖିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ଡିସେମ୍ବର ୧୪ ତାରିଖ, ଜାତୀୟ ଶକ୍ତି ସଂରକ୍ଷଣ ଦିବସ, ମାର୍ଗଶିର ଶୁକ୍ଳପକ୍ଷର ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା, ଶନିବାର, ପଣ୍ଡୁଓଷା, ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅଦ୍ୟ ପୂର୍ଣ୍ଣିମା ବିହିତ ଚନ୍ଦ୍ରପୂଜା ଓ ଉପବାସ, ମାସାନ୍ତ, ରାଶି-ନକ୍ଷତ୍ର-ରୋହିଣୀ/ବୃଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୪୩ ଗତେ ଘ.୦୮।୫୯ ମଧ୍ୟେ, ଘ.୧୨।୦୩ ଗତେ ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୫୯ ଗତେ ଘ.୧୦।୨୦ ମଧ୍ୟେ ରାହୁ କାଳ।

Govt. of Uttarakhand

# Viksit Bharat, Sashakt Uttarakhand



“Under the guidance of Prime Minister Shri Narendra Modi, Uttarakhand is progressing steadily on the path of development. The state government is taking necessary steps to encourage tourists to visit not only for tourism but also to experience the holy shrines. This will allow tourists to enjoy the spiritual and touristic experiences, especially during the winter season.”

**Pushkar Singh Dhami**
Chief Minister, Uttarakhand

संकल्प से सिद्धि, प्रगति संग समृद्धि 25

देवभूमि रजत उत्सव
9 नवंबर 2024-25 | उत्तराखण्ड



“There are two main pillars for the creation of a developed India in the 21st century – pride in our heritage and making every possible effort for development. Today, Uttarakhand is strengthening both these pillars. This decade will be the decade of Uttarakhand.”

**Narendra Modi**
Prime Minister

## Devbhoomi Uttarakhand

# WINTER YATRA

### 1 Shri Yamunotri Dham's winter stay
**Yamuna Temple**
Kharsali (Uttarkashi)

Yamunotri, the first stop of the Char Dham Yatra, is home to the Yamuna Temple. When the temple closes for the winter, the idol of Goddess Yamuna is brought to Kharsali, where she resides for the winter months, and during the winter sojourn, Maa Yamuna is worshipped in Kharsali. Here, the temple of Lord Shani Dev Ji, the brother of Yamuna Ji, is also located.







### 2 Shri Gangotri Dham's winter stay
**Ganga Temple**
Mukhimath, Mukhba (Uttarkashi)

The Ganga Temple in Mukhimath, Mukhba serves as the winter abode of Goddess Ganga. When the Gangotri Temple closes for winter, the idol of Goddess Ganga is brought from Gangotri to Mukba for winter worship.

### 3 Shri Kedarnath Dham's winter stay
**Omkareshwar Temple**
Ukhimath (Rudraprayag)

The Omkareshwar Temple in Ukhimath serves as the winter home of Lord Kedarnath. During the winter months, the idol of Lord Kedarnath is brought from Kedarnath and worshiped at this temple.







### 4 Shri Badrinath Dham's winter stay
**Yogdhyan Badri Temple**
Pandukeshwar (Chamoli)

When the Badrinath Temple closes for winter, Narayan remains in meditation in Yogdhyan Badri Temple, Pandukeshwar (Chamoli) for the welfare of the people. Festive carts of Uddhav Ji and Kuber Ji are also brought to the Yogdhyan Badri temple located in Pandukeshwar. Additionally, Adi Guru Shankaracharya's idol is placed at the Narsingh Temple in Jyotirmath for the winter.

## SUNSHINE TOURISM

While the many part of the country are covered with fog, on the other hand the mountains of Devbhoomi Uttarakhand offer the pleasure of basking in cheerful sunlight.

**COME, EXPERIENCE SPIRITUALITY & TOURISM IN UTTARAKHAND**










## Uttarakhand: A unique, thrilling, and natural destination

Whether it's eco-tourism, wildlife tourism, or the thrill of unexplored snowy peaks with activities like skiing, mountain biking, paragliding, and trekking, Uttarakhand offers everything you could need for an adventure that would normally require travel to multiple countries. Known for green tourism, mindful travel, wildlife exploration, and natural tourism, Uttarakhand has become a popular destination. Due to improved tourism policies and high potential, there has been significant investment in tourism in recent years. Moreover, many big investors are now exploring tourism investment opportunities in the state. Uttarakhand is emerging as a prime destination for adventure activities

#ExploreUttarakhand
@DIPR_UK

ISSUED IN PUBLIC INTEREST BY DEPARTMENT OF INFORMATION AND PUBLIC RELATIONS, UTTARAKHAND

www.uttarainformation.gov.in | uttarakhandDIPR | DIPR_UK | uttarakhand DIPR

# ନୂଆ ନେତୃତ୍ୱ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସଞ୍ଜୟ ମାଲହୋତ୍ରାଙ୍କୁ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଗଭର୍ନର ଭାବେ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ ସେ ରାଜସ୍ୱ ସଚିବ ଥିଲେ। ମାଲହୋତ୍ରା ୩ ବର୍ଷ ପାଇଁ ଏହି ପଦବୀରେ ରହିବେ। ପୂର୍ବତନ ଗଭର୍ନର ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ମାଲହୋତ୍ରାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଜଣେ ବରିଷ୍ଠ ବାବୁ ଭାବେ ଦାସଙ୍କର ବିବାଦୀୟ ପ୍ରଶ୍ନଗୁଡ଼ିକରୁ ଦୂରେଇ ରହିବାରେ ଅଦ୍ଭୁତ ସାମର୍ଥ୍ୟ ରହିଥିଲା। ଆର୍‌ବିଆଇରେ ଦାସଙ୍କ କାର୍ଯ୍ୟକାଳ ଗୁରୁତ୍ୱପୂର୍ଣ୍ଣ ରହି ଆସିଛି। ବିଶେଷକରି ଆର୍ଥିକ ଅସ୍ଥିରତା ସମୟରେ ସ୍ଥିରତା ଏବଂ ଅନୁଭବୀ କାର୍ଯ୍ୟ ତାଙ୍କ କାର୍ଯ୍ୟକାଳର ପ୍ରତୀକ ହୋଇପାରିଛି। ୨୦୧୮ରେ ଉର୍ଜିତ ପଟେଲଙ୍କ ଅପ୍ରତ୍ୟାଶିତ ପ୍ରସ୍ଥାନ ପରେ ଦାସଙ୍କୁ ଆର୍‌ବିଆଇ ଗଭର୍ନର ଭାବେ ନିଯୁକ୍ତ କରାଯାଇଥିଲା। ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ସୁଧାରିବା ପାଇଁ ସେ ଆର୍‌ବିଆଇକୁ ଠିକ୍ ଭାବେ ପରିଚାଳନା କରିଥିଲେ। ଏଥିପାଇଁ ତାଙ୍କ ପ୍ରଶାସନ ଦୃଢ଼ ପଦକ୍ଷେପ ନେଇଥିଲା। ତେବେ ଦାସଙ୍କ ପରେ ଏବେ ମାଲହୋତ୍ରାଙ୍କୁ ନିଯୁକ୍ତି ଦେବା ପଦକ୍ଷେପରୁ ସଙ୍କେତ ମିଳୁଛି ଯେ, କାର୍ଯ୍ୟଦକ୍ଷତା ମାନକ ଆଧାରରେ ମନୋନୀତ ପ୍ରାର୍ଥୀଙ୍କ ତୁଳନାରେ ଅଭିଜ୍ଞ ପ୍ରଶାସକ ପାଇଁ ସରକାରଙ୍କର ଅଧିକ ପସନ୍ଦ ରହିଛି। ଦାସଙ୍କ ନେତୃତ୍ୱ ନିରନ୍ତରତା ଏବଂ ନିୟନ୍ତ୍ରଣକୁ ସୂଚିତ କରିଛି। ଏହା ମଧ୍ୟ ସ୍ୱାଧୀନ ଚିନ୍ତାଧାରାକୈନ୍ଦ୍ରିକ କେନ୍ଦ୍ରୀୟ ବ୍ୟାଙ୍କିଙ୍ଗ୍‌ରେ ଏକ ପରିବର୍ତ୍ତନ ଆଣିଛି। ତେବେ ମାଲହୋତ୍ରା ଗଭର୍ନର ଦାୟିତ୍ୱ ନେଇଥିବାବେଳେ ସରକାରଙ୍କ ଆଶା ଓ ଆର୍‌ବିଆଇର ସ୍ୱାଧୀନତା ମଧ୍ୟରେ ସେ କିଭଳି ସମନ୍ୱୟ ରକ୍ଷା କରିବେ, ତାହା ଉପରେ ଆର୍ଥିକ କ୍ଷେତ୍ର ସହ ଜଡ଼ିତ ବର୍ଗ ତୀକ୍ଷ୍ଣ ନଜର ରଖିବେ। ଦାୟିତ୍ୱ ହସ୍ତାନ୍ତର ସରିଛି, ହେଲେ ମୁଦ୍ରାସ୍ଫୀତି, ଅଭିବୃଦ୍ଧି ଏବଂ ବୈଶ୍ୱିକ ବିତ୍ତୀୟ ଜଟିଳତାର ଆହ୍ୱାନଗୁଡ଼ିକର ଚାପ ପୂର୍ବଭଳି ରହିବ।

### ସିବିଆଇର ପୁନର୍ଗଠନ

ସରକାର ଜାରି କରିଥିବା ନୂତନ ନିୟମକୁ ଭିତ୍ତିକରି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ପୁନର୍ଗଠନ ହେଉଛି। ଏହି ନିୟମର ଲକ୍ଷ୍ୟ ହେଉଛି ପୋଲିସ ଅଧୀକ୍ଷକ (ଏସ୍‌ପି) ସ୍ତରୀୟ ପଦବୀ ଭାରତୀୟ ପୋଲିସ ସେବା (ଆଇପିଏସ୍) ବ୍ୟତୀତ ଅନ୍ୟ ପ୍ରଫେସନାଲମାନଙ୍କ ପାଇଁ ଉନ୍ମୁକ୍ତ ରଖିବା। ଏ ପର୍ଯ୍ୟନ୍ତ ୭୫ ଜଣ ଏସ୍‌ପି ସ୍ତରୀୟ ଡେପୁଟେଶନ ପୋଷ୍ଟ ମଧ୍ୟରୁ କେବଳ ୧୫ ଟି ଅଣପୋଲିସ ପୃଷ୍ଠଭୂମିରୁ ଆସିଥିବା ଅଧିକାରୀଙ୍କ ଦ୍ୱାରା ପୂରଣ ହୋଇପାରିବ ବୋଲି ନିୟମ ରହିଛି। କିନ୍ତୁ ଏବେ ଏହି ସଂଖ୍ୟା ୧୮କୁ ବଢ଼ାଯାଇଛି। ନୂତନ ନିୟମ ସିବିଆଇର ଅଧା ଏସ୍‌ପି ପୋଷ୍ଟକୁ ଡେପୁଟେଶନ ଏବଂ ବାକିସବୁ ପଦୋନ୍ନତି ମାଧ୍ୟମରେ ପୂରଣ କରିବାକୁ ଅନୁମତି ଦିଏ । ଆଇପିଏସ୍ ଅଧିକାରୀମାନଙ୍କ ସହ ଅଲ୍ ଇଣ୍ଡିଆ ସର୍ଭିସ୍, କେନ୍ଦ୍ରୀୟ ପୋଲିସ ସଂଗଠନ, କେନ୍ଦ୍ର ସରକାରଙ୍କ ସଂଗଠିତ 'ଗ୍ରୁପ୍ ଏ' ସେବା, ଏପରିକି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ପୋଲିସ ସଂଗଠନର ସଦସ୍ୟଙ୍କ ପାଇଁ ଏହା ଖୋଲାରହିବ। ଜଟିଳ ଆର୍ଥିକ ଅପରାଧ ଏବଂ ବହୁମୁଖୀ ଅନୁସନ୍ଧାନକୁ ଭଲ ଭାବରେ ପରିଚାଳନା କରିବା ପାଇଁ ସିବିଆଇକୁ ପ୍ରସ୍ତୁତ କରିବା ଏହି ପରିବର୍ତ୍ତନର ଲକ୍ଷ୍ୟ । ଅନେକେ ଦାବି କରୁଛନ୍ତି ଯେ, ସିବିଆଇରେ ବିଶେଷକରି ଫରେନସିକ ଅଡିଟ, ଆର୍ଥିକ ବିଶ୍ଳେଷଣ ଏବଂ ସାଇବର କ୍ରାଇମ ଟ୍ରାକିଂ ସକାଶେ ବିଶେଷଜ୍ଞଙ୍କର ଆବଶ୍ୟକତା ରହିଛି। ସିବିଆଇରେ ଥିବା ଅଧିକାରୀଙ୍କ ସହ ଏହିପରି କୁଶଳୀ ଗୋଷ୍ଠୀ ତାହାକୁ ଠିକ୍ ବାଟରେ ପରିଚାଳିତ କରିବେ। ସେମାନେ କହନ୍ତି ଯେ, ଏକବିଂଶ ଶତାବ୍ଦୀରେ ଅପରାଧଗୁଡ଼ିକର ମୁକାବିଲା କରିବା ପାଇଁ ଭିନ୍ନ ବିଚାର ସମ୍ପନ୍ନ ବିଶେଷଜ୍ଞ ଦରକାର ଏବଂ ଏବେ ସିବିଆଇ ଏଭଳି ପରିବର୍ତ୍ତନକୁ ଗ୍ରହଣ କରିବ ବୋଲି ମନେ ହେଉଛି।

### ସେବିରେ ଅସନ୍ତୋଷ

ସୁକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ(ସେବି)ର ଏବକାର ଏକ ଘଟଣା ଏହାର ର୍‍ୟାଙ୍କଗୁଡ଼ିକ ମଧ୍ୟରେ ବଡ଼ ବିଭେଦ ସୃଷ୍ଟି କରିପାରେ । ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ (ଏଚ୍‌ୟୁଏଲ୍)ର ପୂର୍ବତନ ଟିକସ ମୁଖ୍ୟ ଶିଖା ଗୁପ୍ତାଙ୍କୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ନିଯୁକ୍ତି ଦିଆଯିବା ଯୋଗୁ ସେବିର କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ହିଣ୍ଡେନବର୍ଗ ରିପୋର୍ଟରେ ସେବି ଅଧ୍ୟକ୍ଷ ମାଧବୀ ପୁରୀ ବୁଚ୍‌ଙ୍କ ଉପରେ ଅଣାଯାଇଥିବା ଅଭିଯୋଗ ଉପରେ ତଦନ୍ତ ଚାଲିଥିବା ସମୟରେ ଏଭଳି ଅସନ୍ତୋଷ ପ୍ରକାଶ ପାଇଛି। ବୁଚ୍‌ଙ୍କ ସହ ଗୁପ୍ତାଙ୍କର ସମ୍ପର୍କ ରହିଥିବା ଗୁଜବ ସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଏଚ୍‌ୟୁଏଲ୍ ସହିତ ତାଙ୍କ ସ୍ୱାମୀଙ୍କର ଦୀର୍ଘ ଦିନର ସମ୍ପର୍କ ରହିଥିବାରୁ ନିରପେକ୍ଷତା ଉପରେ ମଧ୍ୟ ପ୍ରଶ୍ନ ଉଠୁଛି। ସମାଲୋଚକମାନେ ଯୁକ୍ତି କରନ୍ତି ଯେ, ବାହ୍ୟ ନିଯୁକ୍ତି ଅସନ୍ତୋଷ ସୃଷ୍ଟି କଲେ ମଧ୍ୟ ତାହା ନୂତନ ଦୃଷ୍ଟିକୋଣ ଆଣିପାରେ। ଶିଖା ଗୁପ୍ତାଙ୍କ କର୍ପୋରେଟ ଅଭିଜ୍ଞତା ସମ୍ଭବତଃ ସେବିକୁ ବିଶେଷକରି ଟିକସ ଜଟିଳତା ଉପରେ ଅଭିନବ ଆଭିମୁଖ୍ୟ ନେବାକୁ ପ୍ରେରିତ କରିପାରେ। ହେଲେ ଗୁପ୍ତାଙ୍କ ନିଯୁକ୍ତିକୁ ଏହାର କର୍ମଚାରୀମାନେ ନିଜ ପ୍ରତିଭାକୁ ଅଣଦେଖା କରାଯିବା ଅନ୍ୟତମ ଉଦାହରଣ ଭାବେ ଦେଖୁଛନ୍ତି। ୨୦୨୨ରେ ଆଇସିଆଇସିଆଇ ବ୍ୟାଙ୍କରୁ ପ୍ରମୋଦ ରାଓଙ୍କୁ ଆଣି ନିଯୁକ୍ତି ଦିଆଯାଇଥିଲା,ଯାହା ଅସନ୍ତୋଷ ସୃଷ୍ଟି କରିଥିଲା। ଏଠାରେ ବଡ଼ ପ୍ରସଙ୍ଗ ହେଉଛି ସେବିର ସ୍ୱାଧୀନତା କ୍ଷୁଣ୍ଣ ହେଉଥିବା ବିଚାର କରାଯାଉଛି। ଏଭଳି ସ୍ଥିତିରେ ସେବି ଏହାର ବିଶ୍ୱସନୀୟତା ବଜାୟ ରଖିବା ପାଇଁ ତା' ପ୍ରତି ହ୍ରାସ ପାଇଥିବା ବିଶ୍ୱାସକୁ ଫେରାଇ ଆଣିବା ଦରକାର। ବାହ୍ୟ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଏହାର ଆଭ୍ୟନ୍ତରୀଣ କର୍ମଚାରୀଙ୍କ ସହିତ ଦୃଢ଼ ଯୋଗାଯୋଗ ରଖାଯାଇ ପାରିଲେ ଏଭଳି ଅସନ୍ତୋଷକୁ ଦୂର କରାଯାଇପାରିବ।

Email: dilipcherian@gmail.com

# ଉପାସନା ସ୍ଥଳ ବିବାଦ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦେଶରେ ଉପାସନା ସ୍ଥଳକୁ ନେଇ ବିବାଦ ଚର୍ଚ୍ଚାର ବିଷୟ ପାଲଟିଛି। କିଛି ବର୍ଷ ତଳେ ବାରାଣସୀସ୍ଥିତ ଜ୍ଞାନବାପି ମସ୍‌ଜିଦକୁ ନେଇ ଆରମ୍ଭ ହୋଇଥିବା ଏହି ବିବାଦ ଏବେ ମଥୁରା, ସମ୍ଭଲ, ବାଦାୟୁଁ ଓ ଉତ୍ତରାଖଣ୍ଡର ଉତ୍ତର କାଶୀ ଦେଇ ରାଜସ୍ଥାନର ଆଜମେରରେ ପହଞ୍ଚିଛି। ୨୪ ନଭେମ୍ବରରେ ଉତ୍ତର ପ୍ରଦେଶର ସମ୍ଭଲଠାରେ ୧୬ଶ ଶତାବ୍ଦୀରେ ନିର୍ମିତ ଶାହି ଜାମା ମସ୍‌ଜିଦରେ ସର୍ଭେକୁ ନେଇ ହିଂସା ଘଟି ପୋଲିସ ଗୁଳିରେ ପାଞ୍ଚ ଜଣ ଯୁବକ ପ୍ରାଣ ହରାଇଛନ୍ତି। ସମ୍ଭଲର ନିଆଁ ନ ଲିଭୁଣୁ ଆଜମେରର ୮୦୦ ବର୍ଷରୁ ଊର୍ଦ୍ଧ୍ୱ ସୁଫି ଦରଘା ତଳେ ମନ୍ଦିର ଅଛି ବୋଲି କହି ତା'ର ପତ୍ନତାତ୍ତ୍ୱିକ ସର୍ଭେ କରିବାକୁ ସ୍ଥାନୀୟ କୋର୍ଟରେ ପିଟିଶନ ଦାଏର କରାଯାଇଛି। ବାରାଣସୀ(କାଶୀ),ମଥୁରା କିମ୍ବା ଆଜମେର ଧର୍ମସ୍ଥଳକୁ ନେଇ ଆରମ୍ଭ ହୋଇଥିବା ବିବାଦ ସମାଜରେ ଧାର୍ମିକ ଧ୍ରୁବୀକରଣ ସୃଷ୍ଟି କରିବା ତଥା ସଂଖ୍ୟାଲଘୁମାନଙ୍କୁ ଆତଙ୍କିତ କରି ରଖିବାକୁ ଉଦ୍ଦିଷ୍ଟ ସାମ୍ପ୍ରଦାୟିକ ରାଜନୀତିର ଏହା ଅଂଶବିଶେଷ ମାତ୍ର।

ଉପାସନା ସ୍ଥଳକୁ ନେଇ ବିବାଦ ଆଜିର ଦିନରେ ଅନାବଶ୍ୟକ । କାରଣ ଦେଶରେ ଏନେଇ ଉପାସନା ସ୍ଥଳ(ସ୍ୱତନ୍ତ୍ର ବ୍ୟବସ୍ଥା) ଆଇନ - ୧୯୯୧ ରହିଛି। ୧୯୪୭ ଅଗଷ୍ଟ ୧୫ ଦିନ ଦେଶର ଉପାସନା ସ୍ଥଳମାନଙ୍କର ଧାର୍ମିକ ଚରିତ୍ର ଯାହା ଥିଲା, ସେଥିରେ କୌଣସି ପରିବର୍ତ୍ତନ ହୋଇପାରିବ ନାହିଁ ଏହି ଆଇନରେ ସ୍ପଷ୍ଟ ଭାବେ କୁହାଯାଇଛି। ଏପରି କି ଅଯୋଧ୍ୟା ମାମଲାରେ ମଧ୍ୟ ସୁପ୍ରିମକୋର୍ଟର ପାଞ୍ଚ ଜଣିଆ ଖଣ୍ଡପୀଠ ଏହି ଆଇନର ବୈଧତାକୁ ସ୍ୱୀକୃତି ଦେବା ସହ ଏହା ସମ୍ବିଧାନର ମୌଳିକ ଢାଞ୍ଚାର ଅବିଚ୍ଛେଦ୍ୟ ଅଙ୍ଗ ହୋଇସାରିଛି ବୋଲି କହିଥିଲେ। କେବଳ ବିବାଦୀୟ ବାବ୍ରୀ ମସ୍‌ଜିଦକୁ ଛାଡ଼ିଦେଲେ ଅନ୍ୟ କୌଣସି ଉପାସନା ସ୍ଥଳର ଧାର୍ମିକ ଚରିତ୍ରକୁ କୌଣସି ପରିସ୍ଥିତିରେ ବଦଳା ଯାଇପାରିବ ନାହିଁ ବୋଲି ସ୍ପଷ୍ଟ ରାୟ ଦେଇଛନ୍ତି। ଏତେ ସବୁ ପରେ ମଧ୍ୟ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ବାରମ୍ବାର ଏଭଳି ବିବାଦ ସୃଷ୍ଟି କରିବା ଏବଂ ତାକୁ ତଳ କୋର୍ଟଗୁଡ଼ିକ ତତ୍‌କ୍ଷଣାତ୍ ପତ୍ନତାତ୍ତ୍ୱିକ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେବା ଘଟଣା କେବଳ ଦୁର୍ଭାଗ୍ୟଜନକ ହିଁ ନୁହେଁ ବରଂ ଉଭୟ ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଓ ଦେଶର ସମ୍ବିଧାନର ଖୋଲା ଉଲ୍ଲଂଘନ ବୋଲି କୁହାଯାଇପାରେ। କୋର୍ଟ ଏଭଳି ଆଦେଶ



ଦେବା ପୂର୍ବରୁ ସମାଜ ଉପରେ ତା'ର କି ପ୍ରକାର ପ୍ରଭାବ ପଡ଼ିବ ସେ ସମ୍ପର୍କରେ ଚିନ୍ତା କରିବା କଥା। କାରଣ ବର୍ତ୍ତମାନର ଆଇନ ଅନୁଯାୟୀ ଦେଶର କୌଣସି ଉପାସନା ପୀଠର ଧାର୍ମିକ ଚରିତ୍ର ବଦଳିବା ସମ୍ଭବ ନ ଥିବା ବେଳେ ତଳ କୋର୍ଟର ଏଭଳି ପଦକ୍ଷେପ ଅନାବଶ୍ୟକ ଭାବେ ସମାଜରେ ସାମ୍ପ୍ରଦାୟିକ ଉତ୍ତେଜନାକୁ ବଢ଼ାଇବା ସହ ଦେଶର ଶାନ୍ତି ଓ ସୌହାର୍ଦ୍ଦ୍ୟକୁ ନଷ୍ଟ କରୁଛି।

ଧାର୍ମିକ ବା ଉପାସନା ସ୍ଥଳକୁ ନେଇ ସୃଷ୍ଟି ହେଉଥିବା ବିବାଦର ସ୍ଥାୟୀ ସମାଧାନ ଲକ୍ଷ୍ୟରେ ହିଁ ୧୯୯୧ରେ ତତ୍କାଳୀନ ସରକାର ଉପାସନା ସ୍ଥଳ (ସ୍ୱତନ୍ତ୍ର ବ୍ୟବସ୍ଥା) ଆଇନ - ୧୯୯୧ ପ୍ରଣୟନ କରିଥିଲେ। ଏହି ଆଇନର ଧାରା-୨ ପ୍ରକାରେ ୧୫ ଅଗଷ୍ଟ ୧୯୪୭ର ସ୍ଥିତିର ଆଧାରରେ ଧାର୍ମିକ ସ୍ଥଳ ସଂରକ୍ଷିତ ରହିବ। ଯଦି ଏହି ତାରିଖରେ ଧାର୍ମିକ ସ୍ଥଳର ଚରିତ୍ର ବଦଳାଇବା ସମ୍ପର୍କିତ କୌଣସି ଆବେଦନ କୋର୍ଟରେ ବିଚାରାଧୀନ ରହିଛି, ତା'ହେଲେ ତା'କୁ ଅବିଳମ୍ବେ ବନ୍ଦ କରି ଦିଆଯିବ। ଆଇନର ଧାରା - ୩ ପ୍ରକାରେ ଗୋଟିଏ ଧର୍ମର ପୂଜାସ୍ଥଳକୁ ଆଉ ଗୋଟିଏ ଧର୍ମର ପୂଜାସ୍ଥଳରେ ପରିବର୍ତ୍ତନ କରାଯିବା ବେଆଇନ । ଅନ୍ୟ ଧର୍ମ କଥା ଛାଡ଼ନ୍ତୁ, ସେହି ଧର୍ମର ହିଁ କୌଣସି ଅନ୍ୟ ଗୋଷ୍ଠୀକୁ ବି ତାହା ଦିଆଯାଇ ପାରିବନି। ଆଇନର ଧାରା- ୪(୧) ଅନୁଯାୟୀ ଦେଶର ସବୁ ଉପାସନା ପୀଠର ଧାର୍ମିକ ଚରିତ୍ର ୧୯୪୭ ଅଗଷ୍ଟ ୧୫ ରେ ଯାହା ଥିଲା, ତାହା ହିଁ ବଜାୟ ରହିବା ଅନିବାର୍ଯ୍ୟ ଅଟେ। ଧାରା-୪(୨) ପ୍ରକାରେ ଧାର୍ମିକ ସ୍ଥଳର ଚରିତ୍ରକୁ ନେଇ କୌଣସି ବି ନୂଆ ବିବାଦ ବା ମକଦ୍ଦମାବାଜିକୁ ଅନୁମତି ଦିଆଯାଇପାରିବନି। ଧାରା - ୫ ଅନୁଯାୟୀ ରାମ ଜନ୍ମଭୂମି ଓ ବାବ୍ରୀ ମସ୍‌ଜିଦ ବିବାଦ ଏହି ଆଇନରୁ ବାହାରେ ରହିବ। ଉଲ୍ଲେଖଯୋଗ୍ୟ ଯେ ୧୯୪୭ ବେଳକୁ ବାବ୍ରୀ ମସ୍‌ଜିଦ ମାମଲା କୋର୍ଟରେ ବିଚାରାଧୀନ ଥିବାରୁ କେବଳ ତା'କୁ ହିଁ ବ୍ୟତିକ୍ରମ ଭାବେ ଏହି ଆଇନର ପରିସରରୁ ବାଦ୍ ଦିଆଯାଇଛି। ଆଇନର ଧାରା-୬ ପ୍ରକାରେ ଏହାର ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତିକୁ ତିନି ବର୍ଷ ଜେଲ ଓ ଜରିମାନା ଉଭୟ ଲାଗୁହେବ ବୋଲି କୁହାଯାଇଛି।

୧୫ ଅଗଷ୍ଟ ୧୯୪୭ ପରଠାରୁ ଦେଶର କୌଣସି ବି ଉପାସନା ପୀଠର ଧାର୍ମିକ ସ୍ଥିତିରେ କୌଣସି ପ୍ରକାର ପରିବର୍ତ୍ତନକୁ ୧୯୯୧ର ଉପାସନା ପୀଠ ଆଇନ ଏବଂ ଅଯୋଧ୍ୟା ମାମଲାରେ ଖୋଦ୍ ସୁପ୍ରିମକୋର୍ଟ ଖଣ୍ଡପୀଠ ନିଷିଦ୍ଧ କରି ଧାର୍ମିକ ସ୍ଥଳକୁ ନେଇ ଭବିଷ୍ୟତରେ କୌଣସି ମକଦ୍ଦମାକୁ ଅନୁମତି ଦିଆଯାଇ ପାରିବନି ବୋଲି ସ୍ପଷ୍ଟ କହିଥିବା ସତ୍ତ୍ୱେ ଏଭଳି ବିବାଦ ବଢ଼ିବା ପଛରେ ଖୋଦ୍ ସୁପ୍ରିମକୋର୍ଟଙ୍କ ଆଉ ଏକ ବିବାଦୀୟ ନିଷ୍ପତ୍ତି ରହିଛି। ୨୦ ମେ' ୨୦୨୨ରେ ତତ୍କାଳୀନ ମୁଖ୍ୟ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ ବାରାଣସୀର ଜ୍ଞାନବାପି ମସ୍‌ଜିଦରେ ସର୍ଭେ କରିବାକୁ ତଳ କୋର୍ଟର ନିର୍ଦ୍ଦେଶକୁ ଖାରଜ ନ କରି ତାକୁ ବୈଧ ବୋଲି କହି ଅନୁମତି ଦେଇଥିଲେ। ସେଥିରେ ସେ କହିଥିଲେ, ଯଦିଓ ୧୯୯୧ର ଉପାସନା ସ୍ଥଳ ଆଇନ ଯୋଗୁ କୌଣସି ଉପାସନା ସ୍ଥଳକୁ ଅନ୍ୟ ଧର୍ମର ଉପାସନା ସ୍ଥଳରେ ପରିଣତ କରାଯାଇପାରିବନି କିନ୍ତୁ ଏହା କୌଣସି ଧର୍ମସ୍ଥଳର ମୂଳ ଚରିତ୍ରକୁ ଜାଣିବାକୁ ମନାକରୁନି ବୋଲି ଯୁକ୍ତି ଦର୍ଶାଇ ସର୍ଭେ ପାଇଁ ଅନୁମତି ଦେଇଥିଲେ। ବିଚାରପତି ଚନ୍ଦ୍ରଚୂଡ଼ଙ୍କ ଉପରୋକ୍ତ ନିଷ୍ପତ୍ତି ୧୯୯୧ର ଉପାସନା ସ୍ଥଳ ଆଇନ ଓ ଦେଶର ସମ୍ବିଧାନର ମୂଳ ଭାବନାକୁ ଉଲ୍ଲଂଘନ କରିବା ସହ ଦେଶରେ ଧାର୍ମିକ ପୀଠକୁ ନେଇ ବିବାଦ ପାଇଁ ବାଟ ଖୋଲିଦେଇଛି। ସୁପ୍ରିମକୋର୍ଟର ଏହି ରାୟ ପରେ ହିଁ ଦେଶରେ ସାମ୍ପ୍ରଦାୟିକ ଶକ୍ତିମାନେ ଉତ୍ସାହିତ ହୋଇ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଗୋଟିଏ ପରେ ଗୋଟିଏ ଧର୍ମାନୁଷ୍ଠାନକୁ ବିବାଦୀୟ କରିବାକୁ କୋର୍ଟରେ ପିଟଶନ ପକାଇ ଏକ ବିପଜ୍ଜନକ ଧାରାକୁ ଆରମ୍ଭ କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଆଳରେ ତଳ କୋର୍ଟମାନେ ମଧ୍ୟ ଏଭଳି ପିଟିଶନ୍‌କୁ ତତ୍‌କ୍ଷଣାତ ଗ୍ରହଣ କରି ଉପାସନା ପୀଠଗୁଡ଼ିକର ପତ୍ନତାତ୍ତ୍ୱିକ ଯାଞ୍ଚ ପାଇଁ ଆଦେଶ ଦେବା ଦେଖାଯାଇଛି।

ଏଠାରେ ପ୍ରଶ୍ନ ଉଠେ, ସୁପ୍ରିମକୋର୍ଟ କହିବା ପ୍ରକାରେ ଯଦି ୧୯୯୧ର ଆଇନ ସମ୍ବିଧାନର ମୂଳ ଢାଞ୍ଚା ପାଲଟିଯାଇଛି ଏବଂ ତା' ଆଧାରରେ ୧୯୪୭ ପରଠାରୁ ଦେଶର କୌଣସି ବି ଉପାସନା ପୀଠର ଧାର୍ମିକ ଚରିତ୍ର ପରିବର୍ତ୍ତନ କରାଯାଇ ପାରିବ ନାହିଁ, ତା'ହେଲେ କୋର୍ଟମାନେ ସର୍ଭେ ପାଇଁ ଅନୁମତି ଦେବାର ଆବଶ୍ୟକତା କ'ଣ? କାରଣ ଯଦି ବା ପତ୍ନତାତ୍ତ୍ୱିକ ସର୍ବେକ୍ଷଣରୁ କୌଣସି ମସ୍‌ଜିଦ ସ୍ଥଳରେ ପୂର୍ବରୁ ମନ୍ଦିର ଥିବା ଜଣାପଡ଼ିବ, ତା'ପରେ ବି ସରକାର କିମ୍ବା କୋର୍ଟ ୧୯୯୧ର ଆଇନ ଅନୁଯାୟୀ ତାକୁ ମନ୍ଦିର ବୋଲି ତ ଘୋଷଣା କରିପାରିବେ ନାହିଁ। ତା'ହେଲେ ଏଭଳି ସର୍ଭେର ଯଥାର୍ଥତା କ'ଣ ?

ମୋ: ୯୪୩୭୧୬୬୩୯୧

# ହାରିଯାଇଥିବା ଲୋକ



ରାଧାଶ୍ୟାମ ରାଉଳ

ହାରିଯାଇଥିବା ଲୋକର କି ଅଛି, ଜିଇଲେ ଜିଇଲା ନ ହେଲେ ନାହିଁ। ଗୋଟିଏ କାହାଣୀ କହିବାର ଥିଲା, କହିଲେ କହିଲା, ନ ହେଲା ନାହିଁ। ସୁଖ ତ ମିଳିଲା ଏମିତି ନକଲି, ଦୁଃଖ ବି ଦେଖିଲେ ଦେଉଛି ହସି। ଆଉ କୋଉଁ ସୁଖ ବାକି ଅଛି କହ, ମିଳିଲେ ମିଳିଲା ନ ହେଲେ ନାହିଁ...। ଓଡ଼ିଆ ଆଧୁନିକ ସଙ୍ଗୀତର କାଳଜୟୀ ସ୍ରଷ୍ଟା ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତର ଅକ୍ଷୟଧାରା ଯୁଗେଯୁଗେ ରହିଥିବ। ମୃତ୍ୟୁ ପୂର୍ବରୁ ତାଙ୍କ ଜୀବନର ଏଇ ଶେଷ ସଙ୍ଗୀତ ପ୍ରତ୍ୟେକ ଅକ୍ଷୟପ୍ରେମୀଙ୍କୁ ବିଶେଷ ଭାବରେ ତନ୍ମୟ, ବିଭୋର, ମନ୍ତ୍ରମୁଗ୍ଧ ଓ ଭାବପ୍ରବଣ କରିବ ନିଶ୍ଚୟ।

ଗୀତର ପ୍ରଥମ ପଙ୍‌କ୍ତି; ''ହାରିଯାଇଥିବା ଲୋକର କି ଅଛି, ଜିଇଲେ ଜିଇଲା ନ ହେଲେ ନାହିଁ''; କେତେ ମାର୍ମିକ, କେତେ ଭାବପୂର୍ଣ୍ଣ ସତରେ! ପୂରା ଗୀତଟିକୁ ଏ ପ୍ରଥମ ପଙ୍‌କ୍ତି ହିଁ ଯଥାର୍ଥ ପ୍ରତିନିଧିତ୍ୱ କରୁଛି। ଜିଇଲେ ଜିଇଲା, ନ ହେଲେ ନାହିଁ; ଯୋଡ଼ିଏ ପସନ୍ଦ ବା ବିକଳ୍ପରୁ ଗୋଟିକୁ ବାଛିବାକୁ ହେବ ଆମ ସଭିଙ୍କୁ। ଏଇଟା ନୋହିଲେ ସେଇଟା: ଜିଇଲେ ଜିଇଲା ନ ହେଲେ ନାହିଁ ! ଅର୍ଥାତ୍ ବଞ୍ଚିବା ନଚେତ୍ ମରିବା ! ଦ୍ୱିତୀୟ ପସନ୍ଦ ବା ବିକଳ୍ପ ନୁହେଁ, ବରଂ ପ୍ରଥମ ବିକଳ୍ପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଓ ବେଶ୍ ପ୍ରଶଂସନୀୟ। ହଁ ନିଶ୍ଚୟ ଜିଇରହିବା ନିହାତି ଦର୍କାର। ଜୀବନ ଏକ ସଂଗ୍ରାମ! ଏ ସଂଗ୍ରାମରେ ହାରଜିତ୍ ଲାଗିରହିଛି। ଜିତିଗଲେ ସଫଳତା, ଶତ୍ରୁ ନିରସ୍ତ୍ର, ପରାସ୍ତ ହେବା ଥୟ! ହାରିଗଲେ, ନକାରାତ୍ମକ ଚିନ୍ତାରେ ଧନ୍ଦିହେବା ସାର! ତେବେ ନ ହେଲେ ନାହିଁ, କ'ଣ ପାଇଁ? ପରାଜୟରେ ଭଗ୍ନମନୋରଥ ନ ହୋଇ ବରଂ ଅଣ୍ଟାସଳଖି ପୁଣି ଲଢ଼େଇ ପାଇଁ ମୈଦାନକୁ ଓହ୍ଲେଇବା ହିଁ ଯଥାର୍ଥ ନିର୍ଣ୍ଣୟ। ଅତଏବ ସଂଘର୍ଷ କରି ଯିଏ ଜୀବନ ଜିଇପାରିବ, ସେ ଦୁନିଆରେ ନିଶ୍ଚେ ପରିଚୟ ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିବ।

ଅବଶ୍ୟ ଆମ ସଭିଙ୍କ ଜୀବଦ୍ଦଶାରେ କେତେବେଳେ ନା କେତେବେଳେ ପରିସ୍ଥିତି ଏମିତି ଆସେ, ଲାଗେ ଯେଉଁ ଡାଳ ଆମେ ଧରୁଛୁ, ସେ ଡାଳ ଭାଙ୍ଗିପଡୁଛି, ଯେଉଁ ବାଟ ଧରୁଛୁ, ସେ ବାଟ ଅବାଟ ହୋଇଯାଉଛି, ଯାହାକୁ ଭରସା କରୁଛୁ, ସେ ଦୂରେଇ ଯାଉଛି ପାଖରୁ। ଅସହାୟତା, ବିଫଳତା, ବିପର୍ଯ୍ୟୟ ଗୋଟାପଣେ ଆବୋରି ବସେ ସମଗ୍ର ବ୍ୟକ୍ତିସତ୍ତାକୁ। ପରାଜୟର ଗ୍ଲାନି, ଅଥୟ, ଅବସନ୍ନ ଭାରାକ୍ରାନ୍ତ କରେ ଜୀବନକୁ। ପରାଜୟ କି ହାରିଯିବା ଏକ ଅଭାବବୋଧ, ଅବସୋସ, ଅନ୍ତର୍ଦ୍ଦହନ, ଗ୍ଲାନି କି ହୀନମନ୍ୟତାବୋଧ ନୁହଁ, ବରଂ ଏହା ଏକ ସୁଯୋଗର ଅନୁକ୍ରମ, ଭାଗ୍ୟର ସଂଯୋଗ! ସୁନ୍ଦର ଓ ଶିକ୍ଷଣୀୟ ଉପଲବ୍ଧି ଏହି କି ଯେ, ନିରନ୍ତର ନିଷ୍ଠା, ପ୍ରଚେଷ୍ଟା, ଇଚ୍ଛାଶକ୍ତି ଆଗରେ ସବୁ ସମସ୍ୟା, ଆହ୍ୱାନ, ଦୁର୍ଘଟଣା, ବିସମ୍ବାଦ, ବିପର୍ଯ୍ୟୟ ହାର୍ ମାନିବାକୁ ବାଧ୍ୟ। କେହି ଦୃପ୍ତ କଣ୍ଠରେ କହିପାରିବେ ନାହିଁ; ''ହଁ ମୁଁ ସବୁକ୍ଷେତ୍ରରେ ସଫଳ, ସବୁକ୍ଷେତ୍ରରେ ବିଜୟୀ!'' ଜୀବନରେ କୋଉଁଠି ନା କୋଉଁଠି କେତେବେଳେ ନା କେତେବେଳେ ବିଫଳ ହେବା,ପରାଜୟ ବରଣ କରିବା ନିଶ୍ଚିତ।



ପ୍ରେମରେ ବିଫଳ, ନିଯୁକ୍ତି ପାଇବାରେ ଓ ପଦୋନ୍ନତି ପାଇବାରେ ବିଫଳ, ସାଧନାରେ ବିଫଳ, ବ୍ୟବସାୟରେ ବିଫଳ, ଅନ୍ୟର ହୃଦୟକୁ ଜୟ କରିବାରେ ବିଫଳ, କ୍ରୀଡ଼ା, ସଙ୍ଗୀତ, ସାହିତ୍ୟ, ରାଜନୀତି ଇତ୍ୟାଦି ଇତ୍ୟାଦି ପ୍ରତିଯୋଗିତାରେ ହାରିଯାଇ ବିଫଳ ହେବା ସ୍ୱାଭାବିକ ବିଷୟ।

ତେବେ ଏସବୁ ପ୍ରତିବନ୍ଧକ, ପ୍ରତିକୂଳ ପରିସ୍ଥିତିରେ ବିଚଳିତ, ବ୍ୟଥିତ, ଧୈର୍ଯ୍ୟଚ୍ୟୁତ, ମର୍ମାହତ, କାତର ନ ହୋଇ ଶାନ୍ତ, ନୀରବ, ଅବିଚଳିତ, ସ୍ଥିରଚିତ୍ତ, ଧୈର୍ଯ୍ୟଶୀଳ ହେବା ହାରିଯାଇଥିବା ଲୋକର ସର୍ବଶ୍ରେଷ୍ଠ ଭୂଷଣ! ହାରିଯାଇଥିବା ଲୋକ ବେଶ୍ ଭଲଭାବରେ ବୁଝିପାରେ, ତା'ର ସ୍ଥିତାବସ୍ଥା ଓ ପୁନଃ ଗତିଶୀଳତା ସମ୍ପର୍କରେ। ସେ ମଧ୍ୟ ଭଲଭାବରେ ହିସାବ କରିପାରେ, ତା'ର ଶକ୍ତି, ସାମର୍ଥ୍ୟ, ଦୁର୍ବଳତା, ଅସାମର୍ଥ୍ୟ ସମ୍ପର୍କରେ। ତା'ର ଉଦ୍ୟମ, ମେହନତ, ସାଧନାର ରୂପରେଖକୁ ସେ ଆଙ୍କିପାରେ ଏବଂ ନିଜର କ୍ଷେତ୍ର, ସୀମାସରହଦ ଭିତରେ ସେ ସର୍ବଦା ରହିବାକୁ ଉଚିତ ମନେକରେ। ହାରିଯାଇଥିବା ଲୋକ କେବେ ନିଜର ଅଧିକାର ପାଇଁ ତୁମୁଳ କାଣ୍ଡ ଭିଆଏ ନାହିଁ କି ନିଜର ବୃଥା ଅହଙ୍କାର ଦେଖେଇବାର ଶୋ' ବାଜି କି ଆସ୍ଫାଳନ କରେନାହିଁ।

ଇତିହାସ ହିଁ ଯଥେଷ୍ଟ। କାରଣ, ଇତିହାସ ମୂକସାକ୍ଷୀ ଅଛି, ହାରିଯାଇଥିବା ତକ୍ଷଶୀଳାର ରାଜା ପୁରୁ ବିଶ୍ୱବିଜୟୀ ଗ୍ରୀକ୍ ସମ୍ରାଟ ଆଲେକ୍‌ଜାଣ୍ଡାରଙ୍କୁ କେମିତି ଶବ୍ଦ ଶିଖେଇଥିଲା ! ପରାଜୟୀ ପୁରୁଙ୍କୁ ବିଜୟୀ ଆଲେକ୍‌ଜାଣ୍ଡାରଙ୍କ ପ୍ରଶ୍ନ ଥିଲା; ''ଆପଣ (ମୋ ପାଖରୁ) କେଉଁ ଭଳି ବ୍ୟବହାର ଚାହୁଁଛନ୍ତି?'' ପରାଜୟ ଗ୍ଲାନିରେ ମ୍ରିୟମାଣ ନ ହୋଇ ରାଜା ପୁରୁ ନିର୍ଭୀକ ଓ ଦୃଢ଼ ଉତ୍ତର ଦେଇଥିଲେ, ''ଯେପରି ଜଣେ ରାଜା ଅନ୍ୟ ଏକ ରାଜାଙ୍କୁ ବ୍ୟବହାର ପ୍ରଦର୍ଶନ କରିଥାନ୍ତି, ମୁଁ ଠିକ୍ ସେଇ ବ୍ୟବହାର ଆପଣଙ୍କଠାରୁ ଚାହୁଁଛି।''

ଅନ୍ୟମାନଙ୍କୁ ଆଦର, ସ୍ନେହ, ସମ୍ମାନ ଦେବା, ପରସ୍ପର ଭିତରେ ପ୍ରେମ, ଦୟା, କ୍ଷମା, ତ୍ୟାଗ, କରୁଣା, ସମ୍ପର୍କ, ଭଲପାଇବାର ବାର୍ତ୍ତା ବାଣ୍ଟିବା, ହାରିଯାଇଥିବା ଲୋକର ନିରୁତା ଆତ୍ମତୃପ୍ତି, ପରମ ଆନନ୍ଦ! ଅଥଚ ଜିତିଯାଇଥିବା ଲୋକମାନଙ୍କ ଗତିବିଧି, ଚାଲିଚଳନ, ହାବଭାବ, ଆଚାରବିଚାରକୁ ଅତିନିକଟରୁ ଦେଖି, ପରଖି, ଜାଣିବା ଓ ବୁଝିବାର ଯଥେଷ୍ଟ ଆବଶ୍ୟକତା ରହିଛି। ସମୟ ଆସିବ, ଆପଣ ବି କହିବାକୁ ବାଧ୍ୟ ହେବେ ;'ହେଃ ଭଲକରି ଚିହ୍ନ ଭ୍ରାତାଙ୍କ ବଦନ!'

ଅତଏବ ଜୀବନ ଯୁଦ୍ଧରେ କେବେ କେମିତି ହାରିଯାଇଥିବା ବା ହାରିଯାଉଥିବା ଲୋକ ଅନ୍ୟର ହୃଦୟକୁ ଜୟ କରିପାରେ ବିଭିନ୍ନ ଭାବରେ। ହାରିଯାଇଥିବା ଲୋକର ମନଫୁଲ ଆସ୍ତେ ଆସ୍ତେ ମଉଳିଯିବ,ହୃଦୟ ମୀନାର୍ ଭାଙ୍ଗି ଚୂରମାର୍ ହୋଇଯିବ ବୋଲି ଯେ କହେ, ସେ ହିନ୍ଦୀ ଫିଲ୍ମ ବାଜିଗର୍‌ରେ ବାଜିଗର୍ ଭୂମିକାକୁ ନିଖୁଣ ଭାବେ ନିଭେଇଥିବା ଶାହରୁଖ ଖାଁଙ୍କର ଦମ୍‌ଦାର ଡାଇଲଗକୁ ନିହାତି ମନେପକେଇବା ଉଚିତ। 'ହାର୍ କେ ଜିତ୍ ନେ ୱାଲେକୋ ବାଜିଗର୍ କେହେତେ ହୈ! ହାଃ ହାଃ ହାଃ। କିଂ ଅଧିକଂ ?

ବୀମାବିହାର, ମର୍କତନଗର, ସେକ୍ଟର୍-୬,
କଟକ, ମୋ: ୯୪୩୭୦୯୦୯୮୫

## ଏଇ ଭାରତରେ

ମଣିଷ ଏବଂ ଗଛର ସୁରକ୍ଷା କରୁଛନ୍ତି ଆନ୍ଧ୍ରପ୍ରଦେଶର ଡାକ୍ତର ନର୍ପଲା ପ୍ରବୀଣ। ସେ ଚିତୋର ଜିଲାର ଗ୍ରାମୀଣ ଅଞ୍ଚଳରେ ପୁଷ୍ଟିହୀନତା ଭଳି ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ସକାଶେ ମେଡିକାଲ କ୍ୟାମ୍ପ ଆୟୋଜନ କରୁଛନ୍ତି। କେବଳ ଏତିକି ନୁହେଁ ଡା. ପ୍ରବୀଣ ପରିବେଶ ସୁରକ୍ଷା ଅଭିଯାନର ମଧ୍ୟ ନେତୃତ୍ୱ ନେଉଛନ୍ତି। ଏବେ ସୁଦ୍ଧା ସେ ୫୦,୦୦୦ ଗଛ ଲଗାଇ ସାରିଲେଣି। ଏହି ସବୁ କାର୍ଯ୍ୟ ତାଙ୍କ ନେତୃତ୍ୱରେ ଚାଲିଛି। ପ୍ରବୀଣଙ୍କ ପିତା ଡ. ଆନନ୍ଦ ରାଓ ଜଣେ ଡାକ୍ତର ଓ ତାଙ୍କ ପ୍ରେରଣାରେ ସେ ଏହି କାର୍ଯ୍ୟ କରିବାକୁ ଆଗକୁ ଆସିଛନ୍ତି। ୧୯୯୪ରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ରୁରାଲ ହେଲ୍‌ଥ ଏଜୁକେଶନାଲ ସୋସାଇଟି ଗ୍ରାମାଞ୍ଚଳରେ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଉଥିଲା। ପ୍ରବୀଣ ଏମ୍‌ବିବିଏସ୍ ପଢିବା ସମୟରେ ଏହି ସଂସ୍ଥା ସହ ଜଡ଼ିତ ହୋଇ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ସେବା ଯୋଗାଇବା ଆରମ୍ଭ କରିଥିଲେ। ଏବେ ଗ୍ରାମୀଣ ଅଞ୍ଚଳରେ ନୀରବ ଘାତକ ସାଜିଥିବା ରକ୍ତହୀନତା ରୋଗ ନିରାକରଣ ପାଇଁ ଅଭିଯାନ ଚଳାଇଛନ୍ତି। ଏହାସହ ସେ ତାଙ୍କ ମାତା ସୌଭାଗ୍ୟବତୀ ଗାରୁଙ୍କ ପ୍ରେରଣାରେ ପରିବେଶ ସୁରକ୍ଷା ଅଭିଯାନ ୨୦୦୮ ଆରମ୍ଭ କରିଥିଲେ। ଭାଗ୍ୟନନ୍ଦ ବଟାନିକାଲ ସୋସାଇଟି ଗଠନ କରି ତା' ମାଧ୍ୟମରେ ଗଛ ଲଗାଇ ଚାଲିଛନ୍ତି। କେବଳ ଏତିକ ନୁହେଁ ପରିବେଶ ସୁରକ୍ଷା ପାଇଁ ସେ ବିଦ୍ୟୁତ୍ ଚାଳିତ ଗାଡ଼ି ଉପରେ ସଚେତନତା ସୃଷ୍ଟି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଡିସେମ୍ବର ୧୯୭୫

- କେନ୍ଦ୍ର ଆୟକର କର୍ତ୍ତୃପକ୍ଷ ଗୋଆଲିଅର ରାଜପ୍ରାସାଦରୁ ୧ କୋଟି ୬୨ ଲକ୍ଷ ଟଙ୍କା ମୂଲ୍ୟର ରତ୍ନ ଓ ସ୍ୱର୍ଣ୍ଣ ଅଳଙ୍କାର ଜବତ କରିଛନ୍ତି।
- ଭାରତ ଓ ପୂର୍ବ ଜର୍ମାନୀ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ଦୃଢ଼ୀଭୂତ କରିବା ପାଇଁ ଉଭୟ ଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ବେରୁଟର ୪୦ କିଲୋମିଟର ଦୂରବର୍ତ୍ତୀ ଜାହଲେ ଅଞ୍ଚଳରେ ଘଟିଥିବା ସଶସ୍ତ୍ର ସଂଘର୍ଷରେ ୫୦ ବ୍ୟକ୍ତି ନିହତ।

## ଚିରନ୍ତନୀ

ବାସନାଞ୍ଚଳ ଲୁଚିଲା ଗୋଧୂଳି ଆଲୋକେ
ଧୀରେ ଠାରି
ବକ୍ଷ ମୋହର ଚିରିଗଲା ଏକ ପଲକେ
ଛୁରି ମାରି।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 6 | | 2 | 8 | 7 | 5 | |
| | | | | | 1 | 6 | | |
| | | 8 | | | | | 1 | |
| | | 3 | 9 | | | | 7 | 1 |
| | | 7 | | | | | | |
| 9 | | | | 6 | | | | 4 |
| 4 | | | | | | | | |
| | 7 | | 5 | | 2 | | 8 | |
| | | | | | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 2 | 7 | 8 | 4 | 5 | 9 | 3 |
| 8 | 3 | 9 | 6 | 5 | 1 | 7 | 2 | 4 |
| 7 | 5 | 4 | 2 | 3 | 9 | 8 | 6 | 1 |
| 3 | 9 | 6 | 8 | 1 | 2 | 4 | 5 | 7 |
| 5 | 2 | 8 | 4 | 7 | 6 | 3 | 1 | 9 |
| 4 | 1 | 7 | 3 | 9 | 5 | 6 | 8 | 2 |
| 9 | 8 | 1 | 5 | 4 | 3 | 2 | 7 | 6 |
| 2 | 7 | 3 | 9 | 6 | 8 | 1 | 4 | 5 |
| 6 | 4 | 5 | 1 | 2 | 7 | 9 | 3 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜୀବ ପ୍ରତି ନିଷ୍ଠୁରତା ବନ୍ଦ ହେଉ

ମହାଶୟ,

ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ, ଜୀବପ୍ରତି ଦୟା କରୁ ନ ଥିବା ବ୍ୟକ୍ତି ଚାଣ୍ଡାଳ ସହ ସମାନ ହୋଇଥାନ୍ତି । ପଶୁପକ୍ଷୀ, ଜୀବଜନ୍ତୁଙ୍କଠାରେ ଦୟାଭାବ ଦେଖାଇବା ଆମ ମଣିଷଙ୍କର ସହଜାତ ପ୍ରବୃତ୍ତି । ମାତ୍ର ଅତିରଞ୍ଜିତ କଳା ପ୍ରଦର୍ଶନ ଆଳରେ ଜୀବଜନ୍ତୁଙ୍କ ପ୍ରତି ନିଷ୍ଠୁର ତଥା ବର୍ବର ଆଚରଣ ଆଦୌ ଶୋଭନୀୟ ନୁହେଁ । ବଡ଼ ଦୁଃଖର ବିଷୟ ଯେ, ଆମପରି ସଭ୍ୟସମାଜ ସମ୍ମୁଖରେ ଏଭଳି ଆଚରଣ କରାଯାଉଥିଲେ ମଧ୍ୟ ଆମେ ଚୁପ୍ ହୋଇ ବସିରହିବା ଆମ ମଣିଷ ପଣିଆକୁ କ୍ଷୁଣ୍ଣ କରୁଛି । ଜୀବ ପ୍ରତି ନିଷ୍ଠୁର ଆଚରଣ କରୁଥିବା ବ୍ୟକ୍ତିଙ୍କୁ କଠୋରରୁ କଠୋର ଦଣ୍ଡର ଆବଶ୍ୟକତା ରହିଛି । ଯଦି ତୁମକୁ ଭଗବାନ୍ କଳା ଦେଇଛନ୍ତି ତା'ହେଲେ ଅଭିନୟ ମାଧ୍ୟମରେ କଳା ପ୍ରଦର୍ଶନ କରି ଦର୍ଶକଙ୍କ ହୃଦୟ ଜିଣନ୍ତୁ । ମାତ୍ର ଏଭଳି ନୀଚ ମାନସିକତାଠାରୁ ଦୂରେଇ ରୁହନ୍ତୁ ।

-ଅଶୋକ ରାଉଳ, ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଏନ୍ଆର୍‌ଟିଏସ୍ ପରୀକ୍ଷାଫଳ ପ୍ରକାଶିତ

**କଟକ,୧୩।୧୨ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍ଆର୍‌ଟିଏସ୍) ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ସୂଚନାନୁସାରେ, ଏହି ପରୀକ୍ଷା ନିମନ୍ତେ ରାଜ୍ୟର ୩୩୪ଟି କେନ୍ଦ୍ରରେ ୫୧,୯୨୪ ଜଣ ପରୀକ୍ଷା ଦେଇଥିଲେ। ଫର୍ମପୂରଣ କରିଥିଲେ ବି ପରୀକ୍ଷା କେନ୍ଦ୍ରରେ ୧୭୬୯ ଜଣ ଅନୁପସ୍ଥିତ ଥିଲେ। ଗତ ନଭେମ୍ବର ୫ ତାରିଖରେ ପରୀକ୍ଷା ହୋଇଥିଲା ବୋଲି ବୋର୍ଡ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ଜଣାଯାଇଛି।

# ଜର୍ମାନ ଜ୍ଞାନକୌଶଳରେ ଦେଶରେ ପ୍ରଥମ ସିନ୍ଥେଟିକ୍ ରାସ୍ତା

**କାମାକ୍ଷାନଗର, ୧୩।୧୨ (ସୁଧୀର କୁମାର ପରିଡ଼ା)**


ବିଭାଗୀୟ ଅଧିକାରୀମାନେ ରାସ୍ତା ନିର୍ମାଣ କାର୍ଯ୍ୟକୁ ଅନୁଧ୍ୟାନ କରୁଛନ୍ତି।

ଦେଶରେ ପ୍ରଥମ ଥର ଜର୍ମାନ ଜ୍ଞାନକୌଶଳରେ ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍ଏସିରେ ନିର୍ମାଣ ହେଉଛି ସିନ୍ଥେଟିକ୍ ରାସ୍ତା। ସହରର ଇଲେକ୍ଟ୍ରି ଅଫିସ ଛକଠାରୁ କାମାକ୍ଷାନଗର ମହାବିଦ୍ୟାଳୟ ପର୍ଯ୍ୟନ୍ତ ୮୦୦ ମିଟର ରାସ୍ତା ପାଇଁ ପ୍ରାୟ ୬.୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଜର୍ମାନ ଜ୍ଞାନକୌଶଳରେ ନିର୍ମିତ ଏହି ରାସ୍ତା କାମାକ୍ଷାନଗର ସହରରେ ପ୍ରଥମ ଥର ପାଇଁ ପରୀକ୍ଷାମୂଳକ ଭାବେ ନିର୍ମାଣ କାର୍ଯ୍ୟ ଜାରି ରହିଛି ବୋଲି କନ୍‌ଷ୍ଟ୍ରକଶନ୍ କମ୍ପାନୀର ଅଧିକାରୀ ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ରାସ୍ତା ଦୀର୍ଘ ସ୍ଥାୟୀ ସହ ଏହାର ରକ୍ଷଣାବେକ୍ଷଣ କମ୍ ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ପ୍ରଦାନ କରିଛନ୍ତି। ସିନ୍ଥେଟିକ୍ ଚଦର ଉପରେ ପିଚୁ ଢଳାଯାଇ ରାସ୍ତା ନିର୍ମାଣ ଚାଲିଥିବା ବେଳେ ସିଗନା ଏନ୍‌ଟେକ୍ କନ୍‌ଷ୍ଟ୍ରକଶନ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାସ୍ତା ନିର୍ମାଣ ହେଉଛି। ସିଗନା ଏନ୍‌ଟେକ୍ ଉପଦେଷ୍ଟା ଇଂ. ଉମାଶଙ୍କର ପଟ୍ଟନାୟକ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ନାୟକ, ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ସୀମାନ୍ତରେ ଏନ୍‌କାଉଣ୍ଟରରେ ୨ ମାଓବାଦୀ ମୃତ

**ମାଲକାନଗିରି,୧୩।୧୨ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ପୋଲିସ ଏନ୍‌କାଉଣ୍ଟରରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ପୋଲିସ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଥିବା ଜଣାପଡିଛି। ଯବାନମାନେ କୋମ୍ବିଂ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବିଜାପୁର ଜିଲା ବାସାଗୁଡା ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇଁ ସିଆର୍‌ପିଏଫ୍ ଓ ଡିଆର୍‌ଜି ଯବାନମାନେ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଆରମ୍ଭ କରିବା ସହ ବାସାଗୁଡା ଜଙ୍ଗଲରେ ପ୍ରବେଶ କରିଥିଲେ। ତେବେ ଯବାନମାନେ ଆସୁଥିବା ଜାଣି ମାଓବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ଏହାର ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ବିନିମୟ କରିଥିଲେ। ଦୀର୍ଘ ସମୟ ଧରି ଗୁଳି ବିନିମୟ ପରେ ଯବାନଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେଶନ ସମୟରେ ଯବାନଙ୍କୁ ଦୁଇ ମାଓବାଦୀଙ୍କ ମୃତଦେହ ମିଳିଥିଲା।


ଭୁବନେଶ୍ୱରସ୍ଥିତ 'ଧରିତ୍ରୀ'ର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବରିଷ୍ଠ ସହସମ୍ପାଦିକା ସଂଘମିତ୍ରା ମହାନ୍ତି ମୟୂରଭଞ୍ଜ ଜିଲା ଶିମିଳିପାଳରେ ପରିବେଶ ସୁରକ୍ଷା ପାଇଁ ନିରନ୍ତର କାର୍ଯ୍ୟ କରୁଥିବା 'ସଂଗ୍ରାମ' ଅନୁଷ୍ଠାନର ସଞ୍ଜୁକ୍ତା ବାସାଙ୍କୁ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ବିଜେତା ଭାବେ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି। ନିକଟରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସମେତ ଧରିତ୍ରୀ ପରିବାରର ସଦସ୍ୟମାନେ ଉପସ୍ଥିତ ଅଛନ୍ତି।

# ମାଲକାନଗିରି ବିକାଶ ନିମନ୍ତେ ଦିଆଯିବ ଅଗ୍ରାଧିକାର

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲାସ୍ତରୀୟ ମହୋତ୍ସବ 'ମାଲ୍ୟବନ୍ତ' ଉଦ୍‌ଘାଟିତ

**ମାଲକାନଗିରି, ୧୩।୧୨ (ଦୁର୍ଯ୍ୟୋଧନ ପାତ୍ର)**



ମାଲକାନଗିରି ଜିଲାସ୍ତରୀୟ ମହୋତ୍ସବ 'ମାଲ୍ୟବନ୍ତ' ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ।

ମାଲକାନଗିରି ଜିଲାସ୍ତରୀୟ ମହୋତ୍ସବ 'ମାଲ୍ୟବନ୍ତ' ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମାଲ୍ୟବନ୍ତ ମହୋତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ଆଦିବାସୀ ପଡ଼ିଆରେ ଅନୁଷ୍ଠିତ କୃଷି ମେଳା ଉଦ୍‌ଘାଟନ କରିବା ସହ ମେଳାରେ ବିଭିନ୍ନ କମ୍ପାନୀ ଦ୍ୱାରା କୃଷି ଯନ୍ତ୍ରପାତି, ଯାନବାହନ ଇତ୍ୟାଦି ପରିଦର୍ଶନ କରିଥିଲେ। ପରେ ଡିଏନ୍‌କେ ଖେଳପଡ଼ିଆରେ ଓର୍‌ମାସ ତରଫରୁ ବିଭିନ୍ନ ଜିଲା ଏବଂ ରାଜ୍ୟରୁ ଆସିଥିବା ବ୍ୟବସାୟୀଙ୍କ ଷ୍ଟଲଗୁଡ଼ିକ ବୁଲି ଦେଖିଥିଲେ।

ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମାଝୀ ମାଲ୍ୟବନ୍ତ ମହୋତ୍ସବର ଉଦ୍ଦେଶ୍ୟ, ଜିଲାର ଜନଜାତିଙ୍କ ବିଲୁପ୍ତ ହୋଇଯାଉଥିବା କଳା, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ମାଲ୍ୟବନ୍ତ ଉତ୍ସବ ଏକ ମାଧ୍ୟମ ବୋଲି କହିଥିଲେ। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାକୁ ୧ ନମ୍ବର ଜିଲା ଭାବେ ପରିଣତ କରିବା ଏବଂ ଜିଲାର ସର୍ବାଙ୍ଗୀନ ଉନ୍ନତି ଆମ ସରକାରଙ୍କ ଦାୟିତ୍ୱ ବୋଲି ସେ ପ୍ରକାଶ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମଞ୍ଚାସୀନ ଥିଲେ। ମାଲକାନଗିରି ଜିଲାର ସମସ୍ତ ଅଞ୍ଚଳରେ କିପରି ଶିକ୍ଷାର ବିକାଶ ସହ ଜନଜାତିଙ୍କ ପରମ୍ପରା ବଜାୟ ରହିବ ସେଥିପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଶିକ୍ଷାମନ୍ତ୍ରୀ ଗଣ୍ଡ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲା ଓ ରାଜ୍ୟ ବାହାରୁ ଆସିଥିବା କଳାକାରଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ ପରିବେଷଣ କରାଯାଇଥିଲା।

DSPL - 254
ରାଜ୍ୟ ପରିବହନ ପ୍ରାଧିକରଣ ଓଡ଼ିଶା
ମୋଟର ଯାନ ଟିକସ ବକେୟା ଅଛି କି ?
ଏକକାଳୀନ ପୈଠରେ ରିହାତି ସୁଯୋଗ
ଯୋଜନାର ଅବଧି ସରିବାକୁ ଆଉ ମାତ୍ର କିଛି ଦିନ
ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଚାଲିଥିବା One Time Settlement of Arrear Motor Vehicle Tax / Addl. Tax & Penalty (ମୋଟର ଯାନ ଟିକସ/ଅତିରିକ୍ତ ଟିକସ/ଜରିମାନାର ଏକକାଳୀନ ସମାଧାନ) ଯୋଜନାର ଲାଭ ଉଠାନ୍ତୁ
ବାଣିଜ୍ୟିକ/କୃଷିଭିତ୍ତିକ/ତିନି ଚକିଆ ଆଦି ମୋଟର ଯାନ ପାଇଁ ୩୧ ମାର୍ଚ୍ଚ ୨୦୨୨ ପୂର୍ବର ବକେୟା ଟିକସ ଏକକାଳୀନ ପୈଠ କଲେ ୧୦୦ ପ୍ରତିଶତ ଜରିମାନା ରାଶି ଛାଡ଼ର ସୁବିଧା ରହିଛି । ବକେୟାର ଅବଧି ଅନୁଯାୟୀ ଜରିମାନା ସହ ୫୦ ପ୍ରତିଶତ, ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଟିକସ ଛାଡ଼ର ବି ସୁଯୋଗ ରହିଛି
ଗାଡ଼ି ସ୍କ୍ରାପିଂ କରିବାକୁ ଚାହିଁଲେ ୧୦୦ ପ୍ରତିଶତ ବକେୟା ଛାଡ଼ର ସୁବିଧା ମିଳିଥାଏ
ଏହି ଯୋଜନାରେ ଲାଭ ନେବାର ଶେଷ ଅବଧି ୨୬ ଡିସେମ୍ବର ୨୦୨୪
ସବିଶେଷ ତଥ୍ୟ ଓ ସହାୟତା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ ।
*ସର୍ତ୍ତାବଳୀ ଲାଗୁ
OIPR-38003/13/0033/2425
ରାଜ୍ୟ ପରିବହନ ପ୍ରାଧିକରଣ
ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

DSPL - 256

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଜାତୀୟ ଶକ୍ତି ସଂରକ୍ଷଣ ଦିବସ
୧୪ ଡିସେମ୍ବର ୨୦୨୪
ବୈଦ୍ୟୁତିକ ଯାନ
ପରିବେଶକୁ ସୁରକ୍ଷିତ ରଖେ।
ବି.ଏଲ୍.ଡି.ସି ଫ୍ୟାନ୍
ଶକ୍ତି ସଞ୍ଚୟ ସହ ବିଦ୍ୟୁତ୍ ବିଲ୍ କମ୍ କରେ।
ପି.ଏମ୍. ସୂର୍ଯ୍ୟଘର ଯୋଜନା
ସୌର ଶକ୍ତିର ବ୍ୟବହାର, ସବୁଜ ଶକ୍ତିର ଉତ୍ପାଦନ।
ଶକ୍ତି ସଂରକ୍ଷଣରେ ସହଯୋଗ କରନ୍ତୁ, ଜଳବାୟୁ ପରିବର୍ତ୍ତନ ସଂଶୋଧନରେ ଭାଗୀଦାର ହୁଅନ୍ତୁ।
ଶକ୍ତି ବିଭାଗ, ଓଡ଼ିଶା ସରକାର
OIPR-04025/13/0002/2425

୨୦୨୪ ଉତ୍ତର ଓଡ଼ିଶା ପାଇଁ ଥିଲା ଘଟଣାବହୁଳ । ବେଶ୍ କିଛିଦିନ ସାଧାରଣ ନିର୍ବାଚନର ଉଷ୍ମତା ପରେ କେନ୍ଦୁଝର ଜିଲାରୁ ପ୍ରଥମ ମୁଖ୍ୟମନ୍ତ୍ରୀ ହେବାର ଗୌରବ ମଣ୍ଡନ କରିଥିଲେ ମୋହନ ଚରଣ ମାଝୀ। ଭୁଲ୍ ବୁଝାମଣାରୁ ବାଲେଶ୍ୱର ଓ ଭଦ୍ରକ ଜିଲାରେ ଦେଖାଦେଇଥିଲା ସାମ୍ପ୍ରଦାୟିକ ହିଂସା। କର୍ଫ୍ୟୁ ଏବଂ ୧୬୩ ଧାରା କବଳରେ କଲବଲ ହୋଇଥିଲେ ସାଧାରଣ ଜନତା। ବାତ୍ୟା 'ଦାନା' ବି ଦେଇଥିଲା ଅନେକ ଦୁଃଖ। ମହାବଳ ବାଘୁଣୀ ଯମୁନା ଓ ଜିନ୍ନତଙ୍କ ଭଳି ନୂଆ ଅତିଥିଙ୍କୁ ପାଇ ଖୁସି ହେଉଥିବା ମୟୂରଭଞ୍ଜ ଜିଲାବାସୀ ପରବର୍ତ୍ତୀ ସମୟରେ ଭୟ ଓ ଆତଙ୍କିତ ହୋଇପଡ଼ିଥିଲେ। କେନ୍ଦୁଝର, ମୟୂରଭଞ୍ଜରେ ୨୦ରୁ ଊର୍ଦ୍ଧ୍ୱ ହାତୀଙ୍କ ମୃତ୍ୟୁ ହୋଇଥିବା ବେଳେ ହାତୀ ଆକ୍ରମଣରେ ୧୬ରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଏହିଭଳି ଘଟଣାକ୍ରମକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା....



ବାଲେଶ୍ୱର

## ସୋସିଆଲ ମିଡିଆ ପୋଷ୍ଟରୁ ତୁମୁଳକାଣ୍ଡ

ସେପ୍ଟେମ୍ବର ୨୭ରେ ସୋସିଆଲ ମିଡିଆରେ ପ୍ରଫେଟ୍ ମହମ୍ମଦଙ୍କ ସମ୍ପର୍କରେ ଅଶାଳୀନ ମନ୍ତବ୍ୟ ନେଇ ଜଣେ ଯୁବକଙ୍କ ପୋଷ୍ଟରୁ ଭଦ୍ରକ ସହରରେ ତୁମୁଳକାଣ୍ଡ ଘଟିଥିଲା । ଉକ୍ତ ଯୁବକଙ୍କୁ ଗିରଫ ଦାବିରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଶତାଧିକ ଯୁବକ ଏକାଠି ହୋଇ ଭଦ୍ରକ ସହର ଆଡ଼କୁ ଆସୁଥିବା ବେଳେ ସନ୍ଥିଆ ପୋଲ ନିକଟରେ ପୋଲିସ ଅଟକାଇବାରୁ ସେମାନେ ଆକ୍ରମଣ କରିଥିଲେ । ପୋଲିସ ଉପରକୁ ଇଟା, ଢେଲା ମାଡ଼ବେଳେ ସେଠାରେ ଉପସ୍ଥିତ ତହସିଲଦାରଙ୍କ ଗାଡ଼ି ଭାଙ୍ଗିଯାଇଥିଲା । ସ୍ଥିତି ଅସମ୍ଭାଳ ହେବାରୁ ପୋଲିସ ଲାଠିଚାର୍ଜ କରିଥିଲା । ଜିଲା ପ୍ରଶାସନ ପକ୍ଷରୁ ୧୬୩ ଧାରା ଜାରି କରାଯାଇଥିଲା । ଉକ୍ତ ପୋଷ୍ଟକୁ ନେଇ ଧାମନଗରରେ ମଧ୍ୟ ଉତ୍ତେଜନା ଦେଖାଦେଇଥିଲା ।



ଭଦ୍ରକ

# ୨ ସହର ଅଶାନ୍ତ

## କର୍ଫ୍ୟୁ କଲା କଲବଲ

ବାଲେଶ୍ୱର ସହର ଭୁଜାଖିଆ ପୀର ନିକଟସ୍ଥ ନାଳରେ ପ୍ରବାହିତ ଲାଲ୍ ରଙ୍ଗର ପାଣିକୁ କେନ୍ଦ୍ର କରି ଗତ ଜୁନ୍ ୧୭ରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହ ଅଶାନ୍ତ ହୋଇପଡ଼ିଥିଲା ସହର। ଗୋଷ୍ଠୀ ସଂଘର୍ଷ ସହ ପୋଲିସ ଫୋର୍ସ ଉପରକୁ ପଥର ମାଡ଼ ହୋଇଥିଲା। ଢେଲା ପଥର ମାଡ଼ରେ ସାଧାରଣ ଜନତା, ପୋଲିସ ଓ ଗଣମାଧ୍ୟମ ପ୍ରତିନିଧି ଆହତ ହୋଇଥିଲେ। ଏହାପରେ ଜୁନ୍ ୧୮ ତାରିଖରୁ ସମଗ୍ର ବାଲେଶ୍ୱର ସହରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି କରାଯାଇଥିଲା। ଏପରି କି ଇଣ୍ଟରନେଟ୍ ସେବା ମଧ୍ୟ ବନ୍ଦ ରଖାଯାଇଥିଲା। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ, ପ୍ରଶାସନ ପକ୍ଷରୁ ଉଭୟ ଗୋଷ୍ଠୀର ଲୋକଙ୍କୁ ନେଇ ଶାନ୍ତି କମିଟି ବୈଠକ କରାଯାଇଥିଲା। ସ୍ଥିତି ସ୍ୱାଭାବିକ ହେବା ପରେ ଜୁଲାଇ ୨ରୁ ସହରରୁ କର୍ଫ୍ୟୁ ହଟିଥିଲା।

## ବୁଥ୍ ପରିସରରେ ସ୍ତ୍ରୀଙ୍କୁ ହତ୍ୟା



ରଶ୍ମିରେଖା ବେହେରା

ଜୁନ୍ ୧ରେ ସାଧାରଣ ନିର୍ବାଚନ ବେଳେ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ କାଉପୁର ପଞ୍ଚାୟତର ମୁକ୍ତାଡି ସ୍କୁଲରେ ଚାଲିଥିବା ୪ ନଂ. ବୁଥ୍ ପରିସରରେ ସ୍ତ୍ରୀଙ୍କୁ ଭୁଜାଲିରେ ହାଣି ହତ୍ୟା କରିଥିଲେ ସ୍ୱାମୀ । ପାରିବାରିକ କଳହକୁ ନେଇ ଏହି ଜଘନ୍ୟ କାଣ୍ଡ ଘଟିଥିଲା। ବାପଘରେ ରହୁଥିବା ଗ୍ରାମାଞ୍ଚଳ ଥାନା ଅଧୀନ ଜିରାଗମ୍ଭୀରା ଗ୍ରାମର ରଶ୍ମିରେଖା ବେହେରା(୨୫) ଭୋଟ ଦେବା ପାଇଁ ବୁଥ୍‌କୁ ଆସି ଧାଡ଼ିରେ ଠିଆ ହୋଇଥିବା ବେଳେ ତାଙ୍କ ସ୍ୱାମୀ ମୁକ୍ତାଡି ଗ୍ରାମର ପ୍ରଭାକର ରାଉତ(୩୦) ତାଙ୍କୁ ଭୁଜାଲିରେ ହାଣି ହତ୍ୟା କରିଥିଲେ ।

## ବେଙ୍ଗାଲୁରୁରେ ପ୍ରେମିକାଙ୍କୁ ମାରି ଆରଡ଼ିରେ ଆତ୍ମହତ୍ୟା

ସେପ୍ଟେମ୍ବର ୨୬ରେ ବେଙ୍ଗାଲୁରୁରେ ବହୁଚର୍ଚ୍ଚିତ ମହାଲକ୍ଷ୍ମୀ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ତାଙ୍କ ପ୍ରେମିକ ଆରଡ଼ି ଫାଣ୍ଡି ଅଧୀନ ଭୂଇଁପୁର ଗାଁର ମୁକ୍ତିରଞ୍ଜନ ରାୟ(୩୨) ଆତ୍ମହତ୍ୟା କରିଥିଲେ । ଚମ୍ପାସାହି ମୁଖ୍ୟରାସ୍ତା କଡ଼ରେ ଥିବା କୁଳେଇପଦା ଶ୍ମଶାନ ନିକଟ ଏକ ଗଛରେ ରଶି ଲଗାଇ ସେ ଝୁଲି ପଡ଼ିଥିଲେ । ଆତ୍ମହତ୍ୟା ପୂର୍ବ ରାତିରେ ସେ ଘରେ ପହଞ୍ଚି ବେଙ୍ଗାଲୁରୁରେ ଜଣେ ଝିଅର ଅତ୍ୟାଚାରରେ ଅତିଷ୍ଠ ହୋଇ ୧୫ ଦିନ ତଳେ ତାଙ୍କୁ ତଣ୍ଟିଚିପି ମାରିଦେଇଥିବା ମୁକ୍ତିରଞ୍ଜନ ମା' ଆଗରେ କହିଥିଲେ । ଏଥିସହ ସମସ୍ତ ଘଟଣା ଜଣାଇଥିଲେ । ସେ ମହାଲକ୍ଷ୍ମୀଙ୍କୁ ହତ୍ୟା ପରେ ୫୯ ଖଣ୍ଡ କରି ଫ୍ରିଜ୍‌ରେ ରଖି ଦେଇଥିଲେ । ଧରା ପଡ଼ିଯିବା ଭୟରେ ସେ ଆତ୍ମହତ୍ୟା କରିଥିବା ପୋଲିସ କହିଥିଲା ।



ମହାଲକ୍ଷ୍ମୀ
ମୁକ୍ତିରଞ୍ଜନ



ଯମୁନା



ଜିନ୍ନତ

## ଶିମିଳିପାଳରେ ନୂଆ ଅତିଥି
# ଯମୁନା, ଜିନ୍ନତ

ମହାବଳ ବାଘ ବଂଶ ବୃଦ୍ଧି ପାଇଁ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟକୁ ଦୁଇ ନୂଆ ବାଘୁଣୀ ଯମୁନା ଓ ଜିନ୍ନତକୁ ଅଣାଯାଇଛି। ମହାରାଷ୍ଟ୍ର ରାଜ୍ୟ ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଏହି ଦୁଇ ବାଘୁଣୀଙ୍କୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ଅଣାଯାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଓ ଦକ୍ଷିଣ ବନଖଣ୍ଡର କୋର୍ ଅଞ୍ଚଳରେ ଛଡ଼ାଯାଇଛି। ଅକ୍ଟୋବର ୨୭ରେ ପ୍ରଥମେ ଯମୁନାକୁ ଅଣାଯିବା ପରେ ନଭେମ୍ବର ୯ରେ କୋର୍ ଅଞ୍ଚଳରେ ଛଡ଼ାଯାଇଥିଲା। ଯମୁନା ଆସିବାର ୧୯ଦିନ ପରେ ପୁଣି ଏକ ବାଘୁଣୀ ଜିନ୍ନତକୁ ଅଣାଯାଇଥିଲା। ନଭେମ୍ବର ୨୪ରେ ତାକୁ ଏନ୍‌କ୍ଲୋଜରରୁ ମୁକ୍ତି ଦିଆଗଲା। ତେବେ ମହାରାଷ୍ଟ୍ର ସମତଳ ଜଙ୍ଗଲରୁ ଆସିଥିବା ଦୁଇ ବାଘୁଣୀ ଶିମିଳିପାଳର ପାହାଡ଼ିଆ କୋର୍ ଅଞ୍ଚଳ ଛାଡ଼ି ଜନବସତିମୁହାଁ ହେଉଥିବାରୁ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ବାଘୁଣୀ ଜିନ୍ନତ ମଧ୍ୟ ଓଡ଼ିଶା ସୀମା ପାର୍ ହୋଇ ଝାଡ଼ଖଣ୍ଡ ଜଙ୍ଗଲକୁ ପଳାଇଛି। ତେବେ ବାଘ ସଂଖ୍ୟା ବୃଦ୍ଧିନେଇ ବନ ବିଭାଗ ଯେଉଁ ଲକ୍ଷ୍ୟ ରଖିଛି ତାହା କେତେଦୂର ସଫଳ ହେଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ।



## କେନ୍ଦୁଝରରୁ ପ୍ରଥମ ମୁଖ୍ୟମନ୍ତ୍ରୀ



-ମୋହନ ଚରଣ ମାଝୀ-

କେନ୍ଦୁଝର ଜିଲା ସଦର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ମୋହନ ଚରଣ ମାଝୀ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଜିଲାରୁ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ସେ ୧୨ ଜୁନ ୨୦୨୪ରେ ଶପଥ ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ହେବା ପରେ ଜିଲାକୁ ୪ ଥର ଗସ୍ତ କରି ବିଭିନ୍ନ ସରକାରୀ ଓ ଘରୋଇ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । କେନ୍ଦୁଝର ସହର ମଣ୍ଡୁଆସ୍ଥିତ ତାଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠର ଶୁଭାରମ୍ଭ କରିଥିଲେ । ଜଣେ ଦଳୀୟ କର୍ମୀଙ୍କ ଦେହାନ୍ତ ଖବର ପାଇ ଶେଷ ଦର୍ଶନ କରିବାକୁ ପହଞ୍ଚିଥିଲେ । ୧୦୦ ଦିନର ସରକାର ପରେ କେନ୍ଦୁଝର ଗସ୍ତବେଳେ ସମୁଦାୟ ୯୮୭ କୋଟି ଟଙ୍କାର ୧୫୮ଟି ପ୍ରକଳ୍ପର ଭିତ୍ତି ସ୍ଥାପନ କରିଥିଲେ ।

## କାଠରେ ଶ୍ରୀରାମ ଚରିତ ମାନସ



ଅଯୋଧ୍ୟାରେ ୨୨ ଜାନୁୟାରୀ ୨୦୨୪ରେ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ଓ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିଲା । ଏଭଳି ସମୟରେ କେନ୍ଦୁଝର ପୁରୁଣା ସହର ଶିବନାରାୟଣପୁର ସାହିର କାଠଶିଳ୍ପୀ ଅଭିମନ୍ୟୁ ମହାରଣା କାଠରେ ଖୋଦେଇ କରି ଶ୍ରୀରାମଙ୍କ ଭବ୍ୟମୂର୍ତ୍ତି ଓ ରାମଚରିତ ମାନସର ସମସ୍ତ କାଣ୍ଡର ପ୍ରମୁଖ ନିଦର୍ଶନକୁ ନେଇ ନିଖୁଣ ଚିତ୍ର ଖୋଦିତ କରିଥିଲେ । ସାଢ଼େ ୩ ଫୁଟ୍ ଉଚ୍ଚତା ଓ ୩ ଫୁଟ୍ ଓସାରର ଶ୍ରୀରାମଙ୍କ ମୂର୍ତ୍ତି ଚାରିପାଖରେ ରାମଚରିତ ମାନସର ସମସ୍ତ କାଣ୍ଡକୁ ନେଇ ସେ ୨୫ ମୂର୍ତ୍ତି ଖୋଦେଇ କରିଥିଲେ ।

## ପରଲୋକରେ ପଦ୍ମଶ୍ରୀ ମାଗୁଣି କୁଅଁର

ପ୍ରଖ୍ୟାତ କଣ୍ଢେଇ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କର ୨୦୨୪ ଜୁନ୍ ୧ ଶନିବାର କେନ୍ଦୁଝର ପୁରୁଣା ସହର ବୈଦ୍ୟରାଜ ସାହିସ୍ଥିତ ନିଜ ଘରେ ପରଲୋକ ଘଟିଥିଲା । ସେ ୧୫ ବର୍ଷ ବୟସରେ କଣ୍ଢେଇନୃତ୍ୟ ପ୍ରତି ଆକର୍ଷିତ ହୋଇଥିଲେ । କଳା ଶିକ୍ଷା ଲାଭକରି ନିଜସ୍ୱ ଉଦ୍ୟମରେ ଶ୍ରୀ ବିଶ୍ୱକର୍ମା କଳାକୁଞ୍ଜ ନାମରେ ଅନୁଷ୍ଠାନ ଗଠନକରି କଣ୍ଢେଇନୃତ୍ୟକୁ ପ୍ରାୟ ୫ ଦଶନ୍ଧି ଧରି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲେ । ଜୀବନ ବ୍ୟାପୀ କଳା ସାଧନା ପାଇଁ ୨୦୨୩ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଥିଲା । ଏଥିସହ ତାଙ୍କୁ ୨୦୦୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୨୦୧୪ରେ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ମିଳିଥିଲା ।



## ଖୁସି ଆଣିଦେଲା ସୁନାଖଣି

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଗୋପପୁର ଓ ଗଜିପୁର ଗ୍ରାମ ମାଟି ତଳେ ସୁନା ରହିଛି। ଏ ନେଇ ବିଧାନସଭାରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ୫ ଡିସେମ୍ବର ୨୦୨୪ରେ ସୂଚନା ଦେଇଥିଲେ। ପୂର୍ବରୁ ଏ ନେଇ ଜଣାପଡ଼ିଥିଲେ ବି ବିଧାନସଭାରେ ମନ୍ତ୍ରୀଙ୍କ ସୂଚନା ପରେ ଏହା ଉପରେ ସମସ୍ତଙ୍କ ନଜର ରହିଛି।

## ଅଭୟାରଣ୍ୟରେ ଅସୁରକ୍ଷିତ ଗଜରାଜ

କେନ୍ଦୁଝର ବନଖଣ୍ଡରେ ହାତୀ ଉପଦ୍ରବ ବର୍ଷ ତମାମ ଲାଗି ରହିଥିଲା । ହାତୀ ଓ ମଣିଷ ଲଢ଼େଇ ବନ ବିଭାଗ ତଥା ସମସ୍ତଙ୍କ ପାଇଁ ଚିନ୍ତାଜନକ ଥିଲା । ଚଳିତବର୍ଷ ୧୦ ହାତୀଙ୍କ ମୃତ୍ୟୁ ଘଟିଥିଲା । ସେଥି ମଧ୍ୟରୁ ୪ ହାତୀ ଛୁଆ, ୪ ମାଇ, ୧ ଦନ୍ତା ଓ ୧ ମଖନା ହାତୀ । ସେହିପରି ହାତୀ ଆକ୍ରମଣରେ ୧୬ ଲୋକଙ୍କ ପ୍ରାଣ ଯାଇଛି। ହଦଗଡ଼ ହସ୍ତୀ ଅଭୟାରଣ୍ୟରେ ୩ ହାତୀଙ୍କ ମୃତ୍ୟୁ ହୋଇଛି। ସେହିପରି ମୟୂରଭଞ୍ଜ ଜିଲା ଶିମିଳିପାଳ ହସ୍ତୀ ଅଭୟାରଣ୍ୟରେ ହାତୀ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ବର୍ଷକ ମଧ୍ୟରେ ବିଦ୍ୟୁତ୍ ଆଘାତ ସମେତ ଅନ୍ୟାନ୍ୟ କାରଣରୁ ୮ ହାତୀଙ୍କ ଜୀବନ ଯାଇଛି। ଅସୁସ୍ଥ କୁମକୀ ହାତୀ ଯଶୋଦାର ମଧ୍ୟ ମୃତ୍ୟୁ ଘଟିଛି।





## 'ଦାନା'ର ତାଣ୍ଡବ

ଅକ୍ଟୋବର ୨୫ରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଧାମରା ଉପକୂଳରେ ତାଣ୍ଡବ ରଚିଥିଲା ବାତ୍ୟା 'ଦାନା' । ଏହାର ପ୍ରଭାବରେ ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ୍ ଅଧିକ ପ୍ରଭାବିତ ହୋଇଥିବା ବେଳେ ଭଦ୍ରକ, ବନ୍ତ, ଧାମନଗର ଓ ତିହିଡ଼ିରେ କ୍ଷୟକ୍ଷତି ଘଟିଥିଲା । ବାତ୍ୟା ପରେ ପରେ ବନ୍ୟା ଦାଉ ସାଧିଥିଲା । ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା ସହ ଲୋକଙ୍କ ଘରେ ପାଣି ପଶିଥିଲା । ସେହିଭଳି ବାଲେଶ୍ୱର ଜିଲାରେ ମଧ୍ୟ 'ଦାନା'ର ପ୍ରକୋପ ଦେଖିବାକୁ ମିଳିଥିଲା । ବାତ୍ୟା ପରେ ବନ୍ୟା ଯୋଗୁ ଲୋକଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡ଼ିଥିଲା ।

# ଧ୍ୟାନ ଜୀବନକୁ ଶୃଙ୍ଖଳିତ, ରୋଗମୁକ୍ତ କରାଏ: ସର୍ବେଶ୍ୱର ଜୀ ମହାରାଜ



ସର୍ବେଶ୍ୱର ଜୀ ମହାରାଜ

ଜୀବନରେ ଲୋଭ ରହିବା ଉଚିତ୍ ନୁହେଁ। ଶାନ୍ତି ଓ ମୋକ୍ଷ ଜୀବନର ମୂଳ ଲକ୍ଷ୍ୟ ରହିବା ଆବଶ୍ୟକ। ସଂସାର ମୋହମାୟାରେ ଛନ୍ଦି ହୋଇ ମଣିଷ ଆଦୌ ଧନସମ୍ପତ୍ତି ପ୍ରତି ପ୍ରଲୋଭିତ ନ ହୋଇ ସୁସ୍ଥ ଓ ଶାନ୍ତି ଜୀବନ ପାଇଁ ଆଧ୍ୟାତ୍ମିକ ପରିବେଶରେ ବସବାସ କରିବା ସହ ଧ୍ୟାନ କରିବା ଆବଶ୍ୟକ ବୋଲି କଟକ ଆଲାମଚାନ୍ଦ ବଜାରସ୍ଥିତ ସା ଶମ୍ଭୁ ମନ୍ଦିର ନିକଟରେ ଏକ ପୂଜା କରିବାକୁ ଆସିଥିବା ସମୟରେ ସର୍ବେଶ୍ୱର ଜୀ ମହାରାଜ ଏହା କହିଛନ୍ତି। ସେ କର୍ପାତ୍ରୀ ମହାରାଜ ଓ ପୁରୀ ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟ। ଏଥିସହ ଅଖିଳ ଭାରତ ବର୍ଷୀୟ ଧର୍ମ ସଂଘର ସର୍ବଧାମ ଅଧକ୍ଷ ମଧ ସେ ରହିଛନ୍ତି। ବାରାଣସୀ କେଦାରଘାଟ ନିକଟସ୍ଥ କର୍ପାତ୍ରୀ ଧାମରେ ମଧ ତାଙ୍କର ଆଶ୍ରମ ରହିଛି। ସର୍ବେଶ୍ୱର ଜି ମହାରାଜଙ୍କ କଟକ ଆଗମନ ଅବସରରେ ତାଙ୍କ ସହ ସାକ୍ଷାତ୍କାର ସମୟରେ ଧରିତ୍ରୀ ପକ୍ଷରୁ ପଚରା ଯାଇଥିବା କିଛି ପ୍ରଶ୍ନ।

**ପ୍ରଶ୍ନ: ଜୀବନର ମୂଲ୍ୟ ଓ ଏହାର ଅର୍ଥ କ'ଣ?**
ଉତ୍ତର: ଧର୍ମ, ଅର୍ଥ, କାମ ଓ ମୋକ୍ଷ ଏହି ଚାରୋଟି ଜିନିଷ ଜୀବନର ମୁଖ୍ୟ ଅର୍ଥ। ଜୀବନ ଜିଇବାର ଅର୍ଥ ହେଉଛି ଧର୍ମ, ସେହିପରି ଅର୍ଥ ଯଥା ବଞ୍ଚିବାକୁ ହେଲେ ଗୁଜୁରାଣ ମେଣ୍ଟାଇବା ପାଇଁ ପଇସା ରୋଜଗାର କରିବା, କାମ ଅର୍ଥାତ ଜୀବନରେ କର୍ମ ସର୍ବଦା ବିନା ଲୋଭ ଓ ଆଶାରେ କରିବା ଆବଶ୍ୟକ, ସେହିପରି ମୋକ୍ଷର ଅର୍ଥ ହେଉଛି ଠିକ୍ କାମ କରି ପୁଣ୍ୟ ଅର୍ଜନ କରି ଶେଷ ନିଃଶ୍ୱାସ ତ୍ୟାଗ କରିବା ସମୟରେ ମୋକ୍ଷ ପାଇବା। ଏହା କେବଳ ସନାତନ ଧର୍ମରେ ହିଁ ମଣିଷ ପ୍ରାପ୍ତ କରିଥାଏ।

**ପ୍ରଶ୍ନ: ଖୁସି କ'ଣ କେବଳ ଧନ ଓ ସମ୍ପତ୍ତିରେ ମିଳିଥାଏ?**
ଉତ୍ତର: ଧନ ସମ୍ପତ୍ତି ପ୍ରାପ୍ତ କରି ମଣିଷ ଜୀବନରେ କୌଣସି ଖୁସି ନ ଥାଏ। ମଣିଷ ତା' ଜୀବନରେ ଯେଉଁ ଅର୍ଥ ଅର୍ଜନ କରିଥାଏ ତାହାକୁ କେବେ ଶେଷ ନିଃଶ୍ୱାସ ତ୍ୟାଗ କରିବା ସମୟରେ ସାଙ୍ଗରେ ନେଇ ନ ଥାଏ। ଏହା କେବଳ ମଣିଷ ମନରେ ଥିବା ଲୋଭ। ମଣିଷ ଅର୍ଜିଥିବା ଧନ ସମ୍ପତ୍ତିକୁ କେବଳ ଅନ୍ୟ ଲୋକ ଭୋଗ କରିଥାନ୍ତି। ଧନ ସମ୍ପତ୍ତି ଲୋଭକୁ ତ୍ୟାଗ କରି ମଣିଷ ଖୁସି ରହିବା ସହ ଭଲ କର୍ମ କରିବା ଲକ୍ଷ୍ୟ ରଖିବା ଆବଶ୍ୟକ।

**ପ୍ରଶ୍ନ: ଆଧୁନିକ ଜୀବନରେ ଧ୍ୟାନ କରିବା କେତେ ଜରୁରୀ?**
ଉତ୍ତର: ଧ୍ୟାନ କରିବା ଜୀବନର ମୂଳ ଲକ୍ଷ୍ୟ ରହିବା ଆବଶ୍ୟକ। ଧ୍ୟାନ କେବଳ ସନାତନ ଧର୍ମକୁ ଆପଣାଇବା ଦ୍ୱାରା ସହଜ ହୋଇ ପାରିଥାଏ। ଆଧୁନିକ ଜୀବନଶୈଳୀରେ ମଣିଷ ଏବେ ଅର୍ଥ ପଛରେ ଧାଉଁଛି, ଯାହାକି ରୋଗର ମୁଖ୍ୟ କାରଣ ପାଲଟୁଛି। ଆଧୁନିକ ଜୀବନଶୈଳୀରେ ଧ୍ୟାନ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ। ସୁସ୍ଥ ଜୀବନ ସମେତ ରୋଗମୁକ୍ତ ହେବାରେ ଏହି ଧ୍ୟାନ ବେଶ୍ ସହାୟକ ହୋଇଥାଏ। ମୁଖ୍ୟତଃ ଆଧୁନିକ ଜୀବନଶୈଳୀ ଆପଣାଇଥିବା ଲୋକ ଧ୍ୟାନ କରିବା ବହୁ ଜରୁରୀ।

**ପ୍ରଶ୍ନ: ସନାତନ ଧର୍ମକୁ ନେଇ କ'ଣ ବିଚାର ରହିଛି?**
ଉତ୍ତର: ସନାତନ ଧର୍ମ ହେଉଛି ଶାନ୍ତିର ପ୍ରତୀକ। ଏହା ଆପଣାଇବା ଦ୍ୱାରା ଜୀବନ ଶୃଙ୍ଖଳିତ ହୋଇଥାଏ। ସନାତନ ଧର୍ମ ଦ୍ୱାରା ହିଁ ବିଶ୍ୱର ସୃଷ୍ଟି। ସନାତନ ଧର୍ମ ନେଇ ଜୀବନ ବିତାଇବାରେ କେବଳ କଲ୍ୟାଣ ପ୍ରାପ୍ତ ହୋଇଥାଏ।

**ପ୍ରଶ୍ନ: ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ହେଉଥିବା ଅତ୍ୟାଚାର ନେଇ କ'ଣ କହିବେ?**
ଉତ୍ତର: ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ହୋଇଥିବା ଅତ୍ୟାଚାର ଗ୍ରହଣୀୟ ନୁହେଁ। ଏଭଳି ପରିସ୍ଥିତି କେବଳ ରାଜନେତାଙ୍କ ଯୋଗୁ ଉପୁଜିଛି। ବିଶ୍ୱକୁ ରାଜନେତାମାନେ ନିଜ କୁଚକ୍ରାନ୍ତରେ ନଷ୍ଟ କରିବାରେ ବ୍ୟସ୍ତ ରହିଛନ୍ତି। ଏଭଳି ଭେଦଭାବନା ମଣିଷ ନିଜ ମନରୁ ହଟାଇବା ଆବଶ୍ୟକ। ମହାତ୍ମା ଗାନ୍ଧୀଙ୍କ ମାର୍ଗଦର୍ଶନରେ ମଣିଷ ଚାଲିବା ଆବଶ୍ୟକ।

**ସାକ୍ଷାତକାର – ଶିଳ୍ପା ପ୍ରିୟଦର୍ଶିନୀ**

# ମହାକୁମ୍ଭ ଏକତାର ମହାଯଜ୍ଞ

## ପ୍ରୟାଗରାଜରେ ୫,୫୦୦ କୋଟିର ପ୍ରକଳ୍ପ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ମହାକୁମ୍ଭ ମେଳାର ଅଂଶବିଶେଷ ଭାବେ ଗଙ୍ଗା ଓ ଯମୁନା ନଦୀର ମିଶ୍ରଣ ସ୍ଥଳ ସଂଗମଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂଜାର୍ଚ୍ଚନା କରୁଛନ୍ତି। ପାଖରେ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀ ବେନ୍ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ଅଛନ୍ତି।

**ପ୍ରୟାଗରାଜ,୧୩।୧୨(ପି.ଟି.)**

ମହାକୁମ୍ଭ ୨୦୨୫ ହେଉଛି 'ଏକତାର ମହାଯଜ୍ଞ', ଯାହାକି ଦେଶର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରିଚୟକୁ ଏକ ନୂତନ ଉଚ୍ଚତାକୁ ନେଇଯିବ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଛନ୍ତି। ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ମେଳା ଆୟୋଜନ ପୂର୍ବରୁ ଅନେକ ପ୍ରକଳ୍ପର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଭିନ୍ନ ସମୁଦାୟର ଆର୍ଥିକ ସଶକ୍ତୀକରଣ ଓ ସାମାଜିକ ସହାବସ୍ଥାନକୁ ପ୍ରୋତ୍ସାହନ ଦେବାରେ ଏହି କାର୍ଯ୍ୟକ୍ରମ ବିଶେଷ ଗୁରୁତ୍ୱ ବହନ କରେ। ଏହି ଅବସରରେ ସେ ୫,୫୦୦ କୋଟି ଟଙ୍କା ମୂଲ୍ୟର ୧୬୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ତନ୍ମଧ୍ୟରେ ରହିଛି କୁମ୍ଭମେଳାରେ ଯୋଗଦେବାକୁ ଥିବା ଶ୍ରଦ୍ଧାଳୁଙ୍କ ପାଇଁ ଉଦ୍ଦିଷ୍ଟ ଏଆଇ ଭିତ୍ତିକ ଯୋଗାଯୋଗ ପ୍ଲାଟ୍‌ଫର୍ମ 'ସହାୟକ ଚାଟ୍‌ବୋଟ୍', ୧,୬୧୦ କୋଟି ଟଙ୍କା ବ୍ୟୟରେ ୯ଟି ରେଳ ଷ୍ଟେଶନର ଉନ୍ନତୀକରଣ, ୧,୩୬୭ କୋଟି ଟଙ୍କାରେ ୬୧ ସଡ଼କର ପ୍ରଶସ୍ତୀକରଣ ଏବଂ ୧,୧୭୦ କୋଟି ଟଙ୍କା ବ୍ୟୟରେ ୧୦ ଆର୍‌ଓବି ଫ୍ଲାଇଓଭର ନିର୍ମାଣ। ସେହିପରି ସ୍ୱରେଜ୍ ନେଟ୍‌ୱର୍କ, ପାନୀୟଜଳ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କରକମଳରେ ଲୋକାର୍ପିତ ହୋଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIREMENT
For a Construction site in Bhubaneswar
SITE ENGINEER
(Drainage & Road experienced only)
(3 to 5 Yrs. experienced)
Ph.: 7381207777

WANTED
ପ୍ରତିଷ୍ଠିତ SHRIRAM ଗ୍ରୁପ ର ମୋଟର ବୀମା ମାର୍କେଟିଂ ଗ୍ରୁପ ପାଇଁ ଅଟୋମୋବାଇଲ୍ କିମ୍ବା ସାଧାରଣ ବୀମା ଶିଳ୍ପରେ ଅଭିଜ୍ଞତା ଥିବା Business Development Managers ଆବଶ୍ୟକ। Salary as per the Industry. ସ୍ଥାନ: ସମ୍ବଲପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, ବରଗଡ଼, ଭୁବନେଶ୍ୱର, କେନ୍ଦୁଝର, ରାଉରକେଲା, ଅନୁଗୁଳ, ଭବାନୀପାଟଣା, ଜୟପୁର
Send your CV at resume@skiretail.in and jpmisra@skiretail.in, Call : 9437064772

URGENTLY REQUIRED
Ayurvedic Physiotherapy ପାଇଁ (ମହିଳା / ଝିଅ) therapist ଆବଶ୍ୟକ। ବୟସ ୧୮ ରୁ ୪୦, ଦରମା - ୮୦୦୦/- ଅଛି। ଶିଘ୍ର ଯୋଗାଯୋଗ କରନ୍ତୁ।
Contact : 6372825052

WANTED
Work from home: Reputed Real Estate organisation Wanted Sales Executive (Male/ Female) on Commission Basis for Buy or Sale Property in Bhubaneswar/ Cuttack/ Puri. WhatsApp your Biodata to
8984071303

See Career Appointment on every Wednesday & Saturday

ଆବଶ୍ୟକ/WANTED
1. କାର୍ ଡ୍ରାଇଭର/CAR/SUV Driver for Bhubanewar
2. Accounts Assistant: Must have Tally knowledge for Balasore.
Contact:
MASTERCHEF EXPORTS, B-36, Saheed Nagar, Rupali Square, Bhubaneswar
ଯୋଗାଯୋଗ/Contact:
9439364771 / 6371486881

## ଶକ୍ତି, ନମ୍ରତା, ଆଶାର ପ୍ରତୀକ ନାରୀ: ଧର୍ମେନ୍ଦ୍ର



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

**ଭୁବନେଶ୍ୱର, ୧୩।୧୨(ସୁନିତ୍ ମିଶ୍ର)**

ନାରୀ ହେଉଛନ୍ତି ଶକ୍ତି, ନମ୍ରତା ଏବଂ ଆଶାର ପ୍ରତୀକ। ଭାରତୀୟ ସଭ୍ୟତାରେ ମହିଳାମାନଙ୍କୁ ସମ୍ମାନଦେବା ଓ ସେମାନଙ୍କ ସହ ଉତ୍ତମ ବ୍ୟବହାର କରିବାର ଅନ୍ତର୍ନିହିତ ମୂଲ୍ୟବୋଧ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ୟୁଜିସି ଦ୍ୱାରା ଶୁକ୍ରବାର ଆୟୋଜିତ ମହିଳା ନେତ୍ରୀମାନଙ୍କ ପାଇଁ ଦିନିକିଆ କର୍ମଶାଳାକୁ ଉଦ୍‌ଘାଟନ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଉଭା ହେଉଥିବା ନୂତନ ବିଶ୍ୱ ବ୍ୟବସ୍ଥା ଜ୍ଞାନ ଦ୍ୱାରା ପରିଚାଳିତ ହେବ। ବର୍ତ୍ତମାନ ସମୟରେ ମହିଳାମାନେ ଅନେକ ବାଧାବିଘ୍ନକୁ ସାମ୍ନାକରି ଆଗକୁ ବଢୁଛନ୍ତି। ସବୁ କ୍ଷେତ୍ରରେ ମହିଳାଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରାଯିବା ଜରୁରୀ। ଗତ ୧୦ ବର୍ଷରେ ମୋଦି ସରକାର ମହିଳାଙ୍କ ନେତୃତ୍ୱାଧୀନ ବିକାଶରେ ପରିବର୍ତ୍ତନ ଆଣିବା ଦିଗରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଦିଗରେ ନାରୀ ଶକ୍ତି ଅଧିକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ମହିଳାଙ୍କ ସମାନତା ଓ ସଶକ୍ତୀକରଣ ହିଁ ଆମ ସମାଜ ଓ ରାଷ୍ଟ୍ରକୁ ସଶକ୍ତ କରିପାରିବ। ଆମକୁ ମହିଳାଙ୍କ ପାଇଁ ଏପରି ଏକ ମଡେଲ ସୃଷ୍ଟି କରିବାକୁ ହେବ, ଯାହାଦ୍ୱାରା ମହିଳାମାନେ ସ୍ୱଇଚ୍ଛାରେ ସବୁ ନିଷ୍ପତ୍ତି ନିଜେ ନେଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। କର୍ମଶାଳାରେ ହୋଇଥିବା ଆଲୋଚନା ଏବଂ ଅନେକ ବ୍ୟକ୍ତିବିଶେଷଙ୍କ ଅଭିଜ୍ଞତା ଆଦାନ ପ୍ରଦାନରେ ଏକ ରୋଡ୍ ମ୍ୟାପ୍ ପ୍ରଦାନ କରିବ। ଏହି ଅବସରରେ କେନ୍ଦ୍ର ଉତ୍ତର-ପୂର୍ବାଞ୍ଚଳ ଶିକ୍ଷା ଓ ବିକାଶ ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ମଧ୍ୟ ଉପସ୍ଥିତ ଥିଲେ।

ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
MCL
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in
ସନ୍ଦର୍ଭ ସଂଖ୍ୟା: MCL/GM(KA)/2024/ ତା.07.12.2024ରିଖ
ଛଅ ମାସର ଅବଧି ନିମନ୍ତେ ରାଜସ୍ୱ କର୍ମଚାରୀଙ୍କ ସେବାଜନିତ ନିଯୁକ୍ତି ପାଇଁ ବିଜ୍ଞପ୍ତି/ବିଜ୍ଞାପନ
କଣିହା ଏରିଆ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ନିମ୍ନବର୍ଣ୍ଣିତ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଛଅ (୬) ମାସ ଅବଧି ନିମନ୍ତେ ସାନ୍ତ୍ୱନାମୂଳକ ପାରିଶ୍ରମିକ ଭିତ୍ତିରେ ନିଯୁକ୍ତିଜନିତ ସେବା ପାଇଁ ଦରଖାସ୍ତ ଆହ୍ୱାନ କରୁଛି। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି, ଯାହାକି ତା.୨୨.୧୨.୨୦୨୪ରିଖ ସୁଦ୍ଧା କିମ୍ବା ତା' ପୂର୍ବରୁ ମହାପ୍ରବନ୍ଧକ, କଣିହା ଏରିଆ, ଏମ.ସି.ଏଲ, ପୋଷ୍ଟ-କଣିହା, ଜିଲ୍ଲା-ଅନୁଗୁଳ, ଓଡ଼ିଶା-୭୫୯୧୧୭ଙ୍କ କାର୍ଯ୍ୟାଳୟରେ ନିଶ୍ଚିତ ଭାବେ ପହଞ୍ଚି ପାରୁଥିବା ଆବଶ୍ୟକ।

| କ୍ରମ ସଂ. | ପଦ ର ନାମ | ସାନ୍ତ୍ୱନାମୂଳକ ପାରିଶ୍ରମିକ (ମାସିକ) | ଆବଶ୍ୟକ କର୍ମଚାରୀ ସଂଖ୍ୟା |
|---|---|---|---|
| 1. | ଅମିନ | ₹15,000.00 (ମାସିକ) | 03 |

ଦରଖାସ୍ତ ଫର୍ମ, ଯୋଗ୍ୟତା ମାନଦଣ୍ଡ, ବୟସ, ଦରଖାସ୍ତ ଗ୍ରହଣ କରାଯିବାର ଅନ୍ତିମ ତାରିଖ ଏବଂ ଅନ୍ୟ ନିୟମ ତଥା ସର୍ତ୍ତାବଳୀ ସମ୍ବନ୍ଧୀୟ ବିସ୍ତୃତ ବିଜ୍ଞାପନ/ବିଜ୍ଞପ୍ତି ଏମ୍‌ସିଏଲ୍ ୱେବ୍‌ସାଇଟ୍ www.mahanadicoal.in "କ୍ୟାରିୟର" ସେକ୍ସନରେ ଖୁବ୍‌ଶୀଘ୍ର ଉପଲବ୍ଧ ହୋଇପାରିବ। ସବୁ ଦୃଷ୍ଟିରୁ ସଂପୂର୍ଣ୍ଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.୨୨.୧୨.୨୦୨୪ରିଖ ସୁଦ୍ଧା ଡାକ ଦ୍ୱାରା ଦାଖଲ କରାଯାଇ ପାରିବ। ଏ ସମ୍ପର୍କିତ କୌଣସି ପ୍ରକାର ସଂଯୋଗପତ୍ର/ଶୁଦ୍ଧିପତ୍ର କେବଳ ଏମ୍‌ସିଏଲ୍ ୱେବ୍‌ସାଇଟ୍ ଏବଂ ଏରିଆ ସୂଚନା ଫଳକରେ ଦେଖାଯାଇ ପାରିବ।
ସ୍ୱା/-
ମହାପ୍ରବନ୍ଧକ,
କଣିହା ଏରିଆ, ଏମ୍‌ସିଏଲ
R-5231

OFFICE OF THE ADDL. DISTRICT URBAN PUBLIC HEALTH OFFICER, CUTTACK
NATIONAL HEALTH MISSION, ODISHA
DEPARTMENT OF HEALTH & FAMILY WELFARE
GOVERNMENT OF ODISHA
Advt. No. 2956/CPMU/NUHM/CTC-43/2024 Date: 13.12.2024
CONTRACTUAL APPOINTMENT
Applications are invited from eligible candidates for filling of vacancies of different categories of posts under City Health Society, National Urban Health Mission, Cuttack. The post is contractual and for a period of 11 months, with monthly remuneration as noted against each post and subject to renewal as per society norms based on the performance and subject to continuance of the programme. Lower age limit for all the positions is 21 years as on Dtd.01.12.2024.

| Sl. No. | Name of the Post | No. of Vacancy | Remuneration in Rs. Per Month |
|---|---|---|---|
| 1 | Programme Assistant, Urban Health | 1 | Rs.25,328/- + PI |

Interested candidates may log on to **https://cmccuttack.odisha.gov.in** for details (Vacancies, terms and conditions & application form etc.). Eligible candidates fulfilling the eligibility criteria are to apply in the prescribed application form "Superscribed for the post applied for" to the undersigned by Regd. Post/Speed Post/Courier on or before 20.01.2025 with all relevant documents. The undersigned is not responsible for any postal delay. Application received after due date will be rejected. The envelope containing the application should be superscribed clearly with the name of the post applied for. **Number of Vacancies shown above are provisional and it may change at the time of actual appointment/Posting.** Time to time notification regarding status of selection process will be web hosted in district website. The undersigned reserves the right to cancel/reject any or all the applications without assigning any reason thereof.
Sd./- Addl. District Urban Public Health Officer, Cuttack

HDFC BANK
We understand your world
AUCTION SALE NOTICE
The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.
**The auction will be conducted at the below mentioned branch/s on 23-DEC-2024 from 02:30 PM onwards. In the event the auction of any pledged security cannot be conducted or concluded on the date mentioned, Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 74540750 | SANJAY KUMAR RATH | 32100 | HDFC BANK LTD, 7 AND 8 CUTTACK PURI ROAD JHARPARA NEAR FLYOVER BHUBANESWAR ODISHA 751006 |
| 2 | 74572719 | PRABHAT CHANDRA BARIK | 52000 | HDFC BANK LTD, BARBIL JODA HIGHWAY BARBIL ODISHA 758035 |
| 3 | 74517504 | MANAS RANJAN MAHAKUD | 21600 | |
| 4 | 74276004 | DAYANIDHI NAHAK | 86000 | HDFC BANK LTD,BHABA NAGAR SQUARE, BRAHMAPUR, DIST - GANJAM, BRAHMAPUR, ODISHA |
| 5 | 74399567 | NIGAMANANDA MOHANTY | 81000 | HDFC BANK LTD, BUSINESS PARK FIRST FLOOR C111-SAHEEDNAGAR ODISHA 751007 |
| 6 | 75205946 | NIRANJAN MALLICK | 33900 | HDFC BANK LTD, DURGA BAZAR, P.O.JAGATSINGHAPUR, JAGATSINGHAPUR, ODISHA |
| 7 | 74530208 | KUMODINI KISAN | 25900 | HDFC BANK LTD, DURGA COMPLEX, JHARSUGUDA, JHARSUGUDA, ODISHA |
| 8 | 74534348 | ANIL KUMAR MALLICK | 61200 | HDFC BANK LTD, GANESH TALKIES SQUARE, DIST - PURI, NIMAPARA, ODISHA |
| 9 | 74553081 | MANOJ NAYAK | 19500 | |
| 10 | 74557210 | JHARANA KESHI | 39200 | HDFC BANK LTD, GHASIPURA, DIST-KEONJHAR, ANANDPUR, ODISHA |
| 11 | 75356067 | KILLI SANKARI | 326000 | HDFC BANK LTD, GROUND & FIRST FLOOR , PLOT NO-2367/2453 , AT/PO- PARLAKHEMUNDI, BESIDE RAJA PALACE |
| 12 | 74877651 | JYOTIRANJAN PRADHAN | 51000 | HDFC BANK LTD, GROUND FLOOR, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR, KHORDHA, ODISHA - 751020 |
| 13 | 74596315 | ANANDA NAIK | 72000 | HDFC BANK LTD, HATATOTA MAIN RD TALCHER ODISHA 759100 |
| 14 | 73963637 | RAGHUNATH BHUYAN | 150000 | HDFC BANK LTD, JEYPORE MAIN ROAD NEAR NH INSPECTION BUNGALOW KORAPUT JEYPORE ODISHA 764001 |
| 15 | 75278781 | RAJENDRA KUMAR MAHARANA | 100000 | |
| 16 | 74508503 | RAMESH MAHANTA | 47000 | HDFC BANK LTD, KALINGA NAGAR, PO DUBURI, DIST-JAJPUR, JAJPUR, ODISHA |
| 17 | 75400813 | MANASI MALIK | 24800 | |
| 18 | 75284295 | BHIKARI GAUDA | 52400 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM, ASIKA, ODISHA |
| 19 | 75174383 | BHARAT MAHARANA | 35700 | |
| 20 | 74534336 | GOBINDA CHANDRA SWAIN | 252000 | HDFC BANK LTD, MAHIPAL KENDRAPARA ODISHA 754211 |
| 21 | 74230145 | SOMANATHA SAMAL | 56200 | |
| 22 | 74559890 | RAJ KUMAR PANDA | 28600 | |
| 23 | 74047045 | KALANDI CHANDRA PARIDA | 19200 | |
| 24 | 74551412 | MANASMITA DAS | 18300 | |
| 25 | 74543278 | RABINARAYAN RAUTA | 251000 | HDFC BANK LTD, MAIN ROAD, DISTRICT-GANJAM, BHANJANAGAR, ODISHA |
| 26 | 75272266 | SANDHYA SWAIN | 80400 | |
| 27 | 74556590 | SUNITA GOUDA | 70000 | |
| 28 | 74661777 | JAJNYASENI GOUDA | 47900 | |
| 29 | 74553041 | ABHISEK PANDAB | 199700 | HDFC BANK LTD, MAIN ROAD, GOSANINUAGAON, BRAHMAPUR, ODISHA., BERHAMPUR, ODISHA |
| 30 | 75388835 | SANTOSH KUMAR ALATIA | 154000 | |
| 31 | 74567256 | SUSANTA GOUDA | 151000 | |
| 32 | 75520046 | SANTOSH KUMAR ALATIA | 76000 | |
| 33 | 75296564 | PRAKASH CHANDRA DAS | 45000 | |
| 34 | 74523329 | VJAGADISH KUMAR RAO | 24900 | |
| 35 | 74556120 | BHABENDU PRASAD RANA | 71000 | HDFC BANK LTD, MANIKESWARI CHOWK, DISTT - KALAHANDI, BHAWANIPATNA, ODISHA |
| 36 | 74522192 | PRAMILA SABAR | 22800 | |
| 37 | 74291031 | RAGHUNATH GEMEL | 106800 | HDFC BANK LTD, NALCO BIJU PATTNAIK CHOWK KORAPUT DAMANJODI ODISHA 763008 |
| 38 | 75344267 | ANDI FLOWER BAGH | 94500 | |
| 39 | 74517343 | JOGENDRA SAHOO | 19500 | HDFC BANK LTD, NEAR NEW BUS STAND, DIST-SUNDARGARH, BIRAMITRAPUR, ODISHA |
| 40 | 74551375 | PADMANAV SISA | 111500 | HDFC BANK LTD, NEAR R.T.O OFFICE, N.H-26, KORAPUT, ODISHA |
| 41 | 75384711 | SOMANATH KUMBHAR | 61000 | |
| 42 | 74564353 | SANJU NAYAK | 50000 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH, ODISHA |
| 43 | 73575664 | LIPIMAYEE MOHAPATRA | 19700 | HDFC BANK LTD, P.S AND P.O SALEPUR MAIN ROAD, SALEPUR, DIST - CUTTACK, SALEPUR, ODISHA |
| 44 | 75424977 | SOUBHAGYA GOUDA | 472000 | HDFC BANK LTD, PAKALAVARI STREET CITY POST OFFICE ROAD BRAHMAPORE ODISHA 742101 |
| 45 | 74523757 | SAHEB GOUDA | 30000 | |
| 46 | 75393417 | CHITA RANJAN PATRA | 141000 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR, ODISHA |
| 47 | 74892601 | SANJAY PATRA | 114700 | |
| 48 | 74186452 | SOUMYAJIT MOHAPATRA | 74500 | |
| 49 | 75223323 | PANKAJINI PUHAN | 55000 | |
| 50 | 74617821 | SHYAMA KUMAR SWAIN | 23400 | HDFC BANK LTD, PLOT NO—239/2048/2323,GROUND FLOOR, AT-BALIABADI,NEAR NEW BUS STAND,ADJECENTS TO INDIAN OVERSEAS BANK,CITY-KHORDHA, DIST -KHORDHA,ODISHA |
| 51 | 75446751 | RAJA BARIK | 20800 | HDFC BANK LTD, R K TOWERS, DAILY MARKET, BOLANGIR, ODISHA |
| 52 | 74519691 | EKALABYA KARUAN | 36100 | HDFC BANK LTD, RAJIV GANDHI CHOWK, DIST - KALAHANDI, KESINGA, ODISHA |
| 53 | 75461307 | SANATAN PRUSTY | 87300 | HDFC BANK LTD, S. N. PLAZA, N.H. - 5, NEULPUR, CHANDIKHOL, ODISHA |
| 54 | 74155830 | DINESH KUMAR DAS | 75400 | |
| 55 | 73585617 | TUSHAR RANJAN DASH | 57000 | |
| 56 | 74894260 | PRIYANKA PANDA | 35000 | HDFC BANK LTD, VIP PLAZA VIP ROAD PURI 752001 |
| 57 | 74543263 | ABID HUSSAIN | 56600 | HDFC BANK LTD,1ST FLOOR DWIVEDI BHAWAN SQUARE BISRA ROAD ROURKELA 769001 |
| 58 | 74529526 | JAY KUMAR SONKAR | 50500 | |
| 59 | 74539730 | ANJAN KUMAR NAIK | 49100 | HDFC BANK LTD,AT-KANDASARA, PO-NALCO NAGAR, NEAR SBI BANK, DIST-ANGUL, ANGUL, ODISHA |
| 60 | 75282396 | RESHMA JAMUDA | 76800 | HDFC BANK LTD,BYPASS SQAURE, CHORDHA, JAIPUR MAIN ROAD, JAJPUR, ODISHA |
| 61 | 75276670 | MANASH KUMAR JENA | 51550 | HDFC BANK LTD,GROUND AND FIRST FLOOR, PANCHAYAT SAMITI, DHARMASALA, AT/PO. - JARAKA, ODISHA |
| 62 | 75246829 | ANISH HUSSAIN | 47200 | HDFC BANK LTD,GROUND FLOOR PLOT NO- 447 BHAGWAN TRADE CENTER PARADEEP ODISHA 754142 |
| 63 | 75203934 | ANIL KUMAR BEHERA | 11500 | HDFC BANK LTD,GROUND FLOOR, OPP. MINOR IRRIGATION OFFICE, DIST-SAMBALPUR, KUCHINDA, ODISHA |
| 64 | 75280238 | ASHIRBADA LENKA | 51177 | HDFC BANK LTD,JAGANNATH ROAD, NEAR HOTEL SURYA, DHENKANAL, DHENKANAL, ODISHA |
| 65 | 74565295 | DIBAKAR SAHOO | 50000 | |
| 66 | 74525773 | AJIT KUMAR PADHAN | 36000 | |
| 67 | 74571261 | AJAYA KUMAR SAHOO | 30000 | |
| 68 | 75292742 | PRAFULLA KUMAR NAYAK | 40000 | HDFC BANK LTD,MAIN ROAD, BALISIRA, GUNTHA PADA, DIST. GANJAM., BHANJANAGAR, ODISHA |
| 69 | 74557370 | SABITRI BEHERA | 12400 | HDFC BANK LTD,PLOT NO 381/5/A & 381/5/C, UNIT-3, JANPATH, KHARVEL NAGAR, BHUBNESWAR, BHUBANESWAR, ODISHA |
| 70 | 75421907 | ANIL KUMAR DEEP | 57200 | HDFC BANK LTD,UPPER GROUND FLOOR, JAIN SHOPPING COMPLEX, OPP.TITLAGARH MUNICIPALITY OFFICE, TITLAGARH, ODISHA |
| 71 | 74564173 | KUSUM YADAV | 70500 | HDFC BANK LTD,WARD NO 10. GROUND FLOOR, OPP RAM MANDIR, POST OFFICE-JONK, KHARIAR ROAD, NUAPADA, NUAPADA, ODISHA |
| 72 | 74805297 | KUMAR SUBRAT | 210000 | HDFC BANK LTD. GROUND FLOOR, AT- BRAJA NAGAR, FIRST LANE, LUCHAPADA ROAD, NEAR RADIO STATION, BRAHMAPUR, DIST. GANJAM, ODISHA |
| 73 | 75402754 | PRATIBHA PRADHAN | 70000 | |
| 74 | 74533521 | RUPENDRA SETH | 101900 | HDFC BANK LTD. GROUND FLOOR, NEAR ILA MEDICAL STORE, OPP. MANAPPURAM GOLD LOAN, SHANTIPARA, DIST. BOLANGIR, ODISHA |
| 75 | 75357642 | LAKSHYARAM BAG | 30800 | HDFC BANK LTD. GROUND FLOOR, OPP. BLOCK OFFICE, DHARAMGARH, DIST. KALAHANDI, ODISHA |
| 76 | 73583382 | DEEPAK KUMAR PRADHAN | 59797 | HDFC BANK LTD. GROUND FLOOR, POKHARIAPADA, AT/PO-PATTAMUNDAI DIST : KENDRAPADA, ODISHA |
| 77 | 75377208 | SMRUTI RANJAN PARIDA | 35000 | |
| 78 | 74506534 | PRAMOD DALAI | 91000 | HDFC BANK LTD. MAIN ROAD, BALUGAON. NEAR RELIANCE TRENDS BALUGAON, ODISHA |
| 79 | 74567376 | GAYATRI BISHOI | 28000 | |
| 80 | 74565283 | NABAKISHOR SENAPATI | 25000 | |
| 81 | 74796440 | CHINMAYA KUMAR BARIK | 129900 | HDFC BANK LTD. PURNA GOURI MARKET COMPLEX AT MATHA SAHI, DAHANI GADIA, BHADRAK, ODISHA. |
| 82 | 75415659 | SANJAYA MALLICK | 93800 | |
| 83 | 74553419 | ANIMA PATRA | 45000 | |
| 84 | 75262498 | ABANTI MALA KHURA | 168900 | HDFC BANK LTD., GROUND FLOOR, NEAR SARASWATI SIHU MANDIR, DIST. NABARANGAPUR, ODISHA |
| 85 | 74108222 | RANJIT DAS | 49100 | HDFC BANK LTD., GROUND FLOOR, PLOT NO 2187, S.N. COLONY ROAD, P.S. CHANDABALI, DIST BHADRAK, BHADRAK, ODISHA |
| 86 | 75255653 | KARISMA BEHERA | 47600 | |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.
Date : 14/12/2024,
Place : ODISHA
Sd/- Authorized Officer,
HDFC BANK LTD.

## ଶକ୍ତି ସଂରକ୍ଷଣ ଜରୁରୀ

### ଜାତୀୟ ଶକ୍ତି ସଂରକ୍ଷଣ ଦିବସ



ଶକ୍ତି ସଙ୍କଟ ଭାରତରେ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି। ଏହାର ସମାଧାନ ପାଇଁ ଉଭୟ ସରକାର ଏବଂ ଜନସାଧାରଣ ଉଦ୍ୟମ କରୁଛନ୍ତି। ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଡିସେମ୍ବର ୧୪ରେ ପାଳନ କରାଯାଏ। ଶକ୍ତି ସଂରକ୍ଷଣର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା, ଶକ୍ତି ଉତ୍ସକୁ ସଠିକ ଭାବରେ ବ୍ୟବହାର କରିବା ଏବଂ ଶକ୍ତି ସଞ୍ଚୟ ପ୍ରତି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିନଟି ବିଶେଷ ଭାବରେ ପାଳନ କରାଯାଏ। ଆମର ସୀମିତ ଶକ୍ତି ସମ୍ବଳ ଅଛି ଏବଂ ସେଗୁଡିକୁ ସଠିକ୍ ବ୍ୟବହାର କରିବା ଆମର ଦାୟିତ୍ୱ ବୋଲି ଏହି ଦିନରେ ପ୍ରତ୍ୟେକ ନାଗରିକଙ୍କୁ ସଚେତନ କରାଯାଇଥାଏ।

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ୧୯୯୧ ମସିହାରେ ଭାରତ ସରକାରଙ୍କ ଶକ୍ତିମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଦିନ ଆରମ୍ଭ କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ଶକ୍ତି ସଂରକ୍ଷଣ ଦିଗରେ ସଚେତନ କରାଇବା। ଭାରତରେ ଶକ୍ତି ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଛି। ଯଦି ଏହା ସଠିକ ଭାବରେ ପରିଚାଳିତ ହୁଏ ନାହିଁ, ଭବିଷ୍ୟତରେ ଶକ୍ତି ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିବ। ଶକ୍ତି ମନ୍ତ୍ରଣାଳୟ ଏହି ଦିନ ପାଳନ କରିବାକୁ ନିଷ୍ପତ୍ତି ନେଇଛି, ଯାହା ଦ୍ୱାରା ଲୋକମାନେ ଶକ୍ତିର ମହତ୍ତ୍ୱ ବୁଝିପାରିବେ ଏବଂ ଏହାର ସଠିକ ଉପଯୋଗ କରିବାକୁ ଚେଷ୍ଟା କରିବେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୱାଲ୍‌ଟନ୍ସ ବିଶ୍ୱର ଶ୍ରେଷ୍ଠ ଧନୀ ପରିବାର

## ୮ମ ସ୍ଥାନରେ ଅମ୍ବାନୀ ପରିବାର

ନୂଆଦିଲ୍ଲୀ,୧୩।୧୨ (ଅଭୟ ଦାଶ)



ବିଶ୍ୱ ଧନୀ ପରିବାର ତାଲିକାର ୮ମ ସ୍ଥାନରେ ଥିବା ଅମ୍ବାନୀ ପରିବାର।

ପ୍ରତିବର୍ଷ ଭଳି ଚଳିତବର୍ଷର ଶେଷ ସମୟରେ ବିଶ୍ୱର ଶ୍ରେଷ୍ଠ ଧନୀ ପରିବାରର ତାଲିକା ରେଟିଂ ଏଜେନ୍ସି ତଥା ବ୍ଲୁମବର୍ଗସ୍‌ର ୱାର୍ଲ୍ଡ ରିଚିଏଷ୍ଟ ଫ୍ୟାମିଲିଜ୍-୨୦୨୪ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ତାଲିକା ଅନୁଯାୟୀ ଆମେରିକାର ବିଶିଷ୍ଟ ବ୍ୟବସାୟୀ ତଥା ୱାଲ୍‌ମାର୍ଟ ଗ୍ରୁପର ମାଲିକ ସାମ୍ ୱାଲ୍‌ଟନ ଏବଂ ଦି ୱାଲ୍‌ଟନ୍ସ ଅଫ ୱାଲ୍‌ମାର୍ଟ (ୟୁଏସ) ପରିବାର ବିଶ୍ୱର ଏକ ନମ୍ବର ଧନୀ ପରିବାରର ମାନ୍ୟତା ପାଇଥିବା ଜଣାପଡ଼ିଛି। ଏପରି କି ୪୩୨.୪ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତିର ମାଲିକ ୱାଲ୍‌ଟନ୍ସ ପରିବାର ବିଶ୍ୱର ଶ୍ରେଷ୍ଠ ବା ଏକ ନମ୍ବର ଧନୀ ପରିବାରର ମାନ୍ୟତା ପାଇଥିଲା ବେଳେ ଭାରତର ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିର ମାଲିକ ମୁକେଶ ଅମ୍ବାନୀଙ୍କ ଅମ୍ବାନୀ ପରିବାର ୯୯.୬ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ସହ ବିଶ୍ୱର ୮ମ ଧନୀ ପରିବାର ଭାବେ ସ୍ୱୀକୃତି ଲାଭ କରିଛନ୍ତି। ସେହିଭଳି ଭାରତର ଅନ୍ୟତମ ପ୍ରମୁଖ ବ୍ୟବସାୟୀ ପ୍ରତିଷ୍ଠାନ ସାପୁରଜିପାଲନଜି ଗ୍ରୁପ୍‌ର ମାଲିକ ତଥା ମିସ୍ତ୍ରୀ ପରିବାର ୪୧.୪ ବିଲିୟନ ଡଲାର ସହ ତାଲିକାର ୨୩ତମ ସ୍ଥାନରେ ରହିଛନ୍ତି।

ଉଲ୍ଲେଖଯୋଗ୍ୟ, ବ୍ଲୁମବର୍ଗସ୍‌ର ୱାର୍ଲ୍ଡ ରିଚିଏଷ୍ଟ ଫ୍ୟାମିଲିଜ୍-୨୦୨୪ ସୂଚୀରେ ଦି ୱାଲ୍‌ଟନ୍ସ ଅଫ ୱାଲ୍‌ମାର୍ଟ (ୟୁଏସ) ପରିବାର ଏକ ନମ୍ବର ସ୍ଥାନରେ ଥିଲାବେଳେ ୨ୟ ସ୍ଥାନରେ ଦି ଏଆଇ ନାୟାନ ଫ୍ୟାମିଲିଜ୍ (ୟୁଏଇ), ୩ୟ ସ୍ଥାନରେ ଦି ଏଆଇ ଥାନୀ ଫ୍ୟାମିଲିଜ୍ (କତାର), ୪ର୍ଥ ସ୍ଥାନରେ ଦି ହର୍ମସ ଫ୍ୟାମିଲିଜ୍ (ଫ୍ରାନ୍ସ) ଏବଂ ୫ମ ସ୍ଥାନରେ ଦି କୋଚ୍ ଫ୍ୟାମିଲିଜ୍ (ୟୁଏସ୍) ରହିଛନ୍ତି। ଅପରପକ୍ଷରେ ଏଲନ୍‌ମସ୍କ ବ୍ୟକ୍ତିଗତ ଭାବେ ବିଶ୍ୱର ଶ୍ରେଷ୍ଠ ଧନୀ ଭାବେ ପରିଗଣିତ ହେଉଛନ୍ତି।

# ୧.୨ଦିନରେ ୯୯.୦୪% ଦାବି ସମାଧାନ

ନୂଆଦିଲ୍ଲୀ,୧୩।୧୨

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସକୁ ନିକଟରେ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ଏପରି କି ୨୦୨୪ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କମ୍ପାନୀ ୯୯.୦୪% ଦାବି ସମାଧାନ କରିଥିବା ଜଣାପଡିଛି, ଯାହାକି ଶିଳ୍ପରେ ସର୍ବୋଚ୍ଚ ହୋଇଥିବାବେଳେ ଗୁରୁତ୍ୱପୂର୍ଣ୍ଣ ଭାବେ ଦାବି ସମାଧାନ କରିବା ପାଇଁ ହାରାହାରି ସମୟ ମାତ୍ର ୧.୨ ଦିନ ରହିଛି।

ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ମୁଖ୍ୟ ପରିଚାଳନା ଅଧିକାରୀ ଅମିଶ ବଙ୍କର କହିଛନ୍ତି, ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ମଧ୍ୟରେ ୯୯.୦୪%ର ଏକ ଦାବି ସମାଧାନ ଅନୁପାତ ଆମ ପାଖରେ ରହିଥିବାବେଳେ କାଗଜପତ୍ର ମିଳିଥିବା ଶେଷ ତାରିଖରୁ ଆମର ଯାଞ୍ଚ ହେଉ ନ ଥିବା ଦାବିଗୁଡ଼ିକର ହାରାହାରି ଦାବି ସମାଧାନ ସମୟ କେବଳ ୧.୨ ଦିନ ରହିଛି। ଏପରି କି ଦାବିଗୁଡ଼ିକ ହେଉଛି, ସତ୍ୟର ଚରମ ମୁହୂର୍ତ୍ତ ଏବଂ ଆମେ ପ୍ରତ୍ୟେକ ଦାବିକୁ ସର୍ବୋଚ୍ଚ ସମ୍ବେଦନଶୀଳତା ସହିତ ପରିଚାଳନା କରିଥାଉ। ଏହାବ୍ୟତୀତ ଆମେ ସମାନ ଅବଧିରେ ମୋଟ ୪୫୧କୋଟି ଟଙ୍କାରୁ ଅଧିକ ମୂଲ୍ୟର ମୃତ୍ୟୁଦାବିର ସମାଧାନ କରିଛୁ।

ଅପରପକ୍ଷରେ ଆମର 'କ୍ଲେମ୍ ଫର୍ ସ୍ୟୋର' ଅଭିଯାନ ଅଧୀନରେ ଆମେ ସମସ୍ତ କାଗଜପତ୍ର ଦାଖଲ କରିବା ପରେ କେବଳ ଗୋଟିଏ ଦିନରେ ଯୋଗ୍ୟ ଦାବିଗୁଡିକର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଉଛୁ। କ୍ରମାଗତ ଭାବେ ଆମର ଏକ ଶିଳ୍ପ ଅଗ୍ରଣୀ ଦାବି ସମାଧାନ ଅନୁପାତ ରହି ଆସିଛି। ଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଏହା ୯୭.୯୪% ଥିବାବେଳେ ୨ୟ ତ୍ରୈମାସିକରେ ଏହା ୯୮.୧୪% ଏବଂ ୩ୟ ତ୍ରୈମାସିକରେ ଏହା ୯୮.୫୨% ରହିଥିଲା ଏବଂ ୨୦୨୪ ଆର୍ଥିକ ବର୍ଷ ପାଇଁ ଏହି ଅନୁପାତ ୯୯.୧୭% ରହିଥିଲା।

# ଏଚ୍‌ସିଏଲ୍‌ଟେକ୍‌ର ନୂତନ ଅଭିଯାନ

ନୂଆଦିଲ୍ଲୀ,୧୩।୧୨

ଦେଶର ଏକ ପ୍ରମୁଖ ତଥା ବୈଶ୍ୱିକ ଟେକ୍ନୋଲୋଜି କମ୍ପାନୀ ଏଚ୍‌ସିଏଲ୍‌ଟେକ୍‌ର ନୂତନ ଅଭିଯାନ 'ଟେକ୍ ବି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହାର ଏହି କ୍ୟାରିୟର ପ୍ରୋଗ୍ରାମ 'ଟେକ୍‌ବି କାର୍ଯ୍ୟକ୍ରମ' ପାଇଁ ଆବେଦନ ଆରମ୍ଭ କରିଛି। ଯାହା ଦ୍ୱାଦଶ ଶ୍ରେଣୀ ପରେ ଆଶାୟୀ ଛାତ୍ରମାନଙ୍କୁ କ୍ୟାରିୟର ଆରମ୍ଭ କରିବାର ସୁଯୋଗ ଦେବ। ଏହି କାର୍ଯ୍ୟକ୍ରମ ଭାରତର ଯେକୌଣସି ପ୍ରାନ୍ତର ଛାତ୍ରମାନଙ୍କ ପାଇଁ ଖୋଲା ରହିଛି। ମନୋନୀତ ପ୍ରାର୍ଥୀମାନେ ଏଚ୍‌ସିଏଲ୍‌ଟେକ୍ ସହିତ ୧୨ ମାସ ତାଲିମ ନେଇଥାନ୍ତି। ପ୍ରଶିକ୍ଷଣକୁ ସଫଳତାର ସହିତ ସମାପ୍ତ କରିବା ପରେ ସେମାନଙ୍କୁ କମ୍ପାନୀଗୁଡ଼ିକରେ ପୂର୍ଣ୍ଣକାଳୀନ ଚାକିରି ଦିଆଯାଉଛି। ଏପରିକି ସେମାନେ ବିଟସ ପିଲାନି, ଆଇଆଇଟି କୋଟାୟମ, ଶସ୍ତ୍ର ୟୁନିଭର୍ସିଟି ଏବଂ ଆମିଟି ୟୁନିଭର୍ସିଟ ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ଅନ୍‌ଲାଇନ ପ୍ଲାଟଫର୍ମରେ ପାର୍ଟ ଟାଇମ୍ ଉଚ୍ଚଶିକ୍ଷା କରିପାରିବେ। ଏ ସମ୍ପର୍କରେ ଏଚ୍‌ସିଏଲ୍ ଟେକ୍‌ର ବରିଷ୍ଠ ଉପସଭାପତି ସୁବାରମଣ ବାଲସୁବ୍ରମଣ୍ୟନ କହିଛନ୍ତି, ୨୦୧୭ ପରଠାରୁ, ଟେକ୍‌ବି ପ୍ରୋଗ୍ରାମ ବହୁ ହଜାର ଛାତ୍ରୀଛାତ୍ରଙ୍କୁ ତାଲିମ, ଦକ୍ଷତା ବିକାଶ ଏବଂ ଅଗ୍ରଣୀ ବିଶ୍ୱ ବ୍ରାଣ୍ଡ ସହିତ ଯୋଡିଛି। ଏପରିକି ବିଭିନ୍ନ ପ୍ରୋଜେକ୍ଟରେ କାମ କରିବା ଏବଂ ସେମାନଙ୍କ ଶିକ୍ଷା ଜାରି ରଖିବାକୁ ଆବଶ୍ୟକ ସୁଯୋଗ ଯୋଗାଇ ଦେଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୧୩।୧୨

ଦିନକପରେ ପୁଣିଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରି କି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୪୩ (୮୪୩.୧୬) ପଏଣ୍ଟ ବଢି ୮୨,୧୩୩ (୮୨,୧୩୩.୧୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୨୦ (୨୧୯.୭୦) ପଏଣ୍ଟ ବୃଦ୍ଧି ଘଟି ୨୪,୭୬୮ (୨୪,୭୬୮.୩୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରି କି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ବେଦାନ୍ତ ଆଲୁମିନିୟମ୍‌ର ନୂଆ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୧୩।୧୨



ବେଦାନ୍ତ ଲିମିଟେଡ୍‌ର ପ୍ରମୁଖ କମ୍ପାନୀ ତଥା ବେଦାନ୍ତ ଆଲୁମିନିୟମ୍‌କୁ ନିକଟରେ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ଏପରି କି ଶକ୍ତି ସଂରକ୍ଷଣ ଓ ଅକ୍ଷୟ ଶକ୍ତି ବ୍ୟବହାର ଏବଂ ଗ୍ରୀନ୍ ହାଉସ୍ ଗ୍ୟାସ୍ ବା ଜିଏଚ୍‌ଜି ନିର୍ଗମନକୁ ହ୍ରାସ କରିବା କ୍ଷେତ୍ରରେ କମ୍ପାନୀ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଉଲ୍ଲେଖଯୋଗ୍ୟ, ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ) ଦ୍ୱାରା ଆରମ୍ଭ ହୋଇଥିବା ଶକ୍ତି ସଂରକ୍ଷଣ ସପ୍ତାହରେ ବେଦାନ୍ତ ଆଲୁମିନିୟମ୍‌କୁ ଏହି ନୂଆ ସଫଳତା/ମାଇଲଖୁଣ୍ଟ ପ୍ରାପ୍ତ ହୋଇଛି। ଏପରି କି ଉଦ୍ଭାବନମୂଳକ ପଦକ୍ଷେପ ମାଧ୍ୟମରେ ଶକ୍ତି ଦକ୍ଷତା ବୃଦ୍ଧି ଏବଂ ଜିଏଚ୍‌ଜି ନିର୍ଗମନକୁ ହ୍ରାସ କରି କମ୍ପାନୀ ୧.୩ ମିଲିୟନ ଗିଗା ଜୁଲେସ୍ (ଜିଜେ) ଶକ୍ତି ସଞ୍ଚୟ ହାସଲ କରିଛି।

ସେହିଭଳି ୨୦୨୧ ବେସ୍ ଲାଇନ୍ ଆଧାରରେ ଜିଏଚଜି ତୀବ୍ରତା ଅନୁଯାୟୀ କମ୍ପାନୀ ଏକ ଉଲ୍ଲେଖନୀୟ ୧୦.୧୬% ହ୍ରାସ ହାସଲ କରିଛି। ଏପରି କି କାର୍ବନ ନିର୍ଗମନକୁ ହ୍ରାସ କରିବା ପାଇଁ ବିଶ୍ୱ ପ୍ରୟାସରେ ଏହାକୁ ଏକ ଅଗ୍ରଣୀ ଭାବେ ସ୍ଥାନିତ କରିଛି। ବିଶେଷ କରି ସ୍ଥିରତା ଲକ୍ଷ୍ୟକୁ ଆଗକୁ ବଢ଼ାଇ କମ୍ପାନୀ ୧.୩ ଜିଡବ୍ଲ୍ୟୁ ଅକ୍ଷୟ ଶକ୍ତି ସଞ୍ଚୟ ସମ୍ପର୍କରେ ଘୋଷଣା କରି ଏକ ପରିଷ୍କାର ଓ ଅଧିକ ସ୍ଥାୟୀ କାର୍ଯ୍ୟ ଦିଗରେ ପ୍ରମୁଖ ପଦକ୍ଷେପକୁ ଚିହ୍ନିତ କରିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍‌ର ମୁଖ୍ୟ ପରିଚାଳନା ଅଧିକାରୀ(ସିଓଓ) ସୁନୀଲ ଗୁପ୍ତା କହିଛନ୍ତି, ଶକ୍ତି ପରିଚାଳନା ଆମର ନେଟ-ଶୂନ ଯାତ୍ରା ପାଇଁ ମୂଳ ଲକ୍ଷ୍ୟ ପାଲଟିଛି। ଏପରିକି ଅକ୍ଷୟ ଶକ୍ତି ଗ୍ରହଣକୁ ବିସ୍ତାର କରିବା ପାଇଁ ପ୍ୟାଣ୍ଟେଟେଡ୍ 'ବେଦାନ୍ତ ଲାଇନ୍ ଡିଜାଇନ୍' ପରି ଉଦ୍ଭାବନ, ଆମର ଦକ୍ଷତାକୁ ବୃଦ୍ଧି କରିବା ସହିତ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରୁଛି। ଗତବର୍ଷ ପାଇଁ ଏସ ଆଣ୍ଡ ପି ଗ୍ଲୋବାଲ୍ ସଷ୍ଟେନେବିଲିଟି ଆକ୍‌ସେସରେ ପ୍ରଥମ ସ୍ଥାନ ଅଧିକାର କରିବା ଆମର ବିଶ୍ୱାସକୁ ପ୍ରତିଫଳିତ କରିଛି, ଶକ୍ତି ସଂରକ୍ଷଣ ସପ୍ତାହ ସବୁଜ ଭବିଷ୍ୟତ ପାଇଁ ନିରନ୍ତର ଅଭ୍ୟାସକୁ ଆଗେଇ ନେବା ଲାଗି ଆମର ସଂକଳ୍ପକୁ ପୁନଃ ପ୍ରମାଣିତ କରିଛି।

ବେଦାନ୍ତ ଆଲୁମିନିୟମ୍ ଏହାର ପଟ୍‌ଲାଇନରେ ସ୍ଥିରତା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାର୍ଯ୍ୟକାରୀ କରିଛି, ଯେଉଁଠାରେ ଇଲେକ୍ଟ୍ରୋଲାଇସିସ୍ ମାଧ୍ୟମରେ ଆଲୁମିନାରୁ ତରଳ ଆଲୁମିନିୟମ ଉତ୍ପନ୍ନ ହୋଇଥାଏ। ଏହି ପଦକ୍ଷେପଗୁଡ଼ିକ ସାମ୍ପ୍ରତିକ ବ୍ୟବହାରକୁ ହ୍ରାସ କରିବା ସହିତ ଜିଏଚ୍‌ଜି ନିର୍ଗମନକୁ କମ୍ କରିବା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ପାଇଁ ଗ୍ରାଫିଟାଇଜଡ୍ କ୍ୟାଥୋଡ୍ ଉନ୍ନତି ସ୍ଥାପନ କରିବା ଅନ୍ତର୍ଭୁକ୍ତ କରିଥାଏ। କମ୍ପାନୀ ସ୍ୱଦେଶୀ-ବିକଶିତ ବେଦାନ୍ତ ପାତ୍ର ନିୟନ୍ତ୍ରକ ମଧ୍ୟ ନିୟୋଜିତ କରିଛି, ଯାହା ଟନ୍ ଆଲୁମିନିୟମ୍ ପ୍ରତି ୨୦୦-୨୫୦କିଲୋୱାଟ୍ ଶକ୍ତି ବ୍ୟବହାରକୁ ହ୍ରାସ କରିଥାଏ। ଅଧିକନ୍ତୁ ଜିଏଚ୍‌ଜି ନିର୍ଗମନକୁ ହ୍ରାସ କରିବା ଏବଂ ଶକ୍ତି ଦକ୍ଷତା ବୃଦ୍ଧି ପାଇଁ କମ୍ପାନୀ ଏହାର ପାୱାର ପ୍ଲାଣ୍ଟରେ ନିର୍ଦ୍ଦିଷ୍ଟ କୋଇଲା ବ୍ୟବହାରକୁ ହ୍ରାସ କରିଛି, ଶକ୍ତି-ଦକ୍ଷ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ତରଳ ପ୍ରକ୍ରିୟାକୁ ଅପ୍ଟିମାଇଜ୍ କରି ବେଦାନ୍ତ ଆଲୁମିନିୟମ୍ ଏହାର ବ୍ୟାପକ ସ୍ଥିରତା ଲକ୍ଷ୍ୟର ଏକ ଅଂଶ ଭାବରେ ସ୍ଥାୟୀ ଶିଳ୍ପ ଅଭ୍ୟାସକୁ ପ୍ରୋତ୍ସାହିତ କରୁଛି।

# ୧୦୦ କୋଟିର ପାଣ୍ଠି ସଂଗ୍ରହ ଆକଳନ

ନୂଆଦିଲ୍ଲୀ,୧୩।୧୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଆଇଆଇଏଫ୍‌ଏଲ୍ ହୋମ୍ ଫାଇନାନ୍ସ ଲିମିଟେଡ (ଆଇଆଇଏଫ୍‌ଏଲ୍ ଏଚ୍‌ଏଫ୍‌ଏଲ୍)ର ବହୁ ପ୍ରତୀକ୍ଷିତ ପବ୍ଲିକ ଇସ୍ୟୁ ସମ୍ପର୍କରେ ଘୋଷଣା କରାଯାଇଛି। ଏପରି କି ୧,୦୦୦ ଟଙ୍କା (ପ୍ରତ୍ୟେକ)ର ଫେସ୍ ଭାଲ୍ୟୁ ସିକ୍ୟୁର୍‌ଡ, ରେଟେଡ, ଲିଷ୍ଟେଡ ରିଡିମେବୁଲ ନନ୍-କନ୍‌ଭର୍ଟିବୁଲ ଡିବେଞ୍ଚର (ଏନ୍‌ସିଡି)ର ପବ୍ଲିକ ଇସ୍ୟୁ ସହିତ ବେସ୍ ଇସ୍ୟୁ ସାଇଜ ୧୦୦ କୋଟି ଟଙ୍କା ରହିଛି। ଯେଉଁଥିରେ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଓଭରସବ୍‌ସ୍କ୍ରିପଶନକୁ ବଜାୟ ରଖିବାର ବିକଳ୍ପ ମଧ୍ୟ ରହିଛି, ଯାହାର ମୋଟ ମୂଲ୍ୟ ୫୦୦ କୋଟି ପର୍ଯ୍ୟନ୍ତ ରହିଛି। ଏହା ୩୦୦୦ କୋଟି ଟଙ୍କା (ଟ୍ରାଞ୍ଚ ଇସ୍ୟୁ)ର ସେଲ୍ଫ ଲିମିଟ୍ ମଧ୍ୟରେ ରହିବ। ଏପରିକି ସେବି ଏନ୍‌ସିଏସ୍ ନିୟମ ଅନୁଯାୟୀ ଶୀଘ୍ର ବନ୍ଦ ହେବାର ଏକ ବିକଳ୍ପ ସହିତ ଟ୍ରାଞ୍ଚ ୧ ଇସ୍ୟୁ ନିକଟରେ ଖୋଲିଥିବାବେଳେ ୨୦୨୪ ଡିସେମ୍ବର ୧୯ରେ ଏହା ବନ୍ଦ ହେବ।

ସେହିଭଳି ଏନ୍‌ସିଡିଗୁଡିକୁ ବିଏସ୍‌ଇ ଲିମିଟେଡ ଓ ନ୍ୟାଶନାଲ ଷ୍ଟକ ଏକ୍ସଚେ ଅଫ୍ ଇଣ୍ଡିଆ ଲିମିଟେଡ୍‌ରେ ତାଲିକାଭୁକ୍ତ କରିବା ପାଇଁ ପ୍ରସ୍ତାବ ରହିଛି। ଏନ୍‌ଏସ୍‌ଇ ଲିମିଟେଡ ଟ୍ରାଞ୍ଚ ୧ଇସ୍ୟୁ ପାଇଁ ନାମିତ ଷ୍ଟକ୍ ଏକ୍ସଚେଞ୍ଜ ହେବ। ଏନ୍‌ସିଡିଗୁଡ଼ିକ କ୍ରିସିଲ ରେଟିଂସ ଲିମିଟେଡ ଦ୍ୱାରା କ୍ରିସିଲ ଏଏ/ଷ୍ଟେବୁଲ ଏବଂ ଇଣ୍ଡିଆ ରେଟିଂସ ଆଣ୍ଡ ରିସର୍ଚ୍ଚ ପ୍ରାଇଭେଟ ଲିମିଟେଡ ଦ୍ୱାରା 'ଆଇଏନ୍‌ଡି ଏଏ/ଷ୍ଟେବୁଲ' ରେଟିଂ ଦିଆଯାଇଛି। ଏପରିକି ଟ୍ରାଞ୍ଚ ୧ ଇସ୍ୟୁ ବାର୍ଷିକ ୮.୮୫% ରୁ ବାର୍ଷିକ ୯.୨୫% ପର୍ଯ୍ୟନ୍ତ ରେଞ୍ଜର କୁପନ ରେଟ୍ ସହିତ ସବ୍‌ସ୍କ୍ରିପଶନ ପାଇଁ ଏନ୍‌ସିଡିଗୁଡ଼ିକର ବିଭିନ୍ନ ସିରିଜ ପ୍ରଦାନ କରୁଛି।

ସେହିପରି ଟ୍ରାଞ୍ଚ୧ ଇସ୍ୟୁ ଅଧୀନରେ ଏନ୍‌ସିଡିଗୁଡିକୁ ସିରିଜ ୧, ୨, ୩, ୪, ୫, ୬, ୭, ୮ ଓ ୯ ହାରରେ ମାସିକ ଓ ବାର୍ଷିକ କୁପନ ପେମେଣ୍ଟ ବିକଳ୍ପଗୁଡ଼ିକ ସହିତ ୨୪, ୩୬, ୬୦ ଓ ୮୪ ମାସର ଅବଧି/ମାଚ୍ୟୁରିଟି ବିକଳ୍ପ ସହ ପ୍ରଦାନ କରାଯାଉଛି। ଉପରୋକ୍ତ ସମସ୍ତ ବର୍ଗର ନିବେଶକଙ୍କ କ୍ଷେତ୍ରରେ ଏନ୍‌ସିଡି ହୋଲ୍ଡରଙ୍କ ପାଇଁ ଇଫେକ୍ଟିଭ ୟିଲ୍ଡ ବାର୍ଷିକ ୮.୮୫% ରୁ ୯.୨୭% ପର୍ଯ୍ୟନ୍ତ ରେଞ୍ଜରେ ରହିବ। ଟ୍ରାଞ୍ଚ ୧ ଇସ୍ୟୁ ସହ ଜଡ଼ିତ ଯେକୌଣସି ଖର୍ଚ୍ଚ ପୂରଣ କରିବା ପରେ ଟ୍ରାଞ୍ଚ ୧ ଇସ୍ୟୁର ସୁଧ ଆୟ ସର୍ବନିମ୍ନ ୭୫%କୁ ବଢ଼ାଇ ଆଗକୁ ଋଣ ଦେବା ସହିତ ଫାଇନାନ୍ସିଂ/ରିଫାଇନାନ୍ସିଂ ଏବଂ କମ୍ପାନୀର ବିଦ୍ୟମାନଋଣଗୁଡ଼ିକର ସୁଧ ଓ ମୂଳଧନର ପୁନଃପରିଶୋଧ/ପୂର୍ବ ପରିଶୋଧ ପାଇଁ ଏବଂ ସାଧାରଣ କର୍ପୋରେଟ୍ ଉଦ୍ଦେଶ୍ୟ ଲାଗି ସର୍ବାଧିକ ୨୫% ପର୍ଯ୍ୟନ୍ତ ଉପଯୋଗ କରାଯିବ।


# Classified Everyday

0674-2580101, 9692975378



REAL ESTATE

SALE

**Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987.** D-76220

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 8917622925. D-2173

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45 000 00/-ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351,9853807892, 9861117460. D-75585

Two adjacent plots (2600, 2040 sqft.) sthitiban, boundary wall, 25' internal road, in common area of 45 plots sold to dignitaries since 2010, near Chhatabar Chhak (100 meters distance). Family living in duplexes. After purchase cost- Rs.1500/- per sqft. Contact: 7064055712. D-71594

**Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - 9437581914.** D-76223

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2226

Wanted homestead land (30'/40') road on sharing basis for Duplex/ Apartment Project within Bhubaneswar/ Cuttack/ Puri. MPlanets-7008550473. D-2250

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048.** D-2249

Ready to move 4BHK flat (2050sqft. SBA) at Saubhagya Nagar, near OUAT with double parking, 6500/- per sqft. Contact: 9439716901. D-75587



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd. 9439856856.** D-1953

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open full body massage relax with new lady therapist. 7750040475. D-76176

**Full body massage experience, good looking therapist @999 (Bhubaneswar). 9078484455.** D-2144

Newly open health benefits spa special offer @799, Bapujinagar. 8018429809. D-76178

BUSINESS

ଓଡ଼ିଶା ପରିବହନର ସ୍ୱୀକୃତିପ୍ରାପ୍ତ VLTD (GPS) DEVICE ର ଜିଲ୍ଲା ସ୍ତରରେ Fitment Center ପାଇଁ ଯୋଗାଯୋଗ କରନ୍ତୁ। Mob- 7008533430. D-2166

AFFIDAVIT

By virtue of an affidavit sworn before the Executive Magistrate, Khordha dated 10.12.2024, I Sarat Kumar Behera, S/o Bhalu Behera, permanent resident of Vill./P.O.- Paikatigiria, P.S./ Dist.- Khordha, Odisha, 752057 declare that I have changed my name from Sarat Nayak to Sarat Kumar Behera. Henceforth, I shall be known as Sarat Kumar Behera for all purpose. Sarat Kumar Behera D-73566

Your classified advertisement published in Dharitri will be listed free in Dharitri online edition: **dharitriepaper.in**

I, Dibyadarshini Das, W/o. Deepak Kumar Nayak, resident of Flat No. A-401, Venus Royal Hyde Apartment, Rasulgarh, Bhubaneswar, Dist.- Khurda, Pin-751010, Odisha declare by this affidavit No. 37AA 190249 dtd. 29.8.2017 that now onwards I shall be known as **MRS. DIBYA DEEPAK NAYAK** for all future purposes. D-75832

By virtue of an affidavit sworn before Executive Magistrate, Astaranga dated 09.12.2024. I Minati Behera, W/o Duryodhan Behera, At-Sahan, P.O.- Kusumbar, P.S.- Astaranga, Dist.- Puri, Pin- 752109, I have changed my name from Manaswani Behera to Minati Behera. Henceforth, I shall be known as Minati Behera for all purposes. D-2248

ମନେ ପଡ଼ନ୍ତି

ଓଁ ସାଇରାମ



ସ୍ୱ ହୃଦାନନ୍ଦ ମହାପାତ୍ର

୧୭ ଗୌତମ ନଗର, ଭୁବନେଶ୍ୱର

ଆବିର୍ଭାବ : ୦୪.୧୨.୧୯୨୭

ତିରୋଧାନ : ୧୦.୧୨.୨୦୦୦

(ଚତୁର୍ଦ୍ଦଶୀ)

ସାଇରାମଙ୍କ ପାଦପଦ୍ମରେ ରହି ଆମକୁ ସଦା ଆଶୀର୍ବାଦ କରୁଥାଅ।

ବୁଲୀ, କିଶୋର, ପୁଷ୍ପ, ବାପୁ, ଲୀଡୁ, ରୀନା, ସରୋଜ, ବାବାଲୀ, ବିବେକ ଓ ରୁଣାଲୀ

D-2451

# ଜୀବନର ଖେଳ

## ଗଳ୍ପ

ଯଚିଦାନନ୍ଦ ଦାଶ



ମହେଶ ଲଣ୍ଡନରୁ ପଢ଼ାସାରି ଘରକୁ ଫେରୁଥାଏ। ଫ୍ଲାଇଟ୍ ଲ୍ୟାଣ୍ଡିଂ କରିବାର ବେଳ ପ୍ରାୟ ହେଇଆସିଥିଲା। ଦିନେଶବାବୁ ସଙ୍ଗେ ସଙ୍ଗେ ଡ୍ରାଇଭରକୁ ଗାଡ଼ି ବାହାର କରି ଏୟାରପୋର୍ଟ ଯିବା ପାଇଁ କହିଲେ। ନିଜେ ସାଙ୍ଗରେ ଯିବା ପାଇଁ ମଧ୍ୟ ପ୍ରସ୍ତୁତ ହୋଇପଡ଼ିଲେ। ଦିନେଶବାବୁଙ୍କର ଏକମାତ୍ର ପୁଅ ମହେଶ, ଯେ କି ଲଣ୍ଡନରେ ତା' ମାମୁଘରେ ରହି ଏମ୍.ବି.ଏ. କୋର୍ସ କରୁଥିଲା। ମହେଶ ୧୦ ବର୍ଷ ହେଇଥିବା ସମୟରେ ସେ ତା'ର ଅତି ଆଦରର ମା'ଙ୍କୁ ହରାଇଥିଲା। ଦିନେଶବାବୁ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ। ଦିଲ୍ଲୀ ସହରରେ ବିରାଟ ପଞ୍ଚତାରକା ହୋଟେଲ ଦିନେଶବାବୁଙ୍କର ଏକ ବଡ଼ ଆସେଟ୍।

ପନ୍ଦର ବର୍ଷ ତଳର କଥା। ଯେତେବେଳେ ଦିନେଶବାବୁଙ୍କ ସହ ବିଜ୍‌ନେସ ପାର୍ଟନର ଥିଲେ ପ୍ରତୀକ ସିଂହ। ପ୍ରତୀକ ଖଳ ପ୍ରକୃତିର। ବିଜ୍‌ନେସରେ କିଛି ଝାମେଲା କରିବା ଫଳରେ ଦିନେଶବାବୁ ତା'ର ଘୋର ପ୍ରତିବାଦ କରିଥିଲେ ଏବଂ ଶେଷରେ ପାର୍ଟନରଶିପ୍‌ରୁ ବାହାର କରିଦେଇଥିଲେ। ସେଇ ରାଗରେ ଦିନେଶବାବୁଙ୍କ ପତ୍ନୀ ଲୀଳାଦେବୀଙ୍କୁ ପ୍ରତୀକବାବୁ ଦିନ ଦ୍ୱିପ୍ରହରେ ଷଡ଼ଯନ୍ତ୍ର କରି ହତ୍ୟା କରିଥିଲେ। ବିଚରା ମା'ଛେଉଣ୍ଡ ମହେଶର ଏକମାତ୍ର ଭରସା ଆଦରର ପିତା ଦିନେଶବାବୁ।

ଇତି ମଧ୍ୟରେ ଫ୍ଲାଇଟ୍ ଲ୍ୟାଣ୍ଡ କରିସାରିଥିଲା। ଦିନେଶବାବୁ ମହେଶକୁ ଅତି ଉତ୍କଣ୍ଠାର ସହିତ ଏକ୍‌ଜିଟ୍ ଗେଟ୍ ପାଖରେ ଅପେକ୍ଷା କରିଥାନ୍ତି। ମହେଶ ଯେମିତି ବାହାରକୁ ଆସିଛି, ଦିନେଶବାବୁ ତାକୁ କୋଳାଗ୍ରତ କରି ଗାଡ଼ି ପାଖକୁ ପାଛୋଟି ନେଲେ। ବ୍ୟାଗ ଓ ଟ୍ରଲି ଡ୍ରାଇଭର ନେଇ ଗାଡ଼ିରେ ଲଦି ଦେଲା। ଦୀର୍ଘ ପନ୍ଦର ବର୍ଷ ପରେ ପୁଅକୁ ପାଇ ଦିନେଶବାବୁ ଅତ୍ୟନ୍ତ ଆନନ୍ଦିତ ହୋଇଉଠିଲେ। ଘରେ ପହଞ୍ଚି ମହେଶ ରାମୁକାକାକୁ ଅତି ସ୍ନେହରେ କୁଣ୍ଢେଇ ପକାଇଲା। ବହୁତ ଦିନ ପରେ ରାମୁକାକାକୁ ଦେଖୁଛି। ରାମୁକାକା ମହେଶକୁ ଦେଖି ଖୁବ୍ ଖୁସି ହୋଇଗଲା। ରାମୁ ପିଲାବେଳୁ ଦିନେଶବାବୁଙ୍କ ଘରେ ରହି କାମଦାମ କରେ। ସ୍ତ୍ରୀ ଗଲାପରେ ରାମୁ ବିଚରା ଦିନେଶବାବୁଙ୍କର ଦେଖାଶୁଣା କରିଆସୁଥିଲା। ସନ୍ଧ୍ୟା ହୋଇ ଆସୁଥିଲା। ଇତି ମଧ୍ୟରେ ମହେଶ ପଡ଼ିଶାଘର ଶ୍ୟାମବାବୁଙ୍କ ଝିଅ ନୀଳିମା ସହିତ ଦେଖାକରିବାକୁ ଚାଲିଗଲା। ନୀଳିମା ଓ ମହେଶ ଦୁହେଁ ପିଲାଦିନର ଅନ୍ତରଙ୍ଗ ବନ୍ଧୁ ଏବଂ ଦୁହେଁ ପରସ୍ପରକୁ ଭଲପାଆନ୍ତି। କ୍ଲାସ ଫୋର ପର୍ଯ୍ୟନ୍ତ ଦୁହେଁ ସାଙ୍ଗ ହୋଇ ଗୋଟିଏ ସ୍କୁଲରେ ପାଠ ପଢୁଥିଲେ। ବହୁତ ଦିନ ପରେ ଦେଖାହେବା ପରେ ଦୁହେଁ ଗପସପ ଆରମ୍ଭ କରିଦେଲେ। ରାତିରେ ମହେଶ ଥକି ପଡ଼ିଥିବାରୁ ଖାଇସାରି ଶୋଇପଡ଼ିଲା।

ପରଦିନ ଦିନେଶବାବୁ ମହେଶକୁ ଡାକି କହିଲେ, ଦେଖ ପୁଅ "ତୁ ବର୍ତ୍ତମାନ ମୋର ସମସ୍ତ ବ୍ୟବସାୟ ବୁଝିବା ପାଇଁ ଯୋଗ୍ୟ ହୋଇଯାଇଛୁ। ତୁ ବିଜ୍‌ନେସ କଥା ବୁଝ ଏବଂ ମତେ ଟିକେ ବିଶ୍ରାମ ଦେ।" ମହେଶ ତା' ପରଦିନଠାରୁ ବିଜ୍‌ନେସ୍‌ର ସମସ୍ତ ଦାୟିତ୍ୱ ବୁଝିବାକୁ ଆରମ୍ଭ କରିଦେଲା।

କିଛିଦିନ ଗଲାପରେ ଦିନେଶବାବୁ ମହେଶର ବିଭାଘର ପାଇଁ ମନସ୍ଥ କଲେ। ସେଥିପାଇଁ ସହରର ସମୀରବାବୁ ନାମକ ଜଣେ ସୁଦକ୍ଷ ବ୍ୟବସାୟୀଙ୍କ ଝିଅ ଟିନା ସହିତ ବିବାହ ପାଇଁ ମହେଶକୁ ପ୍ରସ୍ତାବ ଦେଲେ। ମହେଶ ଏ ପ୍ରସ୍ତାବରେ ଟିକେ ଗୁମ୍‌ମାରି ବସିପଡ଼ିଲା। କାରଣ ସେ ଶ୍ୟାମବାବୁଙ୍କ ଝିଅ ନୀଳିମାକୁ ଅନ୍ତରର ସହିତ ଭଲ ପାଉଥିଲା ଏବଂ ତାକୁ ଜୀବନସାଥୀ କରିବାକୁ ମନସ୍ଥ କରିଥିଲା। ଶ୍ୟାମବାବୁ ଜଣେ କ୍ଲାସ୍ ଟୁ ସରକାରୀ କର୍ମଚାରୀ। ନୀଳିମା ଜେ.ଏନ୍.ୟୁ.ରୁ ଏମ୍.ସି.ଏ. କରିଛି। ଏପରି ସ୍ଥିତିରେ ମହେଶ ଟିକେ ଚିନ୍ତିତ ହୋଇପଡ଼ିଲା ଏବଂ ଭାବିଲା ଦିନେଶବାବୁଙ୍କୁ ସଫା କହିଦେବି ଯେ, "ସେ ନୀଳିମାକୁ ଭଲପାଉଛି ଏବଂ ତାକୁ ହିଁ ବିବାହ କରିବ।" ସେଦିନ ଦିନେଶବାବୁ ସକାଳ ବ୍ରେକ୍‌ଫାଷ୍ଟ କରିବା ସମୟରେ ମହେଶ ତାଙ୍କୁ ନୀଳିମାକୁ ଭଲପାଇବା କଥା କହିଲା। ଦିନେଶବାବୁ ମହେଶ ଉପରେ କ୍ରୋଧାନ୍ୱିତ ହୋଇ କହିଲେ "ତୁ ମୋର ମାନମର୍ଯ୍ୟାଦା ମାଟିରେ ପକେଇଦେବାକୁ ବସିଛୁ। ମୁଁ ଏ ବିବାହ କରେଇ ଦେବିନାହିଁ।" ମହେଶ କିଛି ଉତ୍ତର ନ ଦେଇ ତଳକୁ ମୁହଁ ପୋତି ପଳାଇ ଆସିଲା। ମହେଶ ଅଫିସରେ ବସି ଚିନ୍ତାମଗ୍ନ ହୋଇପଡ଼ିଲା, ମାତ୍ର ଦିନେଶବାବୁ କାହାରି କଥା ନ ଶୁଣି ସମୀରବାବୁଙ୍କ ଝିଅ ଟିନା ସହିତ ବିଭାଘର କରିବା ଠିକ୍ କରି ସମସ୍ତ ଯୋଗାଡ଼ଯନ୍ତ୍ର କରିବାକୁ ଲାଗିଲେ। ବିଚରା ମହେଶ କରିବ କ'ଣ। ବାପାଙ୍କ ଧମକ ତା'ର ମନେଅଛି ଯେ, ତୁ ଯଦି ମୋ କଥାରେ ବିବାହ ନ କରିବୁ ମୁଁ ନିଜେ ମୁଣ୍ଡରେ ଗୁଳି ଫୁଟାଇ ଆତ୍ମହତ୍ୟା କରିବି। ଏସବୁ ଜଟିଳ ପରିସ୍ଥିତିରେ ମହେଶ ବିବାହ ପାଇଁ ରାଜି ହୋଇଗଲା। ବାହାଘର ସରିଗଲା। ମାତ୍ର ମହେଶର ମନ ଥାଏ ନୀଳିମା ପାଖରେ। ନୀଳିମା ବିଚରା କିଛିଦିନ ମନଦୁଃଖ ଓ କାନ୍ଦ ମଧ୍ୟରେ ସମୟ ବିତାଇବାକୁ ଲାଗିଲା।

ଖଳନାୟକ ପ୍ରତୀକ ସିଂ ଦିନେଶବାବୁଙ୍କ ପତ୍ନୀକୁ ହତ୍ୟା କରିବାରୁ ତାକୁ ପନ୍ଦର ବର୍ଷ ଜେଲଦଣ୍ଡ ହୋଇଥିଲା। ଇତିମଧ୍ୟରେ ପ୍ରତୀକ ସିଂ ଜେଲରୁ ଖଲାସ ହୋଇ ଦିନେଶବାବୁ ଓ ପୁଅ ମହେଶର ଖୋଜଖବର ନେବାରେ ଲାଗିଲା। ସେଦିନ ସନ୍ଧ୍ୟାରେ ମହେଶ ଟିକେ ତା' ମନ ବୁଝେଇବା ପାଇଁ ନୀଳିମା ସହିତ ଦେଖାକରିବାକୁ ଆସିଥାଏ। ବାଟରେ ଦିନେଶବାବୁ ମାର୍କେଟରୁ ଫେରୁଥିବା ସମୟରେ ଏଇ ଦୁଇଜଣ ସାଙ୍ଗ ହୋଇ ବସିଥିବାର ଦେଖିଦେଲେ। ଦିନେଶବାବୁ ରାଗିଯାଇ ମହେଶକୁ ଗାଳି କରିବାକୁ ଲାଗିଲେ। ଏଇ ସୁଯୋଗ ଖୋଜୁଥିବା ପ୍ରତୀକ ସିଂ ଗୁଣ୍ଡାଦଳ ସାଙ୍ଗରେ ଆସି ଦିନେଶବାବୁଙ୍କୁ ଗଛରେ ବାନ୍ଧିଦେଲା ଏବଂ କହିଲା, କମ୍ପାନୀର ଅଧା ଶେୟାର ଲେଖାରେ ସାଇନ କରିଦେ, ନ ହେଲେ ମହେଶକୁ ଗୁଳି କରି ମାରିଦେବି। ଏହା କହି ମହେଶ ଉପରକୁ ଗୁଳି ଚଳାଉଥିବା ବେଳେ ନୀଳିମା ତାକୁ ରକ୍ଷା କରିବା ପାଇଁ ଆଗରେ ଠିଆ ହୋଇଗଲା। ଗୁଳି ଦୁଇଟି ନୀଳିମାର ଛାତିରେ ବାଜିଲା। ନୀଳିମା ସେଠାରେ ଟଳିପଡ଼ିଲା। ତା'ପରେ ପ୍ରତୀକ ସିଂହ ଫେରାର ହୋଇଗଲା, ନୀଳିମା ମହେଶ ମହେଶ କହି ଡାକ ଛାଡ଼ିଲା। ମହେଶ ଯାଇ ନୀଳିମାକୁ ଧରି ଉଠାଇବାକୁ ଚେଷ୍ଟା କଲା, ମାତ୍ର କିଛି ଲାଭ ହେଲାନାହିଁ। ସେତେବେଳକୁ ନୀଳିମାର ଆଉ ଜୀବନ ନ ଥିଲା। ମହେଶ ଗୋଡ଼ ଉପରେ ମୁଣ୍ଡ ଦେଇ ଚିର ଦିନ ପାଇଁ ଶୋଇଗଲା। କାହାକୁ ଜୀବନରୁ ମାରିବାକୁ ଥିଲା ଏବଂ କାହାର ଜୀବନ ଗଲା, ବିଚରା ନୀଳିମାର ସ୍ୱଚ୍ଛ ଓ ନିର୍ମଳ ପ୍ରେମ ପାଖରେ ମୃତ୍ୟୁବି ହାର ମାନିଗଲା। ଏଇତ ଜୀବନର ଖେଳ, ଯାହା ସମୟର ସ୍ରୋତରେ ଘଟି ଚାଲିଯାଏ କାହାରିକୁ ଅପେକ୍ଷା ନକରି। ଶେଷରେ ମହେଶ ଓ ଦିନେଶବାବୁ ଦୁଃଖରେ ମ୍ରିୟମାଣ ହୋଇ ନୀଳିମାର ଶବନେଇ ଘରକୁ ଫେରିଲେ।

ମୋ: ୯୯୩୮୧୮୧୩୨୦

## ପୁସ୍ତକ ପରିଚୟ

### ଜଣେ ଐତିହ୍ୟ କର୍ମୀର କଥା ଓ ବ୍ୟଥା




**ଲେଖକ:** ଅମିୟ ଭୂଷଣ ତ୍ରିପାଠୀ
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/-

ପୁସ୍ତକର ପ୍ରଥମ ପରିଚ୍ଛେଦର ଶୀର୍ଷକ ରହିଛି 'କଥା ଓ ବ୍ୟଥା'। ଏହି ଲେଖାଟିକୁ ମନଦେଇ ପଢ଼ିଲେ ଐତିହ୍ୟ ସୁରକ୍ଷା କିପରି ନାନା କ୍ଷେତ୍ରରେ ବିଫଳ ଓ ବିପର୍ଯ୍ୟସ୍ତ, ତା'ର ଦୁଃଖଦ ଚିତ୍ର ମରମୀ ପାଠକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ନାନା ଅନୁଷ୍ଠାନର ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର ଚିତ୍ର ସ୍ୱକୀୟ ଅଭିଜ୍ଞତାର ଆଧାରରେ ଲେଖକ ଏହି ଗ୍ରନ୍ଥର ନାନା ଅଧ୍ୟାୟରେ ପ୍ରଦାନ କରିଛନ୍ତି। ଓଡ଼ିଶାର ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟ ସମ୍ବନ୍ଧରେ ଲେଖକଙ୍କ ଉକ୍ତି ହେଉଛି: "ଶତାବ୍ଦୀର ଆରମ୍ଭରେ ସଂସ୍କୃତି ବିଶ୍ୱବିଦ୍ୟାଳୟ ଆରମ୍ଭ ହେଲା, ଯାହା ବିଶ୍ୱରେ ଅଗ୍ରଣୀ ଅନୁଷ୍ଠାନ ହେବ ବୋଲି କୁହାଗଲା। ତାହା ଏ ପର୍ଯ୍ୟନ୍ତ ଉଧେଇ ପାରିନାହିଁ। ବର୍ତ୍ତମାନ ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟ ଖୋଲିଛି। ବିଶ୍ୱବିଦ୍ୟାଳୟ ଖୋଲିଦେଲେ କ'ଣ ଉଦ୍ଦେଶ୍ୟ ସାଧନ ହୋଇଯିବ!" ଅନ୍ୟ କେତେକ ରାଜ୍ୟ ପରି ଓଡ଼ିଶାରେ ଏପର୍ଯ୍ୟନ୍ତ ଐତିହ୍ୟ ସୁରକ୍ଷା ପାଇଁ ଆଇନ ପ୍ରଣୟନ ହୋଇନାହିଁ ଓ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଅଧୀନରେ ଥିବା ବିଭିନ୍ନ ପ୍ରତିଷ୍ଠାନଗୁଡ଼ିକ ପ୍ରାୟତଃ କିପରି ନିଷ୍କ୍ରିୟ ଏବଂ ଏଥିପାଇଁ ସରକାରଙ୍କ ଉଦାସୀନତା କିପରି ଦାୟୀ ତା'ର ପୁଙ୍ଖାନୁପୁଙ୍ଖ ଉଲ୍ଲେଖ କରି ଲେଖକ ତାଙ୍କର ବ୍ୟକ୍ତିଗତ ଖେଦ ପ୍ରକାଶ କରିଛନ୍ତି। ଯେଉଁ ତିନୋଟି ଐତିହ୍ୟ ସମ୍ପର୍କରେ ସବିଶେଷ ଆଲୋକପାତ ଆଲୋଚ୍ୟ ଗ୍ରନ୍ଥରେ କରାଯାଇଛି, ସେ ତିନୋଟି ହେଲା- 'ଶିଶୁପାଳଗଡ଼', 'କୋଣାର୍କ' ଓ 'ରେଭେନ୍ସା ବିଶ୍ୱବିଦ୍ୟାଳୟ'। ବହିଟି ପଢ଼ିଲେ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିର ବହୁ ଅନ୍ଧାରି ଅଳିନ୍ଦ ଆଲୋକିତ ହୋଇଉଠେ ଓ ଏସବୁ କ୍ଷେତ୍ରରେ ଇନ୍‌ଟାକ୍ (ଭାରତୀୟ କଳା, ସଂସ୍କୃତି ଓ ଐତିହ୍ୟ ରକ୍ଷା ନ୍ୟାସ)ର ଭୂମିକା ସମୁଜ୍ଜ୍ୱଳ ହୋଇଉଠେ। ଐତିହ୍ୟ ଓ ସଂସ୍କୃତିରେ ଆଗ୍ରହୀ ପ୍ରତ୍ୟେକ ପାଠକଙ୍କ ପାଇଁ ବହିଟି ଏକ ମୂଲ୍ୟବାନ୍ ଦସ୍ତାବିଜ୍।

### ଘାସଫୁଲ: ୨୦୨୪




**ସଂପାଦିକା:** ଉର୍ମିଳା ରାଣୀ ପାଣିଗ୍ରାହୀ

ତ୍ରୈମାସିକ ପତ୍ରିକା 'ଘାସଫୁଲ'ର 'ଅକ୍ଟୋବର-ଡିସେମ୍ବର' ସଂଖ୍ୟା ଏବେ ଆମର ହସ୍ତଗତ ହୋଇଛି। ଏଥିରେ '୧୮୫୭ ସଂଗ୍ରାମ ଓ ନ'ଅଙ୍କ ଦୁର୍ଭିକ୍ଷ' ଶୀର୍ଷକ ସଂପାଦକୀୟ ଲେଖିଛନ୍ତି ଅଭୟ ଦ୍ୱିବେଦୀ। ପତ୍ରିକାରେ ଦୁଇଟି ଉପନ୍ୟାସ, ଗଳ୍ପ ଓ କବିତା ବ୍ୟତୀତ ତଥ୍ୟ ଓ ତତ୍ତ୍ୱ ଦୃଷ୍ଟିରୁ କତିପୟ ଓଜନଦାର ପ୍ରବନ୍ଧ ସ୍ଥାନିତ ହୋଇଛି, ଯହିଁରେ ଅନ୍ତର୍ଭୁକ୍ତ ଦାଶରଥି ଦାସଙ୍କ 'ରୂପର ଭାଷା: ଭାଷାର ରୂପ' ଓ ଉତ୍କଳ ସମ୍ମିଳନୀ ସମ୍ବନ୍ଧୀୟ ସର୍ବେଶ୍ୱର ସେଣଙ୍କ ନିବନ୍ଧ। କବିତା ବିଭାଗରେ ନୂତନ ଲେଖିକାଲେଖକଙ୍କୁ ପ୍ରାଧାନ୍ୟ ଦିଆଯାଇଛି।

### ଅତଏବ 'ଅ'



**ସଂପାଦକ:** ଶ୍ରୀଗୋବିନ୍ଦ

ଅତଏବ 'ଅ'ର Vol-XII-୨୦୨୪ ପ୍ରକାଶ ପାଇଛି। ଏଥିରେ ନଟବର ଶତପଥୀ, ଆଦିକନ୍ଦ ସାହୁ, ଜ୍ୟୋତି ନନ୍ଦ, ରବି ପଣ୍ଡା, ପ୍ରଦୀପ କୁମାର ପଣ୍ଡା, କିଶୋର ପାଣିଗ୍ରାହୀ, ବିରଜା ରାଉତରାୟ, ଅଭୟ ଦ୍ୱିବେଦୀ, ସୁଧା ଦାଶ ଓ ଗଙ୍ଗାଧର ବିଶ୍ୱାଳ ପ୍ରମୁଖ ପ୍ରବୀଣ ଲେଖକଙ୍କ ଲେଖା ସ୍ଥାନିତ ହେବା ସଙ୍ଗେ ସଙ୍ଗେ ପତ୍ରିକାର ବିଷୟସୂଚୀ ଅଭିନବ ତରିକାରେ କରାଯାଇଛି। ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ସହ ରଶ୍ମିରଞ୍ଜନ ରାଉତଙ୍କ ସାକ୍ଷାତ୍‌କାରଟି ଲେଖକଙ୍କ ଦୃଷ୍ଟିକୋଣକୁ ସାର୍ବଜନୀନ କରିଛି।

## କାଳକାଳକୁ



**"ସୁନ୍ଦର ଓ ଭୟାନକ- ସବୁ ଘଟୁ ଜୀବନରେ, କାରଣ କୌଣସି ଅନୁଭବ ଚୂଡ଼ାନ୍ତ ନୁହେଁ।"**
**- ରାଇନର୍ ମାରିଆ ରିଲ୍‌କେ**

**ରାଇନର୍ ମାରିଆ ରିଲ୍‌କେଙ୍କ** ଜନ୍ମ ୪ ଡିସେମ୍ବର ୧୮୭୫ରେ ଅଷ୍ଟ୍ରିଆର ପ୍ରାଗ୍‌ରେ ଓ ପରଲୋକ ୨୯ ଡିସେମ୍ବର ୧୯୨୬ରେ ସୁଇଜରଲାଣ୍ଡ୍‌ର ମଣ୍ଟ୍ରିକ୍ସରେ। ଅଷ୍ଟ୍ରିଆ ଜନ୍ମିତ ଏହି କବି ନିଜ ଉପନ୍ୟାସ ଓ କବିତାର ଔଜ୍ଜ୍ୱଲ୍ୟରେ ଜର୍ମାନ୍ ଭାଷାକୁ ଋଦ୍ଧିମନ୍ତ କରିବା ସହିତ ଫରାସୀ ଭାଷାକୁ ମଧ୍ୟ ଐଶ୍ୱର୍ଯ୍ୟଦୀପ୍ତ କରିଛନ୍ତି। ତାଙ୍କର ଦୁଇ ପ୍ରସିଦ୍ଧ କବିତାଗ୍ରନ୍ଥ- 'ଡୁଇନୋ ଏଲିଜିଜ୍' ଓ 'ସନେଟ୍‌ସ ଟୁ ଅରଫିୟସ୍'। ତାରୁଣ୍ୟରେ ଲେଖିଥିବା ତାଙ୍କର ଦଶଟି ଚିଠି ତାଙ୍କ ମୃତ୍ୟୁ ପରେ 'Letters to a Young Poet' ଶିରୋନାମରେ ପ୍ରକାଶପାଇଛି। ସେ କହନ୍ତି: "ମୁଁ ମୋ' ଜୀବନକୁ ଏପରି ପ୍ରସାରିତ କରିଦିଏ ଯେ ତାହାର ତରଙ୍ଗ ଛୁଏଁ ବିଶ୍ୱର କୋଣାନୁକୋଣ।"

## କବିତା

### ମିଛ ଭାଷା

**ବିଜୟ ମହାପାତ୍ର**

କୁହୁଡ଼ିରେ ପହଁରିବା ଓ
ବୋଲିହେବା ଦେହସାରା
ଯେମିତି ଆଉ କେହି ଜାଣିବେନି
ଆମର ସ୍ଥିତି ଓ ମିଛରେ ବାଉଳି ହେବେ,
ଏ ମେଘ ନେଇ ଆସିବ ବର୍ଷା ଅସରା ଅସରା!

ଜେଜେବା' ହିଡ଼ରେ ହରଡ଼ ବୁଣୁଛି
ଧାନକ୍ଷେତ ଉପରେ ଟହଲ ମାରୁଚି
କଜଳପାତି,
ଟ୍ରକ୍ ଡାଲାରେ ଆଉ ଯାଉନି ସନାତନ
ମୋରମ କି କୋଇଲା
ଉଠାଇବାକୁ ଭୋ'ରୁ ଭୋ'ରୁ
ଏବେ ତ ମିଳିଯାଉଛି ପେଟ ପାଇଁ
ପାଞ୍ଚକିଲୋ ଅନାଜ୍ ଓ ବର୍ଷାପବନ ପାଇଁ
ଜଡ଼ାତେଲ ଓ ମହମବତି।

ଜେଜେବା' ଟାଇଟ୍ କରି ବାନ୍ଧିଥିବା ନାଲି
ଗାମୁଛାକୁ ଖୋଲିଦେଲା ଓ କହିଲା:
ଏ କ୍ଷେତ ଉପରେ ଶୋଉଥିବା ସୂର୍ଯ୍ୟାଲୋକ
ଓ ଚନ୍ଦ୍ରାଲୋକ, ଏପରିକି ଏ ଥୋଳା ଥୋଳା
ପବନ କି ଆମର ନା ଆଉ କାହାର?

ରାଧୁଆ କୁହୁଡ଼ି ସେପାରିରେ ଗୋଟିଏ ବାଘ
ହେଣ୍ଟାଳ ମାରୁଥିବାର ଦେଖିଛି
ଓ ସେ ଆସୁଛି ଝୁଣିଝାଣି ରକ୍ତ ପିଇବାକୁ,
କେତେଦିନ ହେଲା କହୁଚି ତ
ହେଇ ଦେଖ ଏଇ କୁହୁଡ଼ିରେ ବାଳିଆ
ବାଢ଼େଇ ହେଲା ତା' ଗାଲରେ
ଛାଟିପିଟି ହେଲେ ନାଲି ନାଲି ପୋକମାନେ
ତା'ର ମଗଜରେ, ସେ ଆସିଲା ଓ
ସଫା କରିଦେଲା ସତକୁ ସତ ଧୂଳି ଆସ୍ତରଣ
ଯାହା କୁହୁଡ଼ି ଭଳି ଦିଶେ,
ନିସ୍ତାରଣ ନିସ୍ତାରଣ!

ମୋ: ୮୨୪୯୦୭୯୮୫୩

### ଭୂମିଲଗ୍ନ

**ପିନାକୀ ମିଶ୍ର**

ବହୁତ ଭଲରେ ଅଛି
ମିଥ୍ୟା ଅପବାଦଠୁ ତ ମୁକ୍ତ ଅଛି
ଅନ୍ଧାରରେ ବି ଅନ୍ତର ଆଲୋକିତ ମୋର
ନ ଥାଉ ପଥ ପରିଷ୍କାର।

ଥାଉ ଅଭାବ
ଥାଉ ଅସମୟ
ଥାଉ ଅସହଯୋଗ, ଥାଉ ପୀଡ଼ା
ଡେଇଁହେବ ତାଳ ଛୁଇଁବାକୁ
ସ୍ପର୍ଦ୍ଧାରେ ଉତ୍ତର ଦେଇହେବ
ପାପୁଲିରେ ପ୍ରଦୀପ ଜଳିବ
ଦୁଃସ୍ୱପ୍ନ ମିଳେଇଯିବ ମୋ' ଗମ୍ଭୀର ନୀରବତାରେ।

ଶବ୍ଦପଥ ବନ୍ଧୁର-ଜଣାଅଛି, ଭଙ୍ଗା ପଡ଼ିବା ଭୋଗିଛି
ଗଞ୍ଜଣା କଟାକ୍ଷ ଭେଦିବନି,
ଲୟ ହଲିବନି, ପାଦ ଥମିବନି।

କହୁଛ ତ - ପ୍ରେମ କରୁଛି
ବଡ଼ ଭାଗ୍ୟବନ୍ତ ମୁଁ
ଆଠ ବରଷରୁ ପ୍ରେମିକ
ଘରର ବୋଲକରା, ଚାଷଗାଁ ଧାଇଁ,
ପାଞ୍ଚବରଷ ମାଆଥନ ଝୁଣିଛି
ଦାଣ୍ଡଘାଟର ଦୁଷ୍ଟପିଲା, ମଶାଣି କାଠବୁହା,
ଆଉ କବିତା କଇଁପୋଖରୀର ପହଁରା ଭାବଉଦିଆ।

ପ୍ରେମ ନଥିଲେ କି କବିତା
ଭାଗବତିଆ ପୁଅ ରଖିଛି ତା' ମାଆ କଥା,
ମୁଁ ବନସ୍ତ ଲୁହର ସନ୍ଧାନ ପାଇଛି
ନଈକୁ ଗୋଡ଼ଠେଲି ଆରବନ୍ଧକୁ ଯାଇନି କେବେ
ଭରସାର ହୃଦଥାଳି ମୁଁ ନିରିଖେଇ ମାପିପାରେ
ନୀରବତା ଦୋଷାବହ ତ, ରାଜି।

ବାଛୁରୀ ହଜେଇଥିବା ଗାଈସହ ଯାଇଛି ଗଳିକନ୍ଦି
ମାଛହାଟରେ ମାଛକୁ ଦେଇପାରିନି ତା' ଘରସୁଖ
ବିମୁଖ ହବନି ମ କବିତା ରସିକ,
ସେ' ଲୋତକ ହେଉ ବା ମୁକ୍ତା
ଝରିବ ଶୂନ୍ୟରୁ, ଆକାଶ ସହ ଚୁକ୍ତି ଅଛି,

ମୁଁ ଆଜି ଯେମିତି କାଲି ସେମିତି
ନିର୍ଯ୍ୟାସ ଯାହା ଥାଉ ଭୂମିଲଗ୍ନ ମୁଁ
ଏକା ଏକା ତଥାଗତର -
ଶବ୍ଦସମିଧ ହୋମରେ ଆକାଶ ଉପଗତ।

ମୋ: ୯୪୩୮୧୧୮୩୯୭

### ବୋଉ

**ଶତପଥୀ ରୋଜାଲିନ ବେହେରା**

ଖୁବ୍ ଚିହ୍ନାଚିହ୍ନା ହଳେ ପାଦ,
ଭୂଇଁ ଉପରେ ଦାଗ ଛାଡ଼ିଯାଇନି ଯେ
କେବେକାର ସେଇ
ହଜିଲା କଥାରୁ ମୁଠାଏ
ବିଞ୍ଛିବିଞ୍ଛି ଯାଇଛି ଏଇ ବାଟସାରା।

କୋଉ କାଳଠୁଁ ଅଲା ଦଲା
ସେଇ ଆଟୁଘର କାନ୍ଥ ଉପରେ
ଧୂଳି ସରସର
କାହା ହାତର ଟିପେଇ ଟିପେଇ
ଠିଆଠିଆ ଖୋଟି ଫୁଲ,
ଝରିପଡ଼େ ତା' ବେଳର
ରାଗ, ଅଭିମାନ, କୋହ, ଖୁମାଣ,
ହସ, କାନ୍ଦ, ଆଉ ସହିଯିବାର ପଣ।

କଥା ସେଠି ନୁହଁ,
କଥା ଯାଇ ଚୁଲିକନ୍ଧା ପେଯ ଛିଟିକାଠେଇଁ,
ଯୋଉଠି ଏବେ ବି ରହି ରହିକା କୁହୁଳା ଉଠେ
ତା' ଛାତି ତଳ ଯନ୍ତ୍ରଣା,
କେବେ କୋଉଠି ଫିଟି ନଥିବା
କଥା, ବ୍ୟଥା ଆଉ ଦୁର୍ଭାଗ୍ୟର ଟିପ୍ପଣୀ।

ଜଳାବାଟେ ସିନା ପଦା ଦେଖିହୁଏ
ଖାଲି ଦେଖିହୁଏନି ଯାହା ନିଜକୁ,
ସେ କ'ଣ କେବେ ଦେଖିଥିବ 'ତାକୁ'?
ନା ଛେଲା ଛେଲା ହେଇ
ଭୁଶୁଡ଼ି ପଡ଼ିଥିବା ତା' ଜୀବନ କାନ୍ଥକୁ?
ଯାହାକୁ ଦିନେ ସେ
ଲିପିପୋଛି ରଙ୍ଗ ନେସିଥିବ,
ସରାଗରେ ଆଙ୍କିଥିବ
ଗୋଟେ ପରିଷ୍କାର ସ୍ୱାମୀ ସଂସାରର
ଢେଉ ଢେଉକା ଦିଗ୍‌ବଳୟ?

ମୋ: ୭୩୭୭୯୩୧୩୮୦

## ସ୍ୱପ୍ନ

ଅନୁବାଦ ଗଳ୍ପ

ମୂଳ ରଚନା: ଫ୍ରେନ୍‌ଜ କାଫ୍‌କା
ଅନୁସୃଜନ: ଡ. ସୂଚନା ପାଢ଼ୀ



ଶୀତଳ କୋମଳ ଶଯ୍ୟାରେ ଶାୟିତ ଯୋଶେଫ କେ। ସ୍ୱପ୍ନ ବିଭୋର ଚକ୍ଷୁ ଯୁଗଳ। ନିଜକୁ ଏକ ସୁନ୍ଦର ମନଭୁଲା ପରିବେଶରେ ରଖି ଭାବୁଥିଲା କି ସୁନ୍ଦର! କି ସୁନ୍ଦର ସତେ ଆଜିର ଦିନ! ପୂର୍ଣ୍ଣପ୍ରାଣରେ ଉପଭୋଗ କରିବି।

ସ୍ୱପ୍ନ ପଥର ପଥିକ କେ କିଛି ବାଟ ଯିବା ପରେ ଏକ କବରଖାନା ନିକଟରେ ପହଞ୍ଚିଲା। ରାସ୍ତା ଆବୁଡ଼ାଖାବୁଡ଼ା, ଖାଲଖମା, ଗୋଡ଼ି ପଥରପୂର୍ଣ୍ଣ। ଏତେ କଦର୍ଯ୍ୟ ରାସ୍ତା ଯେ ଜମା ଚାଲି ହେଉ ନ ଥିଲା। ତଥାପି ସ୍ୱପ୍ନ ବାଉଳାରେ ବାଧାବିଘ୍ନ ଅତିକ୍ରମ କରି ନିଜକୁ ବହୁ କଷ୍ଟରେ ସମ୍ଭାଳିଲା। ମଝି ରାସ୍ତାରେ ଦେଖିଲା କବର ଦେବା ନିମନ୍ତେ ଖୋଳାଯାଇଥିବା ଏକ ଗାତ। ଗାତ! ଏତେ ସୁନ୍ଦର ହେଇପାରେ! ଟିକେ ଆଗରୁ ଆସିଥିଲେ ଭଲ ହେଇଥାନ୍ତା, ଗାତ ଖୋଳାହେବା ଦୃଶ୍ୟ ଦେଖିଥା'ନ୍ତି। ଏକଲୟରେ ଚାହିଁ ରହିଲା... ଦେଖାଗଲା ମିଞ୍ଜି ମିଞ୍ଜି ଜଳୁଥିବା ଆଲୁଅ। କ'ଣ ହୋଇପାରେ! ଗାତ ପାଖରେ ବନ୍ଧା ହୋଇଛି କେତେଗୁଡ଼ିଏ ବ୍ୟାନର, ପବନରେ ଉଡୁଛି। ଭାବିଲା, କିଏ ଏ ଜାଗାରେ ବ୍ୟାନର ବାନ୍ଧିଛି! ସନ୍ଦେହ ମୋଚନ ନିମନ୍ତେ ପାଖରେ କେହି ନ ଥିଲେ। ଉତ୍ସବ ଚାଲିଥିଲା ବୋଧେ! କି ଆଶ୍ଚର୍ଯ୍ୟ! କବରଟି ଚାଲିଚାଲି ଆସି ରାସ୍ତା ଅବରୋଧ କରିଛି! ଚମକିପଡ଼ି ଡେଇଁପଡ଼ିଲା ପାଖରେ ଥିବା ଘାସପୂର୍ଣ୍ଣ ଖାଲଜାଗା ଭିତରକୁ। ଏ କି ଅନୁଭବ! ରାସ୍ତାଟା ଦୁଇପାଦ ମଧ୍ୟରେ ଥିବା ଜାଗା ଭିତର ଦେଇ ଚାଲୁଛି!

ବିଚରା କେ ଟଳମଳ ପାଦରେ ନିୟନ୍ତ୍ରଣ ହରାଇ କବରଖାନା ସାମ୍‌ନାରେ ଆଣ୍ଠୁମାଡ଼ି ପଡ଼ିଗଲା। ସେଠାରେ ଥିବା ଦୁଇଜଣ ଲୋକ ତାକୁ ଦେଖି ନ ଦେଖିଲା ପରି ସ୍ମିତହାସ୍ୟ କରି ରହିଗଲେ। ହାତରେ ପଥର ଖଣ୍ଡେ ଧରିଥିବା ଲୋକ କେ କୁ ଦେଖିବାମାତ୍ରେ ଦୂରକୁ ଫିଙ୍ଗିଦେଲା। 'ଯା' ହଉ ମୋଠି ବାଜିନି'... ନିରବ ନିଶ୍ଚଳ ଭଙ୍ଗୀରେ ଦଣ୍ଡାୟମାନ କେ ଚୁପ୍‌ଚାପ୍ ରହିଲା।... ଏ ଲୋକଟା ବୋଧହୁଏ ମୃତ... ଅନ୍ୟ ଲୋକଟି ଆକ୍ଷେପ କରି କହିଲା। ପ୍ରାଣହୀନ ମଣିଷକୁ ସମାଧି ଦିଆଯିବା ଉଚିତ୍।

ଠିକ୍ ସେତିକିବେଳେ ପାଖ ଝୁମ୍ପୁଡ଼ି ଘରୁ ବାହାରି ଆସିଲା ଜଣେ ଲୋକ। କେ ତାକୁ ଚିହ୍ନି ପାରିଲା। ଏ ନିଶ୍ଚେ 'ସେଇ କଳାକାର'। କଳାକାର ପିନ୍ଧିଥିଲା କମିଜ୍ ଓ ପାଇଜାମା। ମୁଣ୍ଡରେ ମଖମଲ ଟୋପି, ହାତରେ ପେନସିଲ୍ ପରି ଦେଖାଯାଉଥିବା ଏକ ତୂଳୀ... ତୂଳୀ ଧରି ସେ ଶୂନ୍ୟରେ ଚିତ୍ର ଆଙ୍କିବାର ଅଭିନୟ କରୁଥିଲା।

କି ଅଦ୍ଭୁତ ମଣିଷ! ଇମିତି ଢଙ୍ଗରେ କ'ଣ ଚିତ୍ର ଅଙ୍କାଯାଏ?

କଳାକାର କବରଖାନା ପାଖକୁ ଯାଇ ଏକ କବରର ଚଟାଣ ଉପରେ ଲେଖାଥିବା କିଛି ଅକ୍ଷରରେ ଶେଷ ସ୍ପର୍ଶଦେଇ ନିଜ ନାଁ ଲେଖିଲା। ଉଚ୍ଚା କବର, ଟିକେ କଷ୍ଟ କରିବାକୁ ପଡ଼ିଲା।

କବର ପାଖରେ ମାଟିଗଦା, ମାଟିଗଦା ଉପରେ ପଥର... ସେଇ ପଥର ଉପରେ ଠିଆହେଲା କଳାକାର... କବର ଚଟାଣରେ ସୁନେଲି ଅକ୍ଷରରେ ଲେଖିଲା... "ଏଠାରେ ଅଛି।" ଭାଷା ସାଙ୍କେତିକ।

କେ ଦେଖୁଥିଲା- କେଡ଼େ ସୁନ୍ଦର ସେ ଲିପି! ଗାଢ଼ ତରଳ ସୁନାରେ ଲେଖାଯିବା ପରି ଦେଖାଯାଉଛି।

କଳାକାର ତା' ଲେଖା ସାରି କେ ର କାନ୍ଧକୁ ଚାହିଁଲା। କେ ଉତ୍ସୁକତାର ସହିତ ଚାହୁଁଥିଲା କଳାନିପୁଣ ହାତର ଅକ୍ଷରକୁ। ଅପଲକ ନେତ୍ର। ବିଶ୍ରାମ ପରେ କଳାକାର ପୁଣି ଲେଖିବା ଆରମ୍ଭ କଲା। କିନ୍ତୁ ଏ କ'ଣ! ସେଇ ତୂଳୀରେ ଆଉ ଲେଖିହେଉନି! କିଏ ବାଧା ସୃଷ୍ଟିକାରୀ? ସନ୍ଦିଗ୍ଧ ଦୃଷ୍ଟିରେ ଚାହିଁଲା କେ କୁ, ଲାଜରେ ଝାଉଁଳି ପଡ଼ିଲା କଳାକାରର ମୁହଁ, ଲଜ୍ଜାବନତ ଚକ୍ଷୁ। କିଛି ସମୟ ଦୁହେଁ ଦୁହିଁଙ୍କୁ ଅସହାୟ ଆଖିରେ ଚାହିଁ ରହିଲେ। ଅନୁଭବ କଲେ କିଛି ଭୁଲ୍ ବୁଝାମଣା... ଚେଷ୍ଟା କରି ମଧ୍ୟ ଦୂର ହୋଇପାରୁନି।

କବରଖାନା ପଛ ପାଖରୁ ଭାସିଆସିଲା ଘଣ୍ଟାଧ୍ୱନି। ଅସମୟରେ ଘଣ୍ଟାଧ୍ୱନି... ଚମକିପଡ଼ିଲା କଳାକାର। କିଛି ସମୟ ପରେ ଘଣ୍ଟା ଶବ୍ଦ ଆଉ ଶୁଣାଗଲା ନାହିଁ, ଧୀରେ ଧୀରେ ବନ୍ଦ ହୋଇଗଲା। ଘଣ୍ଟା ଶବ୍ଦ ନିଜକୁ ନିଜେ ପରଖୁଥିଲା!

କଳାକାରର କାର୍ଯ୍ୟକଳାପ କେ କୁ ଅତିଷ୍ଠ କରିଦେଲା। ମୁହଁରେ ହାତ ପାପୁଲି ଘୋଡ଼େଇ ଧକେଇ ଧକେଇ କାନ୍ଦିବା ଆରମ୍ଭ କରିଦେଲା।

କାହିଁକି କାନ୍ଦୁଛ କେ? ମୋତେ କିଛି ସାହାଯ୍ୟ କରିପାରିବ? ପଥର ଉପରେ ଲେଖିଲା ଗୋଟିଏ ଅକ୍ଷର 'ମ'। କଳାକାରର ପ୍ରଶ୍ନ।

କେଡ଼େ କଦର୍ଯ୍ୟ ଦେଖାଯାଉଛି ମ' ଅକ୍ଷର... ପୂର୍ବ ଅକ୍ଷରଗୁଡ଼ିକ ଖୁବ୍ ସୁନ୍ଦର ଥିଲା... ଏଇଟା ବିକୃତ କାହିଁକି? ହଉ ପଛେ ନୂଆ ଅକ୍ଷରଟାଏ ତ! ଆରେ ଆରେ ଏ କ'ଣ? ଲେଖି ସାରିବା ପରେ ଜୋର୍‌ରେ ଗୋଇଠା ମାରି ସେଇଟିକୁ ଗୁଣ୍ଡଗୁଣ୍ଡ କରିଦେଲା କଳାକାର।

ଓହୋ... ଜଣାପଡ଼ିଲା, କେ ବୁଝିପାରିଲା କଳାକାରର କାର୍ଯ୍ୟକଳାପର ଉଦ୍ଦେଶ୍ୟ। କେ ଦେଖୁଥିଲା- ପୂର୍ବରୁ ନିଜକୁ ପ୍ରସ୍ତୁତ କରି ରଖିଥିବା ପରି କଳାକାର ନିଜ ହାତରେ ସେଇ ହାଲୁକା ମାଟିଗୁଡ଼ିକୁ ଏକାଠି କରି ପତଳା ଆସ୍ତରଣ ତିଆରି କଲା। ଆସ୍ତରଣଟି ସମାନ୍ତରାଳ ଭାବରେ ଭୂମି ସଂଲଗ୍ନ ଥିଲା। ଭୂମି ତଳେ ବିରାଟ ଗାତ। ଗାତ ଉପରେ ପାଦ ରଖି ଭୂମି ଭିତରକୁ ତା' ଶରୀର ପଶିଯାଉଥିବାବେଳେ ଅନୁଭବ କଲା କିଏ ଯେପରି ତା' ବେକ ଧରି ଉପରକୁ ଟାଣୁଛି... ଟାଣି ଟାଣି ନେଇଯାଉଛି- ତା' ନାଁ ପଥର ଉପରେ ସ୍ୱର୍ଣ୍ଣିମ ଅକ୍ଷରରେ କିଏ ଲେଖିଦେଇଛି!

ପଥର ଉପରେ ସ୍ୱର୍ଣ୍ଣିମ ଅକ୍ଷରରେ ନିଜର ନାଁ! ସଫଳ ହେଇଗଲା ଦୀର୍ଘଦିନର ସ୍ୱପ୍ନ... ଏଇୟା ହିଁ ତ ତା'ର ସ୍ୱପ୍ନ ଥିଲା।

ସ୍ୱପ୍ନ ଉଭେଇଗଲା, ନିଦ ଭାଙ୍ଗିଗଲା। ଆନନ୍ଦ ଗଦ୍‌ଗଦ ମନରେ ଉଠି ଚାରିଆଡ଼କୁ ଚାହିଁଲା କେ।

ମୋ: ୭୦୦୮୨୯୧୦୪୦

# ଚାରା ଉତ୍ପାଦନରେ ଉଦ୍ୟୋଗୀ ସୃଷ୍ଟି

## ଉନ୍ନତମାନର ଚାରାଉତ୍ପାଦନ ଉପରେ ଦକ୍ଷତା ବୃଦ୍ଧି ତାଲିମ ଶିବିର

ସୁନ୍ଦରଗଡ,୧୩।୧୨(ଜୟ ନାରାୟଣ ମେଣ୍ଟୁଳି)

ଓଡ଼ିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ବାଡସି)ଙ୍କ ଆର୍ଥିକ ପ୍ରୋତ୍ସାହନରେ କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପାଞ୍ଚଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଗତ ୯ତାରିଖରୁ ୧୩ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜିଲାର ଅଧିକାରୀ କମିଟିଙ୍କ ଦ୍ୱାରା ଚୟନ କରାଯାଇଥିବା ୨୦ ଜଣ ମହିଳା ଓ ପୁରୁଷ(କୃଷି ଉତ୍ପାଦ କ୍ଲଷ୍ଟର)ଙ୍କୁ ଉଦ୍ୟୋଗୀସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ପନିପରିବାର ଉନ୍ନତମାନର ଚାରା ଉତ୍ପାଦନ ଉପରେ ପ୍ରୟୋଗାତ୍ମକ ତାଲିମ ଦିଆଯାଇଥିଲା। ଏହି ତାଲିମରେ ଚାରା ଉତ୍ପାଦନର ବିଭିନ୍ନ ମାଧ୍ୟମ ଓ ପଦ୍ଧତି, ଚାରା ଉତ୍ପାଦନର ଆବଶ୍ୟକତା, ଋତୁ ଅନୁଯାୟୀ ଚାରା ଉତ୍ପାଦନ, ଅଦିନିଆ ପନିପରିବା ଚାରା ଉତ୍ପାଦନ, ରୋଗ ପୋକ ପରିଚାଳନା, ସରକାରୀ ପ୍ରୋତ୍ସାହନ, ବ୍ୟବସାୟିକ ଭିତ୍ତିରେ ଚାରା ଉତ୍ପାଦନର ଆୟବ୍ୟୟର ଅଟକଳ ଓ ନର୍ସରୀର ପଞ୍ଜିକରଣ ଉପରେ ବିସ୍ତୃତଭାବେ ଆଲୋଚନା କରି କ୍ଷେତ୍ରପ୍ରଦର୍ଶନ ମାଧ୍ୟମରେ ବୁଝାଯାଇଥିଲା। ଝାରସୁଗୁଡାସ୍ଥିତ ଲଖନପୁର ବ୍ଲକର ପଞ୍ଚଗାଁଠାରେ ଉଦ୍ୟୋଗୀ ସୁଶାନ୍ତ କୁମାର ପ୍ରଧାନଙ୍କ ଫାର୍ମକୁ ବର୍ହିପରିଦର୍ଶନରେ ଯାଇ ଟମାଟୋ, ବାଇଗଣ ଓ ଲଙ୍କାର କଲମିକରଣ ପଦ୍ଧତିକୁ ସମସ୍ତେ ବିଶେଷ ଭାବେ ଅନୁଧ୍ୟାନ କରିଥିଲେ। ପଲିହାଉସରେ ପ୍ରୋ-ଟ୍ରେ ମାଧ୍ୟମରେ ପନିପରିବାର ଚାରା ଉତ୍ପାଦନ ପଦ୍ଧତି ମଧ୍ୟ ବୁଲି ଦେଖିଥିଲେ। ଏହି ତାଲିମରେ ମୁଖ୍ୟ ପ୍ରଶିକ୍ଷକ ଭାବେ କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଡେଭିଡ ଜେମସ ବାଗେ, ଡ. ମନୋଜ କୁମାର ଜେନା, ଡ. ଦ୍ୱିବେନ୍ଦୁ ମଣ୍ଡଳ, ଆଞ୍ଚଳିକ କୃଷି ଗବେଷଣା ଉପକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଜୀବ କୁମାର ବିଶ୍ୱାସୀ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ସୁକାନ୍ତ କୁମାର ନାଏକ ତାଙ୍କ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ବିଭିନ୍ନ ସରକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ ଓ ସମସ୍ତଙ୍କୁ ବ୍ୟବସାୟିକ ଭିତ୍ତିରେ ଚାରାଉତ୍ପାଦନ କରିବାପାଇଁ ଉତ୍ସାହିତ କରିଥିଲେ। ପରିଶେଷରେ ପ୍ରଶିକ୍ଷାର୍ଥୀମାନଙ୍କର ମୂଲ୍ୟାଙ୍କନ କରାଯାଇ ଅତିଥିମାନଙ୍କଦ୍ୱାରା ଦ୍ୱାରା ମାନପତ୍ର ଓ ତାଲିମ ପୁସ୍ତିକା ପ୍ରଦାନ କରାଯାଇଥିଲା। ଏହି ତାଲିମ ଶିବିରକୁ କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ଅରୁଣ କୁମାର ମିଶ୍ର, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ, ଷ୍ଟେନୋ କମଳ ଲୋଚନ ମହାନ୍ତ, କର୍ମଚାରୀ ଭ୍ରମରବର ସା, ଜିତେନ୍ଦ୍ର ସେଠୀ, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ ।



ତାଲିମ ଶିବିରରେ ଉପସ୍ଥିତ ତାଲିମଦାତା ଓ ଚାଷୀ।

## ବଙ୍ଗୀୟ ମିସ୍ତ୍ରିଙ୍କୁ ଅନ୍ତଃବସ୍ତ୍ର ପିନ୍ଧାଇ ରାସ୍ତାରେ ଚଲାଇବା ଘଟଣା: ୫ ଗିରଫ

ସୁନ୍ଦରଗଡ,୧୩।୧୨(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ସହର ମିଶନ ଛକରେ ଗୁରୁବାର ଜଣେ ମହିଳାଙ୍କୁ ଅସଦାଚରଣ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ୟକ୍ତ ଲୋକେ ୮ଜଣ ବଙ୍ଗୀୟ ମିସ୍ତ୍ରୀଙ୍କୁ ନିସ୍ଥୁକ ମାଡ ମାରି ଅନ୍ତଃବସ୍ତ୍ର ପିନ୍ଧାଇ ଚଲାଇ ଚଲାଇ ଥାନାକୁ ନେଇଥିଲେ। ବଙ୍ଗୀୟ ମିସ୍ତ୍ରିଙ୍କ ଅଭିଯୋଗ ଉପରେ ପୋଲିସ ଶୁକ୍ରବାର ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସେମାନଙ୍କ ବିରୋଧରେ ସୁନ୍ଦରଗଡ ଟାଉନଥାନାରେ କେଶ ନଂ.୪୦୭/୨୦୨୪ରେ ଭାରତୀୟ ଦଣ୍ଡ ସହିତା ଦଫା୧୯୧(୨),୧୨୬(୨), ୧୨୭(୨),୩୫୧(୨),୨୯୬,୧୧୫(୨),୧୨୧(୧),୧୩୨,୭୪,୧୦୯, ୧୧୭(୪)୧୯୦ ଆଦି ସଙ୍ଗୀନ ଦଫା ରୁଜୁ କରିଛି। ଏହି ମାମଲାରେ ପୋଲିସ ୧୭ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି। ସେହିପରି ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ (ନଂ.୪୦୬/୨୦୨୪) ବଙ୍ଗୀୟ ମିସ୍ତ୍ରୀଙ୍କ ନାମରେ ମାମଲାରେ ରୁଜୁ କରିଛି। ଉତ୍ୟକ୍ତ ଲୋକଙ୍କ ଆକ୍ରମଣର ଶୀକାର ହୋଇଥିବା ବଙ୍ଗୀୟ ମିସ୍ତ୍ରୀମାନେ ବର୍ତ୍ତମାନ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଦିବସ



ବନ୍ଧମୁଣ୍ଡା,୧୩।୧୨(ସୁବ୍ରତ ଦେ)

ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟରେ ଶୁକ୍ରବାର ୩୨ତମ ବାର୍ଷିକ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବନ୍ଧମୁଣ୍ଡା ରେଳବାଇ ଡିଜେଲ ଶେଡ୍‌ର ସିନିୟର ଡିଏମ୍‌ଇ ଉପସ୍ଥିତ ଥିଲେ। ରାଉରକେଲା ଆୟକର ବିଭାଗର ସହକାରୀ କମିଶନର ସୁମନ ଦେବରାୟ ଏବଂ ରାଉରକେଲା ଏନ୍‌ଆଇଟିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ପି. ନିରଜା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ହେମଲତା ନାୟକ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଛାତ୍ରୀଛାତ୍ରମାନେ ପରେଡ୍ କରିବା ସହିତ ସମସ୍ତ ଅତିଥିଙ୍କ ଉପସ୍ଥିତିରେ କ୍ରୀଡ଼ା ଦିବସକୁ ଅନୁସରଣ କରି ଶପଥ ଗ୍ରହଣ କରିଥିଲେ। ପରେ ବିଭିନ୍ନ ଖେଳ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ପଞ୍ଚାନନ ବେହେରା ମାନବ ଜୀବନର ବିକାଶରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଖେଳ ଦିବସରେ ଅଭିଭାବକ ଏବଂ ଶିକ୍ଷକମାନଙ୍କ ପାଇଁ ଦୌଡ଼ ପ୍ରତିଯୋଗିତା, ବଲ ପାସ ସମେତ ବିଭିନ୍ନ ଆକର୍ଷଣୀୟ ଖେଳ ଆୟୋଜିତ ହୋଇଥିଲା।

## ଗୀତା ଜୟନ୍ତୀରେ ହୋମଯଜ୍ଞ

ଗାଇସିଲେଟ,୧୩।୧୨(ଦୁର୍ଗା ପ୍ରସାଦ ତ୍ରିବେଦୀ): ଗାଇସିଲେଟ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମାର୍ଗଶୀର ମାସ ତ୍ରୟୋଦଶୀ ତିଥିରେ କୁରୁକ୍ଷେତ୍ର ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିଜର ବିଶ୍ୱରୂପ ଦର୍ଶନ କରାଇ ଗୀତାଜ୍ଞାନ ଦେଇଥିଲେ। ସେହି ଦିବସର ଉପାଦେୟତା ଯୋଗୁ ଶୁକ୍ରବାର ଗୀତା ଜୟନ୍ତୀ ଅବସରରେ ବ୍ରାହ୍ମଣମାନଙ୍କ ଦ୍ୱାରା ହୋମଯଜ୍ଞ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ମାନଭଞ୍ଜନ ପୁରୋହିତ କର୍ତ୍ତା ଭାବେ ଘୃତ ଆହୁତି ପ୍ରଦାନ କରିଥିଲେ। ପୂଜକ ଲଳିତ କୁମାର ପଣ୍ଡା, ପ୍ରଶାନ୍ତ ଦାଶ, ଜଗଦାନନ୍ଦ ପଣ୍ଡା, ଗୀତାପାଠ କରିଥିଲେ।

## ଜିଲାପାଳଙ୍କୁ ଭେଟିଲେ ପ୍ରଦୂଷଣ, ବିସ୍ଥାପନ ସମସ୍ୟାରେ ପୀଡ଼ିତ ଗ୍ରାମବାସୀ

ସୁନ୍ଦରଗଡ, ୧୩।୧୨(ଜୟ ନାରାୟଣ ମେଣ୍ଟୁଳି)

ଏନଟିପିସି ଦର୍ଲିପାଲି ପାୱାର ପ୍ଲାଣ୍ଟର ପ୍ରଦୂଷଣ ଓ ବିସ୍ଥାପନ ସମସ୍ୟାରେ ପୀଡିତ ଗ୍ରାମବାସୀ ଶୁକ୍ରବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଯୁବନେତା ହିମାଂଶୁ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏହି ଗ୍ରାମବାସୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାସହ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସହ ଆଲୋଚନା କରିଥିଲେ। ଦର୍ଲିପାଲି ଗ୍ରାମ ପଞ୍ଚାୟତର ବୋରିବିଘାର ଓ ଆଲୁଡେଗା ଗ୍ରାମର ପାଣି, ଖେତ, ରାସ୍ତାଘାଟ ପାଉଁଶରେ ପ୍ରଦୂଷିତ ହେଉଛି। ଏନେଇ ପ୍ରଥମେ ବିଧାୟକ ଯୋଗେଶ ସିଂହ ଓ ପରେ ଷଡ଼ଙ୍ଗୀ ଗ୍ରାମକୁ ଯାଇ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏହି ସମସ୍ୟାର ସମାଧାନ ଦିଗରେ ଆର୍‌ପିଡିଏସି ସଭା ସହିତ ଅନ୍ୟାନ୍ୟ ନିୟମକୁ ମାନି ଲୋକଙ୍କ ସମସ୍ୟାର ସମାଧାନ କରିବେ ବୋଲି ଜିଲାପାଳ କହିଥିଲେ।


ଗ୍ରାମବାସୀ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

## ଇସ୍ରୋ ଯିବେ ବିକାଶ ଛାତ୍ର ପ୍ରଜ୍ଞାନ କର

ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ): ସାରା ଓଡ଼ିଶାରୁ ୮୦ହଜାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପ୍ରଜ୍ଞାନ କର ଯୁବ ଜ୍ୟୋତିର୍ବିଜ୍ଞାନୀ ଭାବେ ଭାରତୀୟ ଗବେଷଣା ସଂସ୍ଥା ଇସ୍ରୋକୁ ଯିବା ପାଇଁ ମନୋନୀତ ହୋଇଛନ୍ତି। ପ୍ରକାଶଥାଉକି, ରାଜ୍ୟ ସରକାର ପ୍ଲାନେଟୋରିୟମ୍ ଓ ଟାଟା ଷ୍ଟିଲ୍‌ର ମିଳିତ ସହଯୋଗରେ ଆୟୋଜିତ ୟଙ୍ଗ୍ ଅଷ୍ଟ୍ରୋନୋମର୍ ଟ୍ୟାଲେଣ୍ଟ ସର୍ଚ୍ଚ ୨୦୨୪ର ୧୮ତମ ସଂସ୍କରଣରେ ବରଗଡ଼ କ୍ରୀଷ୍ଣା ବିକାଶ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ପ୍ରଜ୍ଞାନ ସର୍ବଶ୍ରେଷ୍ଠ ୩୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମନୋନୀତ ହୋଇଥିଲେ।

## ବରିଷ୍ଠ ନାଗରିକ ସଂଘର ସ୍ଥାପନା ଦିବସ

ସୁନ୍ଦରଗଡ,୧୩।୧୨(ଜୟ ନାରାୟଣ ମେଣ୍ଟୁଳି)

ବିରମିତ୍ର ଉଦ୍ୟାନ ସଂଲଗ୍ନ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ପରିସରରେ ସଂଘର ୨୨ତମ ସ୍ଥାପନା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଈଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠ କାର୍ଯ୍ୟକ୍ରମରେ ସଦସ୍ୟମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ ତଥା ସଂଘର ଉତ୍ତରୋତ୍ତର ବିକାଶ ନିମନ୍ତେ ସମସ୍ତ ପ୍ରକାରର ସାହାର୍ଯ୍ୟ ଓ ସହଯୋଗ ପାଇଁ ପ୍ରତିଶ୍ରୁତିବଦ୍ଧ ହେବାପାଇଁ ନିବେଦନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ପଦ୍ମଲୋଚନ ସରାଫ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ କୋଷାଧ୍ୟକ୍ଷ ବାସୁଦେବ ସରାଫ ସଂଘର ଆୟ ବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଉଭୟ ବିବରଣୀକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହି ସଭାରେ ସର୍ବଶ୍ରୀ ହରିବନ୍ଧୁ ଠାକୁର, ସୁଧୀର ନାଏକ, ରାମେଶର ହୋତା ଓ ସୁରେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ କାର୍ଯ୍ୟନିର୍ବାହୀ ସଦସ୍ୟଭାବେ ମନୋନୀତ କରାଯାଇଥିଲା ତଥା ଶାନ୍ତନୁ କୁମାର ମହାପାତ୍ରଙ୍କୁ ସଂଘର ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ ଛକରେ ୪ଟି ବେଞ୍ଚ ଯାତ୍ରୀମାନଙ୍କ ପାଇଁ ସ୍ଥାପନ କରାଯିବା ଏବଂ ସୁନ୍ଦରଗଡ ଭେଷଜ ମହାବିଦ୍ୟାଳୟରେ ଖାଲି ଥିବା ଚିକିତ୍ସକ ପଦବୀ ପୁରଣ କରିବା ପାଇଁ ଦାବିପତ୍ର ଦେବା ନିମିତ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜାନୁଆରୀ ୮ ତାରିଖରେ ଏକ ବଣଭୋଜି ଓ ବନ୍ଧୁମିଳନର ଆୟୋଜନ କରାଯିବା ପାଇଁ ସମସ୍ତେ ମତପ୍ରକାଶ କରିଥିଲେ। ସଂଘର ମୁଖପାତ୍ର ଡ. ଚିରବ୍ରତ ଦତ୍ତ ମଞ୍ଚ ପରିଚାଳନା ଓ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।

## ବଡ଼ଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ


ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ବଡ଼ଗାଁ,୧୩।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ବିଦ୍ୟାଳୟର ଅଧକ୍ଷ ଧୂଳେଶ୍ୱର୍ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ପୂର୍ବତନ ସମ୍ପାଦକ ମୁଖରାମ ନାଏକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ, ସୁନ୍ଦରଗଡ ସରକାରୀ ମହା ବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର କୁଳମଣି ବେହେରା ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସାଂସ୍କୃତିକ ପରିଷଦର ମୁଖ୍ୟ ଡ. ସୁପ୍ରିୟା ପାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ନାଏକ ଶିକ୍ଷା ଓ କ୍ରୀଡା ଉପରେ ଗୁରୁତ୍ୱ ଦେବାକୁ ବୁଝାଇଥିଲେ। ସମ୍ମାନିତ ଅତିଥି ଶିକ୍ଷା ଅଧିକାରୀ ହରୋ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ତଥା ନାରୀ ଶିକ୍ଷାର ପ୍ରସାର ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଡ. ବେହେରା ଜଣେ ଉତ୍ତମ ଛାତ୍ରର ଗୁଣ ତଥା ଚାରିତ୍ରିକ ବିକାଶର ଆବଶ୍ୟକତା ଉପରେ ମତ ରଖିଥିଲେ। ଏହି ଉପଲକ୍ଷେ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଯୁକ୍ତ ୨ ଶିକ୍ଷା ପରିଷଦ ଓଡିଶା ଦ୍ୱାରା ପରିଚାଳିତ ବାର୍ଷିକ ପରୀକ୍ଷା ୨୦୨୪ର ଉଭୟ କଳା ଓ ବିଜ୍ଞାନ ବିଭାଗରେ ଅନୁଷ୍ଠାନର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଅଞ୍ଜଳି ପୃଷେଟ ଓ ଖୁସବୁ ଯାଦବଙ୍କୁ ପାଞ୍ଚ ହଜାର ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ଦିଆଯାଇଥିଲା। ପ୍ରାରମ୍ଭ ରେ ଅନୁଷ୍ଠାନ ର ଅଧକ୍ଷ ସାହୁ ୨୦୨୪ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ସମସ୍ତ କାର୍ଯ୍ୟକ୍ରମର ପରିଚାଳନା ସାଂସ୍କୃତିକ ପରିଷଦ ପକ୍ଷରୁ ଡକ୍ଟର ପାଲ କରିଥିଲେ ଓ ଶେଷର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ନିଖିଳ ଓଡ଼ିଶା ୪୮୮ ବର୍ଗ ଶିକ୍ଷକ, କର୍ମଚାରୀଙ୍କ ଆନ୍ଦୋଳନ ପ୍ରସ୍ତୁତି

ରାଉରକେଲା,୧୩।୧୨(ସଙ୍ଗୀତା ଜେନା)

ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ୪୮୮ ବର୍ଗ ଶିକ୍ଷକ ଓ କର୍ମଚାରୀ ସଂଘର ଜିଲାସ୍ତରୀୟ ସଭା ସେକ୍ଟର-୩ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ସରୋଜ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ପ୍ରସ୍ତୁତି ସଭାରେ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘର କର୍ମଚାରୀମାନଙ୍କ ସର୍ତ୍ତାବଳୀ, ପଦୋନ୍ନତି ତଥା ପେନସନ୍ ଭଳି ବିଭିନ୍ନ ଦାବି ପୂରଣ ପାଇଁ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗତ ସରକାରଙ୍କ ସମୟରେ ସଂଘ ତାର ଦାବି ବାରମ୍ବାର ଉପସ୍ଥାପନ କରିଥିଲେ ମଧ୍ୟ କେବଳ ମିଥ୍ୟା ପ୍ରତିଶ୍ରୁତି ମିଳିଥିଲା। ସେତେବେଳର ମୁଖ୍ୟମନ୍ତ୍ରୀ ଅନୁଦାନପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ପ୍ରତ୍ୟକ୍ଷ ଅନୁଦାନରେ ଅନ୍ତର୍ଭୁକ୍ତ କରାଗଲା ବୋଲି ଖବରଦାତା ସମ୍ମିଳନୀରେ ସ୍ୱୀକାର କରିଥିଲେ। ହେଲେ ଉକ୍ତ ଶିକ୍ଷକମାନଙ୍କୁ ବ୍ଲକଗ୍ରାଣ୍ଟ ଶବ୍ଦ ବ୍ୟବହାର କରାଯାଉଛି। ଏହା ଦ୍ୱାରା ଶିକ୍ଷକମାନେ ହଇରାଣ ହେଉଛନ୍ତି। ଚଳିତ ସରକାରଙ୍କ ନିକଟରେ ସମାନ ଅଭିଯୋଗ କରାଯାଇଛି। ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଇତିମଧ୍ୟରେ ତାଲିକା ପ୍ରକାଶ ପାଇଛି। ଯେଉଁ ତାଲିକାରେ ୨୦୧୬ରୁ ଚାକିରି ପାଇଥିବା ଶିକ୍ଷକ ସାମିଲ ହୋଇଥିବା ବେଳେ ୨୦୧୭ ଗ୍ରାଣ୍ଟ ଇନ୍ ଏଡ୍‌କୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି। ଏ ନେଇ ସଂଘର ରାଜ୍ୟ ସଭାପତି ମାନସ ପୁରୋହିତ ଖବରଦାତା ସମ୍ମିଳନୀରେ ଡିସେମ୍ବର ୨୨ ତାରିଖରେ ଧର୍ମଘଟକୁ ଓହ୍ଲାଇବାକୁ ସୂଚନା ଦେଇଛନ୍ତି ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ରାଜ୍ୟ ଉପସଭାପତି ସିତ ଭୂୟାଁ, ଜିଲା ସାଧାରଣ ସମ୍ପାଦକ ଉଦିତ ପଟେଲ, କାର୍ଯ୍ୟକାରୀ ସଭାପତି ଦେବାଶିଷ ସାହୁ, ଉପସଭାପତି ପ୍ରଶାନ୍ତ ଚଇନି, କୋଷାଧ୍ୟକ୍ଷ ରଞ୍ଜନ ମହାପାତ୍ର, ଚନ୍ଦ୍ରକାନ୍ତ ରଥ, ସମ୍ପାଦିକା ପୁଷ୍ପଲତା ଷଡଙ୍ଗୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଲୋକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମହୁଲପାଲିରେ ପୌରାଣିକ କୁଇଜ୍ ପ୍ରତିଯୋଗିତା

ପଦ୍ମପୁର,୧୩।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ନିକଟସ୍ଥ ମହୁଲପାଲିଠାରେ ମହାଲକ୍ଷ୍ମୀ ପୂଜା ଅବସରରେ ପଦ୍ମପୁର ଶିକ୍ଷକ ଏକାଦଶ ତରଫରୁ ଶୁକ୍ରବାର ଏକ ପୌରାଣିକ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାଁର ବିଶିଷ୍ଟ ବ୍ୟକ୍ତି ଗୋବିନ୍ଦ ସାହୁ ଓ ତାରାଚାନ୍ଦ ସାହୁ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷକ ଏକାଦଶ ତରଫରୁ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ନରେନ୍ଦ୍ର ପ୍ରଧାନ, କୁଞ୍ଜବିହାରୀ ସରାଫ, କିଶୋର ପାତ୍ର, ବିରେନ୍ଦ୍ର ପ୍ରଧାନ, ରାକେଶ ସାହୁ ବିଭିନ୍ନ ପ୍ରଶ୍ନ କରିଥିଲେ। ଗ୍ରାମବାସୀ ସକ୍ରିୟ ଅଂଶଗ୍ରହଣ କରିବା ସହ ପ୍ରଶ୍ନଗୁଡିକର ଉତ୍ତର ଦେଇ ପୁରସ୍କାର ପାଇଥିଲେ।

## ହିନ୍ଦୁ ଦୁଧ ଖଡ଼ିଆ ସମାଜର ଜିଲାସ୍ତରୀୟ ବୈଠକ

ବଡ଼ଗାଁ,୧୩।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଚାବୁରି ଗୁଡ଼ି ଅଧୀନ ଯାଜପୁର ଗ୍ରାମରେ ଶୁକ୍ରବାର ହିନ୍ଦୁ ଦୁଧ ଖଡ଼ିଆ ସମାଜର ଜିଲା ସ୍ତରୀୟ ମାସିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚାବୁରି ଗୁଡ଼ିର ବହୁ ସଂଖ୍ୟକ ସାମାଜିକ କାର୍ଯ୍ୟକର୍ତ୍ତା ଓ ସୁନ୍ଦରଗଡ଼ ଜିଲାର ୭ ବ୍ଲକର ୯ ଗୁଡ଼ିର ସାମାଜିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସମାଜର ଜିଲା ସଦସ୍ୟ ଶିବପ୍ରସାଦ କିଡୋ, ଶ୍ୟାମସୁନ୍ଦର କିଡ଼ୋ, ରାଜକୁମାର କିଡ଼ୋ, ରାଜେଶ ସୋରେଙ୍ଗ, ସନ୍ତୋଷ କେରକେଟା, ଦୁର୍ଗା କୁଲୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ହିନ୍ଦୁ ଦୁଧ ଖଡ଼ିଆ ସମାଜର ଉନ୍ନତି, ୭ ଟି ସଂସ୍କାର, ନିଶା ନିବାରଣ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଧର୍ମ ପରିବର୍ତ୍ତନ ନ କରିବା ବିଷୟରେ ଆଲୋଚନା ହୋଇଥିଲା। ଚାବୁରି ଗୁଡ଼ିର ସଭାପତି କୈଳାସ କେରକେଟା ଏହି ସଭାକୁ ପରିଚାଳନା କରିଥିଲେ। ଉପ ସଭାପତି ଅଭିମନ୍ୟୁ ସୋରେଙ୍ଗ, ସମ୍ପାଦକ ବିନୋଦ କିଡ଼ୋ, ଚମାରୁ ଡୁଙ୍ଗଡୁଙ୍ଗ, ପ୍ରଦିପ ଟେଟେ, ରାଜେନ୍ଦ୍ର ଟେଟେ ପ୍ରମୁଖ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସାମାଜିକ କାର୍ଯ୍ୟକର୍ତ୍ତା।

## କ୍ରୀଡ଼ା ମାନସିକ, ଶାରୀରିକ ବିକାଶ ଘଟାଇଥାଏ

ରାଉରକେଲା,୧୩।୧୨(ଦିନେଶ ମିଶ୍ର)

ବିଶ୍ରାତାହାର ରୋଡ୍‌ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୩ତମ ବାର୍ଷିକ କ୍ରୀଡା ଉତ୍ସବ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପାଳିତ ହୋଇଯାଇଛି। ଉଦିତନଗର ପରେଡ ପଡିଆରେ ଆୟୋଜିତ ଏହି କ୍ରୀଡାରେ ହରିୟାଣା ନାଗରିକ ସଂଘ ଓ ବିଦ୍ୟାଳୟ ପ୍ରବନ୍ଧନ ସମିତି ଅଧ୍ୟକ୍ଷ ନରେଶ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ହେଉଛି ଛାତ୍ର ଜୀବନର ଏକ ଅଙ୍ଗ। ପାଠ ସହ କ୍ରୀଡା ବିଦ୍ୟାର୍ଥୀଙ୍କ ମାନସିକ, ବୌଦ୍ଧିକ ଓ ଶାରିରୀକ ବିକାଶ କରିଥାଏ ବୋଲି ଅଗ୍ରୱାଲ କହିଥିଲେ। ଟ୍ରଷ୍ଟି ଡ. ସୁରେଶ କୁମାର ବଂଶଲ, ବିଷ୍ଣୁଦୟାଲ ଅଗ୍ରୱାଲ, ରକ୍ଷିପ୍ରିୟା ଆର୍ଯ୍ୟା, ସଚିବ ସୁବାଷ ଚନ୍ଦ୍ର ଅଗ୍ରୱାଲ, ପଙ୍କଜ ଗର୍ଗ, ଓମ୍‌ପ୍ରକାଶ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ମନୀଷ ଗୟେଲ, ମୁକେଶ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୭ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରାୟ ୪୭ ପ୍ରକାରର ଖେଳ ପ୍ରଦର୍ଶନ କରାଯାଇଥିଲା। କ୍ରୀଡା ଶିକ୍ଷକ ଡି. ପି. ରାଓଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ରେଣୁ ତିୱାରୀ ଓ ସସ୍ମିତା ବ୍ରହ୍ମା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁନୀତା ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।


ଛାତ୍ରୀଛାତ୍ର କ୍ରୀଡ଼ାରେ ଅଂଶଗ୍ରହଣ କରିଛନ୍ତି।

**ମହାବିଦ୍ୟାଳୟରେ ଡିଜିଟାଲ ଜମା ବ୍ୟବସ୍ଥା ଉଦ୍‌ଘାଟିତ**

ଖଡ଼ିଆଳ (ସୁଜିତ କୁମାର ପ୍ରଧାନ)– ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଣିକି ସମସ୍ତେ ଡିଜିଟାଲ ଜମା ବ୍ୟବସ୍ଥାର ସୁବିଧା ଉଠାଇବେ। ମହାବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ବିଶ୍ୱଜିତ ପାଢ଼ୀ ଏହି ବ୍ୟବସ୍ଥାକୁ ଉଦ୍‌ଘାଟନ କରି ଏହାଦ୍ୱାରା ବିଦ୍ୟାର୍ଥୀ ଓ ଅଭିଭାବକ କଲେଜ ସମ୍ବନ୍ଧୀୟ ଫି' ଦେବାକୁ ମହାବିଦ୍ୟାଳୟ ଆସିବାକୁ ପଡ଼ିବ ନାହିଁ ବୋଲି କହିଥିଲେ। ଏହିବ୍ୟବସ୍ଥା ଯୋଗୁ ବିଦ୍ୟାର୍ଥୀ ନିଜ ଫୋନ ପେ, ୟୁପିଆଇ ଓ ବ୍ୟାଙ୍କ ମାଧ୍ୟମରେ ସମସ୍ତ ଫି' ଦାଖଲ କରିପାରିବେ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା ସୂଚନା ଦେଇଥିଲେ।



## ସଂକ୍ଷେପରେ

### ଚକ ଫାଟି ଟ୍ରକ୍‌ରେ ଲାଗିଲା ନିଆଁ



**କୋକସରା,୧୩।୧୨ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଜାତୀୟ ରାଜପଥ ୨୬ ଆମପାଣି ଷ୍ଟେଟବ୍ୟାଙ୍କ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ମାଲବୋଝେଇ ଟ୍ରକ୍‌ର ପଛ ଚକ ଫାଟିଯିବାରୁ ହଠାତ୍ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ଏ ନେଇ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଓଆଇସି ପ୍ରଶାନ୍ତ ବାଘ ଓ କର୍ମଚାରୀମାନେ ପହଞ୍ଚି ଟ୍ରକରେ ଲାଗିଥିବା ନିଆଁ ଆୟତ୍ତ କରିଥିଲେ। ଏପି୦୭ଟିଜି ୭୦୦୯ନଂ. ଟ୍ରକ୍‌ଟି ମାଲ ବୋଝେଇ କରି ବିଶାଖାପାଟଣାରୁ ଭବାନୀପାଟଣା ଅଭିମୁଖେ ଯାଉଥିବା ବେଳେ ନିଆଁ ଲାଗିଥିଲା। ତେବେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡିଛି।

### ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ବିଡିଓ

**କୋମନା,୧୩।୧୨(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବିଡିଓ ହେମନ୍ତ ପୁଝା ଶୁକ୍ରବାର ବ୍ଲକର ସୁନାବେଡ଼ା ଓ ଶୋଷେଙ୍ଗ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ସହ ସମୀକ୍ଷା କରିଥିଲେ। ସୁନାବେଡା ପଞ୍ଚାୟତର ଢେକୁନପାଣି ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିଥିଲେ। ପରେ ସୁନାବେଡା ଓ ଶୋଷେଙ୍ଗ ପଞ୍ଚାୟତର ଶ୍ରମିକମାନଙ୍କ ସହ ରୋଜଗାର ଦିବସ ପାଳନ କରି ସେମାନଙ୍କୁ ଦାଦନ ଖଟିବାକୁ ନ ଯାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି ରୋଜଗାରକ୍ଷମ ହେବାକୁ ସଚେତନ କରାଇଥିଲେ। ବିଡିଓଙ୍କ ସହ ଏପିଓ ଜିତେନ୍ଦ୍ର ସାହୁ, ସୁନାବେଡ଼ା କାର୍ଯ୍ୟନିର୍ବାହୀ ଅଧିକାରୀ ଜୟପ୍ରକାଶ ମାଝୀ, ସୋଶେଙ୍ଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ପରମାନନ୍ଦ ମାଝୀ, ଜିଆର୍‌ଏସ୍ ସିମାଞ୍ଚଳ ମାଝି ଓ ଡମରୁ ଧର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା ପାଇଁ ଗୌରବ ଆଣିଲେ ଛାତ୍ର ପ୍ରୟାଗରାଜ

**କୋକସରା,୧୩।୧୨ (ଦୁଷ୍ମନ୍ତ କୁମାର ପାଟଯୋଷୀ):** ଟାଟା ଷ୍ଟିଲ (ୟାଟ୍ସ) ପକ୍ଷରୁ ଆୟୋଜିତ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ଭାଗ ନେଇଥିବା ୬୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କଳାହାଣ୍ଡି ଜିଲା କୋକସରା ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ପ୍ରୟାଗରାଜ ପଣ୍ଡା ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରିଛନ୍ତି। ଗ୍ରାଣ୍ଡ ଫାଇନାଲରେ କଳାହାଣ୍ଡି ଜିଲା ପାଇଁ ସେ ଜଣେ ମାତ୍ର ଛାତ୍ର ଭାବେ ମନୋନୀତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଶୁକ୍ରବାର ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରୁ ମାନପତ୍ର ସହ ଟ୍ରଫି ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲର ଅଧିକାରୀ ଓ ପ୍ଲାନେଟୋରିୟମର ଅଧିକାରୀ ଉପସ୍ଥିତ ଥିଲେ। ଗମ୍ଭାରୀଗୁଡା ପଞ୍ଚାୟତ ଓଲମା ଗ୍ରାମର ଆଶିଷ କୁମାର ପଣ୍ଡାଙ୍କ ପୁଅ ହେଉଛନ୍ତି ପ୍ରୟାଗରାଜ।

### କର୍ଲାମୁଣ୍ଡା ମଣ୍ଡିରେ ପଡିରହିଛି ୫୨୭୭ ପ୍ୟାକେଟ ଧାନ

**କର୍ଲାମୁଣ୍ଡା,୧୩।୧୨(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଚାଷୀଙ୍କ ଧାନ କିଣା ପାଇଁ କର୍ଲାମୁଣ୍ଡା ପାଣି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଡ଼୍ମଣ୍ଡି ଖୋଲାଯାଇଛି। ଚାଷୀମାନେ ଟୋକନ୍ ପାଇ ଗତ ୫ ତାରିଖରୁ ମଣ୍ଡିରେ ଧାନ ପକେଇଥିଲେ ହେଁ କଟ୍‌ନୀ ସମସ୍ୟା ହେତୁ ୫୭ ଜଣ ଚାଷୀଙ୍କ ୫୨୭୭ ପ୍ୟାକେଟ ଧାନ ପଡିରହିଛି। ଏ ନେଇ ଚାଷୀମାନେ ଧାରଣା ଦେଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସମାଧାନର ବାଟ ଫିଟୁନି। ଶୁକ୍ରବାର ଚାଷୀଙ୍କ ସହ ବିଡ଼ିଓ ସିଦ୍ଧେଶ୍ୱର ମେହେର ଓ ତହସିଲଦାର ଅରୁଣ ବର୍ଗେ ଆଲୋଚନା କରିବା ସହ ମଣ୍ଡି ପରିଦର୍ଶନ କରିଥିଲେ। ଅନ୍ୟପଟେ ମଣ୍ଡିରେ ଧାନ କ୍ରୟ ବିଳମ୍ବ ହେଲେ ଟୋକନ ଅବଧି ଶେଷକୁ ନେଇ ଚାଷୀ ଚିନ୍ତା ପ୍ରକଟ କରିଛନ୍ତି। ଏ ନେଇ ଜିଲା ଖାଉଟି ଯୋଗାଣ ଅଧିକାରୀ ପବିତ୍ର ସାହୁଙ୍କୁ ପଚାରିବାରୁ ଚାଷୀମାନେ ଆନାଲିସିସ କରି ଧାନ ବିକ୍ରି କରିବାକୁ ରାଜି ହେଉ ନ ଥିବାରୁ ଏଭଳିସମସ୍ୟା ସୃଷ୍ଟିହେଉଛିବୋଲିକହିଛନ୍ତି।

# ଗାଁରେ ହଜିଯାଉଛି ଗାଁର କଳା

**ଭବାନୀପାଟଣା,୧୩।୧୨(ଉତ୍ତମ କୁମାର ଦାଶ)**



କଳାହାଣ୍ଡି ଜିଲାରେ ପରିବେଷଣ ହେଉଥିବା ଏକ ନାଟକର ଦୃଶ୍ୟ।

ଗାଁରେ ହଜିଯାଉଛି ଗାଁର କଳା। ଆଧୁନିକତାର ଛାପରେ ଲୋପ ପାଇବାକୁ ବସିଛି ନାଟକ। ଅଶି ଦଶକରେ ସମଗ୍ର ପଶ୍ଚିମ ଓଡ଼ିଶାରେ କଳାହାଣ୍ଡି ଜିଲା ନାଟକ ପାଇଁ ପ୍ରସିଦ୍ଧି ଲାଭ କରିଥିଲା। ବିଭିନ୍ନ ପର୍ବ ପର୍ବାଣିରେ ଗାଁ ଦାଣ୍ଡରେ ପୌରାଣିକ ଓ ସାମାଜିକ ନାଟକ ମଞ୍ଚସ୍ଥ ହେଉଥିଲା। କିନ୍ତୁ ଏବେ ଆଉ ସେଭଳି ଦେଖିବାକୁ ମିଳୁନାହିଁ। ଏହି ପ୍ରାଚୀନ ପରମ୍ପରା ଏବେ ପ୍ରାୟ ଲୁପ୍ତ ହେବାକୁ ବସିଛି।

ଗ୍ରାମାଞ୍ଚଳରେ ମନୋରଞ୍ଜନର ବଳିଷ୍ଠ ମାଧ୍ୟମ ଭାବେ ନାଟକ ପରିବେଷଣ ବହୁ ପୁରୁଣା। କଳାହାଣ୍ଡି ସମେତ ପଡୋଶୀ ଜିଲାରେ ପରିବେଷିତ ହେଉଥିଲା ନାଟକ। ବିଭିନ୍ନ ପର୍ବପର୍ବାଣି ଯଥା ନୂଆଁଖାଇ, ଦଶହରା, ଛାଡଖାଇ, ଫଗୁ ମହୋତ୍ସବ, ଶିବ ରାତ୍ରି ସମୟରେ ନାଟକ ହିଁ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ପୌରାଣିକ କିମ୍ବଦନ୍ତୀ, ଐତିହାସିକ ପୃଷ୍ଠଭୂମି ଓ ସାମାଜିକ ଚଳଣିକୁ ନେଇ ନାଟକର କଥାବସ୍ତୁ ଗତିଶୀଳ ହୁଏ। ସୁନ୍ଦର ସଂଳାପ ସାଙ୍ଗକୁ ମଧୁର ଗୀତ ଓ ପ୍ରଚ୍ଛଦପଟରୁ ଭାସି ଆସୁଥିବା ସଙ୍ଗୀତ

**ଆଧୁନିକତାର ଛାପରେ ଲୋପ ପାଇବାକୁ ବସିଛି ନାଟକ**

ନାଟକକୁ ଜୀବନ୍ତ କରାଏ। ରାତି ବଢିବା ସାଙ୍ଗକୁ କଳାକାରଙ୍କ ଯାଦୁକରୀ ଅଭିନୟ ଦର୍ଶକମାନଙ୍କୁ ବାନ୍ଧିରଖେ। କାଦମ୍ବିନୀ ହରଣ, ଉଷାବତୀ ହରଣ, ତ୍ରିନାଥ ମେଳା, କୀଚକ ବଧ, କର୍ଣ୍ଣ ଅର୍ଜୁନ ଯୁଦ୍ଧ ଭଳି ପୌରାଣିକ ନାଟକ ମଞ୍ଚସ୍ଥ ହେଉଥିଲା। ଏହାକୁ ଜିଲାର ନାଟକ ରଚୟିତା ଗୁରୁ ପବିତ୍ର ପଟ୍ଟନାୟକ, ପ୍ରତାପ କିଶୋର ମୁଣ୍ଡ, ଗିଳିରାମ ତିୱାରୀ, ସତ୍ୟ ନାଏକ, ମକରନ୍ଦ ନାଏକଙ୍କ ଭଳି ବ୍ୟକ୍ତିମାନେ ରଚନା କରିଥିଲେ। ଆଧୁନିକତା ଛାପରେ ନାଟକର ଯଦିଓ ମୌଳିକତା ନଷ୍ଟ ହେବାକୁ ବସିଲାଣି ତଥାପି ଲୋକଙ୍କ ମନରେ ଏହି ନାଟକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପାରିଛି। ଆଗରୁ ଶହ ଶହ ସଂଖ୍ୟାରେ ଗଢିଉଠିଥିବା ନାଟକ ମଣ୍ଡଳୀ ବିଭିନ୍ନ କାରଣ ପାଇଁ ଆଜି ଲୋପ ପାଇବାକୁ ବସିଲାଣି। ପୂର୍ବରୁ ଗାଁରେ ଜାନିଯାତରା ହେଲେ ନାଟକକୁ ଲୋକେ ଖୋଜୁଥିବାବେଳେ ବର୍ତ୍ତମାନ ତା'ର ସ୍ଥାନ ନେଉଛି ରେକର୍ଡ ଡ୍ୟାନ୍ସ ଭଳି ବହୁ ଆଧୁନିକ କାର୍ଯ୍ୟକ୍ରମ। ଏବେ ଜିଲାରେ କାଁ ଭାଁ ନାଟକ ମଞ୍ଚସ୍ଥ ହେଉଛି। ନାଟକ ପାଇଁ ନାଟ୍ୟ ମଣ୍ଡଳୀକୁ ଗୋଟିଏ ରାତିକୁ ମିଳିଥାଏ ମାତ୍ର ୩୦ରୁ ୩୫ ହଜାର ଟଙ୍କା। ଆଉ ସେଥିରେ ରହିଥାନ୍ତି ୨୦ରୁ ୨୫ କଳାକାର। ରାତିତମାମ ଅନିଦ୍ରା ହୋଇ ସେମାନେ ଦର୍ଶକଙ୍କ ମନୋରଞ୍ଜନ କରିଥାନ୍ତି ସତ, ହେଲେ କେବଳ ନାଟ୍ୟ କଳାକୁ ବଞ୍ଚାଇ ରଖିବା ପାଇଁ ପ୍ରୟାସ ଜାରି ରଖିଛନ୍ତି କଳାକାର। ନାଟକ ପ୍ରତି ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଓ ଜନ ସାଧାରଣଙ୍କ ସଦିଚ୍ଛା ରହିଲେ ଏହା ପୂର୍ବ ଗୌରବ ଫେରିପାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲାର ସଂସ୍କୃତି ଗବେଷକ ପ୍ରତାପ ମୁଣ୍ଡ, ପ୍ରକାଶ ମୁଣ୍ଡ କହନ୍ତି, ସମୟ ବଦଳିବା ସହ ଲୋକଙ୍କ ରୁଚି ବଦଳିଲା। ଇଲେକ୍ଟ୍ରୋନିକ୍ସ ମନୋରଞ୍ଜନ ସାମଗ୍ରୀର ପ୍ରଚାର ପ୍ରସାର ହେଲା। ଫଳରେ ଗ୍ରାମାଞ୍ଚଳରେ ହେଉଥିବା ନାଟକ ଲୋକ ପାଇବାକୁ ବସିଲା। ଯଦି ସାମୂହିକ ଚେଷ୍ଟା କରାଯାଏ କିମ୍ବା ସେମାନଙ୍କ ସଙ୍ଗଠନକୁ ଗୁରୁତ୍ୱ ଦିଆଯାଏ ତା'ହେଲେ ହୁଏତ ନାଟକ ଆଉଥରେ ମୁଣ୍ଡ ଟେକିପାରେ ବୋଲି ପ୍ରକାଶ କରନ୍ତି।

## ସାମାଜିକ ମୂଲ୍ୟବୋଧ ଆପଣାଇବା ପାଇଁ ଆହ୍ୱାନ




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଥୁଆମୂଳ ରାମପୁର, ୧୩।୧୨(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୋପାଳପୁର (ଡାକକୋଟା)ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭରତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ଧ୍ରୁବ ଚରଣ ମୁଦୁଲି ମୁଖ୍ୟଅତିଥି, ପିଏଆଇଟିଡିଏ (ସ୍ୱତନ୍ତ୍ର ଅଧିକାରୀ) ନନ୍ଦୀ କିଶୋର ତାଣ୍ଡି ମୁଖ୍ୟ ବକ୍ତା ଓ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜାନକୀ ବଲ୍ଲଭ ସାମନ୍ତରାୟ, ମଧୁପୁର ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଦ ବ୍ୟାସ ପ୍ରଧାନ, ତହସିଲଦାର ନୀରୋଜ କୁମାର ଭତ୍ରା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଭଜିତ ରଞ୍ଜନ ସ୍ୱାଇଁ, ଗ୍ରାମ ଶିକ୍ଷା କମିଟି ସଭାପତି ଟଙ୍କଧର ଜାନୀ, ଅନୁଷ୍ଠାନର ଅଧ୍ୟକ୍ଷ ମହେନ୍ଦ୍ର ବିଶାଳ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଛାତ୍ରୀଛାତ୍ରଙ୍କୁ ସାମାଜିକ ମୂଲ୍ୟବୋଧ ଆପଣାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଜୟଶଙ୍କର ମାହାର, ଟଙ୍କଧର ଧଙ୍ଗଡ଼ାମାଝୀ, ମିତ୍ରଭାନୁ ନାଏକ, ହିମାଞ୍ଚଳ ପୂଜାରୀ, ପୂର୍ଣ୍ଣ ଚନ୍ଦ୍ର ବେହେରା, ଚାଞ୍ଚଲ୍ୟ କୁମାର ବାଗ, କାଶୀନାଥ ଭୋଇ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା।

## ଶ୍ରୀଅରବିନ୍ଦ ଶିକ୍ଷା ଶିବିର ଉଦ୍‌ଯାପିତ




ଶିବିରରେ ମଞ୍ଚାସୀନ ଅତିଥିମାନେ।

**କେସିଙ୍ଗା,୧୨।୧୨(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବୋରିଆ ଗ୍ରାମ ମାତୃନିକେତନ ପାଠଚକ୍ର ପକ୍ଷରୁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଚାଲିଥିବା ଶ୍ରୀଅରବିନ୍ଦ ଶିକ୍ଷା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ସଂଯୋଜକ ଗଣେସ ପ୍ରସାଦ ଭାଇ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମର୍ପଣ ଜୋନ ସଂଯୋଜକ ସୁରେଶ ଭାଇ, ବ୍ରଜ କିଶୋର ଭାଇ, ଦେବେନ୍ଦ୍ର ଭାଇ, ସୁବାସ କର ପ୍ରମୁଖ ବକ୍ତା ଭାବେ ଯୋଗଦାନ କରି ଶ୍ରୀଅରବିନ୍ଦଙ୍କ ଆଦର୍ଶ, ନୂତନ ପ୍ରଣାଳୀରେ ପୂର୍ଣ୍ଣାଙ୍ଗ ଶିକ୍ଷା ଦାନ ଆଦି ବିଷୟରେ ଆଲୋକପାତ କରିଥିଲେ। ବର୍ତ୍ତମାନ ସମୟରେ ପ୍ରତ୍ୟେକ ଶିକ୍ଷା କେନ୍ଦ୍ରରେ ପୂର୍ଣ୍ଣାଙ୍ଗ ଶିକ୍ଷା ଧାରାରେ ଶିକ୍ଷାଦାନ ଦେବା ଜରୁରୀ ବୋଲି ବକ୍ତାମାନେ ଆଲୋଚନା କରିଥିଲେ। ପ୍ରସ୍ତାବିତ ସମାଧି ପୀଠରେ ସମବେତ ଧ୍ୟାନ, ଶିକ୍ଷାକେନ୍ଦ୍ରର ଭଉଣୀଭାଇଙ୍କ ଦ୍ୱାରା ଦୁର୍ଗାସ୍ତୋତ୍ର ପଠନ, ଧ୍ୟାନପ୍ରାର୍ଥନା ଆଦି କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ରୂପାନ୍ତରିତ ଯୋଗରେ ମହାଲକ୍ଷ୍ମୀଙ୍କ ଭୂମିକା, ମାନବ ଜନ୍ମର ଉଦ୍ଦେଶ୍ୟ, ସନ୍ଧ୍ୟା ଅଧିବେଶନରେ ମା'ଙ୍କୁ ଡାକିବା କାହିଁକି, ଯୋଗ ପାଇଁ ପ୍ରସ୍ତୁତି ଆଦି ବିଷୟରେ ବକ୍ତାଗଣ ଆଲୋଚନା କରିଥିଲେ। ପରେ ଆଧ୍ୟାତ୍ମିକ ପତାକା ଅବତରଣ କରି ଶିବିର ଉଦ୍‌ଯାପନ କରାଯାଇଥିଲା।

## ହରିୟାଣା କୁରୁକ୍ଷେତ୍ରରେ କଳାହାଣ୍ଡିର ଘୁମୁରା ପରିବେଷଣ




କଳାକାରମାନେ ଘୁମୁରା ନୃତ୍ୟ ପରିବେଷଣ କରୁଛନ୍ତି।

**ଭବାନୀପାଟଣା, ୧୩।୧୨ (ଉତ୍ତମ କୁମାର ଦାଶ)**

ହରିୟାଣାର କୁରୁକ୍ଷେତ୍ରଠାରେ ଆନ୍ତର୍ଜାତୀୟ ଗୀତା ଜୟନ୍ତୀ ଉତ୍ସବ ପାଳିତ ହେଉଛି। ଏହି ଅବସରରେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ମହାରାଜା ପ୍ରତାପ କେଶରୀ ଦେଓ ଘୁମୁରା ଏକାଡେମୀର କଳାକାରମାନେ ଘୁମୁରା ପରିବେଷଣ କରି ଆଦୃତି ଲାଭ କରିଛନ୍ତି। ଏ ନେଇ ବିଭିନ୍ନ ମହଲରୁ କଳାକାରଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ

**ଖଡ଼ିଆଳ,୧୩।୧୨ (ସୁଜିତ କୁମାର ପ୍ରଧାନ)**

ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଖଡ଼ିଆଳ ସାନଦୋହେଲ ରୋଡ ସତ୍‌ସଙ୍ଗ କେନ୍ଦ୍ରରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଓଘର ଆଶ୍ରମର ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବ ଉପସ୍ଥିତ ଭକ୍ତବୃନ୍ଦଙ୍କୁ ଆଧ୍ୟାତ୍ମିକ ଚେତନାରେ ଗୁରୁ କୃପା ଲାଭ କରି କିପରି ନିଜ ଜୀବନକୁ ସୁସ୍ଥ ଆଉ ସରଳ କରିହେବ ସେ ଉପରେ ମାର୍ଗଦର୍ଶନ କରିଥିଲେ। ସତ୍‌ସଙ୍ଗ କେନ୍ଦ୍ରର ସଭାପତି ଅରୁଣ କୁମାର ପଣ୍ଡା, ସମ୍ପାଦକ ଗୋପାଳ ମେହେର, ରାଜକିଶୋର ନାୟକ, ବ୍ରଜେଶ ହେର୍ଣ୍ଣା, ତୁକାରାମ ସଗରିଆ, ଦେବେନ୍ଦ୍ର ରାଉତ, ସଞ୍ଜୀବ ମହାନ୍ତି, ଶୋଭା ନିଆଲ ପ୍ରମୁଖ ସହଯୋଗ କରିଥିଲେ। ଶତାଧିକ ସତ୍‌ସଙ୍ଗ ଅନୁଗାମୀ ଶ୍ରୀ ଆଚାର୍ଯ୍ୟଦେବଙ୍କ ଦର୍ଶନ ଲାଭ କରିଥିଲେ।

## ସୁନାମୁଖୀ ପାହାଡ଼ ଉପରେ ପର୍ବତ ଦିବସ ପାଳନ

**ତୁଣ୍ଡଲା,୧୩।୧୨ (ଫିରୋଜ କୁମାର ଦାଶ)**




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

ପ୍ରତିବର୍ଷ ଡିସେମ୍ବର ୧୧ରେ ସାରା ବିଶ୍ୱରେ ଆନ୍ତର୍ଜାତିକ ପର୍ବତ ଦିବସ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ କର୍ଲାମୁଣ୍ଡା ଅଲାତରା ଗ୍ରାମ ନିକଟ ୧୬୫୦ ଫୁଟ ଉଚ୍ଚତା ବିଶିଷ୍ଟ ସୁନାମୁଖୀ ପାହାଡକୁ କେସିଙ୍ଗା ବ୍ଲକ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ, ବେଲଖଣ୍ଡିର ଛାତ୍ରୀଛାତ୍ର ଆରୋହଣ କରିବା ସହ ପାହାଡ ଶିଖରରେ ଆନ୍ତର୍ଜାତିକ ପର୍ବତ ଦିବସ ପାଳନ କରିଥିଲେ। ଶିଖରରେ ଏଭରେଷ୍ଟ ଆରୋହୀ ତଥା ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇ ସୁନାମୁଖୀ ପାହାଡର ବିଶେଷତ୍ୱ, ଏହି ଦିବସର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ବେଲଖଣ୍ଡିର ଶୈବପୀଠାରେ ପୂଜାର୍ଚ୍ଚନା ପରେ ପାହାଡର ବେସ କ୍ୟାମ୍ପରେ ୩୦ ଜଣ ଛାତ୍ରୀ ଓ ୧୨ ଜଣ ଛାତ୍ର ପହଞ୍ଚିଥିଲେ। ସୁନାମୁଖୀ ପାହାଡ ପାଦଦେଶରେ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଘନଶ୍ୟାମ ଗହୀର ଅତିଥି ଭାବରେ ଯୋଗଦେବା ସହିତ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ମକଳିଙ୍ଗ ଗହୀର, କଲେଜ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦାଶ, ଅଧ୍ୟାପକ ସଦାନନ୍ଦ ଶତପଥୀ, ଅଧ୍ୟାପିକା ସ୍ୱାତୀ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ ପ୍ରମୁଖ ଯୋଗଦାନ କରି ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କରିଥିଲେ।

## ଚିଲିଗୁଡ଼ା ଧାନମଣ୍ଡି ଉଦ୍‌ଘାଟିତ

**ଜୁନାଗଡ଼,୧୩।୧୨(ଅଂଶୁମାନ ଯୋଶୀ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଲିଗୁଡାଠାରେ ଶୁକ୍ରବାର ଚଳିତ ଖରିଫ ପାଇଁ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ଧାନ ଉଠାଣ ପାଇଁ ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିଯୁକ୍ତ କରାଯାଇଛି। ଉଦ୍‌ଘାଟନ ସମୟରେ ଦାସିଗାଁ ଭାଜପା ମଣ୍ଡଳ ସଭାପତି ଅଂଶୁମାନ ଯୋଶୀ, ପଦ୍ମନାଭ ନାଗ, ବୈକୁଣ୍ଠ ନାଏକ, ବାସୁଦେବ ପାଢ଼ୀ, ଅକ୍ଷୟ ପଟେଲ, ରାଧେଶ୍ୟାମ ନାଗ, ସୁଦାମ ନାଏକ, ରାଜସ୍ୱ ନିରୀକ୍ଷକ ସସ୍ମିତା ରଣାଙ୍କ ସମେତ ଆର୍‌ଏମ୍‌ସି କର୍ମଚାରୀ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିର ନୂତନ ଶ୍ରେଣୀଗୃହର ଶିଳାନ୍ୟାସ

**ସିନାପାଲି,୧୩।୧୨ (ମନଫୁଲ ମେହେର)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ହାତୀବନ୍ଧା ସରସ୍ୱତୀ ଶିଶୁ ମନ୍ଦିରଠାରେ ଏକ ନୂତନ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଶୁକ୍ରବାର ଶିଳାନ୍ୟାସ କରାଯାଇଛି। ଏଥିରେ ସୁରେଶ୍ୱର ମେହେର ଓ ତାଙ୍କ ଧର୍ମପତ୍ନୀ ଲିପାଞ୍ଜଳୀ ମେହେର କର୍ତ୍ତା ଏବଂ ସଦାନନ୍ଦ ଯାଦବ ପୂଜକ ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମରେ ଚିତ୍ରଭାନୁସିଂ ମାଝୀ, ଧରମ ସିଂହ ମାଝୀ, କ୍ଷିରମତୀ ମେହେର, ଉମାକାନ୍ତ ମେହେର, ଆନନ୍ଦାନନ୍ଦ ମେହେର, ପ୍ରଫୁଲ୍ଲ ଦଣ୍ଡସେନା ଉପସ୍ଥିତ ଥିଲେ ।

## ଭବାନୀଶଙ୍କର ସାଂସ୍କୃତିକ ଅନୁଷ୍ଠାନ ସମ୍ମାନିତ

**ରୁପ୍ରାରୋଡ,୧୩।୧୨(ସଞ୍ଜୀବ ଦାସ)**

ପୁରୀ ଜିଲା ନିମାପଡ଼ାର ସାମାଜିକ ଅନୁଷ୍ଠାନ ନୟାସବେରା ୟୁଥ୍ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବରେ କଳାହାଣ୍ଡି ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନ ସରିଆଁକୁ ସମ୍ମାନିତ କରାଯାଇଛି। ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅନୁଷ୍ଠାନର ମୁଖ୍ୟ ସଦସ୍ୟ ପ୍ରତ୍ୟୁଷ କୁମାର ଭୋଇ ଓ ଶଶାଙ୍କ ଶେଖର ସ୍ୱାଇଁଙ୍କୁ ସେବା ସମ୍ମାନ ସ୍ୱରୂପ ଉତ୍ତରୀୟ, ମାନପତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନର ସମାଜ କଲ୍ୟାଣ କାମ, ନାରୀ ସଶକ୍ତୀକରଣ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟ ବିଷୟରେ ଜାଣି ଉପମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଡା. ଅଶୋକ ରଥ, ମାନସ କୁମାର ଦାଶ, ମାମି ମହାନ୍ତି ଯୋଗଦେଇଥିଲେ। ନୟାସବେରା ଟ୍ରଷ୍ଟର ମୁଖ୍ୟ ନିର୍ମଳ ପାରିଜାତ ଉପସ୍ଥିତ ଥିଲେ।

## ଜନଜାତୀୟ ଯୁବ ଆଦାନପ୍ରଦାନ କାର୍ଯ୍ୟକ୍ରମ

**ଭବାନୀପାଟଣା,୧୩।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ନେହେରୁ ଯୁବକେନ୍ଦ୍ର କାର୍ଯ୍ୟାଳୟରେ ଶୁକ୍ରବାର ଜନଜାତୀୟ ଯୁବ ଆଦାନପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଥିବା କଳାହାଣ୍ଡି ନେହେରୁ ଯୁବକେନ୍ଦ୍ର ତଥା ମାଇ ଭାରତ ଓ ସିଆର୍‌ପିଏଫ୍ ୬୪ ବାଟାଲିୟନ ମିଳିତ ଉଦ୍ୟମରେ ଆୟୋଜିତ ଏହା ହୋଇଥିଲା। ଏଥିରେ ବିଶାଖାପାଟଣା ଯାଇଥିବା ୪୦ ପ୍ରତିଭାଗୀ ଓ ମୁମ୍ବାଇ ଯାଇଥିବା ୩୦ ପ୍ରତିଭାଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଯୁବକ ଯୁବତୀଙ୍କୁ ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣ କରାଇବା ସହ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଇଥିଲା। ବିଶାଖାପାଟଣା ଯାଇଥିବା ଦଳ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ଓ ମୁମ୍ବାଇ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ବିଶାଖାପାଟଣା ଯାଇଥିବା ଖରଣା ମାଝୀ ପ୍ରଥମ, ମୁମ୍ବାଇ ଯାଇଥିବା ବନ୍ଦିନୀ ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଦର ନିଆଲ ପ୍ରମୁଖଯୋଗଦେଇଥିଲେ।

## ଟାଏକୋଣ୍ଡୋ ପ୍ରତିଯୋଗିତାରେ କଳାହାଣ୍ଡି ପ୍ରତିଯୋଗୀଙ୍କ ସଫଳତା

**ଥୁଆମୂଳ ରାମପୁର,୧୩।୧୨ (ଦୁର୍ଗା କୀର୍ତ୍ତି)**

ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ୨୦୨୪ରେ କଳାହାଣ୍ଡି ଜିଲାର ପ୍ରତିଯୋଗୀମାନେ ସଫଳତା ହାସଲ କରିଛନ୍ତି। ପ୍ରତିଯୋଗିତାରେ ଥୁଆମୂଳ ରାମପୁର ବ୍ଲକ ଗୋପାଳପୁରର ଲାବନ୍ୟ ନାଏକ ରୌପ୍ୟ ଓ ପୁରୁଷୋତ୍ତମ ନାଏକ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି କଲମପୁର ବ୍ଲକର ବସନ୍ତ ଦୁର୍ଗା ଓ ନେତ୍ରାନନ୍ଦ ବେମାଲ ଅଂଶଗ୍ରହଣ କରିଥିବାବେଳେ ବସନ୍ତ ଦୁର୍ଗା ରୌପ୍ୟ ପଦକ ପାଇଛନ୍ତି। ଏମ୍ ରାମପୁର ବ୍ଲକରୁ ଡୋଳେଶ୍ୱର ଭୋଇ କାଂସ୍ୟ, କେସିଙ୍ଗା ବ୍ଲକର ଆନନ୍ଦ କୁମାର ସେନାପତି କାଂସ୍ୟ ପଦକ ହାସଲ କରିଛନ୍ତି। ନର୍ଲା ବ୍ଲକର ରୁସବ ମାଝୀ କାଂସ୍ୟ ଓ ଡୋଳମଣୀ ମାଝୀ କାଂସ୍ୟ ପଦକ ହାସଲ କରି ଜିଲା ପାଇଁ ଗର୍ବ ଆଣିଛନ୍ତି। ଭଦ୍ରକ ଜିଲା ମାହାୱାର ଭବନଠାରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## କଳାହାଣ୍ଡି ଉତ୍ସବ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ



**ଭବାନୀପାଟଣା,୧୩।୧୨(ଉତ୍ତମ କୁମାର ଦାଶ)**

ଆସନ୍ତା ଜାନୁୟାରୀ ୧୪ରୁ ୧୭ ତାରିଖ ଯାଏ ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ୨୭ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଅନୁଷ୍ଠିତ ହେବ। ଏହି ଉତ୍ସବରେ ଯୋଗଦାନ ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ନିମନ୍ତ୍ରଣ ମାଧ୍ୟମରେ ନିବେଦନ କରିଛନ୍ତି କଳାହାଣ୍ଡି ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଓ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ। ବଲାଙ୍ଗୀର ଜିଲା ପାଟଣାଗଡ଼ସ୍ଥିତ ନିଜ ବାସଭବନରେ ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନେ ଏହି ନିମନ୍ତ୍ରଣପତ୍ର ଦେଇଛନ୍ତି। ଏହି ସମୟରେ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ, ବିଧାୟକ ପ୍ରତିନିଧି ହିମାଂଶୁ ଶେଖର ପଣ୍ଡା ଉପସ୍ଥିତ ଥିଲେ।

## ନୂଆପଡ଼ାରେ ଜାନୁଆରୀ ୨ରୁ ଖୋଲିବ ମାଣ୍ଡିଆ ମଣ୍ଡି

**ନୂଆପଡ଼ା,୧୩।୧୨ (ମକାରୁ ବେମାଲ)**




ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ନୂଆପଡ଼ା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଗୁରୁବାର ସଦ୍‌ଭାବନା ସଭାଗୃହଠାରେ ମାଣ୍ଡିଆ କ୍ରୟ ପାଇଁ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜାନୁଆରୀ ୨ରୁ ଜିଲାରେ ମଣ୍ଡି ଖୋଲିବ ବୋଲି ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀଙ୍କଠାରୁ ମାଣ୍ଡିଆ କିଣିବା ପାଇଁ ପ୍ରଶାସନ ତତ୍ପରତା ପ୍ରକାଶ କରିବାକୁ କହିଥିଲେ। ରାଜ୍ୟ ସରକାର ମାଣ୍ଡିଆ ଉତ୍ପାଦନ ଓ ବିକ୍ରି ଉପରେ ଗୁରୁତ୍ୱ ଦେଇ ଏହାକୁ ମଧ୍ୟାହ୍ନ ଭୋଜନ ଓ ଅଙ୍ଗନୱାଡି କେନ୍ଦ୍ରରେ ଖାଦ୍ୟ ହିସାବରେ ସାମିଲ କରିଛନ୍ତି। ଏବର୍ଷ ଜିଲାରେ ୯୯ ପଞ୍ଚାୟତର ୩୪୯ ଗାଁରେ ମାଣ୍ଡିଆ ଚାଷ ହୋଇଛି। ହେକ୍ଟର ପ୍ରତି ୧୦ କୁଇଣ୍ଟାଲ ହିସାବରେ ଓ କୁଇଣ୍ଟାଲ ପ୍ରତି ୪ ହଜାର ୫ ଶହ ଟଙ୍କା ଦେଇ ସରକାର ମଣ୍ଡି ଜରିଆରେ କ୍ରୟ କରିବେ। ଚଳିତ ଖରିଫ ଋତୁରେ ୩୫ ମଣ୍ଡି ଜରିଆରେ ୬ ହଜାର ୨୮୬ ଜଣ ଚାଷୀଙ୍କଠାରୁ ୨୦ ହଜାର କୁଇଣ୍ଟାଲ ମାଣ୍ଡିଆ କ୍ରୟ କରିବା ପାଇଁ ଜିଲା ପ୍ରଶାସନ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଆସନ୍ତା ଜାନୁଆରୀ ୨ରେ ମାଣ୍ଡିଆ ମଣ୍ଡି ଆରମ୍ଭ ହେବ। ଚାଷି ମାନଙ୍କୁ ସଚେତନ କରିବା ପାଇଁ ରଥ ବୁଲିବ ବୋଲି କୁହାଯାଇଥିଲା। ବୈଠକରେ ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଏପିଡି ଯୋଗେଶ୍ୱର ଭୋଇ, ଅତିରିକ୍ତ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ବେଉରିଆ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଗୀତା ଜୟନ୍ତୀରେ ହୋମଯଜ୍ଞ

**ଗାଇସିଲେଟ,୧୩।୧୨(ଦୁର୍ଗା ପ୍ରସାଦ ତ୍ରିବେଦୀ):** ଗାଇସିଲେଟ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମାର୍ଗଶୀର ମାସ ତ୍ରୟୋଦଶୀ ତିଥିରେ କୁରୁକ୍ଷେତ୍ର ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିଜର ବିଶ୍ୱରୂପ ଦର୍ଶନ କରାଇ ଗୀତାଜ୍ଞାନ ଦେଇଥିଲେ। ସେହି ଦିବସର ଉପାଦେୟତା ଯୋଗୁ ଶୁକ୍ରବାର ଗୀତା ଜୟନ୍ତୀ ଅବସରରେ ବ୍ରାହ୍ମଣମାନଙ୍କ ଦ୍ୱାରା ହୋମଯଜ୍ଞ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ମାନଭଞ୍ଜନ ପୁରୋହିତ କର୍ତ୍ତା ଭାବେ ଘୃତ ଆହୂତି ପ୍ରଦାନ କରିଥିଲେ। ପୂଜକ ଲଳିତ କୁମାର ପଣ୍ଡା, ପ୍ରଶାନ୍ତ ଦାଶ, ଜଗଦାନନ୍ଦ ପଣ୍ଡା, ଗୀତାପାଠ କରିଥିଲେ। ପଣ୍ଡିତ ରବିନ୍ଦ୍ର କୁମାର ପଣ୍ଡା, ଡା. ସୁନିଲ କୁମାର ପଣ୍ଡା, ଉତ୍କଳ ପାଠୀ, ମନୋରଞ୍ଜନ ପାଠୀ, ନବିନ ତ୍ରିପାଠୀ, ଦେବେନ୍ଦ୍ର କୁମାର ପଣ୍ଡା, ମନୋଜ କୁମାର ପଣ୍ଡା ଯଜ୍ଞରେ ସାକଲ୍ୟ ପ୍ରଦାନ କରିଥିଲେ। ସିଦ୍ଧାର୍ଥ ପଣ୍ଡା, ନିଗମା ପଣ୍ଡା ଓ ସୁନିଲ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଇସ୍ରୋ ଯିବେ ବିକାଶ ଛାତ୍ର ପ୍ରଜ୍ଞାନ କର

**ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ):** ସାରା ଓଡ଼ିଶାରୁ ୮୦ହଜାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପ୍ରଜ୍ଞାନ କର



ଯୁବ ଜ୍ୟୋତିର୍ବିଜ୍ଞାନୀ ଭାବେ ଭାରତୀୟ ଗବେଷଣା ସଂସ୍ଥା ଇସ୍ରୋକୁ ଯିବା ପାଇଁ ମନୋନୀତ ହୋଇଛନ୍ତି। ପ୍ରକାଶଥାଉକି, ରାଜ୍ୟ ସରକାର ପ୍ଲାନେଟୋରିୟମ୍ ଓ ଟାଟା ଷ୍ଟିଲ୍ର ମିଳିତ ସହଯୋଗରେ ଆୟୋଜିତ ୟଙ୍ଗ୍ ଅଷ୍ଟ୍ରୋନୋମର୍ ଟ୍ୟାଲେଣ୍ଟ ସର୍ଚ୍ଚ ୨୦୨୪ର ୧୮ତମ ସଂସ୍କରଣରେ ବରଗଡ଼ କ୍ରୀଷ୍ଣା ବିକାଶ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ପ୍ରଜ୍ଞାନ ସର୍ବଶ୍ରେଷ୍ଠ ୩୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମନୋନୀତ ହୋଇଥିଲେ। ସେ ପଠାଣି ସାମନ୍ତ ପ୍ଲାନେଟୋରିୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ପୁରସ୍କୃତ ହୋଇ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଯିବାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଓ ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରଜ୍ଞାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମ୍ୟାନେଜରଙ୍କୁ କୋର୍ଟଚାଲାଣ, ମାଲିକଙ୍କୁ ଛାଡ଼ିଦେଲେ

**ହୋଟେଲରେ ଜୁଆ ଚଢାଉ**
- ୨୬ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ
- ୬.୪୦ ଲକ୍ଷ ଟଙ୍କା ଜବତ
- ଜବତ ଗାଡିରେ ଦଳୀୟ ଚିହ୍ନ
- ଜୁଆଖେଳ ପାଇଁ ଜନ୍ମଦିନ ଆଳ



ଗିରଫ ଅଭିଯୁକ୍ତମାନେ।



ଜବତ ଦାମିକିଆ ଗାଡି।

**ବରଗଡ଼, ୧୩।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଟାଉନ ଥାନା ପୋଲିସ ଗୁରୁବାର ସନ୍ଧ୍ୟାରେ କରିଥିବା ଜୁଆ ଚଢାଉ ମାମଲାର ୨୬ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନଙ୍କ ମଧ୍ୟରେ ବରଗଡ଼ ଜିଲାର ଜଣେ ଥିବାବେଳେ ଅନ୍ୟ ସମସ୍ତ ଅଭିଯୁକ୍ତ ଛତିଶଗଡ଼ ରାଜ୍ୟ ସାରଙ୍ଗଗଡ, ରାୟଗଡ ଅଞ୍ଚଳର। ତେବେ ଏହି ମାମଲାରେ ପୋଲିସ ସମ୍ପୃକ୍ତ ହୋଟେଲ ମ୍ୟାନେଜରଙ୍କୁ କୋର୍ଟଚାଲାଣ କରିଥିବାବେଳେ ଗୁରୁବାର ଥାନାକୁ ଉଠାଇ ଆଣିଥିବା ହୋଟେଲ ମାଲିକଙ୍କୁ ରାତାରାତି ଛାଡିଦେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ଶୁକ୍ରବାର ବରଗଡ଼ ଟାଉନ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ କହିଥିଲେ, ଗିରଫ ଅଭିଯୁକ୍ତମାନେ ହୋଟେଲ ମଙ୍ଗଳମ୍ ପ୍ୟାଲେସର ରୁମ୍ ନଂ. ୨୦୧ ଏବଂ ରୁମ୍ ନଂ.୨୦୨ରେ ଜୁଆଖେଳ ଚଳାଇଥିବା ନେଇ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଏସ୍‌ପି ପି. ଏସ୍ ମୀନାଙ୍କ ନିର୍ଦ୍ଦେଶକ୍ରମେ ୨ପୋଲିସ ଟିମ୍ ହୋଟେଲରେ ଅତର୍କିତ ଚଢାଉ କରିଥିଲେ। ଚଢାଉରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ପାଖରୁ ୬ଲକ୍ଷ ୪୦ହଜାର ୬୦୫ ଟଙ୍କା, ୬ ପକେଟ୍ ତାସ୍, ୨୭ ମୋବାଇଲ, ୫ ଗାଡି ଜବତ ହୋଇଛି। ତେବେ ଜବତ ଗାଡି ମଧ୍ୟରୁ ଗୋଟିଏ (ନଂ.ସିଜି୧୩ଏସି/୨୮୮୮) ଗାଡିରେ ହିନ୍ଦୀ ଭାଷାରେ ଅଧ୍ୟକ୍ଷ, ବ୍ଲକ କଂଗ୍ରେସ କମିଟି, ଅନୁଜାତି ବିଭାଗ, ସାରଙ୍ଗଗଡ (ଗ୍ରାମୀଣ) ଲେଖାଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏଥିରେ ରାଜନୈତିକ ଲିଙ୍କ୍ ରହିଛି କି ନାହିଁ ସେ ନେଇ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ କହିଛନ୍ତି। ସେହିପରି ଗୁରୁବାର ହୋଟେଲ ମାଲିକଙ୍କୁ ଥାନାକୁ ଅଣାଯାଇଥିଲା ଏବଂ ନୋଟିସ ଦେଇ ଛାଡି ଦିଆଯାଇଛି। ଜୁଆଖେଳ ମାମଲାରେ ତାଙ୍କ ସମ୍ପୃକ୍ତି ଜଣାପଡିଲେ ହୋଟେଲ ମାଲିକଙ୍କ ବିରୋଧରେ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିପିଓ କହିଛନ୍ତି। ଜନ୍ମଦିନ ପାଳନ ଆଳରେ ଅଭିଯୁକ୍ତମାନେ ହୋଟେଲରେ ୨ଟି ରୁମ୍ ନେଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। କିନ୍ତୁ ଏହାର ଅଧିକ ତଦନ୍ତ ଜାରି ରହିଛି ବୋଲି ଏସ୍‌ଡିପିଓ ତ୍ରିପାଠୀ କହିଛନ୍ତି।

## ଜଳଭଣ୍ଡାରରେ ଛଡାଗଲା ମାଛ ଯାଆଁଳ

**ଝାରବନ୍ଧ,୧୩।୧୨(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ଜଳଭଣ୍ଡାରରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସକାଶେ ଏମ୍ଏମ୍‌କେୱାଇ ଯୋଜନାରେ ମାଛ ଯାଆଁଳ ଛଡ଼ାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମେ ଚାକଦାରହା ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର ଏକ ସାଧାରଣ ସଭା ସଭାପତି ଜଗଦୀଶ ନାଏକଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସହକାରୀ ମତ୍ସ୍ୟ ଅଧିକାରୀ ସମୀର କୁମାର ଚାନ୍ଦ ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ମତ୍ସ୍ୟ ଅଧିକାରୀ ବିଶ୍ୱରଞ୍ଜନ ରଥ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ମିର୍ଦ୍ଧା, ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, କନ୍ଧାଡ଼ଙ୍ଗର ସରପଞ୍ଚ ସୁନୀଲ କୁମାର ରାୟ, ଛୋଟ ଅନକି ସମିତି ସଭ୍ୟ ସତ୍ୟମ ପ୍ରଧାନ, ସାମାଜିକ କର୍ମୀ ଗୋବିନ୍ଦ ପଟେଲ ପ୍ରମୁଖ ଯୋଗଦାନ କରି ଜଳ ଭଣ୍ଡାରରେ ମତ୍ସ୍ୟ ଚାଷ କରି ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। ମତ୍ସ୍ୟଜୀବୀ ସମବାୟ ସମିତିର ସଦସ୍ୟମାନେ ଉତ୍ତମ ପରିଚାଳନା କରିବାକୁ ସରକାରୀ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଅତିଥି ଓ ସଭ୍ୟମାନେ ଜଳଭଣ୍ଡାରରେ ରୋହି, ଭାକୁର, ମିରକାଳି ପ୍ରଜାତିର ୨.୫ ଲକ୍ଷ ମାଛ ଯାଆଁଳ ଛାଡିଥିଲେ। ଶେଷରେ ସମ୍ପାଦକ ଦଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସୁକଲତେର୍ମା ଅଞ୍ଚଳରେ ହାତୀ, ଜଗିଛି ବନ ବିଭାଗ



ଫସଲ କ୍ଷୟକ୍ଷତି ଆକଳନ ବାବଦରେ ଗ୍ରାମବାସୀଙ୍କୁ ବୁଝାଯାଉଛି।

**ପଦ୍ମପୁର,୧୩।୧୨(ପ୍ରଦୀପ୍ତ ଦାଶ)**

ସୋହେଲା ବ୍ଲକ ଘେଁସ ବନାଞ୍ଚଳର ଜାମପାଲି ଓ ସୁକଲତେର୍ମା ଅଞ୍ଚଳରେ ହାତୀପଲ ରହିଥିବା ସୂଚନା ମିଳିଛି। ଏହି ସୂଚନା ପାଇ ବରଗଡ ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟ୍ଟନାୟକ, ଏସିଏଫ୍ ରାଜେନ୍ଦ୍ର ଭୋଇ, ଘେଁସ ବନାଞ୍ଚଳ ଅଧିକାରୀ ବିଜୟଲକ୍ଷ୍ମୀ ପଟେଲ, ପଦ୍ମପୁର ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା, ବିଦ୍ୟୁତ୍ ବିଭାଗ ସେକ୍ସନ ଅଧିକାରୀ ଓ ସ୍କ୍ୱାଡ୍ ସେଠାରେ ପହଞ୍ଚି ଡ୍ରୋନ୍ ସାହାଯ୍ୟରେ ଉକ୍ତ ହାତୀପଲର ଗତିବିଧି ଉପରେ ସ୍ୱତନ୍ତ୍ର ନଜର ରଖିଛନ୍ତି। ଜାମପାଲି ଓ ସୁକଲତେର୍ମା ଗାଁରେ ବନ ବିଭାଗ ତରଫରୁ ଫସଲ କ୍ଷୟକ୍ଷତି ଆକଳନ କରି ଅନୁକମ୍ପା ଆପ୍‌ରେ ସହାୟତା ରାଶି ପାଇଁ ଆବେଦନ କରିବାକୁ ସଚେତନ କରାଯାଇଛି।

## ଜୈବିକ ପଦ୍ଧତିରେ ଅଣଧାନ ଚାଷକୁ ଗୁରୁତ୍ୱ

**ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ)**



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ।

**ଉଦ୍ୟାନ କୃଷି ତାଲିମ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ**

ବରଗଡ଼ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଉଦ୍ୟାନ କୃଷି ଅଧିକାରୀ କମଳକାନ୍ତ ଭୁଏ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉଦ୍ୟାନ ସମ୍ପ୍ରସାରଣ କର୍ମୀ ଇପ୍‌ସିତା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଉଦ୍ୟାନ କୃଷି ପର୍ଯ୍ୟବେକ୍ଷକ ଯୁବରାଜ ସାମିନି ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଚାଷୀ ଏବଂ ଜନ ପ୍ରତିନିଧିମାନଙ୍କୁ ଅଣଧାନ ଫସଲ ଯଥା ତେଲ ତାଳ (ଅଏଲ ପାମ୍) ଚାଷ କରିବା ଏବଂ କମ୍‌ମାତ୍ରାରେ ରାସାୟନିକ କୀଟନାଶକ ସାର ବଦଳରେ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚାଷୀ ଓ ଜନପ୍ରତିନିଧିଙ୍କ ଅବଗତି ପାଇଁ ଏକ ଉଦ୍ୟାନ କୃଷି ପୁସ୍ତିକା ବିଧାୟକ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରସନ୍ନ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞ ସୁଶ୍ରୀତା ସାହୁ, ବରଗଡ଼ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପଦ୍ମପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ପଧାନ, ସହକାରୀ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ସୌଭାଗିନୀ ବେହେରା ଏବଂ ଗୋଡ୍ରେଜ ଆଗ୍ରୋଭେଟ୍ ଲିମିଟେଡ୍‌ର ଉନ୍ନୟନ ଅଧିକାରୀ ସୁବାଷ ଜେନା ଅତିଥି ଭାବେ ଯୋଗଦେଇ ଚାଷୀ ଏବଂ ପଞ୍ଚାୟତିରାଜ ଅନୁଷ୍ଠାନର ଜନ ପ୍ରତିନିଧିମାନଙ୍କୁ ବିଭିନ୍ନ ଉଦ୍ୟାନକୃଷି ଯୋଜନା ଓ ଜୈବିକ ଚାଷ ଉପରେ ବୁଝାଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲ ଚାଷ ସମ୍ବନ୍ଧୀୟ ସମସ୍ୟା ଓ ତାର ସମାଧାନ ଉପରେ ଚାଷୀ ଏବଂ ଜନ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଚାଷୀ ଏବଂ ଜନପ୍ରତିନିଧି ଯୋଗ ଦେଇଥିଲେ। ଉଦ୍ୟାନ ସମ୍ପ୍ରସାରଣ କର୍ମୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ୧୪ ବଦଳରେ ୧୬ରେ ବିଦ୍ୟୁତ୍ କାଟ

**ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ଆସନ୍ତା ୧୪ ତାରିଖରେ ୧୩୨/୩୩ କେ.ଭି ପ୍ରଧାନପାଲି ଗ୍ରୀଡ ସବ୍‌ଷ୍ଟେଶନର ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ ବିଦ୍ୟୁତ୍ କାଟ କରାଯିବ ବୋଲି ଘୋଷଣା କରାଯାଇଥିଲା। ହେଲେ ବିଭାଗ ପକ୍ଷରୁ ୧୪ ତାରିଖ ବଦଳରେ ୧୬ ତାରିଖରେ ବିଦ୍ୟୁତ୍ କାଟ କରାଯିବ ବୋଲି ପୁଣି ଏକ ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯାଇଛି। ଉକ୍ତ ଦିନ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବରଗଡ଼ ଜିଲାର ବରଗଡ଼ ସହର, ଭଟଲି, ସୁକୁଡ଼ା, ଶରଧାପାଲି, ରାଇଶୋଭା, ଗୋପାଳପୁର, ମୁଲବାର, ତେଜାଗୋଲା, ନୂଆଁପାଲି, ନୂଆଁଗଡ଼, ବରାହଗୋଡ଼ା, ତୋରା, ଖେଦାପାଲି ତଥା ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଜରୁରୀ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।



ମହୁଲପାଲିରେ କୁଇଜ୍ ପ୍ରତିଯୋଗିତା ଚାଲିଛି।

## ମହୁଲପାଲିରେ ପୌରାଣିକ କୁଇଜ୍ ପ୍ରତିଯୋଗିତା

**ପଦ୍ମପୁର,୧୩।୧୨(ପ୍ରଦୀପ୍ତ ଦାଶ)**

ପଦ୍ମପୁର ନିକଟସ୍ଥ ମହୁଲପାଲିଠାରେ ମହାଲକ୍ଷ୍ମୀ ପୂଜା ଅବସରରେ ପଦ୍ମପୁର ଶିକ୍ଷକ ଏକାଦଶ ତରଫରୁ ଶୁକ୍ରବାର ଏକ ପୌରାଣିକ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାଁର ବିଶିଷ୍ଟ ବ୍ୟକ୍ତି ଗୋବିନ୍ଦ ସାହୁ ଓ ତାରାଚାନ୍ଦ ସାହୁ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷକ ଏକାଦଶ ତରଫରୁ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ନରେନ୍ଦ୍ର ପ୍ରଧାନ, କୁଞ୍ଜବିହାରୀ ସରାଫ, କିଶୋର ପାତ୍ର, ବିରେନ୍ଦ୍ର ପ୍ରଧାନ, ରାକେଶ ସାହୁ ବିଭିନ୍ନ ପ୍ରଶ୍ନ କରିଥିଲେ। ଗ୍ରାମବାସୀ ସକ୍ରିୟ ଅଂଶଗ୍ରହଣ କରିବା ସହ ପ୍ରଶ୍ନଗୁଡିକର ଉତ୍ତର ଦେଇ ପୁରସ୍କାର ପାଇଥିଲେ। ଦିଲୀପ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକ ସଭାରେ ବରଗଡ଼ ବିକାଶ ପ୍ରସଙ୍ଗ ଉଠାଇଲେ ଏମ୍‌ପି

**ପଦ୍ମପୁର,୧୩।୧୨(ପ୍ରଦୀପ୍ତ ଦାଶ)**

ଲୋକସଭାର ଶୀତକାଳୀନ ଅଧିବେଶନରେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ଶୁକ୍ରବାର ବରଗଡରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଭାରତୀୟ ହସ୍ତତନ୍ତ ବୟନ ଶିଳ୍ପ ଓ ଡିପ୍ଲୋମା ପାଠ୍ୟକ୍ରମରେ ସ୍ନାତକ ପାଠ୍ୟକ୍ରମ ଯୋଡିବା ଏବଂ ବରଗଡ-ବରପାଲି ଜାତୀୟ ରାଜପଥ ନିକଟରେ ଅବସ୍ଥିତ ବାଲିଜୋରି ସମ୍ବଲପୁର କପଡା ବଜାରକୁ ଉନ୍ନତମାନର କରିବା ପାଇଁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏମ୍‌ପି ପୁରୋହିତ ତାଙ୍କ ଦାବିରେ ଉଲ୍ଲେଖ କରିଛନ୍ତି, ୨୦୧୫ରେ ପୂର୍ବତନ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ସନ୍ତୋଷ ଗଙ୍ଗୱାରଙ୍କ ବରଗଡ ଗସ୍ତ ସମୟରେ ବରଗଡ ଆଇଆଇଏଚ୍‌ଟିକୁ ସ୍ନାତକ ଡିଗ୍ରୀରେ ଅପଗ୍ରେଡ କରିବା ପାଇଁ ଘୋଷଣା କରିଥିଲେ। ସମ୍ବଲପୁରୀ ହ୍ୟାଣ୍ଡଲୁମ ପଶ୍ଚିମ ଓଡ଼ିଶାର ୧୧ଟି ଜିଲାରେ ବିସ୍ତାରିତ ଥିବାରୁ ଏହାଦ୍ୱାରା ଅନେକ ବୁଣାକାର ଲାଭାନ୍ୱିତ ହେବେ। ସେହିପରି ବରଗଡ ବାଲିଜୋରି ବଜାର ଉପରେ କିଭଳି ୧୧ଟି ଜିଲାର ବୁଣାକାର ନିର୍ଭର କରୁଛନ୍ତି। ଓଡ଼ିଶା ତଥା ବାହାରର ଗ୍ରାହକ ଓ ବ୍ୟବସାୟୀମାନେ ଏହି ବଜାର ଉପରେ ନିର୍ଭର କରୁଥିବାରୁ ଏହି ବଜାରର ସାମଗ୍ରିକ ବିକାଶ ପାଇଁ ମଧ୍ୟ ଏମ୍‌ପି ପୁରୋହିତ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## କ୍ରିକେଟ ଟୁର୍ନାମେଣ୍ଟ: ସୁଢାପାଲି ଚାମ୍ପିୟନ

**ସରଣ୍ଡା,୧୩।୧୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଟାଙ୍ଗରପାଲି ପଞ୍ଚାୟତ ଆମଝର ୟୁଥ୍ କ୍ଲବ ପକ୍ଷରୁ ଆମଝର ଖେଳ ପଡ଼ିଆରେ ଶୁକ୍ରବାର ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅମଲିପାଲି, କନ୍ତଲ, ସୁଢାପାଲି, ଜୁନାନୀ, ଖରମୁଣ୍ଡା, ଗମ୍ଭାରୀପାଲି, ବାଟିମୁଣ୍ଡା ଓ ଟାଙ୍ଗରପାଲି ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ସୁଢାପାଲି ଓ ଗମ୍ଭାରୀପାଲି ମଧ୍ୟରେ ହୋଇଥିଲା। ଏଥିରେ ସୁଢାପାଲି ଦଳ ୧୦ ଉଇକେଟରେ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଭାଜପା କାର୍ଯ୍ୟକର୍ତ୍ତା ସରୋଜ ସାହୁ ମୁଖ୍ୟ ଅତିଥି, ଅଶୋକ ମହାକୁର, ସୁରେନ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିବେକ ଯାଦବ, ହେମନ୍ତ ଭୁଏ, ପଦ୍ମଲୋଚନ ପଧାନ, ଅଶ୍ୱିନୀ ଠେଠୁଆଲ, ସୁବୋଧ ପଧାନ, ପ୍ରଦୀପ ପଧାନ, ହୃଷୀକେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିଥିମାନେ ପୁରସ୍କୃତ କରିଥିଲେ।



ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି।

## ବିକାଶ ଶିକ୍ଷାନୁଷ୍ଠାନରେ ଗୀତା ଜୟନ୍ତୀ

**ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ କ୍ରୀଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟରେ ଶୁକ୍ରବାର ଗୀତା ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରି ଗୀତା ଜୟନ୍ତୀ ପାଳନ କରାଯାଇଥିଲା। ସାମୂହିକ ସଂସ୍କୃତ ଗୀତାପାଠରେ ବିକାଶ ଆବାସିକ ବିଦ୍ୟାଳୟର ପ୍ରାର୍ଥନା ସଭା ପ୍ରକମ୍ପିତ ହୋଇ ଉଠିଥିଲା। ଏହି କାର୍ଯ୍ୟରେ କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ। ଏହି ଗୀତା ଜୟନ୍ତୀ କାର୍ଯ୍ୟକ୍ରମ ବିକାଶ ଆବାସିକ ବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଶିକ୍ଷକ ସମୀର ରଞ୍ଜନ ଶତପଥୀ ଓ ସୁବ୍ରତ ପଣ୍ଡାଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା।

### ବରପାଲିରେ ମହାଲକ୍ଷ୍ମୀ ପୂଜା ମହୋତ୍ସବ

**ବରପାଲି,୧୩।୧୨(ଚିତ୍ତରଞ୍ଜନ ସାହୁ):** ବରପାଲି ଗଙ୍ଗାଧର ମେହେର ଯୁବକ ସଂଘ (ଭୁଲିଆ ସମାଜ) ପକ୍ଷରୁ ସାର୍ବଜନୀନ ମହାଲକ୍ଷ୍ମୀ ପୂଜା ମହୋତ୍ସବର ଶୁଭାରମ୍ଭ ହୋଇଛି। ଏ ନେଇ ଗତ ବୁଧବାର ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ସ୍ଥାନୀୟ ଲୋକନାଥ ମନ୍ଦିରସ୍ଥିତ ଗହୀର ବନ୍ଧରୁ ଜଳପୂର୍ଣ୍ଣ କଳସ ଶୋଭାଯାତ୍ରାରେ ଆଣି ପୂଜାମଣ୍ଡପରେ ସ୍ଥାପନ କରିବା ପରେ ଅଧିବାସ ହୋଇଥିଲା। ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରବାର ପୂଜାରମ୍ଭ ହୋଇ ସକାଳ ଲକ୍ଷ୍ମୀ ପୁରାଣ ପାଠ କରାଯାଇଥିଲା। ସେହିପରି ଶୁକ୍ରବାର ବିବାହ, ତେଲ ହଳଦୀ, ହୋମ ଆଦି ହୋଇଥିଲା। ଚଳିତବର୍ଷ ରିତା ମେହେର ଓ କୃଷ୍ଣଚନ୍ଦ୍ର ମେହେର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସଦାନନ୍ଦ ଦାଶ, ଯୋଗେଶ ଦାଶ, ଆନନ୍ଦ ଦାଶ, ଲବ ଦାଶ, ବିର ଦାଶ, ଗୋପାଳ ମିଶ୍ର, ସୁବଳ ମିଶ୍ର, ଆଲୋକ ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ଭୁଲିଆ ସମାଜ ଗଙ୍ଗାଧର ଯୁବକ ସଂଘ ସଭାପତି ମିନିକେତନ ମେହେର, ସମ୍ପାଦକ ପିଣ୍ଟୁ ମେହେର ପ୍ରମୁଖ ସହଯୋଗ କରିଥିଲେ।

## ସର୍ବଭାରତୀୟ କବାଡି: ହରିୟାଣା ଚାମ୍ପିୟନ

**ଝାରବନ୍ଧ,୧୩।୧୨(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ ଅନ୍ତର୍ଗତ ବିଜାଢୋଲଠାରେ ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ଚାଲିଥିବା ସର୍ବଭାରତୀୟ କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ହରିୟାଣା ଓ ଛତିଶଗଡ ରାଜ୍ୟ ଶକ୍ତି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୨୨-୦୮ରେ ଶକ୍ତି ଦଳକୁ ହରାଇ ହରିୟାଣା ଚାମ୍ପିୟନ ହୋଇଥିଲା। ଶକ୍ତି ଦ୍ୱିତୀୟ ଓ ଭୋପାଳ, କୋର୍ବା ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁକିନ୍ଦା ତାଳଚେର ରେଲୱେ ମ୍ୟାନେଜିଂ ଡାଇରେକ୍ଟର ଦିଲ୍ଲୀପ ସାମନ୍ତରାୟ, ଅବସରପ୍ରାପ୍ତ ସମବାୟ ସମିତିର ଅଡିଟର ରମେଶ ଚନ୍ଦ୍ର ରାୟ, ଡିଏଫ୍‌ଓ ବିକ୍ରମ ଦେଓ ପଟ୍ଟନାୟକ, ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧା, ଏବିଡ଼ିଓ ଭୀଷ୍ମଦେବ ମାଝୀ, ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା, ଅବସରପ୍ରାପ୍ତ ଅଧ୍ୟକ୍ଷ ସାନନ୍ଦ ସାହୁ, ଗରିବ ଗଣ୍ଡ, ଅଶୋକ ହାତୀ, ଯୋହନ କୁମ୍ଭାର, ସୁନୀଲ ରାୟ, ରାମଚନ୍ଦ୍ର ହାତୀ, ଜିଲା ପରିଷଦ ସଭ୍ୟ ସନ୍ତୋଷ ବେହେରା ଯୋଗଦାନ କରି ଚାମ୍ପିୟନ ହରିୟାଣା ଓ ଉପବିଜେତା ଶକ୍ତି ଦଳକୁ ଟ୍ରଫି ଦେଇଥିଲେ। ହେମନ୍ତ ବାରିକ, ମୁକେଶ ସାହୁ, ଶିବ ପଟେଲ, ଉମାଶଙ୍କର ସାହୁ ଖେଳ ପରିଚାଳନା କରିଥିବା ବେଳେ ସୁଶାନ୍ତ ପଟେଲ, ସଞ୍ଜୟ ଶଗର ସହଯୋଗ କରିଥିଲେ।



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ଦେଉଛନ୍ତି।

## ସାଇବର ଅପରାଧ ରୋକିବାରେ ସଚେତନତା ଲୋଡ଼ା

**ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ଶୁକ୍ରବାର ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡ. ନକୁଳ ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟ ଅପରାଧ ଶାଖାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦୁରେଖା ପଶ୍ଚିମ କବାଟ ମୁଖ୍ୟ ଅତିଥି, ପୋଲିସ ଏସ୍‌ଆଇ ମଙ୍ଗଳ କିସ୍କୁ ସମ୍ମାନିତ ଅତିଥି, ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ପ୍ରଫେସର ଡ. ଉମେଶ ଚନ୍ଦ୍ର ମହାପାତ୍ର ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ କହିଥିଲେ, ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସାଇବର ଅପରାଧୀ ବିଭିନ୍ନ ଆଧୁନିକ କୌଶଳ ଆପଣାଇ ଅନ୍ୟମାନଙ୍କୁ ଠକି ଆର୍ଥିକ ଶୋଷଣ କରି ଚାଲିଛନ୍ତି। ଲୋକମାନଙ୍କୁ କୌଣସି ପ୍ରକାର ପୁରସ୍କାରର ବିଜେତା କହି ମେସେଜ୍ ପଠାଇ ଆର୍ଥିକ ଓ ପାର୍ଶଲ୍ ପ୍ରଲୋଭନ ଦେଖାଇ ଋଣ ପ୍ରଦାନକାରୀ ସଂସ୍ଥାର ସହାୟକ ସାଜି ଅଥବା ନିଜର ବ୍ୟକ୍ତିଗତ ତଥ୍ୟ ଓ ସିମ୍ ଅପଡେଟ କରିବା ନାମରେ ଓଟିପି ପ୍ରତି ପ୍ରେରଣ କରିବାକୁ ଫୋନ୍ କରି, ସେମାନଙ୍କ ପ୍ରେରିତ ଅଜଣା ଲିଙ୍କ୍ କ୍ଲିକ୍ କରିବାକୁ କହି ବିଭିନ୍ନ ପ୍ରକାରରେ ଠକିଥାନ୍ତି । ଏହାବ୍ୟତୀତ ଇନ୍‌ଷ୍ଟାଗ୍ରାମ୍ , ଫେସବୁକ୍, ୱେବସାଇଟ୍, କ୍ୟୁଆର୍ କୋଡ୍‌ରୁ ମଧ୍ୟ ଅସାବଧାନତା ବଶତଃ ଲୋକମାନେ ଠକାମିର ଶିକାର ହୋଇଥାନ୍ତି। ଯେ କେହି ଠକାମୀର ଶିକାର ହେଲେ ଅତିଶୟ ଚିନ୍ତା ନ କରି ତୁରନ୍ତ ସାଇବର ଅପରାଧ ସମ୍ବନ୍ଧୀୟ ସହାୟତା ନମ୍ବର ୧୯୩୦ରେ ଯୋଗାଯୋଗ କରିବା କିମ୍ବା ନିକଟସ୍ଥ ଥାନାର ସହାୟତା ନେବା ଉଚିତ। ସମାଜରେ ନିଜକୁ ସ୍ୱତନ୍ତ୍ର ଭାବେ ପରିଗଣିତ ହେବାର ଅହେତୁକ ଉତ୍ସୁକତା, ବସ୍ତୁତାନ୍ତ୍ରିକ ଜୀବନଶୈଳୀରେ ବାଟବଣା ହୋଇ ଗଠନମୂଳକ କାର୍ଯ୍ୟରେ ବସ୍ତୁର ବ୍ୟବହାର ଅପେକ୍ଷା ଦୁରୁପଯୋଗ ହେତୁ ଲୋକମାନେ ଡିଜିଟାଲ ପ୍ରଯୁକ୍ତିବିଦ୍ୟାର ଅଯଥୋଚିତ ଉପଯୋଗ କରିଥାନ୍ତି ଏବଂ ଠକାମିର ଶିକାର ହୋଇଥାନ୍ତି। ତେଣୁ ଏଥିରୁ ବର୍ତ୍ତିବାକୁ ହେଲେ ସଚେତନତା ଓ ସତର୍କତା ଅବଲମ୍ବନ କରିବା ହିଁ ସର୍ବୋତ୍କୃଷ୍ଟ ପନ୍ଥା ବୋଲି ମଞ୍ଚାସୀନ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆକାଶ କୁମାର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ଡ. ସୁରେଶ କୁମାର ମାଝୀ, ବିଭୂତି ଭୂଷଣ ଶତପଥୀ, ପୁଷ୍ପିତାରାଣୀ ବେହେରା, କ୍ରିଷ୍ଣକାନ୍ତ ଲାହାଙ୍ଗିର, ଝରଣା ବିଶ୍ୱାଳ, ତୁଷାରକାନ୍ତି ସାହୁ, ରମଣ ସାହୁ, ଅଜିତ କୁମାର ସାହୁ, ଗଜିନ୍ଦ୍ର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କୋଲାବିରା ବ୍ଲକରେ ଖୋଲିଲା ମଣ୍ଡି

# ଉଠିଲାନି ଧାନ, ଚାଷୀ ନିରାଶ

କୋଲାବିରା, ୧୩।୧୨ (ଚିନ୍ମୟ କୁମାର ବହିଦାର)



ମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଚାଷୀ ଏବଂ ଅନ୍ୟମାନେ।

ଝାରସୁଗୁଡ଼ା ଜିଲାରେ ଗତ ୯ ତାରିଖଠାରୁ ଧାନ ସଂଗ୍ରହ ଆରମ୍ଭ ହୋଇଥିବା ବେଳେ କୋଲାବିରା ବ୍ଲକରେ ସମାସିଂହାରେ ଶୁକ୍ରବାରଠାରୁ ୪ଟି ପାକ୍ସ ଓ ୪ଟି ଏସ୍‌ଏଚ୍‌ଜି ଗ୍ରୁପ ଜରିଆରେ ଧାନକିଣା ଶୁଭାରମ୍ଭ ହୋଇଛି। କିନ୍ତୁ ଚଳିତ ଖରିଫ୍ ଧାନ କିଣା ଆରମ୍ଭରୁ ଅଚଳାବସ୍ଥା ଦେଖାଦେଇଛି। ଫଳ ସ୍ୱରୂପ ଧାନ ସଂଗ୍ରହରେ ମନ୍ଥରତା ଦେଖାଦେଇଛି।

ସମାସିଂହା ପାକ୍ସ ସଭାପତି ହେମନ୍ତ ସାହୁଙ୍କ ସଭାପତିତ୍ୱରେ କୋଲାବିରା ବିଡିଓ ଅଶୋକ କୁମାର ମାଝି, ଏପିଡିଓ ରାକେଶ ରୋଶନ ଗୁଡିଆ, ସମାସିଂହା ପାକ୍ସ ପାଇଁ ନୋଡାଲ ଅଧିକାରୀ ସତ୍ୟଜିତ ମେହେର, ସୋଡାମାଲ ନୋଡାଲ ଅଧିକାରୀ ସୁଦାମ ଚରଣ ତ୍ରିପାଠୀ, ଲଇକେରା ସମବାୟ ବ୍ୟାଙ୍କ ଶାଖା ପରିଚାଳକ କୌସିକ ପଧାନ, ପରମାଣପୁର ପାକ୍ସ ସଭାପତି କୃଷ୍ଣକୁମାର ଶର୍ମା, ବରିଷ୍ଠ ଚାଷୀ ଭିକାରୀ ଚରଣ ନାଏକ, ମା' ଦୁର୍ଗା କୃଷକ ସଂଘ ସଭାପତି ଚେତାନନ୍ଦ ପଟେଲ, ତୁଲେଶ୍ୱର ପଟେଲ, କେଦାନନାଥ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ମଣ୍ଡି ଉଦ୍‌ଘାଟନର ପ୍ରଥମ ଦିନରେ ଭୋଗରାପାଲି ଗ୍ରାମର ଜଣେ ମାତ୍ର ଚାଷୀ ମହେନ୍ଦ୍ର ପଟେଲ ୧୪ କୁଇଣ୍ଟାଲ ଧାନ ବିକ୍ରି କରିବାକୁ ଆଣି ନିରାଶ ହୋଇ ଫେରିଛନ୍ତି। ତାଙ୍କ ଧାନରେ ଆଦ୍ରତା ୧୭ ପ୍ରତିଶତରୁ ଅଧିକ ଥିବାରୁ ଏଫ୍‌ଏକ୍ୟୁ ମାନଦଣ୍ଡ ପୁରଣ କରୁ ନ ଥିବା ଦର୍ଶାଇ ଧାନ ଉଠାଇବାକୁ ଯୋଗାଣ ବିଭାଗ ମନା କରିଦେଇଥିଲା। ଫଳରେ ଚାଷୀ ଧାନ ନେଇ ଫେରି ଯାଇଥିଲେ। ମଣ୍ଡ ଖୋଲିବା ଦିନ ଧାନ ନ ଉଠିବା ଘଟଣା ଚାଷୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ବିଡିଓ ଅଶୋକ କୁମାର ମାଝିଙ୍କୁ ପଚାରିବାରୁ ସେ କାର୍ଯ୍ୟ ବ୍ୟସ୍ତତାର ଆଳ ଦେଖାଇ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଏଫ୍‌ଏକ୍ୟୁ ମାନ ନେଇ ଚାଷୀ ସମ୍ମୁଖୀନ ହେଉଥିବା ସମସ୍ୟା ସମାଧାନ ପରିବର୍ତ୍ତେ ବିଡିଓ କୌଣସି ଟିପ୍ପଣି ନ ଦେଇ ଚାଲିଯିବା ଉପସ୍ଥିତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ନିର୍ଦ୍ଧାରତ ମାନ ଅନୁସାରେ ଏଫଏକ୍ୟୁ ମାନର ଧାନରେ ଆଦ୍ରତା ୧୭ ପ୍ରତିଶତ, ବଙ୍ଗା କିମ୍ବା ବେରଙ୍ଗ ୫ ପ୍ରତିଶତ, ଅଗାଡି ୨ ପ୍ରତିଶତ ମଧ୍ୟରେ ରହିବା କଥା। ମାତ୍ର ବର୍ତ୍ତମାନ ମଣ୍ଡିକୁ ଆସୁଥିବା ଧାନ ଏହି ମାନଦଣ୍ଡ ପୁରଣ କରୁ ନ ଥିବା କୁହାଯାଉଛି। ଫଳରେ ଚାଷୀ ଏବଂ କ୍ରୟ ସଂସ୍ଥା ମଧ୍ୟରେ ତାଳମେଳ ନ ରହିବା ସ୍ୱାଭାବିକ। ତେଣୁ ଏଫଏକ୍ୟୁ ମାନଦଣ୍ଡକୁ ପୁର୍ନବିଚାର କରାଯାଇ ସରକାରଙ୍କ ପକ୍ଷରୁ କିଛିଟା କୋହଳ କରାଯିବାକୁ ମା' ଦୁର୍ଗା କୃଷକ ସଂଘ ସଭାପତି ଚେତାନନ୍ଦ ପଟେଲ ଏବଂ ଗାୟତ୍ରୀ କୃଷକ ସଂଘ ତଥା ଉପସ୍ଥିତ ଚାଷୀଙ୍କ ପକ୍ଷରୁ ଦାବି କରାଯାଇଛି।

## ବିଧବାଙ୍କୁ ଗଣବଳାତ୍କାର ଘଟଣା: ୪ ଗିରଫ



ଗିରଫ ୪ଜଣଙ୍କୁ କୋର୍ଟ ଚାଲାଣ ପାଇଁ ନିଆଯାଉଛି।

ଦେବଗଡ଼, ୧୩।୧୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅନ୍ତର୍ଗତ କଳାମାଟି ନିକଟରେ ଗତ ସୋମବାର ଅପରାହ୍ନରେ ଜଣେ ବିଧବା ମହିଳା(୩୫)ଙ୍କୁ ଗଣବଳାତ୍କାର ଘଟଣାରେ ଦେବଗଡ଼ ପୋଲିସ ଶୁକ୍ରବାର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେବଗଡ଼ ଥାନା ଅନ୍ତର୍ଗତ ଗଜୁରୀବଣି ଗ୍ରାମର ଦୀପକ କିଣ୍ଡୋ, ବିନୋଦ କିଡୋ, ଆଶିଷ ଖେସ ଓ କଳାମାଟି ଗ୍ରାମର ଫ୍ରାନ୍ସିସ ଟପ୍ପୋ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ରିଆମାଳ ଥାନାଞ୍ଚଳରେ ବିବାହ କରିଥିବା ଦେବଗଡ଼ ଥାନାଞ୍ଚଳର ମହିଳା ସ୍ୱାମୀଙ୍କ ମୃତ୍ୟୁ ପରେ ଦୀର୍ଘ ୧୨/୧୩ ବର୍ଷ ହେଲା ନିଜ ଝିଅ ସହ ଦେବଗଡ଼ ଥାନାଞ୍ଚଳ ବାପଘରେ ରହୁନ୍ତି। ମହିଳା ଜଣକ ଗତ ସୋମବାର ଅପରାହ୍ନରେ ବଳମ ସାପ୍ତାହିକ ବଜାରରୁ ବସ୍ ଯୋଗେ ଫେରି କଳାମାଟି ଛକରେ ଓହ୍ଲାଇଥିଲେ। ଗଜୁରିବଣି ଗ୍ରାମର ଦୀପକ କିଣ୍ଡୋ ତାଙ୍କୁ ବାପଘରେ ଛାଡି ଦେବାକୁ କହି ବାଇକ୍‌ରେ ବସାଇ ନେଇଥିଲେ। ମହିଳାଙ୍କୁ ବାପଘରେ ଛାଡିବା ପରେ ସେଠାରେ କିଛି ସମୟ ରହିଥିଲେ। ମହିଳା ଅନ୍ୟ ଏକ ଗ୍ରାମରୁ ତାଙ୍କ ମା'ଙ୍କୁ ଆଣିବାକୁ ଯିବା ପାଇଁ ତାଙ୍କ ଝିଅକୁ କହିବାରୁ ଦୀପକ ବାଇକ୍ ଯୋଗେ ସେଠାରେ ପହଞ୍ଚାଇଦେବ କହି ମହିଳାଙ୍କୁ ନେଇଥିଲେ। ଅଳ୍ପଦୂର ଯିବା ପରେ ଦୀପକ ତାଙ୍କୁ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିଥିଲେ। ଫଳରେ ମହିଳା ଜଣକ ବାଇକ୍ ଅଟକାଇବାକୁ କହି ଓହ୍ଲାଇ ଚାଲିଚାଲି ଘରକୁ ଫେରୁଥିଲେ। ପରେ ଦୀପକ ପଛପଟୁ ଆସି କଳାମାଟିସ୍ଥିତ ଏକଲବ୍ୟ ସ୍କୁଲ ନିକଟରେ ତାଙ୍କ ହାତକୁ ଧରି ପକାଇଥିଲେ। ଏହି ସମୟରେ ଦୀପକ ସହିତ ଅନ୍ୟ ୩ଜଣ ଯୁବକ ମଧ୍ୟ ରହିଥିଲେ। ୪ଜଣ ମିଶି ମହିଳାଙ୍କୁ ଜୋରଜବରଦସ୍ତ ଜଙ୍ଗଲକୁ ଟାଣିନେଇଥିଲେ। ଦୀପକ, ଦୀପକଙ୍କ ସମ୍ପର୍କୀୟ ଭାଇ ସରୋଜ ଏକ୍କା ଓ ଅନ୍ୟ ୨ଜଣ ଯୁବକ ଜଣେ ପରେ ଜଣେ ଗଣବଳାତ୍କାର କରିଥିଲେ। ପୀଡ଼ିତା ମହିଳା ମଙ୍ଗଳବାର ନିଜ ବାପା, ମା' ଓ ନାବାଳିକା ଝିଅ ସହ ଦେବଗଡ଼ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ବୁଧବାର ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାର ଅଧିକ ତଦନ୍ତ ଚଳାଇଥିଲା। ୪ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରାଯିବା ପରେ ଗିରଫ କରିବା ସହ ସେମାନଙ୍କଠାରୁ ବ୍ୟବହୃତ ବାଇକ୍, ସ୍କୁଟର ଓ ମୋବାଇଲ ଫୋନ ଜବତ କରାଯାଇଥିଲା।

## ବାଇକ୍ ଦୁର୍ଘଟଣାରେ ୩ ଆହତ

ଦେବଗଡ଼, ୧୩।୧୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଡେଇଗୋଳା ଥାନା ଅନ୍ତର୍ଗତ ସିଆରିମାଳିଆ ଛକରେ ଏକ ବାଇକ୍ ଦୁର୍ଘଟଣାରେ ୩ଜଣ ଯୁବକ ଆହତ ହୋଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ ଦେବଗଡ଼ ଥାନା କାଲକାଠ ଗ୍ରାମର ଜିତେନ ନାଏକ, ପ୍ରଶାନ୍ତ ପାତ୍ର ଓ କୁଣ୍ଡାପିଠା ଗ୍ରାମର ମହେଶ୍ୱର ମୁଣ୍ଡା ଏକ ବାଇକ୍ ଯୋଗେ ରାଞ୍ଚି-ବିଜୟୱାଡା ରାସ୍ତାରେ ଯାଉଥିବା ବେଳେ ସିଆରିମାଳିଆ ନିକଟରେ ବାରସାମ୍ୟ ହରାଇ ରାସ୍ତା ଉପରକୁ ଛିଟିକି ପଡିଥିଲେ। ଫଳରେ ଜିତେନ ଓ ପ୍ରଶାନ୍ତ ଗୁରୁତର ଆହତ ହୋଇଥିବା ବେଳେ ମହେଶ୍ୱର ସାମାନ୍ୟ ଆହତ ହୋଇଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ତାଙ୍କ ସାଥୀମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଜିତେନ ଓ ପ୍ରଶାନ୍ତଙ୍କ ଅବସ୍ଥା ଶଙ୍କଟାପନ୍ନ ଥିବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

## ଶିଶୁ ଅଧିକାର ସମ୍ପର୍କିତ ଚଳଚ୍ଚିତ୍ର ଉତ୍ସବରେ 'ଶିଶୁ ଦୃଶ୍ୟମ୍'

ଦେବଗଡ଼, ୧୩।୧୨ (ଶଶାଙ୍କ ଶେଖର ଝାଙ୍କର)



କୃତୀ ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

■ ଶିଶୁ ଅଧିକାର ସମ୍ପର୍କରେ ସଚେତନତା ପାଇଁ ନିଆରା ପ୍ରୟାସ

■ ଯୋଗଦେଲେ ୪୦୦ରେ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

ଦେବଗଡ଼ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଶିଶୁ ଅଧିକାର ସମ୍ପର୍କିତ ଚଳଚିତ୍ର ଉତ୍ସବ ଶିଶୁ ଦୃଶ୍ୟମ ଆୟୋଜିତ ହୋଇଯାଇଛି। ଶିଶୁମାନଙ୍କ ସୁରକ୍ଷା ଓ ବିକାଶ ପାଇଁ କାମ କରୁଥିବା ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପୋଲିସ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ସଚେତନତା ପାଇଁ ଜିଲା ଶିଶୁ ସୁରକ୍ଷା ୟୁନିଟ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଇନା ଅନୁଷ୍ଠାନର ବୈଷୟିକ ସହାୟତାରେ ଏହା ଆୟୋଜିତ ହୋଇଥିଲା। ଏହି ଶିଶୁ ଚଳଚ୍ଚିତ୍ର ଉତ୍ସବରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ୪୦୦ର ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ଶିଶୁ ଚଳଚ୍ଚିତ୍ରଗୁଡିକର ମଜା ନେଇଥିଲେ। ଜିଲାପାଳ କବୀନ୍ଦ୍ର ସାହୁଙ୍କ ସଭାପତିତ୍ୱ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତ୍ତ୍ୱାବଧାନରେ ଆୟୋଜିତ ଶିଶୁ ଚଳଚ୍ଚିତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶାଳ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରି ଦେଇ, ଦେବଗଡ଼ ଆରକ୍ଷୀ ଅଧୀକ୍ଷକ ଅନୀଲ ମିଶ୍ର, ଭୁବନେଶ୍ୱର ଆଇନା ଅନୁଷ୍ଠାନ ନିର୍ଦ୍ଦେଶିକା ସ୍ନେହ ମିଶ୍ର, ସିଡବ୍ଲୁସି ଅଧ୍ୟକ୍ଷା ପିଙ୍କିରାଣୀ ନନ୍ଦ, ଜୁଭେନାଇଲ ବୋର୍ଡ ସଦସ୍ୟ ଗାୟତ୍ରୀ ଦିବେଦୀ, ସିଡବ୍ଲୁସି ସଦସ୍ୟ କୁମୁଦ ଶତପଥୀ, ସିଡବ୍ଲୁସି ପୂର୍ବତନ ଅଧ୍ୟକ୍ଷ ତଥା ଲୋକପାଳ ଅତୁଲ୍ୟ ପୂଜାରୀ, ବରିଷ୍ଠ ଅଭିନେତା ତଥା ଆଇନଜୀବୀ ମନୋଜ ପାଢୀ, ଜିଲା ସଂସ୍କୃତି ପରିଷଦ ସଂଯୋଜକ ଦିଲୀପ ଗୁରୁ, ଜିତା ଅନୁଷ୍ଠାନ ସମ୍ପାଦିକା ଅନୁପମା ରାଉତ, ଓଡ଼ିଶା ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ହେମନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶିଶୁ ଅଧିକାର ତଥା ସରକାରଙ୍କ ବିଭିନ୍ନ ଆଇନ ଓ ଅଧିନିୟମ ସମ୍ପର୍କିତ ମୋଟ ୫୦ଟି କ୍ଷୁଦ୍ର ଶିଶୁ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଶିଶୁ ଅଧିକାର ସୁରକ୍ଷା ସମ୍ପର୍କିତ ବିଭିନ୍ନ ବିଷୟବସ୍ତୁ ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ଚାଲାଣ, ଶିଶୁ ଯୌନ ଅପରାଧ ଆଦି ଉପରେ ପରିବେଶିତ ବିଭିନ୍ନ ଚଳଚ୍ଚିତ୍ର ନିର୍ମାତାଙ୍କ ଚଳଚ୍ଚିତ୍ର ଯଥା ଅଲକ୍ଷ୍ମୀ, ଆଜିଠୁ ଏକାଠି, ଖୁସି, ବଚପାନ, କ୍ଷୀର, ସାବାସ ବିଜୁ, ଆଇଏମ୍ କାଲାମ, ନାଗାବଳିର ଅଭିମାନ ଆଦି ପିଲାମାନେ ଭରପୁର ଉପଭୋଗ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରରେ ପୁରସ୍କୃତ ଶିଶୁ ଚଳଚିତ୍ର ଡେଣାର ସ୍ୱତନ୍ତ୍ର ପ୍ରଦର୍ଶନ ହୋଇଥିଲା। ଭୁବନେଶ୍ୱରରୁ ଆସିଥିବା ଏହି ଚଳଚିତ୍ରର ନିର୍ମାତା ସନ୍ତୋଷ ପଣ୍ଡାଙ୍କୁ ଶିଶୁ ଚଳଚିତ୍ର ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରୀଛାତ୍ରଙ୍କ ପ୍ରସ୍ତାବକ୍ରମେ ଆଗାମୀ ଦିନରେ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଶିଶୁମାନଙ୍କ ସ୍ୱତନ୍ତ୍ର ତାଲିମ ପାଇଁ ଏକ କାର୍ମଶାଳା ଆୟୋଜନର ଦାୟିତ୍ୱ ବିଧାୟକ ବିଶ୍ୱାଳ ହାତକୁ ନେଲେ। ଶିଶୁ ଚଳଚିତ୍ର ଉତ୍ସବ ପରିଚାଳନା କରିଥିଲେ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, କ୍ରାନ୍ତି ମଞ୍ଜରି, ଦେବରଞ୍ଜନ ପ୍ରଧାନ, ଶ୍ରୀଦତ୍ତ ସାହୁ, ଆକ୍ସନଆଡ ଜିଲା ସଂଯୋଜକ ବିରେନ୍ଦ୍ର ମହାପାତ୍ର, ସପୋର୍ଟ ଶିଶୁ ଗୃହର ନିର୍ଦ୍ଦେଶକ ଚନ୍ଦ୍ର ଶେଖର ସାହୁ।

## ମଶାତେଲ କିଣାରେ ଦୁର୍ନୀତି ଘଟଣା: ଭିଜିଲାନ୍ସ ଦ୍ୱାରା ୪ ଗିରଫ

ଝାରସୁଗୁଡ଼ା, ୧୩।୧୨ (ଆଶିଷ ରଞ୍ଜନ ଦାଶ)

**ଝାରସୁଗୁଡ଼ା ମ୍ୟୁନିସିପାଲିଟି**

ଝାରସୁଗୁଡ଼ା ମ୍ୟୁନିସିପାଲିଟିର ମଶାତେଲ କିଣା ଦୁର୍ନୀତି ଘଟଣାରେ ପୂର୍ବତନ ନିର୍ବାହୀ ଅଧିକାରୀ, ମ୍ୟୁନିସିପାଲିଟିର ସାନିଟାରୀ ମୁଖ୍ୟ, ଏକ୍ସପାର୍ଟ ଓ ମଶାତେଲ ଯୋଗାଇଥିବା ସଂସ୍ଥା ମୁଖ୍ୟଙ୍କୁ ଭିଜିଲାନ୍ସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତତ୍କାଳୀନ ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି, ସାନିଟାରୀ ଏକ୍ସପାର୍ଟ ବିଶ୍ୱରଞ୍ଜନ ସାହୁ, ସାନିଟାରୀ ଇନ୍ସପେକ୍ଟର ମୁଖ୍ୟ ବିକାଶ ପଶାୟତ ଏବଂ ସଂସ୍ଥାର ମୁଖ୍ୟ ଆଶୁତୋଷ ଶର୍ମା।

ସୂଚନା ଅଧିକାର ଆଇନରେ ଝାରସୁଗୁଡ଼ା ମ୍ୟୁନିସିପାଲିଟିରେ ମଶାତେଲ କିଣାବିକାର ହିସାବ ମଗାଯାଇଥିଲା। ଏହି ଦୁର୍ନୀତି ବିଷୟରେ ଖବର ପ୍ରକାଶ ପରେ ଭିଜିଲାନ୍ସ ଗତ ସପ୍ତାହରେ ମ୍ୟୁନିସିପାଲିଟି ଅଫିସର ସମସ୍ତ କାଗଜାତ ପତ୍ର ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲା। ଭିଜିଲାନ୍ସ ତଦନ୍ତ ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ତତ୍କାଳୀନ ନିର୍ବାହୀ ଅଧିକାରୀ ତାଣ୍ଡି ୭୭ ଟଙ୍କା ପ୍ରତି ଲିଟର ମୂଲ୍ୟରେ ଓଡ଼ିଶା ରବର ଉଦ୍ୟୋଗ କାଳୁଙ୍ଗା ରାଉରକେଲାଠାରୁ ମଶା ତେଲ ମ୍ୟୁନିସିପାଲଟି ପାଇଁ କିଣିଥିଲେ। ସେହି ତେଲ ୨୦୨୩-୨୪ ଆର୍ଥିକ ବର୍ଷରେ ପୂର୍ବତନ ନିର୍ବାହୀ ଅଧିକାରୀ ତାଣ୍ଡି, ସାନିଟାରୀ ଇନ୍ସପେକ୍ଟର ସାହୁ ଫ୍ୟୁଜନ ଗ୍ରୁପର ମୁଖ୍ୟ ଶର୍ମାଙ୍କଠାରୁ ପୂର୍ବ ମୂଲ୍ୟଠାରୁ ଦଶ ଗୁଣା ଅଧିକ ମୂଲ୍ୟରେ ତେଲ କିଣିଥିଲେ। ସେଥିପାଇଁ ଫ୍ୟୁଜନ ଗ୍ରୁପ୍‌କୁ ବିଭିନ୍ନ ତାରିଖରେ ମ୍ୟୁନିସିପାଲିଟି ୬୮, ୮୯, ୪୦୦ ଟଙ୍କା ପେମେଣ୍ଟ କରିଥିଲେ। ଏଥିରୁ ୨% ଜିଏସଟିବାବଦକୁ ୧୨୫୪୦୦ ଟଙ୍କା ପେମେଣ୍ଟ କରାଯାଇଥିଲା। ପୂର୍ବ ମୂଲ୍ୟ ଦେଖିଲେ ୬୧,୪୪,୬୦୦ ଟଙ୍କା ଅଧିକ ପେମେଣ୍ଟ କରି ୪ଜଣ ଆତ୍ମସାତ କରିଥିବା ଜଣାପଡିଛି। ଦୁର୍ନୀତି ନିବାରଣ ବିଭାଗ ତାଣ୍ଡି ବର୍ତ୍ତମାନ ରାୟଗଡା ଜିଲା ଗୁଣୁପୁର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଅଛନ୍ତି। ସେମାନଙ୍କ ନାମରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୩(୨), ୧୩(୧), ୨୦୧୮/୪୦୯, ୧୨୦(ବି ), ୪୨୦ ଅନୁସାରେ ଗିରଫ କରି ସମ୍ବଲପୁର ଭିଜିଲାନ୍ସର ସ୍ପେସିଆଲ କୋର୍ଟକୁ ପଠାଯାଇଛି। ତଦନ୍ତ ବର୍ତ୍ତମାନ ମଧ୍ୟ ଚାଲିଛି ବୋଲି ଭିଜିଲାନ୍ସ ଡିଏସ୍‌ପି କଳାବତୀ ବାଗ କହିଛନ୍ତି।

## ବ୍ରଜରାଜନଗର ଏମ୍ବିସନ କ୍ରିକେଟ କ୍ଲବ ବିଜୟୀ



ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ଝାରସୁଗୁଡ଼ା, ୧୩।୧୨ (ଆଶିଷ ରଞ୍ଜନ ଦାଶ)

**ଆନ୍ତଃ ଜିଲା କ୍ଲବ କ୍ରିକେଟ ଲିଗ୍**

ଝାରସୁଗୁଡା ସହରସ୍ଥିତ ସରବାହାଲ ଖେଳ ପଡ଼ିଆଠାରେ ଗୁରୁବାର ପୂର୍ବାହ୍ନ ୯ଟାରେ ଝାରସୁଗୁଡ଼ା ଶିକ୍ଷା କ୍ରିକେଟ ଆସୋସିଏଶନ ଓ ବ୍ରଜରାଜନଗର ଏମ୍ବିସନ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ବ୍ରଜରାଜନଗର ଏମ୍ବିସନ କ୍ରିକେଟ କ୍ଲବ ବିଜୟୀ ହୋଇଛି। ଆମ୍ବିସନ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ଶିକ୍ଷା କ୍ରିକେଟ ଆସୋସିଏସନ ଆଗରେ ୩୦୩ ରନ ସ୍କୋର କରିଥିଲା। ଶିକ୍ଷା କ୍ରିକେଟ ଆସୋସିଏସନ ୪୦ ଓଭରରେ ସମସ୍ତ ଉଇକେଟ ହରାଇ ୨୨୯ ରନରେ ସୀମିତ ରହି ମ୍ୟାଚ ହାରିଯାଇଥିଲା। ଏମ୍ବିସନ କ୍ରିକେଟ କ୍ଲବ ପକ୍ଷରୁ ମୋହନ ରାମ ୮ଓଭର ବୋଲିଂ କରି ୪୪ରନ ଦେଇ ୩ଟି ଉଇକେଟ ନେଇଥିବା ବେଳେ ଦୀପକ ଯାଦବ ୨ଟି ଉଇକେଟ ନେଇଥିଲେ। ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ରବି କୁମାର ଓ ସୁମିତ ସିଂ ଯୋଗଦେଇଥିବା ବେଳେ ମହମ୍ମଦ ଇସେକି ଓ ପ୍ରଭାଞ୍ଜନ ବଳ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ।

## ତାରିଖ ନିର୍ଦ୍ଧାରଣ ପାଇଁ ଉପଜିଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା, ୧୩।୧୨ (ଆଶିଷ ରଞ୍ଜନ ଦାଶ)

**କିର୍ମିରା ବ୍ଲକ ଅଧ୍ୟକ୍ଷାଙ୍କ ଅନାସ୍ଥା ପ୍ରସଙ୍ଗ**

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁ ଅନାସ୍ଥା ପ୍ରସ୍ତାବ ବିରୋଧରେ କରିଥିବା ଆବେଦନ ହାଇକୋର୍ଟ ଖାରଜ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ତାଙ୍କର ଆବେଦନରେ ଅନାସ୍ଥା ପ୍ରସ୍ତାବ ପ୍ରକୃତ ଆଇନ ଅନୁସାରେ ହେଉନାହିଁ ଏବଂ ଏହାକୁ ବନ୍ଦ କରିବା ପାଇଁ ଆବେଦନ କରିଥିଲେ। କିନ୍ତୁ ପ୍ରତିପକ୍ଷ ଓକିଲ ଏଥିରେ କୌଣସି ଆଇନ ଉଲ୍ଲଂଘନ ହୋଇନାହିଁ କହି ଗ୍ରାମପଞ୍ଚାୟତର ସମସ୍ତ ଆଇନ ଠିକ ହିସାବରେ ପ୍ରଯୁଜ୍ୟ ହୋଇଛି କହି ଦୃଢ଼ ଯୁକ୍ତି ବାଢିଥିଲେ। ଫଳରେ ହାଇକୋର୍ଟ ଅନାସ୍ଥା ପ୍ରସ୍ତାବ ତାରିଖ ଚୂଡାନ୍ତ କରିବା ପାଇଁ ଝାରସୁଗୁଡା ଉପଜିଲାପାଳଙ୍କୁ ହାଇକୋର୍ଟ ଆଦେଶ ଦେଇଛନ୍ତି।

## ମଞ୍ଚସ୍ଥ ହେଲା ନାଟକ 'ସତଘରିଆ'

ଦେବଗଡ଼, ୧୩।୧୨ (ଶଶାଙ୍କ ଶେଖର ଝାଙ୍କର)

**ବହୁଭାଷୀ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା**

ସାଂସ୍କୃତିକ ଅନୁଷ୍ଠାନ 'ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ' ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲଠାରେ ବୁଧବାରଠାରୁ ଆରମ୍ଭ ହୋଇଥିବା ବିଂଶତମ ସର୍ବଭାରତୀୟ ବହୁଭାଷୀ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଶୁକ୍ରବାର ହିନ୍ଦୀ ଓ ବଙ୍ଗାଳୀ ନାଟକ 'ସତଘରିଆ' ମଞ୍ଚସ୍ଥ ହୋଇଯାଇଛି। ସନ୍ଧ୍ୟାରେ ଏକମାତ୍ର ନାଟକ ଭାବେ ଶାନ୍ତିପୁର ରଙ୍ଗପୀଠ, କୋଲକାତା (ପଶ୍ଚିମ ବଙ୍ଗ) ଦ୍ୱାରା ବିଶ୍ୱଜିତ ବିଶ୍ୱାସଙ୍କ ରଚିତ ଓ ନିର୍ଦ୍ଦେଶିତ ହିନ୍ଦୀ ଓ ବଙ୍ଗାଳୀ ନାଟକ 'ସତଘରିଆ' ମଞ୍ଚସ୍ଥ ହୋଇଥିଲା। ମୁଖ୍ୟଅତିଥି ଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଓ ସମ୍ମାନିତ ଅତିଥି ଭାବେ ବଣିକ ସଂଘ ସଭାପତି ଉମାଶଙ୍କର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମହୋତ୍ସବ ଆୟୋଜନରେ ଆୟୋଜକ 'ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ'ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ସହଯୋଗ କରୁଛନ୍ତି।

# ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ

ଦେବଗଡ଼, ୧୩।୧୨ (ଶଶାଙ୍କ ଶେଖର ଝାଙ୍କର)




କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିବୃନ୍ଦ।

■ ୪୨ ପ୍ରକଳ୍ପ ଶିଶୁ ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରଦର୍ଶିତ

■ ୭ ପ୍ରକଳ୍ପ ରାଜ୍ୟସ୍ତର ପାଇଁ ମନୋନୀତ

ଦେବଗଡ଼ ଜିଲା ଶିକ୍ଷା ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ଶକ୍ତି ସଂରକ୍ଷଣ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଡ଼ ରାଧାକାନ୍ତ ଗଡତିଆଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ଼ ମାନସୀ ଭୋଳ ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଲି ଲାକ୍ରା ପ୍ରମୁଖ ଯୋଗଦେଇ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ। ଜିଲା ବିଜ୍ଞାନ ସଂଯୋଜିକା ଇପ୍ସିତା ପଟ୍ଟନାୟକ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ଡଂରା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାଧବ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ୩ଟି ବ୍ଲକରୁ ଉଭୟ ବର୍ଗରୁ ଚୟନ ହୋଇଥିବା ୪୨ଟି ପ୍ରକଳ୍ପ ଶିଶୁ ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଆଦର୍ଶ ମହାବିଦ୍ୟାଳୟ ପ୍ରାଧ୍ୟାପକ ଡ଼ ସୁମିତ ଜୈଶାଳ, ଡ଼ ଯଶୋବନ୍ତ ସାହୁ, ସୁମିତ କୁମାର ରଥ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। ଏହି ଅବସରର ଉଭୟ ବର୍ଗରୁ ୧୪ଟି ପ୍ରକଳ୍ପ ଚୟନ କରାଯାଇଥିଲା। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଡ଼ ରାଧାକାନ୍ତ ଗଡତିଆଙ୍କ ଅଧ୍ୟକ୍ଷତାରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ଦେବଗଡ଼ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ପ୍ରାଧ୍ୟାପକ ଡ଼ ଦିନେଶ କୁମାର ରାୟ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ଜିଲା ବିଜ୍ଞାନ ସଂଯୋଜିକା ଇପ୍ସିତା ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହ କୃତୀ ପ୍ରତିଯୋଗୀ ପୁରସ୍କୃତ କରିଥିଲେ। ଅତିଥି ଅଧିକାରୀମାନେ ପ୍ରକଳ୍ପ ପରିଦର୍ଶନ କରି ଶିଶୁ ବୈଜ୍ଞାନିକମାନଙ୍କୁ ବ୍ୟକ୍ତିଗତ ଭାବେ ବିଭିନ୍ନ ପ୍ରସଙ୍ଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ଉଭୟ କାର୍ଯ୍ୟକ୍ରମ ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ସଂଯୋଜନା କରିଥିଲେ। ଶେଷରେ ସୁନାମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାନୁ ଶଙ୍କର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ମେଳା ଅବସରରେ ତାରଙ୍ଗ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ପ୍ରଧାନଙ୍କୁ କୃତୀ ବିଜ୍ଞାନ ଶିକ୍ଷକରେ ସମ୍ମାନିତ କରାଯାଇଥିଲା। ଉଭୟ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ରଙ୍କ ତତ୍ତ୍ୱାବଧାନ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲାସ୍ତରରୁ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୭ଟି ପ୍ରକଳ୍ପ ରାଜ୍ୟସ୍ତରରେ ଭାଗ ନେବ। ବିଜ୍ଞାନ ପ୍ରଦର୍ଶନୀ ଆୟୋଜନରେ ମହିମା ହେମ୍ବ୍ରମ କୁମୁଦ ବନ୍ଧୁ ପୃଷ୍ଟି, ଇନ୍ଦ୍ରମଣି ସାମଲ, ସୁକାନ୍ତ କୁମାର ନନ୍ଦ, ଅର୍ଚ୍ଚନା ପାତ୍ର, ଦମୟନ୍ତୀ ବେହେରା, ସଞ୍ଜୟ କୁମାର ବ୍ରହ୍ମା, ରାଜେନ୍ଦ୍ର କୁମାର ସାହୁ, ରଞ୍ଜନ କୁମାର ବ୍ରହ୍ମା, ସଞ୍ଜୀବ ବ୍ରହ୍ମା, ସଦାନନ୍ଦ ମହନ୍ତ, ଛବିଳ କୁମାର ସାମଲ, ହିମାଂଶୁ କୁମାର ଦେହୁରୀ, ଆକାଶ କୁମାର ଗଡ଼ନାୟକ, ମାନସ ରଞ୍ଜନ ମହନ୍ତ, ଭବାନୀକାନ୍ତ ପ୍ରଧାନ, ଫକୀର ମୋହନ ପ୍ରଧାନ, ଚୁଡାମଣି ସାହୁ, ଭେନସ କୁମାର ପ୍ରଧାନ, କାଦମ୍ବିନୀ ମିଶ୍ର, ଡିଲେଶରୀ ନାଏକ, ସନ୍ଧ୍ୟାରାଣୀ ସାହୁ, ଲୋପାମୁଦ୍ରା ସାହୁ, ଲୀନା ମିଶ୍ର, କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଝସକେତନ ସାହୁ, ଗୌରହରି ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

**ମାଣବସା ଲକ୍ଷ୍ମୀପୂଜା ପାଳିତ**

ଲାଠୋର,(ଭୁବନେଶ୍ୱର ବାରିକ): ଖପ୍ରାଖୋଲ ବ୍ଲକ ଲାଠୋର ହସ୍ପିଟାଲପଡ଼ା ଲକ୍ଷ୍ମୀପୂଜା କମିଟି ସଭାପତି ଡମ୍ବରୁ କାଠରଙ୍କ ନେତୃତ୍ୱରେ ମାଣବସା ଲକ୍ଷ୍ମୀପୂଜା ପାଳିତ ହୋଇଯାଇଛି। ଶୁକ୍ରବାର ପୂର୍ଣ୍ଣାହୁତି ସହ ବିସର୍ଜନ ହୋଇଛି। ରବିବାରଠାରୁ ଆରମ୍ଭ ହୋଇଥିବା ପୂଜାରେ ଗ୍ରାମର ରାଜା କଟାରୁ ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରି ପୂଜା ମଣ୍ଡପରେ ସ୍ଥାପନା କଲା ପରେ ପୂଜା ଆରମ୍ଭ ହୋଇଥିଲା। ପୂଜକ ଗୁଣଗ୍ରାହୀ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ ଗ୍ରାମର ସନ୍ତୋଷିନୀ ଓ ତରୁଣ ଭୋଇ ଦାୟିତ୍ୱ ତୁଲାଇଥିଲେ। ପ୍ରତିଦିନସନ୍ଧ୍ୟାରେଭଜନ,ପ୍ରବଚନକାର୍ଯ୍ୟକ୍ରମଥିଲା। କମିଟିଉପସଭାପତିଅନ୍ତର୍ଯାମୀସେଠ,ସମ୍ପାଦକମନୋଜକରୁଆଁ,ରମେଶମହାନ୍ତିସହଯୋଗକରିଥିଲେ।

# କଳାବ୍ୟାଜ୍ ପିନ୍ଧିଲେ ଅମଲା, ଜିଲାପାଳଙ୍କୁ ଭେଟିଲେ ଓକିଲ



ତହସିଲ ଅଫିସରେ ଅମଲା ସଂଘ ପ୍ରତିନିଧି ଓ କର୍ମଚାରୀ କଳାବ୍ୟାଜ୍ ପିନ୍ଧିଛନ୍ତି।



ଜିଲା ଓକିଲ ସଂଘ ପ୍ରତିନିଧି ଦଳ ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କୁ ଭେଟି ଆଲୋଚନା କରୁଛନ୍ତି।

**ବଲାଙ୍ଗୀର,୧୩।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

**ଓକିଲ-ତହସିଲ କର୍ମଚାରୀ ମୁହାଁମୁହିଁ ଘଟଣା**

- ତହସିଲ କର୍ମଚାରୀଙ୍କୁ ସମର୍ଥନ କଲା ଅମଲା ସଂଘ
- ଜିଲାପାଳଙ୍କୁ ପୃଥକ୍ ଭେଟି ଆଲୋଚନା କଲେ ଅମଲା, ଓକିଲ ସଂଘ ପ୍ରତିନିଧି
- ଉପଜିଲାପାଳଙ୍କ ତଦନ୍ତ ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ କହିଲେ ଜିଲାପାଳ

ବଲାଙ୍ଗୀର ତହସିଲ ଅଫିସରେ ଆରଓଆର ସାର୍ଟିଫାଏଡ କପି ମଗା ଘଟଣାକୁ ନେଇ ଗୁରୁବାର ଓକିଲ ଓ ତହସିଲ କର୍ମଚାରୀ ମୁହାଁମୁହିଁ ହୋଇଥିଲେ। ଏହି ଘଟଣାରେ ଉଭୟ ପକ୍ଷ ପ୍ରତିକ୍ରିୟାଶୀଳ ହୋଇ ସ୍ଥାନୀୟ ଟାଉନ ଥାନାରେ ପରସ୍ପର ବିରୋଧରେ ଅଭିଯୋଗ ଦାଖଲ କରିଥିଲେ। ପୋଲିସ ପକ୍ଷରୁ ମଧ୍ୟ ଦୁଇଟି ମାମଲା ରୁଜୁ କରାଯାଇଥିଲା। ଏହି ଘଟଣାକୁ ନେଇ ଗୁରୁବାର ଅପରାହ୍ଣରେ ତହସିଲ କର୍ମଚାରୀମାନେ କାର୍ଯ୍ୟବନ୍ଦ କରିଥିଲେ। ଓକିଲମାନେ ମଧ୍ୟ ଆନ୍ଦୋଳନ ପାଇଁ ସଜବାଜ ହୋଇ ଜିଲା ଓକିଲ ସଂଘର ଦୃଷ୍ଟି ଆକର୍ଷଣ କରିଥିଲେ। ଘଟଣାକୁ ନେଇ ଉଭୟ ପକ୍ଷ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀଙ୍କୁ ଭେଟି ନିଜ ନିଜ ପକ୍ଷ ରଖିଥିଲେ। ଶୁକ୍ରବାର ପୂର୍ବାହ୍ଣରେ ଓକିଲ-ତହସିଲ କର୍ମଚାରୀ ମୁହିଁମୁହିଁ ଘଟଣା ଭିନ୍ନ ମୋଡ ନେଇଥିଲା। ତହସିଲ କର୍ମଚାରୀଙ୍କୁ ସମର୍ଥନ କରି ଅମଲା ସଂଘ କଳା ବ୍ୟାଜ୍ ପିନ୍ଧି ଘଟଣାର ପ୍ରତିବାଦ କରିଥିଲେ।

ବଲାଙ୍ଗୀର ଉପଜିଲାପାଳ ଆଲୋକ ପଟେଲ ତହସିଲ କାର୍ଯ୍ୟାଳୟକୁ ଆସି କଳାବ୍ୟାଜ୍ ପିନ୍ଧିଥିବା କର୍ମଚାରୀଙ୍କ ସହ ଆଲୋଚନା କରି କୌଣସି ପରିସ୍ଥିତିରେ ଅଫିସକୁ ଆସୁଥିବା ଲୋକଙ୍କ କାମ ବାଧାପ୍ରାପ୍ତ ନ ହେବା ଉଚିତ୍ ବୋଲି ନିର୍ଦ୍ଦେଶ ଦେଇଥିବା ଗଣମାଧ୍ୟମକୁ ଜଣାଇଥିଲେ। ଏହାପରେ ଜିଲା ଅମଲା ସଂଘ ସଭାପତି ପ୍ରଭାତ କୁମାର ମଲ୍ଲିକ, ସମ୍ପାଦକ ରତିକାନ୍ତ ପୁରୋହିତ, ଉପଦେଷ୍ଟା ନୀଳ ପଟ୍ଟନାୟକ ଜିଲାପାଳଙ୍କୁ ଭେଟିବାକୁ ଯାଇ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଉଥିବା ସମ୍ପର୍କରେ ଜଣାଇଥିଲେ। ଅଫିସ ଭିତରେ କର୍ମଚାରୀଙ୍କ ସୁରକ୍ଷା କଥା ଉଠାଇଥିଲେ। ବଲାଙ୍ଗୀର ସିଭିଲ କୋର୍ଟ ପରିସରରେ ଏକ ଜରୁରୀ ବୈଠକରେ ଏହି ପ୍ରସଙ୍ଗରେ ଓକିଲମାନେ ଆଲୋଚନା କରିବା ପରେ ଜିଲାପାଳଙ୍କୁ ଭେଟିବାକୁ ଆସିଥିଲେ। ଜିଲାପାଳଙ୍କୁ ସେମାନଙ୍କ ପକ୍ଷ ଅବଗତ କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ କହିଥିଲେ ଯେ, ଓକିଲ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିବା ଜରୁରୀ। କୌଣସି ପରିସ୍ଥିତିରେ ଲୋକଙ୍କ ଅସୁବିଧା ହେବା କଥା ନୁହଁ। ଏହା ଉପରେ ଓକିଲ ସଂଘ ଜୋର ଦେଉଛି। ଯଦି ଅଫିସ ଭିତରେ କୌଣସି ଘଟଣା ଘଟିଲା ତାର ପ୍ରାରମ୍ଭିକ ତଦନ୍ତ ନକରି ସଙ୍ଗେ ସଙ୍ଗେ ତହସିଲ କର୍ମଚାରୀମାନେ ଥାନାକୁ ଦୌଡି ଯାଇଥିଲେ। କାହା ନିର୍ଦ୍ଦେଶରେ ସେମାନେ ଅଫିସ ଛାଡି ଥାନାକୁ ଯାଇଥିଲେ ବୋଲି ଓକିଲ ସଂଘ ସଭାପତି ତ୍ରିପାଠୀ ପ୍ରଶ୍ନ କରିବା ସହ ଓକିଲଙ୍କୁ ଦୁର୍ବ୍ୟବହାର କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଗଣମାଧ୍ୟମକୁ କହିଥିଲେ ଯେ, ଗତକାଲିର ଘଟଣାକୁ ନେଇ ଅମଲା ସଂଘ ପ୍ରତିନିଧି ଓକିଲମାନଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଠିକ୍ ସେହିପରି ଓକିଲ ସଂଘ ପ୍ରତିନିଧିମାନେ ତହସିଲ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ଉଭୟଙ୍କ ଅଭିଯୋଗ ଶୁଣାଯାଇଛି ଏବଂ ଉପଜିଲାପାଳଙ୍କୁ ଏ ଦିଗରେ ଅଧିକ ତଦନ୍ତ କରି ରିପୋର୍ଟ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଥିଲେ। ତଦନ୍ତ ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଇସଲୱାର କହିଥିଲେ।

# ଜେଲ ଗଲେ ଜୁନିୟର ଇଞ୍ଜିନିୟର

**ଟିଟିଲାଗଡ଼,୧୩।୧୨(ଶରତ ମିଶ୍ର)**

**ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା**

ଜଣେ ଆଦିବାସୀ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ସହ ଲକ୍ଷାଧିକ ଟଙ୍କା ଠକିନେବା ଅଭିଯୋଗରେ ପୋଲିସ ଆଶିଷ ପାଢୀ ନାମକ ଜଣେ ଜୁନିୟର ଇଞ୍ଜିନିୟରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସମ୍ପୃକ୍ତ ଯୁବକଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ପ୍ରକାଶ ଯେ, ଟିଟିଲାଗଡ଼ ବ୍ଲକରେ ଆଶିଷ ପୂର୍ବରୁ ଜୁନିୟର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ । ଏହି ସମୟରେ ସେ ଅଫିସ ନିକଟ ଅନ୍ୟ ଏକ ବିଭାଗରେ ଜେଇ ଥିବା ଜଣେ ଯୁବତୀଙ୍କୁ ଭଲ ପାଇଥିଲେ । ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ବଢିଯିବା ପରେ ବିବାହର ପ୍ରତିଶ୍ରୁତି ଦେଇ ଯୁବକ ଜଣକ ଶାରୀରିକ ସମ୍ପର୍କ ରଖିବାକୁ ପଛାଇ ନ ଥିଲେ । ଏପରି କି ଅନେକ ସମୟରେ ପ୍ରେମିକା ଜେଇଙ୍କଠାରୁ ନଗଦ ଟଙ୍କା ହାତେଇବାରେ ସଫଳ ହେଉଥିଲେ । ଯୁବତୀ ଜଣଙ୍କ ବିବାହ କରିବା ସ୍ୱପ୍ନ ଦେଖି ତାଙ୍କୁ ଲକ୍ଷାଧିକ ଟଙ୍କା ଦେଇଥିଲେ। ହେଲେ ପ୍ରେମିକ ଜେଇ ଜଣକ ବିବାହ ପ୍ରତଶ୍ରୁତିରୁ ଓହରି ଯାଇ ଅନ୍ୟତ୍ର ବିବାହ କରିବାକୁ ଯାଉଥିବା ସୂଚନା ପାଇ ସମ୍ପୃକ୍ତ ଯୁବତୀ ଏହାର ପ୍ରତିବାଦ କରିଥିଲେ। ଫଳରେ ଆଶିଷ ତାଙ୍କୁ ଜାତିଆଣ ଆକ୍ଷେପ କରି ବିବାହ କରିବାକୁ ମନା କରି ଦେବାରୁ ଯୁବତୀ ଜଣକ ଗୁରୁବାର ଟିଟିଲାଗଡ଼ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ନଂ ୫୧୯/୨୪ରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣା ସମଗ୍ର ଟିଟିଲାଗଡ଼ ଉପଖଣ୍ଡରେ ଚର୍ଚ୍ଚାର ବିଷୟ ହୋଇଛି ।

# ବନ ବିଭାଗର ଚଢ଼ାଉ, କାଠପଟା ଜବତ



ଆମ୍ବବଗିଚାରୁ ଜବତ ଶାଗୁଆନ ପଟା ।

**ଦେଓଗାଁ,୧୩।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ରେଞ୍ଜ ଅନ୍ତର୍ଗତ ସରଗଡା ଗାଁ ନିକଟ ଏକ ଆମ୍ବ ବଗିଚାରେ ଦେଓଗାଁ ବନବିଭାଗ ତରଫରୁ ଶୁକ୍ରବାର ଅଚାନକ ଭାବେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ଶାଗୁଆନ କାଠପଟା ଜବତ ହୋଇଛି। ଏ ସଂକ୍ରାନ୍ତରେ ବନବିଭାଗ ପକ୍ଷରୁ ନଂ ୨୪୭/୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଫରେଷ୍ଟର ବ୍ୟାସଦେବ ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ତେନ୍ତୁଲିଖୁଣ୍ଟି କଲେଜର ଅଧକ୍ଷ ଚକ୍ର ପଧାନ ତଥା ତାଙ୍କ ସ୍ତ୍ରୀ ପୂର୍ବତନ ସରପଞ୍ଚ ପ୍ରଭାସିନୀ ପଧାନଙ୍କ ସରଗଡା ଗାଁ ନିକଟସ୍ଥ ଆମ୍ବବଗିଚାରେ ବେଆଇନ ଭାବେ ଲକ୍ଷାଧିକ ଟଙ୍କାର ଶାଗୁଆନ ପଟା ରହିଥିବା ବନବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ରେଞ୍ଜର ଯୁଧିଷ୍ଠିର ଜାଲ ଓ ଫରେଷ୍ଟର ସାହୁଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଜବତ କାଠକୁ ଦେଓଗାଁ ରେଞ୍ଜକୁ ଅଣାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ। ତେବେ ଚକ୍ରଧର ଫେରାର ରହିଥିବା ବନବିଭାଗ ସୂଚନା ଦେଇଛି ।

## ସଂକ୍ଷେପରେ

### ସହଯୋଗୀ ଗିରଫ, ନିଲମ୍ବିତ ଅଭିଯୁକ୍ତ କନଷ୍ଟେବଲ୍‌ଙ୍କ ମିଳିନି ପତ୍ତା

**ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ମାମଲା**

**ବଲାଙ୍ଗୀର/ଗୁଡଭେଲା,୧୩।୧୨ (ବୀରେନ୍ଦ୍ର କୁମାର ଝାଙ୍କର/ମଜୋନ ଜୈନ)**

ବଲାଙ୍ଗୀର ଜିଲା ପୋଲିସ ବିଭାଗରେ କନଷ୍ଟେବଲ୍ ଭାବେ କାର୍ଯ୍ୟ କରୁଥିବା ତୁଷରା ଥାନା ସମରା ଗାଁର ଜ୍ୟୋତି ପ୍ରଧାନ ତାଙ୍କ ସ୍ତ୍ରୀ ନୂପୁର ବିଶ୍ୱାଳଙ୍କୁ ପଥରରେ ଛେଚି ହତ୍ୟା ଉଦ୍ୟମ କରିଥିବା ତୁଷରା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରି ଅଭିଯୁକ୍ତ କନ୍‌ଷ୍ଟେବଲ୍ ଜ୍ୟୋତିଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ। ନୂପୁରଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ଅଭିଯୁକ୍ତ ଜ୍ୟୋତିଙ୍କ ସହଯୋଗୀ ସମରା ଗାଁର ଜଗନ୍ନାଥ ପ୍ରଧାନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଅଭିଯୁକ୍ତ ସ୍ୱାମୀଙ୍କ ଏଯାଏ ପତ୍ତା ମିଳି ନ ଥିବା ଜଣାପଡିଛି।

### ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

**ବଲାଙ୍ଗୀର/ଲୋଇସିଂହା,୧୩।୧୨ (ବୀରେନ୍ଦ୍ର କୁମାର ଝାଙ୍କର/ସୁଶାନ୍ତ ବାରିକ)**

ବଲାଙ୍ଗୀର-ବରଗଡ଼ ୨୬ ନମ୍ବର ଜାତୀୟ ରାଜପଥର ସାଲେଭଟା ଅଙ୍ଗ ନଦୀ ପୋଲ ଉପରେ ଗୁରୁବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତ ୨ ଯୁବକ ହେଲେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ତମାମୁରା ଗାଁର ଅଭି ସୁନା (୩୨) ଓ ଅମିତ ସାହୁ (୨୫)। ଗୁରୁବାର ରାତିରେ ବଲାଙ୍ଗୀର ପଟରୁ ଏକ ବାଇକ୍ ଯୋଗେ ଉଭୟ ଗାଁକୁ ଫେରୁଥିବା ବେଳେ ପଛ ପଟରୁ କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ଅଙ୍ଗନଦୀ ପୋଲ ସୁରକ୍ଷା ବାଡ ନିକଟକୁ ଛିଟିକି ପଡିଥିଲେ। ଏହି ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସାଲେଭଟା ଫାଣ୍ଡି ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ପୂର୍ବାହ୍ଣରେ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ଅଭିଙ୍କ ଭାଇ ଗୋପାଳ ସୁନା ଗଣମାଧ୍ୟମକୁ କହିଛନ୍ତି, ଅଜଣା ଗାଡି ଧକ୍କାରେ ତାଙ୍କ ଭାଇ ଓ ତମାମୁରାର ଅମିତଙ୍କ ମୃତ୍ୟୁ ଘଟିଛି। ତୁରନ୍ତ ଅଜଣା ଗାଡିକୁ ଚିହ୍ନଟ କରି ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ମୃତ ଅମିତ ତାଙ୍କ ପିତାମାତାଙ୍କ ଏକମାତ୍ର ସନ୍ତାନ ଥିଲେ । ଏ ନେଇ ଥାନାରେ ଏକ ମାମଲା (ନଂ୪୧୮/୨୪) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି ।

# ବେଲଗାଁ ଅଞ୍ଚଳରେ ୪୨ ଟିକିଆ ହାତୀପଲ

**ସଇଁତଲା,୧୩।୧୨(ରାଖାଲ ପ୍ରସାଦ ଶତପଥୀ)**

ଟିଟିଲାଗଡ଼ ରେଞ୍ଜ ବେଲଗାଁ ବନାଞ୍ଚଳର ଦେଢ଼େଲ ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି । ଗୁରୁବାର ରାତିରେ କଳାହାଣ୍ଡି ପଟରୁ ତେଲ ନଦୀ ଡ଼େଇଁ ୪୨ ଟିକିଆ ହାତୀପଲ ଦେଢ଼େଲ ଅଞ୍ଚଳକୁ ଆସିଛି। ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଦେଇ ଜନବସତି ମୁହାଁ ହୋଇଥିବା ଦେଖିବାକୁ ମିଳିଛି । ହାତୀମାନେ ଶିସକେଲା, ନୂଆଁପଡ଼ା, ସିଂଙ୍ଗବାହାଲି, ଦେଢ଼େଲ, ବେଲଗାଁ, ଯୁବାମାଲ ଗ୍ରାମରେ ଚାଷ ହୋଇଥିବା ଧାନ, ମୁଗ, କାନ୍ଦୁଲ, ପନିପରିବା ଫସଲକୁ ଦଳି ନଷ୍ଟ କରିଦେବା ସହ ଖାଇ ଯାଉଛନ୍ତି । ସିଂଙ୍ଗବାହାଲି ଗ୍ରାମର



ବନ ବିଭାଗ ତରଫରୁ ଡ୍ରୋନ କ୍ୟାମେରାରେ ନିଆଯାଇଥିବା ହାତୀପଲଙ୍କ ଫଟୋ।

ଶେଷ ମାଝୀ, ପ୍ରମୋଦ ପଶାୟତଙ୍କ ସମେତ ଅନ୍ୟ କେତେଜଣ ଚାଷୀ ଖଳାରେ ରଖିଥିବା ଧାନକୁ ହାତୀପଲ ଦଳି ନଷ୍ଟ କରିବା ସହ ଖାଇ ଯାଇଛନ୍ତି।

**ବ୍ୟାପକ ଫସଲ ନଷ୍ଟ**

ଡ୍ରୋନ ସାହାଯ୍ୟରେ ହାତୀପଲର ଗତିବିଧି ଉପରେ ବନ ବିଭାଗ ନଜର ରଖିଛି । ବନ ବିଭାଗ ଜନସାଧାରଣଙ୍କୁ ଡ଼ାକବାଜି ଯନ୍ତ୍ର ସହାୟତାରେ ସଚେତନ କରୁଥିବା ବେଳେ ଅଞ୍ଚଳର ଜନସାଧାରଣ ଭୟଭୀତ ଅବସ୍ଥାରେ ଅଛନ୍ତି। ଶୁକ୍ରବାର ଦିନ ତମାମ ଘୁନସର ପଞ୍ଚାୟତ ଅନ୍ତର୍ଗତ ଦେଢ଼େଲ ଗ୍ରାମ ନିକଟରେ ଥିବା ପତ୍ରା ଜଙ୍ଗଲରେ ହାତୀମାନେ ରହିଥିବା ବେଳେ ସନ୍ଧ୍ୟାରେ କୁଶୁମାଲ ଅଞ୍ଚଳକୁ ବାହାରି ଯାଇଥିବା ଜଙ୍ଗଲ ବିଭାଗ ସୂତ୍ରରୁ ପ୍ରକାଶ।

# କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ





ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବରେ ଅତିଥି।

**ଦେଓଗାଁ,୧୩।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ବାର୍ଷିକ କ୍ରୀଡା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ମୁଖ୍ୟଅତିଥି ଭାବେ ପର୍ଶ୍ଵପାଲିର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦାମୋଦର ନାୟକ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଜୟ କୁମାର ଜାଲ, ହେମନ୍ତ କୁମାର ସାହୁ, ଶ୍ରୀମଙ୍ଗଳ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମ ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ , ସଟପୁଟ ଥ୍ରୋ, ଡିସକସ ଥ୍ରୋ, ଜେଭଲିନ ଥ୍ରୋ, ଲମ୍ବଡିଆଁ, ଉଚ୍ଚଡିଆଁ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡାଶିକ୍ଷକ ସରୋଜ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କର୍ମଚାରୀ ସହଯୋଗ କରିଥିଲେ।

# ଫେବୃଆରୀ ୧୦ରୁ ଫାଇଲେରିଆ ନିରାକରଣ ଅଭିଯାନ

**ବଲାଙ୍ଗୀର,୧୩।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଫାଇଲେରିଆ ନିରାକରଣ ଅଭିଯାନ ସମ୍ପର୍କିତ ବୈଠକ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ଗୌରୱ ଶିୱାଜୀ ଇସଲୱରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଜିଲାରେ ଆଗାମୀ ଫେବୃଆରୀ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଅଭିଯାନ ଜରିଆରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ସମୟ ମଧ୍ୟରେ ଜିଲାର ୧୩ ଲକ୍ଷ ୪୯ ହଜାର ୪୧ ଜଣଙ୍କୁ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ଔଷଧ ପ୍ରଦାନ କରାଯିବ। ଏଥି ସକାଶେ ଔଷଧ ପ୍ରଦାନକାରୀ, ସ୍ୱାସ୍ଥ୍ୟକର୍ମୀ ଏବଂ ସୁପରଭାଇଜରଙ୍କୁ ନିୟୋଜିତ କରାଯିବ। ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ନିଜ ତତ୍ତ୍ୱାବଧାନରେ ନିଜ ସମ୍ମୁଖରେ ଔଷଧ ଖୁଆଇବେ। ଗର୍ଭବତୀ ମହିଳା, ୨ ବର୍ଷରୁ କମ ବୟସର ଶିଶୁ ଓ ଗୁରୁତର ରୋଗୀଙ୍କୁ ଏହି ବଟିକା ଦିଆଯିବ ନାହିଁ। ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ। ଡିଇସି, ଆଲବେଣ୍ଡାଜଲ, ଆଇଭରମେକଟିନ ବଟିକା ଓ କୃମିନାଶକ ବଟିକା ନିୟୋଜିତ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ପରିବାରର ସଦସ୍ୟା ସଦସ୍ୟମାନଙ୍କୁ ବୟସ ଅନୁସାରେ ଖୁଆଇବେ ବୋଲି ସୂଚନା ଦିଆଯାଇଥିଲା। ଏହି ଔଷଧ ସେବନ ଦ୍ୱାରା ଭବିଷ୍ୟତରେ ଫାଇଲେରିଆ ରୋଗରୁ ଆରୋଗ୍ୟ ଲାଭ କରିହେବ। ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ବୋଲି ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.କୁବେର ଚନ୍ଦ୍ର ମହନ୍ତ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସୁଦ୍ଧା ବାର୍ଲା, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରୋଗ୍ରାମ ମ୍ୟାନେଜର ମୃତ୍ୟୁଞ୍ଜୟ ମୁଣ୍ଡ, ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜିଲା ସଂଯୋଜକ ସୁରେଶ ସ୍ୱାଇଁ, ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରୀତାଞ୍ଜଳି ମିଶ୍ର, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫୁଲ କୁଜୁର, ଜିଲା ପଞ୍ଚାୟତ ଅଧିକାରୀ ପ୍ରମୋଦ ମିଶ୍ର, ଜିଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର ଉପସ୍ଥିତ ଥିଲେ।

# ବାର୍‌ହା ମାଂସ ବିକ୍ରି ବେଳେ ଚଢ଼ାଉ: ୪ ଶିକାରୀ ଗିରଫ

**ମୁରିବାହାଲ,୧୩।୧୨(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ରେଞ୍ଜ ଅନ୍ତର୍ଗତ ମୁରିବାହାଲ ଗାଁରେ ବାର୍‌ହା ମାଂସ ବିକ୍ରି ହେବା ଖବର ପାଇ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଘଟଣାରେ ୪ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ସୁଦନ ମାଝୀ, ରାଧେଶ୍ୟାମ ଧରୁଆ, ଇନ୍ଦ୍ର ଧରୁଆ ଓ ଭଜମନ ମାଝୀ । ସମସ୍ତ ଅଭିଯୁକ୍ତ ମୁରିବାହାଲ ଗାଁର ବୋଲି ସୂଚନା ମିଳିଛି । ସେମାନଙ୍କ ଠାରୁ ୮ ଶହ ଗ୍ରାମ ବାର୍‌ହା ମାଂସ ଜବତ କରାଯାଇଛି। ବନ ବିଭାଗ ଘଟଣାର ତଦନ୍ତ ଚଳାଇଛି। ଏହି ଅଞ୍ଚଳରେ ଶିକାରୀମାନେ ବିଭିନ୍ନ ବନ୍ୟଜନ୍ତୁଙ୍କ ମାଂସ ବିକ୍ରି କରୁଥିବା ଅଭିଯୋଗ ହୋଇ ଆସୁଛି ।



ଗିରଫ ୪ ଅଭିଯୁକ୍ତ।

# ମହାକାଶ ଶିକ୍ଷା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ପୁରସ୍କୃତ ଛାତ୍ରୀଛାତ୍ର।

**ଲୋଇସିଂହା,୧୩।୧୨(ସୁଶାନ୍ତ ବାରିକ)**

ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଖାରମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ମହକାଶ ଶିକ୍ଷା ଏବଂ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁସ୍କାନ ଏଜୁକମ ଫାଉଣ୍ଡେଶନ ଓ ଭୌମିକା ମହାକାଶ ଏକାଡେମିର ମିଳିତ ଆନୁକୂଲ୍ୟରେ ବାଡିକା ବାଳ ବୈଜ୍ଞାନିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷା ଜ୍ୟୋତିର୍ମୟୀ ପଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରତିଷ୍ଠାତା ଡ. ବ୍ରିଜେଶ ମିତ୍ତଲ,ବିକାଶ ସାହୁ, ସୁଦାମ ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ଡ. ମିତ୍ତଲ ଜିପିଏସ ଟ୍ରାକର, ହାଇଡ୍ରୋ ରକେଟ, ଚନ୍ଦ୍ରୟାନ-୩, ଡିଫେନ୍ସ, ଫାଇଟର ଜେଟ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇ ଥିବା ବେଳେ ଛାତ୍ରୀଛାତ୍ରଙ୍କ ପ୍ରତ୍ୟକ୍ଷ ଅନୁଭବ ପାଇଁ ପ୍ରଦର୍ଶନୀ କରାଯାଇଥିଲା। ବିକାଶ ସାହୁ ଜଳବାୟୁ ପରିବର୍ତ୍ତନର ପୂର୍ବାନୁମାନ ଏବଂ କୃଷି ଓ କୃଷକ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିବା ଚନ୍ଦ୍ରୟାନ -୩ ର ଉନ୍ମୋଚିତ ଗତିବିଧି ତଥା ଅବତରଣ ବିଷୟରେ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ର ସମୟ ପଧାନ ଅନୁଭୂତି ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସକ୍ରିୟ ଅଂଶଗ୍ରହଣ କରି ଜ୍ୟୋତି ବିଜ୍ଞାନ ବିଷୟରେ ମନର ସନ୍ଦେହ ଦୂରୀଭୂତ କରିଥିବା ଅଧକ୍ଷା ପଧାନ କହିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର ୧୫ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଶାନ୍ତ ଠେଲା ସଂଯୋଜନା କରିଥିଲେ । ଶିକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୋକସଭାରେ ୩ ପ୍ରାକ୍ତନ ଛାତ୍ରଙ୍କ ସ୍ମୃତିଚାରଣ

**ସୋନପୁର,୧୩।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ମହାରାଜା ଉଚ୍ଚ ବିଦ୍ୟାଳୟର ତିନିଜଣ ପୁରାତନ ଛାତ୍ର ଇଂ. ଅଚ୍ୟୁତାନନ୍ଦ ରଥ, କ୍ରୀଡାବିତ୍ ବଳରାମ ପଣ୍ଡା ଏବଂ କ୍ରୀଡାବିତ୍ ସତୀଶଚନ୍ଦ୍ର ପଟ୍ଟନାୟକଙ୍କ ପରଲୋକ ହୋଇଯାଇଛି । ବିଦ୍ୟାଳୟ ପ୍ରାଙ୍ଗଣରେ ପୁରାତନ ଛାତ୍ର ସଂଘ ସଭାପତି ଗୋରେଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ନୀରବ ପ୍ରାର୍ଥନା ପରେ ସଂଘ ସମ୍ପାଦକ ବ୍ୟୋମକେଶ ଦାଶ, ସଭ୍ୟ କଇରୁ ସ୍ୱାଇଁ, ପର୍ଶୁରାମ ମିଶ୍ର, ଦିଲ୍ଲୀପ କୁମାର ରଥ, ରଘୁନାଥ ସାହୁ, ବାଳଗୋପାଳ ମହାପାତ୍ର, ଗତିକୃଷ୍ଣ ମିଶ୍ର, ପ୍ରଧାନଶିକ୍ଷକ ଆଶୀଷ କୁମାର ରଥ ତିନି ପୁରାତନ ଛାତ୍ରଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ବିଦ୍ୟାଳୟ ମୋ ସ୍କୁଲ ଅଭିଯାନ କମିଟି ତରଫରୁ ବିଦ୍ୟାଳୟର ଶୈକ୍ଷିକ ଏବଂ ସର୍ବାଙ୍ଗୀନ ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଇ ଉନ୍ନତିମୂଳକ କାମ ସବୁ ଶୀଘ୍ର ଆରମ୍ଭ କରାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ଏଥିପାଇଁ ଏକ କାର୍ଯ୍ୟକାରୀ କମିଟି ନିମ୍ନଲିଖିତ ସଭ୍ୟମାନଙ୍କୁ ନେଇ ଗଠନ କରାଯାଇଥିଲା।

# ଆର୍ଦ୍ରତା ପାଇଁ ମଣ୍ଡିକୁ ଆସୁନି ଧାନ

**ସୁବର୍ଣ୍ଣପୁର ଜିଲ୍ଲା**

■କିଣା ହୋଇଛି ମାତ୍ର ୩୭୬.୯୫ କୁଇଣ୍ଟାଲ ଧାନ

**ସୋନପୁର,୧୩।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ଜିଲାସ୍ତରୀୟ ଧାନ କ୍ରୟ କମିଟିର ନିଷ୍ପତ୍ତି ଅନୁଯାୟୀ ସୁବର୍ଣ୍ଣପୁର ଜିଲାରେ ମଙ୍ଗଳବାରଠାରୁ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବିନିକା ବ୍ଲକର ବିନିକା ଓ ସିଲାଟି ମଣ୍ଡିରେ ମୋଟ ୬ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ଗତ ୪ ଦିନରେ ଜିଲାରେ ମାତ୍ର ୩୭୬.୯୫ କୁଇଣ୍ଟାଲ ଧାନ ସରକାରୀସ୍ତରରେ କିଣା ହୋଇଥିବା ସୂଚନା ମିଳିଛି। ଜଳସେଚିତ ଡୁଙ୍ଗୁରିପାଲି ବ୍ଲକରେ ଜଣେ ବି ଚାଷୀ ଏପର୍ଯ୍ୟନ୍ତ ଧାନ ବିକ୍ରି କରିନାହାନ୍ତି। ମଣ୍ଡିକୁ ଧାନ ଆସୁ ନ ଥିବା କ୍ରୟକାରୀ ସଂସ୍ଥାଗୁଡିକ କହୁଛନ୍ତି। ଏପର୍ଯ୍ୟନ୍ତ ଜିଲାର ୭୮୬ ପଞ୍ଜିକୃତ ଚାଷୀଙ୍କୁ ଧାନ ବିକ୍ରି କରିବା ପାଇଁ ଟୋକନ୍ ଆସିଛି। କିନ୍ତୁ ସେମାନେ ମଣ୍ଡିକୁ ଧାନ ଆଣି ନାହାନ୍ତି। ଗତ ୯ ତାରିଖରେ ଲଗାଣ ବର୍ଷା ଯୋଗୁ ଧାନ ଓଦା ହୋଇଛି। କୋହଲା ପାଗ ଯୋଗୁ ଏହା ଶୁଖିନି। ଧାନରେ ୨୦ରୁ ୨୨ ପ୍ରତିଶତ ଆଦ୍ରତା ରହୁଛି। ଏଫଏକ୍ୟୁ ମାନର ଧାନ ନହେଲେ ମଣ୍ଡିରୁ ଧାନ ଫେରସ୍ତ କରାଯିବାର ଭୟ ରହିଛି। ତେଣୁ ଚାଷୀ ମଣ୍ଡିକୁ ଧାନ ଆଣୁ ନଥିବା ପ୍ରାଥମିକ କୃଷି ସମବାୟ ସମିତିର ଜଣେ ସମ୍ପାଦକ କହିଛନ୍ତି। ଖରା ଟାଣ ହେଲେ ଆସନ୍ତା ସୋମବାରଠାରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ସୂଚନା ମିଳିଛି। ତେବେ ଅଧିକାଂଶ ଚାଷୀଙ୍କ ଧାନ ବିକ୍ରି ଟୋକନ ଆସିନି। ଏପରିକି ଯେଉଁ ଚାଷୀଙ୍କ ଧାନ ଅମଳ ହୋଇ ନାହିଁ, ସେମାନଙ୍କ ଟୋକନ ଆସିଛି। ଯେଉଁ ଚାଷୀମାନେ ଆଗରୁ ଧାନ ଅମଳ କରି ସାରିଛନ୍ତି ସେମାନଙ୍କ ଟୋକନ ଆସି ନଥିବା ଅଭିଯୋଗ ହେଉଛି।

ଜିଲାର ୬୮ ହଜାର ୮୨୪ ଜଣ ଚାଷୀ ଖରିଫ୍ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ଚାଷୀଙ୍କ ନିକଟରୁ ଧାନ ସଂଗ୍ରହ ପାଇଁ ପର୍ଯ୍ୟାୟକ୍ରମେ ଜିଲାରେ ୯୪ ମଣ୍ଡି ଖୋଲିବ। ଜିଲାର ୭୧ ପାକ୍ସ ଓ ୨୦ ଡବ୍ଲ୍ୟୁଏସ୍ଏଚ୍‌ଜି ଜରିଆରେ ଯୋଗାଣ ନିଗମ ଚଳିତ ଥର ପଞ୍ଜୀକୃତ ଚାଷୀଙ୍କ ନିକଟରୁ ବଳକା ଧାନ କିଣିବ। ଏଥିପାଇଁ ଜିଲାର ସମସ୍ତ ୫୦ ଗୋଟି ମିଲର୍ସ ଯୋଗାଣ ନିଗମ ସହିତ ଚୁକ୍ତିନାମା କରି ସାରିଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ମିଲର୍ସଙ୍କୁ ଧାନ କିଣା ଟାର୍ଗେଟ୍ ଦିଆଯାଇଛି। ତେବେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ସୁବର୍ଣ୍ଣପୁର ଜିଲାରେ ସୋମବାର ରାତିରେ ବର୍ଷା ହେବା ଫଳରେ ଧାନ କିଣା ବିଳମ୍ବିତ ହୋଇଛି। ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ ପ୍ରତିକୂଳ ପାଗରେ ଏଫଏକ୍ୟୁ ମାନର ଧାନ ପ୍ରସ୍ତୁତ କରିବା ଚାଷୀଙ୍କ ପାଇଁ କଷ୍ଟକର ବ୍ୟାପାର ହୋଇଛି।


ବିନିକା ଅଞ୍ଚଳର ଚାଷୀ ଅମଳ ହୋଇଥିବା ଧାନକୁ ଖରାରେ ଶୁଖାଇଛନ୍ତି।

## ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୦୦ ପ୍ରତିଯୋଗୀ



ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ବିଦ୍ୟାର୍ଥୀମାନେ।

**ଅମରପାଲି,୧୩।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କେନ୍ଦୁପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ଶକ୍ତି କ୍ଲବ ଆନୁକୂଲ୍ୟରେ ଶିକ୍ଷକ ଦିବ୍ୟ ରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶକ୍ତି ସଂରକ୍ଷଣ ବିଷୟ ଉପରେ ହୋଇଥିବା ଉକ୍ତ ଚିତ୍ରାଙ୍କନ ପ୍ରତିଯୋଗିତାରେ ସ୍କୁଲର ପ୍ରାୟ ଶହେ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଶିକ୍ଷକ ଦେବାଶିଷ ମିଶ୍ର,ଅମରେଶ ତ୍ରିପାଠୀ, ଶିକ୍ଷୟିତ୍ରୀ ବେବି ଶିବାନୀ ସାହା ଚିତ୍ରାଙ୍କନ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ। ପ୍ରଧାନଶିକ୍ଷକ ଇନ୍ଦିରା ମିଶ୍ର ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଜିତେଶ୍ୱରୀ ମେହେର, ମହେନ୍ଦ୍ର ସାହୁ, ପୁତୁ କାଲସାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ କାହ୍ନା ମେହେର ପ୍ରଥମ, ବିଦୁଷ ମେହେର ଦ୍ୱିତୀୟ ଓ ରୋହନ ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବୌଦ୍ଧ ଭାଜପାର ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ

**ବୌଦ୍ଧ,୧୩।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଭାଜପାର ମଣ୍ଡଳ ସ୍ତରୀୟ ସାଙ୍ଗଠନିକ ବୈଠକ ଶୁକ୍ରବାର ଦିନ ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପୂର୍ତ୍ତବିଭାଗ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାଜପା ଜିଲା ନିର୍ବାଚନ ଅଧିକାରୀ ଭଗବାନ ମହାନ୍ତି ଯୋଗଦେଇ ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ କହିଥିଲେ । କଣ୍ଟାମାଳ ସହ ନିର୍ବାଚନ ଅଧିକାରୀ ଚିତ୍ତ ପାତ୍ର ଓ ବୌଦ୍ଧ ସହ ନିର୍ବାଚନ ଅଧିକାରୀ ମାଗୁଣି ଗାଇଗୌରିଆ ବୁଥ କମିଟି ଉପରେ ତଥ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମଣ୍ଡଳ ରିଟର୍ଣ୍ଣିଂ ଅଧିକାରୀ ଇଂ. ରାକେଶ ତ୍ରିପାଠୀ, ପ୍ରେମାନନ୍ଦ ମିଶ୍ର, ସୁଶାନ୍ତ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ସୁବାସ ପ୍ରଧାନ, ଯୁଗଳ ସାମଲ , କେଦାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଜିଲା ସାଧାରଣ ସଂପାଦକ ତାପସ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

# ଜୁନିୟର ରେଡକ୍ରସ ଶିକ୍ଷା, ତାଲିମ ଶିବିର



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଡୁଙ୍ଗୁରିପାଲି,୧୩।୧୨(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଜୁନିୟର ରେଡକ୍ରସର ୧୮ତମ ତ୍ରିଦିବସୀୟ ଶିକ୍ଷା ଓ ତାଲିମ ଶିବିର ଡୁଙ୍ଗୁରିପାଲି ବ୍ଲକ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ମାୟାବର୍ହାଠାରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଜୁନିୟର ରେଡ଼କ୍ରସ ଅଧ୍ୟକ୍ଷ ତଥା ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଅତିଥିଭାବେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ରାମପୁର ଜିଲା ପରିଷଦ ସଭ୍ୟ ଗଣେଶଚନ୍ଦ୍ର ଭୋଇ, ଜିଲା ରେଡକ୍ରସ ଅଧିକାରୀ ରବିଚନ୍ଦ୍ର ପଶାୟତ, ବୀରମହାରାଜପୁର ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ କୁମ୍ଭକାର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ ହୋତା, ଡୁଙ୍ଗୁରିପାଲି ଗୋଷ୍ଠୀ ସହଶିକ୍ଷାଧିକାରୀ ଗଞ୍ଜାଲୁ ମିର୍ଦ୍ଧା, ବରଗଡ଼ ଜୁନିୟର ରେଡ଼କ୍ରସ ଅଧିକାରୀ ହେମନ୍ତ ସାମଲ ଯୋଗଦେଇଥିଲେ। ଜୁନିୟର ରେଡ଼କ୍ରସ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତା ଭାବର ବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ଅତିଥିମାନେ ପ୍ରେରଣା ଦେଇଥିଲେ। ଜିଲା ଜୁନୟର ରେଡ଼କ୍ରସ ଉପାଧ୍ୟକ୍ଷ ଗତିକୃଷ୍ଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଚନ୍ଦ୍ରମଣି ବାଗ ସଭା ପରିଚାଳନା କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ବରିଷ୍ଠ ସାଧନକର୍ମୀ ହୃଷୀକେଶ ଡାଙ୍ଗ ପରିଚାଳନା କରିଥିଲେ। ଆୟୋଜିତ ପ୍ରତିଯୋଗିତା ଗୁଡିକରେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ଦୀନବନ୍ଧୁ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ସରପଞ୍ଚ ରାଧାକାନ୍ତ ଜୁଆଡ଼ି, ପଣ୍ଡକିଟାଲ ସରପଞ୍ଚ ଗୋବିନ୍ଦ ସେଟ, ସୁରଜ ଖମାରୀ, ସମୀର କଠାର ଓ ମାୟାବରହା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ତିନିଦିନ ଧରି ଆୟୋଜିତ ତାଲିମ ଶିବିରରେ ସୁବର୍ଣ୍ଣପୁର ଜିଲାର ୬ଟି ବ୍ଲକରୁ ଜୁନିୟର ରେଡକ୍ରସ ସ୍ୱେଚ୍ଛାସେବୀ, କାଉନସେଲର, ତାଲିମଦାତା ତଥା ସହଯୋଗୀ ମିଶି ମୋଟ ୬୨୨ଜଣ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଜୁନିୟର ରେଡ଼କ୍ରସ ଅଧିକାରୀ ରବିଚନ୍ଦ୍ର ପଶାୟତ ପରିଚାଳନା କରିଥିଲେ।

## ଗୀତିନାଟ୍ୟ ମହାଲକ୍ଷ୍ମୀ ପୁରାଣ ପରିବେଷିତ

**ଅମରପାଲି,୧୩।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କେନ୍ଦୁପାଲିଠାରେ ମାର୍ଗଶୀର ଶେଷ ମାଣବସା ଗୁରୁବାର ଅବସରରେ ଲକ୍ଷ୍ମୀ ପୁରାଣ ଗୀତିନାଟ୍ୟ ପରିବେଷଣ ହୋଇଯାଇଛି। ଅମୂଲ୍ୟମଣୀ ରାଣିପୁର ଗ୍ରାମର ଲକ୍ଷ୍ମୀନାରାୟଣ ନାଟ୍ୟ ସଂସଦ ତରଫରୁ ଏହି ଗୀତିନାଟ୍ୟ ପରିବେଷଣ ହୋଇଥିଲା। ନାଟ୍ୟ ପ୍ରାରମ୍ଭରେ ନାଟିକା ବେଣି ବନ୍ଧନ ଅନୁଷ୍ଠିତ ହୋଇଥିଲା। ନାଟ୍ୟ ପ୍ରାରମ୍ଭରେ ଯୁଗଳ କିଶୋର ମିଶ୍ରଙ୍କ ସଂଯୋଜନାରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶତାୟୁ କଳାକାର ବ୍ରଜକୃଷ୍ଣ ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ଭରତ ମହାକୁଡ଼, ବିଶିଷ୍ଟ ତବଲା ବାଦକ ଅବସରପ୍ରାପ୍ତ ଶିକ୍ଷକ ଦଶରଥ ମଲ୍ଲିକ ଓ ଅନ୍ୟାନ୍ୟ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବଳରାମ ଭୂମିକାରେ ଶ୍ରୀନିବାସ ମେହେର, ଜଗନ୍ନାଥ ଭକ୍ତରାମ ମେହେର, ଲକ୍ଷ୍ମୀ ସୁରେନ୍ଦ୍ର ମେହେର ପ୍ରମୁଖ ଅଭିନୟ କରିଥିଲେ। ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକ ନାଟକ କୁ ଉପଭୋଗ କରିଥିଲେ।


ଲକ୍ଷ୍ମୀ ପୁରାଣ ନାଟକରେ ଅଭିନୟ କରିଥିବା ଅଭିନେତାମାନେ।

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

**ବୌଦ୍ଧ,୧୩।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡା ଶୁକ୍ରବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସନକ ମେହେରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳ, ବାଦ୍ୟକାର ଭୁବନ ମିଶ୍ର, ମନୋଜ କୁମାର ପଶାୟତ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଜିଲାପାଳ ପଣ୍ଡା ମନକୁ ଏକାଗ୍ର କରି ସବୁ କାମ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ଅଶୋକ ହାଉସ ଛାତ୍ରୀଛାତ୍ର ଚାମ୍ପିୟନ ହୋଇଥିବା ବେଳେ ରମନ ହାଉସର ଛାତ୍ରୀ ଛାତ୍ର ରନର୍ସ ହୋଇଥିଲେ। କୃତି କ୍ରୀଡା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର , ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଯୋଗ ଦେଇଥିଲେ ।



ଅତିଥିଙ୍କ ଗହଣରେ କୃତି ଛାତ୍ରୀଛାତ୍ର ।

## ମଞ୍ଚସ୍ଥ ହେଲା ନାଟକ 'ବଂଶୀ ବିଳପିଲା ଯମୁନା ତଟେ'

**ଚତୁର୍ଥ ଦିନରେ ବୌଦ୍ଧର ଧନୁଯାତ୍ରା**

**ବୌଦ୍ଧ,୧୩।୧୨(ଅଜିତ କୁମାର ବାରିକ)**

ବୌଦ୍ଧରେ ଚାଲିଥିବା ଧନୁଯାତ୍ରା ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି। ଜିଲାର ଅଗ୍ରଣୀ ଅନୁଷ୍ଠାନ ମଦନମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ଏହି ଯାତ୍ରା ସ୍ଥାନୀୟ ଭୈରବୀ ପଡିଆରେ ଚାଲୁଛି। ଚତୁର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ନାଟକ 'ବଂଶୀ ବିଳପିଲା ଯମୁନା ତଟେ'। ନାଟକ ପୂର୍ବରୁ ନିର୍ବାକ ନୃତ୍ୟନାଟିକା ପୁର୍ନ ମିଳନ ପରିବେଷିତ ହୋଇଥିଲା । ପରେ କୃଷ୍ଣଙ୍କ ଚରିତ୍ର ଉପରେ ଆଧାରିତ ନାଟକ ପରିବେଷଣ ହୋଇଥିଲା । ଯାତ୍ରା ପଡିଆରେ ଏକ ସ୍ୱତନ୍ତ୍ର ମଞ୍ଚ ପ୍ରସ୍ତୁତ କରାଯାଇ କୃଷ୍ଣଙ୍କର କାଳୀୟ ଦଳନ, ଯୌବନରେ ପଦାର୍ପଣ, ବ୍ରହ୍ମାଙ୍କ ଠାରୁ ମୋହନ ବଂଶୀ ପ୍ରାପ୍ତି , ଗୋପୀଙ୍କ ବସ୍ତ୍ର ହରଣ, ଯମୁନା ନଦୀରେ ନାବକେଳି, ଗୋବର୍ଦ୍ଧନ ଗିରି ଉତ୍ତୋଳନ ମଞ୍ଚସ୍ଥ ହୋଇଥିଲା। ନାଟକ ଦେଖିବା ପାଇଁ ଦର୍ଶକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା । ନାଟକ ସହିତ ମୀନା ବଜାର ଓ ବାଣିଜ୍ୟମେଳାର ମଜା ଉଠାଇଥିଲେ ଦର୍ଶକ। ନାଟକରେ କଂସ ଚରିତ୍ରରେ ବାବୁଲାଲ ପ୍ରଧାନ, ବସୁଦେବ ଭୂମିକାରେ ଲୋକନାଥ ମେହେର, ଦେବକୀ ହରିଶଙ୍କର ମେହେର, ନନ୍ଦ ଇନ୍ଦ୍ରମଣି ମେହେର, ଯଶୋଦା ସାନ୍ନର୍ଯ୍ୟ ବାରିକ, ଉଗ୍ରେସନ ବିଶ୍ୱରଞ୍ଜନ ସାହୁ, ଇନ୍ଦୁମତୀ କମ୍ପୁ ସାହୁ ,କୃଷ୍ଣ ରୋହିତ ଗୌଡ, ରାଧା ହରିଶଙ୍କର ମେହେର, ସୁବଳ ବିଷ୍ଣୁ ବନଛୋର, ସୁଦାମା ଭାବେ ସୋନୁ ବାରିକ ଅଭିନୟ କରିଥିଲେ । ଏହାସହ ଅନୁଷ୍ଠାନର ଛୋଟବଡ କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଧନୁଯାତ୍ରା ନାଟ୍ୟୋତ୍ସବର ସଭାପତି ବୃନ୍ଦାବନ ମେହେର, ସଂପାଦକ ପଙ୍କଜ ମେହେର, କୃଷ୍ଣ ପରିଡା ଓ ନାଟ୍ୟ ପରିଷଦର ସମସ୍ତ ସଦସ୍ୟଙ୍କ ସହଯୋଗରେ ଯାତ୍ରା ଅନୁଷ୍ଠିତ ହେଉଛି।


ଧନୁଯାତ୍ରାର ଏକ ବିଶେଷ ଦୃଶ୍ୟ ।

## ମାହେଶ୍ୱରୀ କ୍ରିକେଟ: ଅଡାଲ ଚାମ୍ପିୟନ

**ଅମରପାଲି,୧୩।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଭାଲିଆପଦର ଗ୍ରାମରେ ଚାଲିଥିବା ୧୧ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅଡାଲ ଓ ତିକୁଡା ମଧ୍ୟରେ ଖେଳା ଯାଇଥିବା ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟ ଟି-୧୦ ଓ ଟି-୮ ଓଭର ବିଶିଷ୍ଟ ଖେଳାଯାଇଥିଲା। ପ୍ରଥମ ଫର୍ମାଟରେ ଅଡାଲ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫୮ରନ କରିଥିବା ବେଳେ ତିକୁଡ଼ା ୮ ଓଭରରେ ସମସ୍ତ ଉଇକେଟ ହରାଇ ୩୫ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ଫର୍ମାଟରେ ଅଡ଼ାଲ ଦଳ ୮ ଓଭରରେ ୮୫ରନ କରିଥିବା ବେଳେ ତିକୁଡ଼ା ଦଳ ନିର୍ଦ୍ଧାରିତ ଓଭରରେ ୭୮ରନ କରି ପରାସ୍ତ ହୋଇଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଅଡ଼ାଲ ଦଳ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଲବ କୁମାର ସହୁ, ଆମ୍ବା ଅଧ୍ୟକ୍ଷ ବିବସତୀ ପଣ୍ଡା, ପୂର୍ବତନ ସମିତି ସଭ୍ୟ ଶୁରୁ ନାରାୟଣ ମହାକୁର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଅଡ଼ାଲ ଦଳକୁ ନଗଦ ୧୪ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ତିକୁଡ଼ାକୁ ନଗଦ ୧୧ ହଜାର ଟଙ୍କା ସହିତ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ସହିତ ଚାମ୍ପିୟନ ଅଡାଲ ଦଳର ଖେଳାଳିମାନେ।

## ବୃନ୍ଦାବନ ବିହାରୀ ମନ୍ଦିରରେ ଗୀତାଯଜ୍ଞ

**ସୋନପୁର,୧୩।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ରାୟଗୁରୁ ପଡାର ଶ୍ରୀ ବୃନ୍ଦାବନ ବିହାରୀ ମନ୍ଦିରରେ ଗୀତା ଯଜ୍ଞ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱର କଲ୍ୟାଣ ପାଇଁ ପବିତ୍ର ମାର୍ଗଶୀର ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ମନ୍ଦିରରେ ସକାଳ ୭ଟାରୁ ପୂଜା ଆରମ୍ଭ ହୋଇଥିଲା। ସକାଳ ୮ଟାରୁ ଯଜ୍ଞ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ସରିଥିଲା। ମୁଖ୍ୟ ପୂଜକ ଜ୍ୟୋତିର୍ବିଦ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ମହାପାତ୍ରଙ୍କ ସମେତ ପିତବାସ ମିଶ୍ର, ଉଦୟନାରାୟଣ ମହାପାତ୍ର, ଜୟ ମିଶ୍ର, ଶ୍ରୀତମ ମହାପାତ୍ର, ଯଦୁମଣି ମିଶ୍ର, ଲେକୁଡୁ ମିଶ୍ର, ବୈଷ୍ଣପାନୟନ ପଣ୍ଡା, ଉତ୍ତର ପଣ୍ଡା ଓ ବଳରାମ ମିଶ୍ରଙ୍କ ଦ୍ୱାରା ଯଜ୍ଞ ହୋଇଥିଲା। ଭକ୍ତମାନେ

## ରାତି ଅନିଦ୍ରା ହୋଇ ଜଗୁଛନ୍ତି ଚାଷୀ

# ହାତୀମୁହଁରୁ ଅମଳ ଧାନ ବଞ୍ଚାଇବା ଚିନ୍ତା

**ଅମରପାଲି,୧୩।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରେଞ୍ଜର ଖଇରମାଲ, ମସିଣାପାଲି, ବରଘାଟ ଦାଦର, ଦାଦରପାଲି, ବ୍ରାହ୍ମଣୀପାଲିରେ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ବୁଧବାର ରାତିରେ ପ୍ରାୟ ୨୧ଟିକିଆ ହାତୀପଲ ହାତିଲିମୁଣ୍ଡା ସଂରକ୍ଷିତ ଜଙ୍ଗଲରୁ ଆସି ପ୍ରଥମେ ବହଲପଦର ଆଡ଼କୁ ଯାଉଥିଲେ। ଉକ୍ତ ଗ୍ରାମରେ ଲୋକେ ବନ ବିଭାଗ କର୍ମଚାରୀଙ୍କ ସହଯୋଗରେ ହାତୀ ଘଉଡାଇଥିଲେ। ଫଳରେ ହାତୀପଲ ଅମରପାଲି ଆଡ଼କୁ ଆସିଥିଲେ। ଏଠାରେ ମଧ୍ୟ ହାତୀପଲଙ୍କୁ ସ୍ଥାନୀୟ ଲୋକେ ବନ କର୍ମଚାରୀଙ୍କ ସହିତ ମିଶି ଘଉଡାଇଥିଲେ। ବନ ବିଭାଗ ହାତୀ ପଲଙ୍କୁ ଜଙ୍ଗଲ ଆଡ଼କୁ ଘଉଡାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଜଙ୍ଗଲକୁ ନ ଯାଇ ବଡ଼ମାଳ ଜଙ୍ଗଲ ଦେଇ କେନ୍ଦ୍ରିଆପାଲି ପଞ୍ଚାୟତର ଖଇରମାଲ ଆଡ଼କୁ ଯାଇଥିଲେ। ସେହି ରାତିରେ ଖଇରମାଲ ଗ୍ରାମରେ ଦଶରଥ ବଗର୍ତ୍ତି, ବେଣୁ ଶଙ୍ଖୁଆ, ଅନ୍ତ ପ୍ରଧାନ, ଶଙ୍କର ପ୍ରସାଦ ମିଶ୍ର ପ୍ରମୁଖଙ୍କ ବ୍ୟାପକ ଧାନ ଫସଲ ଦଳିଚକଟି ନଷ୍ଟ କରିବା ସହିତ ଧାନ ଫସଲ ନଷ୍ଟ କରିଛନ୍ତି। ଗତ ରାତିତମାମ ବୀରମହାରାଜପୁରର ଏସିଏଫ ଅବିନାଶ ବରିହା, ହାତିଲିମୁଣ୍ଡା ବନପାଳ ଅଜୟ ବାରାଙ୍କ ସମେତ ବୀରମହାରାଜପୁର ରେଞ୍ଜର ବନ କର୍ମଚାରୀ ଓ ଉଲୁଣ୍ଡା ରେଞ୍ଜର ବନ କର୍ମଚାରୀ ହାତୀପଲଙ୍କ ଉପରେ ନଜର ରଖିବା ସହିତ ହାତୀ ଘଉଡାଇଥିଲେ। ଗୁରୁବାର ଦିନତମାମ ହାତୀପଲ କେନ୍ଦୁପାଲି ଜଙ୍ଗଲରେ ଥିବା ବେଳେ ଅପରାହ୍ନରେ ଖଇରମାଲ ଗାଁ ମୁଣ୍ଡ ଚାଷ ଜମି ପାଖରେ ଥିଲେ। ସେଠାରୁ ହାତୀପଲଙ୍କୁ ଘଉଡାଇ ଦେବାରୁ ସେମାନେ ବରଘାଟଦାଦର, ବ୍ରାହ୍ମଣୀପାଲି, ମସିଣାପାଲି ଦେଇ ଦାଦରପାଲି ଗ୍ରାମରେ ଚାଷ ଜମିରେ ଥିବା ଧାନ ଫସଲ ଓ ଗଦା ହୋଇଥିବା ଧାନ ଫସଲ ନଷ୍ଟ କରିଛନ୍ତି। ମସିଣାପାଲି ଗ୍ରାମରେ ବୃନ୍ଦାବତୀ ପଧାନ, ବ୍ରାହ୍ମଣୀପାଲି ଗ୍ରାମରେ ସୁରେଶ କମ୍ପ, ବରଘାଟଦାଦର ଗ୍ରାମରେ ନନ୍ଦୀ ମହାକୁର ଓ ସୌମିତ୍ରୀ ମହାକୁର ଏବଂ ଦାଦରପାଲି ଗ୍ରାମରେ ଲମ୍ବୋଦର ମହାକୁରଙ୍କ ଅମଳ ହେବାକୁ ଥିବା ଧାନ ଫସଲ ନଷ୍ଟ କରିଛନ୍ତି ହାତୀପଲ। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ହାତୀପଲ ଠେଙ୍ଗୋ ଡ୍ୟାମ ନିକଟସ୍ଥ ଜଙ୍ଗଲରେ ରହିଥିବା ବେଳେ ବନ ବିଭାଗ କର୍ମଚାରୀମାନେ ହାତୀପଲକୁ ଜଗି ରହିଛନ୍ତି। ହାତୀପଲ ଦିନ ବେଳା ଜଙ୍ଗଲକୁ ଯାଉଥିବା ବେଳେ ରାତରେ ଗାଁମୁହାଁ ହୋଇ ଧାନ ଫସଲ ନଷ୍ଟ କରିବା ଯୋଗୁ ଚାଷୀ ଚିନ୍ତାରେରେ ପଡିଛି।


ମସିଣାପାଲିରେ କଟା ଯାଇଥିବା ଧାନଗଦାକୁ ହାତୀପଲ ନଷ୍ଟ କରିଛନ୍ତି।

# ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ପୀତାମ୍ବର ନାୟକଙ୍କ ପରଲୋକ

ରାଉରକେଲା,୧୩।୧୨(ସଙ୍ଗୀତା ଜେନା): ପ୍ରାକ୍ତନ ଜିଲା ପରିଷଦ ସଭ୍ୟ, ବିଏସ୍ଏନ୍ଏଲର ପୂର୍ବତନ କର୍ମଚାରୀ ତଥା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ସଭାପତି ପିତାମ୍ବର ନାୟକଙ୍କ ଶୁକ୍ରବାର ରାଉରକେଲା ଜଗଦା ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନାୟକଙ୍କ ମୃତ୍ୟୁରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଶୋକବ୍ୟକ୍ତ କରିଛନ୍ତି। ଅପରାହ୍ନରେ ତାଙ୍କ ଶେଷଦର୍ଶନ ବାଟ ମା' ମଙ୍ଗଳା ପରିସରରେ କରାଯାଇଥିଲା। ଜଗଦା ସାଂସ୍କୃତିକ ପରିଷଦ (ଜେଏସ୍ପି)ର ଉପଦେଷ୍ଟା ତଥା ବିଏସ୍ଏନ୍ଏଲ୍ର ପୂର୍ବତନ କର୍ମଚାରୀ ସଂଘ ବରିଷ୍ଠ କର୍ମଚାରୀ ଶିବ ମହାନ୍ତି, ଜେଏସ୍ପିର ସାଧାରଣ ସମ୍ପାଦକ ପ୍ରଭାତ ମହାନ୍ତି, ଆଇନଜୀବୀ କୈଳାସ ପ୍ରଧାନ, ଗିରିଶ ମହାପାତ୍ର, କୀର୍ତ୍ତିଲତା ନନ୍ଦ, ବୀଣାପାଣି ପଟ୍ଟନାୟକ, ରୀତା ସାମଲ, କୃଷ୍ଣା ସିଂହଙ୍କ ସମେତ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ତାଙ୍କ ମୃତଦେହକୁ ଡାମିଷ୍ଟ କଲେଜ ଓ ଅନ୍ୟ ସ୍ଥାନକୁ ନିଆଯିବା ପରେ ବେଦବ୍ୟାସ ତ୍ରିବେଣୀ ସଙ୍ଗମରେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ମୃତକଙ୍କ ବଡ଼ ପୁଅ ମିହିର ନାୟକ ମୁଖାଗ୍ନି ଦେଇଥିଲେ।

# ଅସ୍ତିତ୍ୱ ହରାଉଛି ସ୍ମାର୍ଟ ପାର୍କ


ବାସନ୍ତୀ କଲୋନିରେ ଥିବା ସ୍ମାର୍ଟ ପାର୍କ।


କଲୋନିବାସୀ ଆରଏମ୍ସିରେ ଫେରାଦ ହୋଇଛନ୍ତି।

ରାଉରକେଲା,୧୩।୧୨(ବିପ୍ଳବ ରଞ୍ଜନ ଦାଶ)

**ରକ୍ଷଣାବେକ୍ଷଣ ଅଭାବ**
- ୧୬୦ ପାର୍କରୁ ଅଧିକାଂଶ ଅସଜଡା
- ବାସନ୍ତୀ କଲୋନି ପାର୍କର ଦୁରବସ୍ଥା
- ଆରଏମ୍ସିର ଦ୍ୱାରସ୍ଥ ହେଲେ କଲୋନିବାସୀ

ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ପ୍ରତ୍ୟେକ ବସ୍ତି ଏବଂ କଲୋନିରେ ୨୦୨୧-୨୨ ଆର୍ଥିକ ବର୍ଷରେ ମୁକ୍ତା ଯୋଜନାରେ ୧୬୦ଟି ସ୍ମାର୍ଟ ପାର୍କ ନିର୍ମାଣ କରାଯାଇଥିଲା। ଫଳରେ ସ୍ମାର୍ଟସିଟିର ସୌନ୍ଦର୍ଯ୍ୟ ବୃଦ୍ଧି ହେବା ସହିତ ଅବକାଶ ସମୟରେ ଲୋକେ ପାର୍କରେ ସମୟ ଅତିବାହିତ କରିବା ଲକ୍ଷ୍ୟ ରହିଥିଲା। ଏହି କ୍ରମରେ ବାସନ୍ତୀ କଲୋନୀରେ ଏକ ସ୍ମାର୍ଟ ପାର୍କ ନିର୍ମାଣ କରାଯାଇଥିଲା। ମାତ୍ର ପରିତାପର ବିଷୟ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ପାର୍କ ଅସ୍ତିତ୍ୱ ହରାଇବାରେ ଲାଗିଛି। ଏହାର ପ୍ରତିବାଦରେ ବାସନ୍ତୀ କଲୋନିବାସୀ ଶୁକ୍ରବାର ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିବା ସହ ପାର୍କର ରକ୍ଷଣାବେକ୍ଷଣ ପାଇଁ ଦାବି କରିଛନ୍ତି।

ରାଉରକେଲା ମହାନଗର ନିଗମ ପକ୍ଷରୁ ଗତ ଦୁଇବର୍ଷରେ ୬କୋଟି ଟଙ୍କା ବ୍ୟୟରେ ୧୭ଟି ଇକୋ ଫ୍ରେଣ୍ଡଲି ପାର୍କ ନିର୍ମାଣ କରାଯାଇଛି। ଏହି ପାର୍କରେ ସକାଳୁଆ ବ୍ୟାୟାମ ସହ ସମୟ ଅତିବାହିତ ପାଇଁ ସମସ୍ତ ପ୍ରକାର ସରଞ୍ଜାମ ରହିଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଦିନକୁ ଦିନ ଏହି ଇକୋ ଫ୍ରେଣ୍ଡଲି ପାର୍କ ଗୁଡିକ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି କ୍ରମରେ ବାସନ୍ତୀ କଲୋନି ଏଲ-୭୮ ସମ୍ମୁଖ ପାର୍କର ଅନୁରୂପ ଅବସ୍ଥା ହୋଇଛି। ଏହି ପାର୍କ ୨୦୨୩-୨୪ ଆର୍ଥିକ ବର୍ଷରେ ମୁକ୍ତା ଯୋଜନାରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ମିଶନରେ କାର୍ଯ୍ୟକାରୀ କରାଯାଇଥିଲା। ପ୍ରକଳ୍ପର ମୂଲ୍ୟ ୬ଲକ୍ଷ ୪୮ହଜାର ଟଙ୍କା ରହିଥିଲା। ମାତ୍ର ପାର୍କଟିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନ କରି ଅଧାପନ୍ତରିଆ ଅବସ୍ଥାରେ ଛାଡି ଦେଇ ସବୁ ରାଶି ଉଠାଇ ନିଆଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ପାର୍କରେ କ୍ରୀଡ଼ା ତଥା ବ୍ୟାୟାମ ସରଞ୍ଜାମ ଦେଢବର୍ଷ ହୋଇଗଲା ସମ୍ପୂର୍ଣ୍ଣ ଭାବେ ରଖାଯାଇନାହିଁ। ବଗିଚା ତିଆରି ହୋଇ ନ ଥିବାରୁ ପାର୍କ ପରିସର ଗୁଳ୍ମଲତାରେ ପରିପୂର୍ଣ୍ଣ ରହିଛି। ଏଥିସହ ସନ୍ଧ୍ୟା ହୋଇଗଲେ ପାର୍କ ମଧ୍ୟରେ ଚାଲୁଥିବା ଅସାମାଜିକ କାର୍ଯ୍ୟକଳାପ ଚାଲୁଛି। ଏହାକୁ ବିରୋଧ କରି କଲୋନିବାସୀ କମିଶନରଙ୍କୁ ଫେରାଦ ହୋଇଛନ୍ତି। ଏ ଦିଗରେ ଆରଏମ୍ସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ କଲୋନିର ଗଗନ ପ୍ରଧାନ, ହରି ମହାନ୍ତି, ପରମ ସାମଲ, କୃଷ୍ଣ ସାହୁ, ବିପ୍ଳବିନୀ ପଟ୍ଟନାୟକ, ଅଲିଭା ପଟ୍ଟନାୟକ, ରବିନ୍ଦ୍ର ମହାନ୍ତି, ସୁଶୀଲ ବାରିକ, ଭୋଳା ମହାନ୍ତ, ରାଜୀବ ବେହେରା ଓ ଗଗନ ରାଉତ ପ୍ରମୁଖ ଦାବି କରିଛନ୍ତି।

ଏ ସମ୍ପର୍କରେ ବାସନ୍ତୀ କଲୋନି ପାର୍କ ପରିଚାଳକ ତଥା ଯନ୍ତ୍ରୀ ସନ୍ତୋଷ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ପାର୍କରେ ଫୁଟ୍ପାଥ ନିର୍ମାଣ, କ୍ରୀଡ଼ା ଓ ବ୍ୟାୟାମ ସରଞ୍ଜାମ, ବସିବା ଚୌକି ସହ ଆନୁସଙ୍ଗିକ ବ୍ୟବସ୍ଥା ତିଆରି ପାଇଁ ବଜେଟ ହୋଇସାରିଛି। ଖୁବ୍ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ରାଉରକେଲା ସହରର ୩୭ଟି ପାର୍କ ଏସ୍ଏଚ୍ଜି ଦ୍ୱାରା ପରିଚାଳିତ ହେଉଥିବା ବେଳେ ଗୋଟିଏ ପାର୍କ ଏକ ଏଜେନ୍ସି ଦ୍ୱାରା ପରିଚାଳିତ ହେଉଛି। ବାକି ୧୨୨ଟି ପାର୍କ ଆର୍ଏମ୍ସି ପରିଚାଳନାରେ ରହିଛି।

# ବଳାତ୍କାର ମାମଲାରେ ଘରୋଇ ସ୍କୁଲ ମାଲିକଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ରାଉରକେଲା,୧୩।୧୨(ସଙ୍ଗୀତା ଜେନା)

୨୦୧୯ରେ ସଙ୍ଘଠିତ ଏକ ବଳାତ୍କାର ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଏଥିରେ ଏକ ଘରୋଇ ସ୍କୁଲର ଅଧ୍ୟକ୍ଷ ତଥା ମାଲିକ ବିଭୂତି ଗୁପ୍ତାଙ୍କୁ ଫାଷ୍ଟଟ୍ରାକ୍ କୋର୍ଟ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କରାଦଣ୍ଡାଦେଶ ଦେଇଛି। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଜରିମାନା ଦେବାକୁ କୁହାଯାଇଛି। ସେହିପରି ଅନ୍ୟ ଏକ ଧାରା ( ନଂ.୫୦୬)ରେ ୨ ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ କରାଯାଇଛି। ଜରିମାନା ଅନାଦେୟ କ୍ଷେତ୍ରରେ ୨ବର୍ଷ ୬ ମାସ ଅଧିକ ସଶ୍ରମ କାରାଦଣ୍ଡ ପାଇଁ କୁହାଯାଇଛି। ସୂଚନା ଅନୁଯାୟୀ, ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ୨୦୧୯ ଡିସେମ୍ବର ମାସରେ ଜ୍ଞାନୋଦୟ ବିଦ୍ୟାଳୟ ମାଲିକ ତଥା ଅଧ୍ୟକ୍ଷ ବିଭୂତି ଗୁପ୍ତା ଜଣେ ପ୍ରାକ୍ତନ ଛାତ୍ରୀଙ୍କୁ ତାଙ୍କ ଭାଇଙ୍କ ସ୍କୁଲ ଫିସ୍ ଛାଡ ବାବଦରେ ଆଲୋଚନା ପାଇଁ ଡାକିଥିଲେ। ପୀଡ଼ିତାଙ୍କ ଅନିଚ୍ଛା ସତ୍ତ୍ୱେ ଗୁପ୍ତା ତାଙ୍କୁ ସ୍କୁଲର ଏକ ପ୍ରକୋଷ୍ଠରେ ବଳାତ୍କାର କରିଥିଲେ। ଏହାଦ୍ୱାରା ପୀଡ଼ିତା ମାନସିକ ଦୁଃଶ୍ଚିନ୍ତାରେ ରହିଥିଲେ। ୨୦୨୦ରେ ପୀଡ଼ିତା ବନ୍ଧମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୫୭/୨୦) ରୁଜୁ କରି ତଦନ୍ତ କରିଥିଲା ଏବଂ ଧାରା ୨୯୪, ୫୦୬, ୩୭୬(୧)ରେ ମକଦ୍ଦମା ରୁଜୁ କରିଥିଲା। ପ୍ରାରମ୍ଭରେ ଏହା ଏଡିଜେ-୧ରେ ଶୁଣାଣି ହେଉଥିଲା। ପରବର୍ତ୍ତୀ ସମୟରେ ଏହାକୁ ଫାଷ୍ଟ ଟ୍ରାକ୍ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଏହି ମାମଲାରେ ପ୍ରତିପକ୍ଷର ୨୧ ଜଣ ଓ ଅପରପକ୍ଷର ୪ ଜଣ ସାକ୍ଷ୍ୟ ତଥା ୩୮ଟି ଦସ୍ତାବିଜ୍ ଏବଂ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ପରେ ଉକ୍ତ ରାୟ ପ୍ରକାଶ ପାଇଥିଲା। ମାମଲାକୁ ସ୍ୱତନ୍ତ୍ର (ପିପି) ଆଇନଜୀବୀ କୈଳାସ ପ୍ରଧାନ ପରିଚାଳନା କରିଥିଲେ।

# ମା' ବାଟ ମଙ୍ଗଳାଙ୍କ ବାର୍ଷିକୋତ୍ସବ

ରାଉରକେଲା,୧୩।୧୨(ସଙ୍ଗୀତା ଜେନା)

ରାଉରକେଲା ଜଗଦାସ୍ଥିତ ମା' ବାଟ ମଙ୍ଗଳାଙ୍କ ୧୬ତମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଦ୍ୱାରଫିଟା, ସ୍ନାନ, ଆରତୀ, ବାଲଭୋଗ ପରେ ସେକ୍ଟର-୧୮ର କୀର୍ତ୍ତନ ଦଳଙ୍କ ଦ୍ୱାରା ନାମଯଜ୍ଞ ଆରମ୍ଭ ହୋଇଥିଲା। ମା'ଙ୍କୁ ତ୍ରିପୁରାସୁନ୍ଦରୀ ବେଶରେ ପ୍ରକଟ କରାଯାଇଥିଲା। ଉକ୍ତ ନାମଯଜ୍ଞରେ କାର୍ତ୍ତିକ ମହାନ୍ତ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଶକ୍ତିପୀଠ ଯଜ୍ଞଶାଳାରେ ପଣ୍ଡିତ କାଶୀନାଥ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେମନ୍ତ କରି ଓ ଅନ୍ୟମାନେ ଆନୁଷ୍ଠାନିକ ହୋମଯଜ୍ଞ ସମ୍ପନ୍ନ କରିଥିଲେ। ଏଥିରେ ରମେଶ ଦାସ ଓ ଗୀତା ଦାସ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶିବ ମହାନ୍ତି, ପ୍ରଭାତ ମହାନ୍ତି, ଲକ୍ଷ୍ମୀଧର ନାୟକ, ଧର୍ମାନନ୍ଦ ପୃଷ୍ଟି, ପିତାମ୍ବର ଲେଙ୍କା, ପୁରୁଷୋତ୍ତମ ବେହେରା, ଯୋଗେନ୍ଦ୍ର ମହାରଣା, ପ୍ରମୋଦ ବୈଠାଲୁ, ପ୍ରମୋଦ ଦାସ, ମଧୁସୂଦନ ମହାପାତ୍ର, ବାଣୀବ୍ରତ ଭୋଳ, କରୁଣାକର ସାହୁଙ୍କ ସମେତ ଶତାଧିକ କର୍ମକର୍ତ୍ତା ସହଯୋଗ କରିଥିଲେ।


ମା' ବାଟ ମଙ୍ଗଳା।

# ସମାଜକୁ ଦିଗ୍ଦର୍ଶନ ଦେବାରେ ଗୀତାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା,୧୩।୧୨(ଦିନେଶ ମିଶ୍ର)

**ଉଦିତନଗର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୀତାଯଜ୍ଞ ଆରମ୍ଭ**

ଉଦିତନଗରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ପଞ୍ଚଦେବ କଲ୍ଚରାଲ ଟ୍ରଷ୍ଟ ପକ୍ଷରୁ ୧୦ତମ ଗୀତାଯଜ୍ଞ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞରେ ମନ୍ଦିର ମୁଖ୍ୟ ପୂଜକ ଦୀନବନ୍ଧୁ ଦାଶ ସୂର୍ଯ୍ୟପୂଜା, ଗୋପୂଜା ଓ ଗୀତା ହୋମଯଜ୍ଞର ବେଦମନ୍ତ୍ର ପାଠ କରିଥିଲେ। ପରେ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞ କୁଣ୍ଡ ପାଖରେ ସ୍ଥାପନ କରାଯାଇଥିଲା। ଏହି ଯଜ୍ଞରେ ବାସନ୍ତୀ କଲୋନି, ଉଦିତନଗର ଓ ଆଖପାଖ ଅଞ୍ଚଳରୁ ଶତାଧିକ ଭକ୍ତ ଉପସ୍ଥିତ ରହି ସାମୂହିକ ଗୀତାପାଠ କରିଥିଲେ। ସମାଜକୁ ଦିଗ୍ଦର୍ଶନ ଦେବାରେ ଗୀତାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ସମାଜକୁ ସଂସ୍କାରିତ ଓ ସନ୍ତୁଳିତ କରି ରଖିବା ପାଇଁ ସମସ୍ତଙ୍କୁ ଗୀତା ପାଠ କରିବା ଜରୁରୀ ବୋଲି ପଣ୍ଡିତ ଦାଶ କହିଥିଲେ। ଗୀତାପାଠ ପରେ ଗୀତା ହୋମଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟା ସମୟରେ ଟ୍ରଷ୍ଟ ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଗୀତାଯଜ୍ଞରେ ପଣ୍ଡିତ ଟୁନା ମହାପାତ୍ର, ସୁରଥ ମିଶ୍ରଙ୍କ ସମେତ ଅନ୍ୟ ପୂଜକ ସହଯୋଗ କରିଥିଲେ। ଶେଷରେ ଗୀତାଯଜ୍ଞର ପୂର୍ଣ୍ଣାହୂତି କରାଯାଇଥିଲା। ଟ୍ରଷ୍ଟ ସଭାପତି ଦିଲୀପ କର, ବିଜୟ କୁମାର ପ୍ରଧାନ, ସୂର୍ଯ୍ୟମଣି ବେହେରା, ମହେଶ୍ୱର ସ୍ୱାଇଁ, ଶରତ ଚନ୍ଦ୍ର ପଲେଇ, ରଶ୍ମିରଞ୍ଜନ ଦାଶ, ସୌଭାଗ୍ୟ ସାହୁ, ଧ୍ରୁବ ଚରଣ ମଲ୍ଲ, ପଙ୍କଜ ମହାପାତ୍ର, ଚକ୍ରଧର ବାରିକ ପ୍ରମୁଖ ସହଯୋଗ କରିଥିଲେ।


ଜଗନ୍ନାଥ ମନ୍ଦିରରେ ଗୀତାଯଜ୍ଞ କରାଯାଉଛି।



ଲିଓ କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

# ଆର୍ଏସ୍ପି ଭିଜିଲାନ୍ସ ବିଭାଗରେ ଲିଓ କର୍ମଶାଳା

ରାଉରକେଲା,୧୩।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍ଏସ୍ପି ଭିଜିଲାନ୍ସ ବିଭାଗ ଆନୁକୂଲ୍ୟରେ ପରସ୍ପର ଠାରୁ ଶିକ୍ଷାଲାଭ ଲର୍ଣ୍ଣିଂ ଫ୍ରମ୍ ଇଚ୍ ଅଦର (ଲିଓ) କର୍ମଶାଳା ଶୁକ୍ରବାର ଇଣ୍ଡୋ ଜର୍ମାନ କ୍ଲବର ସ୍ୱେକ୍ରମ ହଲଠାରେ ଅନୁଷ୍ଠିତ ହୋଇଛି। କର୍ମଶାଳାର ଉଦଘାଟନୀ ଅଧିବେଶନରେ ଆର୍ଏସ୍ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ସେଲ୍ର ମୁଖ୍ୟ ଭିଜିଲାନ୍ସ ଅଫିସର ଏସ୍.ଏନ୍. ଗୁପ୍ତା, ମହାନଦୀ କୋଲ ଫିଲ୍ଡସ ଲିମିଟେଡ ସିଭିଓ ପି. କେ. ପଟେଲ, ସେଲ୍ ଭିଜିଲାନ୍ସ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ପାଣ୍ଡେ, ଆରଏସ୍ପି ଭିଜିଲାନ୍ସ ବିଭାଗ ସିଜିଏମ ତଥା ଏସିଭିଓ ଏସ୍. ପ୍ରହରାଜ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରୀଆ, ସାମଗ୍ରୀ ପରିଚାଳନା ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍ଓ ଇନ୍ଚାର୍ଜ ଡା. ଜୟନ୍ତ କୁମାର ଆଚାର୍ଯ୍ୟ ତଥା ଭିଜିଲାନ୍ସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେଲ୍ର ବିଭିନ୍ନ ୟୁନିଟରୁ ୩୦ରୁ ଅଧିକ ଅଂଶଗ୍ରହଣକାରୀ ଏହି କର୍ମଶାଳାରେ ଯୋଗ ଦେଇଛନ୍ତି। ଏହି ଦୁଇଦିନିଆ କର୍ମଶାଳା ଚାର୍ଜସିଟ ପ୍ରସ୍ତୁତି ବିଷୟ ଉପରେ ରହିଛି ଏବଂ ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଅଂଶଗ୍ରହଣକାରୀଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି କରିବାକୁ ଲକ୍ଷ୍ୟ ରହିଛି। ଭୌମିକ ଉଦ୍ଘାଟନୀ ଅଭିଭାଷଣରେ କହିଥିଲେ, ଆମ ପ୍ରକ୍ରିୟାରେ ସ୍ୱଚ୍ଛତା, ଅଖଣ୍ଡତା ଏବଂ ଉତ୍ତରଦାୟିତ୍ୱ ଆମକୁ ଅଧିକ ସତର୍କ ସଙ୍ଗଠନ ଭାବେ ଗଢିବ। ଆମ କାର୍ଯ୍ୟରେ ଅଖଣ୍ଡତା ଏବଂ ବୃତ୍ତିଗତର ସର୍ବୋଚ୍ଚ ମାନ ଧାରଣ କରିବା ଆବଶ୍ୟକ। କର୍ମଶାଳାର ମହତ୍ୱ ଉପରେ ଆଲୋକପାତ କରି ସେ ଆହୁରି କହିଥିଲେ, ଏହି କର୍ମଶାଳା ବାର୍ତ୍ତା ତଥା ଭିଜିଲାନ୍ସରେ ସର୍ବୋତ୍ତମ ଅଭ୍ୟାସ ଗ୍ରହଣ ପାଇଁ ପ୍ରକୃଷ୍ଟ ସୁଯୋଗ ପ୍ରଦାନ କରୁଛି। ଏହି ଅବସରରେ ଏସ.ଏନ ଗୁପ୍ତା, ପି. କେ ପଟେଲ, ଏ. କେ ପାଣ୍ଡେ ଠିକ୍ ଅନୁସନ୍ଧାନ ପାଇଁ ଠିକ୍ ଡ୍ରାଫ୍ଟ ଚାର୍ଜ ସିଟ୍ର ଆବଶ୍ୟକତା, କର୍ମଶାଳା ଦ୍ୱାରା ଯୋଗାଯୋଗ ଏବଂ ଭାବନାର ପ୍ରବାହ ବିନିମୟ ପାଇ କିଭଳି ମୁକ୍ତ ପ୍ଲାଟଫର୍ମ ପ୍ରଦାନ କରେ ଏବଂ ଚାର୍ଜସିଟ ଡ୍ରାଫ୍ଟର ଆବଶ୍ୟକତା ଉପରେ ସମ୍ପୂର୍ଣ୍ଣ ଅନୁଭୂତି ଶିକ୍ଷା ପ୍ରଦାନ କରିବାର ଲକ୍ଷ୍ୟ ସାଧନ କରେ ସେ ବିଷୟରେ ଆଲୋକପାତ କରିଥିଲେ। ଏସ୍. ପ୍ରହରାଜ ସ୍ୱାଗତ ଭାଷଣରେ କର୍ମଶାଳାର ମହତ୍ୱ ସହିତ ଏକ ଉଚିତ ଚାର୍ଜସିଟ ପ୍ରସ୍ତୁତିର ଗୁରୁତ୍ୱ ବିଷୟରେ କହିଥିଲେ। ଏମ୍ଏମ୍ କ୍ରୟ ବିଭାଗର ଏଜିଏମ୍ ସୁଶ୍ରୀ ସୁସ୍ମିତା ତିର୍କୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଦ୍ଘାଟନୀ ଅଧିବେଶନ ପରେ ସିଭିଓ ଏବଂ ଇଡି ଭିଜିଲାନ୍ସ କାରଖାନା ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ଏଲଏଣ୍ଡଡି ବିଭାଗର ମଡେଲ ରୁମରୁ ଆରମ୍ଭ ହୋଇଥିଲା। ଏହି ଅବସରରେ ସୁରକ୍ଷା ଉପରେ ଏକ କ୍ଷୁଦ୍ର ଭିଡିଓ ମଧ ପ୍ରଦର୍ଶିତ ହୋଇଥିଲା। ଏହାପରେ ସେମାନେ କଞ୍ଚାମାଲ ପ୍ରବନ୍ଧନ ବିଭାଗ, ବ୍ଲାଷ୍ଟ ଫର୍ନେସ-୫, ସିଣ୍ଟରିଂ ପ୍ଲାଣ୍ଟ-୩, କୋକ୍ ଓଭେନ ବ୍ୟାଟେରି-୭ ସାଇଟ ଅଞ୍ଚଳ ଓ ହଟ୍ ଷ୍ଟ୍ରିପ୍ ମିଲ୍-୨ ପରିଦର୍ଶନ କରିଥିଲେ। ଅପରାହ୍ନରେ ସିଭିଓ ମନ୍ଥନ ସମ୍ମିଳନୀ ହଲରେ ଆରଏସ୍ପିର ବରିଷ୍ଠ ଅଧିକାରୀମାନଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକରେ ସାମିଲ ହୋଇଥିଲେ।

# ସାଇଭେଲି ୱାର୍ଲଡ ସ୍କୁଲର ବାର୍ଷିକୋତ୍ସବ



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲା,୧୩।୧୨(ଦିନେଶ ମିଶ୍ର)

ଜମୁନାନାକି ସ୍ଥିତ ସାଇଭେଲି ୱାର୍ଲଡ ସ୍କୁଲର ୧୪ତମ ବାର୍ଷିକୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷା ମମତା ନାୟକ ଓ ନିର୍ଦ୍ଦେଶକ ଗଣେଶ୍ୱର ପଟ୍ଟନାୟକଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିପିୟୁଟିର କୁଳପତି ପ୍ରଫେସର ଡକ୍ଟର ଅମୂଲ୍ୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟୁନିସିପାଲ କଲେଜର ପ୍ରାକ୍ତନ ପ୍ରଫେସର ଆଦିତ୍ୟ ପ୍ରକାଶ ମହାନ୍ତି, ଅନୁଷ୍ଠାନ ସଭାପତି ଧନମାନ ସାଓ, ଉପସଭାପତି କୁନାଲ ସାଓ, ରାମଚନ୍ଦ୍ର ସାଓ, ନେହା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ କରଣଦୀପ ରାଣାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ବାର୍ଷିକ ବିବରଣୀ ପାଠ କରିଥିଲେ। ନିର୍ଦ୍ଦେଶକ ଗଣେଶ୍ୱର ପଟ୍ଟନାୟକ ସ୍କୁଲର ଆଭିମୁଖ୍ୟ ସହ ୨୦୨୩-୨୪ର ବିଭିନ୍ନ ଶ୍ରେଣୀର କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଚାରୁ ଚୌହାନ, ଛାତ୍ରୀ ଇଶା ଜୈସ୍ୱାଲ, ପ୍ରତ୍ୟାଂକ୍ଷା ସାମଲ ଓ ଦୀପ ହାଜରାଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅତିଥିଗଣ କ୍ରୀଡା, ଶିକ୍ଷା ଏନସିସି ଆଦିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉପାଧ୍ୟକ୍ଷ ଭଗବାନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍ଆଇଟି ପ୍ରଫେସରଙ୍କୁ ମିଳିଲା ଆଇଏମ୍ଏସ୍ ଫେଲୋ

ରାଉରକେଲା,୧୩।୧୨(ସଙ୍ଗୀତା ଜେନା)

ରାଉରକେଲା ଏନ୍ଆଇଟି ପୃଥିବୀ ଓ ବାୟୁମଣ୍ଡଳ ବିଭାଗର ପ୍ରଫେସର ଜଗବନ୍ଧୁ ପଣ୍ଡାଙ୍କୁ ମିଳିଛି ଇଣ୍ଡିଆନ୍ ମେଟ୍ରୋଲୋଜିକାଲ ସୋସାଇଟି (ଆଇଏମ୍ଏସ୍)ର ଆସୋସିଏଟ୍ ଫେଲୋ-୨୦୨୪। ଏନ୍ଆଇଟିରେ ଭୁବନେଶ୍ୱର ବେହେରା ପ୍ରେକ୍ଷାଳୟରେ ଆୟୋଜିତ ଆଇଏମ୍ଏସ୍ ନ୍ୟାସ୍ନାଲ୍ ଟିଆର୍ଓପିଏମ୍ଇଟିରେ ଉଦ୍ଘାଟନୀ ଉତ୍ସବରେ ଏହା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ, ଆର୍ଥ ସାଇନ୍ସର ଇଣ୍ଡିଆନ୍ ମେଟ୍ରୋଲୋଜିକାଲ ସୋସାଇଟି ଡ. ଏମ୍. ରବି ଚନ୍ଦ୍ରନ୍, ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହା ଭାରତର ବାୟୁମଣ୍ଡଳ ବିଜ୍ଞାନରେ କାର୍ଯ୍ୟ କରୁଥିବା ଅନୁସନ୍ଧାନକାରୀଙ୍କୁ ପ୍ରତିବର୍ଷ ପ୍ରଦାନ କରାଯାଇଥିବା ଏକ ସମ୍ମାନଜନକ ଜାତୀୟ ପୁରସ୍କାର ଅଟେ।



ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରୁଛନ୍ତି।

# ବେଦବ୍ୟାସରେ ଗୀତା ଜ୍ଞାନ ମହାଯଜ୍ଞ

ରାଉରକେଲା,୧୩।୧୨(ବିପ୍ଳବ ରଞ୍ଜନ ଦାଶ)

ବେଦବ୍ୟାସରେ ଗୀତା ଜ୍ଞାନ ମହାଯଜ୍ଞ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଘୃତାହୁତି ସହିତ ଭଜନ, କୀର୍ତ୍ତନ ଏବଂ ସତ୍ସଙ୍ଗ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଆଚାର୍ଯ୍ୟ ଭାବେ ପରମେଶ୍ୱର ଶତପଥୀ, ଶିବ ପ୍ରସାଦ ପାଠୀ ପୂଜା ଓ ଯଜ୍ଞକର୍ମ ସମ୍ପନ୍ନ କରିଥିଲେ। ଭରତ ଚନ୍ଦ୍ର ଦାସ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପି. ପି. ରାୟ, ଡ. ଉମାକାନ୍ତ ପଣ୍ଡା, ବିଚିତ୍ରାନନ୍ଦ ସାହୁ, ଜ୍ଞାନରଞ୍ଜନ ମିଶ୍ର, ଅନ୍ତର୍ଯାମୀ ଦାସ, ଜ୍ୟୋତିର୍ମୟୀ ଦାସ, କେଦାରନାଥ ଗିରି, ରୁଦ୍ରାଶିଷ ମହାନ୍ତି, ସିଦ୍ଧାର୍ଥ ରାଉତ, ଦେବକୀ ଲାକ୍ରା, ବିଉଟି ଟିଗା, ସବିତା କୁଜୁର, ଖୁସି ରାୟ, ନିକିତା ଟପ୍ପୋ, ନମ୍ରତା ଲାକ୍ରା, ଶିଶିର ପ୍ରଧାନ, ଉଦ୍ଧବ ଚରଣ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# କସ୍ତୁରୀ ସାଂସ୍କୃତିକ ମହୋତ୍ସବ ଉଦ୍ଘାଟିତ

ରାଉରକେଲା,୧୩।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସିଭିକ୍ ସେଣ୍ଟରରେ ଶୁକ୍ରବାର କସ୍ତୁରୀ ଆୟୋଜିତ ସାଂସ୍କୃତିକ ମହୋତ୍ସବ ଉଦ୍ଘାଟିତ ହୋଇଯାଇଛି। ଏଥିରେ ଭାରତୀୟ ଜୀବନ ବୀମା ଶାଖା ପ୍ରବନ୍ଧକ ମରୁତସେନ ନନ୍ଦ ମୁଖ୍ୟଅତିଥି, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ଆର୍ଏସ୍ପିର ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ରାଧେଶ୍ୟାମ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଲାଠିକଟା ରାଧାକ୍ରୀଷ୍ଣ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପରେ ସାମାଜିକ ଚେତନଧର୍ମୀ କାର୍ଯ୍ୟକ୍ରମ ଦୁର୍ଘଟଣା, ମୋର କଣ ଭୁଲ୍ ଥିଲା ମଞ୍ଚସ୍ଥ ହୋଇଥିଲା। ଏହାପରେ ସେକ୍ଟର-୭ ସ୍ଥିତ ମୂକ ବଧିର ବିଦ୍ୟାଳୟ, ରାଧାକ୍ରିଷ୍ଣ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ମୁଣ୍ଡାରୀ ଯୁବକ ସଂଘ ଛେଣ୍ଡ ପକ୍ଷରୁ ଦୁର୍ଘଟଣା ମୁକ୍ତ ଭାରତ କ୍ଷୁଦ୍ର ନାଟକ ଓ ନୃତ୍ୟ ନାଟିକା ପରିବେଷଣ ହୋଇଥିଲା। ଏହାପରେ ଅରୁଣ କୁମାର ପଣ୍ଡାଙ୍କୁ କସ୍ତୁରୀ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଆର୍ଏସ୍ପି ସୂଚନା ଓ ପ୍ରସାରଣ ବିଭାଗୀୟ ଅଧିକାରୀ ଶଶାଙ୍କ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଂସ୍କୃତିକ ସମ୍ପାଦକ ଅଶୋକ ବଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଲେଖକ ଡ. ଅନ୍ତର୍ଜିତା ନାୟକ, ଅର୍ପିତା ମଲ୍ଲିକ, ମୁଖ୍ୟ ପୃଷ୍ଟପୋଷକ ବିଶ୍ୱରଞ୍ଜନ ପଲାଇ, ପ୍ରଦୀପ କୁମାର ମହାପାତ୍ର, ସଭାପତି ଦିଲ୍ଲୀପ କୁମାର ଭଞ୍ଜ, ଉପସଭାପତି କୌଶିକ ସୁନାନୀ, ଡ. ତାପସ ରଞ୍ଜନ ମହାନ୍ତି, ସମ୍ପାଦକ ରଜତ କୁମାର ସାହୁ, ସାଙ୍ଗଠନିକ ସମ୍ପାଦକ ରାକେଶ ନାୟକ, ପାଣ୍ଡବ ମଲ୍ଲିକ, ଜୟନ୍ତ କୁମାର ମହାରଣା, ରିତ କୁମାର ସାହୁ, ପ୍ରଫୁଲ୍ଲ କୁମାର ମହାରଣା, ରମେଶ ପାତ୍ର, ପ୍ରିୟଦର୍ଶିନୀ ଜେନା, ମାନସୀ ଦେ, ମାନସୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଅରୁଣ କୁମାର ପଣ୍ଡାଙ୍କୁ କସ୍ତୁରୀ ସମ୍ମାନ ପ୍ରଦାନ କରାଯାଉଛି।

## ଶ୍ରୀମୁଙ୍ଗାଲାଲ୍ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

ସମ୍ବଲପୁର,(ପ୍ରମୋଦ ବହିଦାର): ସମ୍ବଲପୁର ବଡ ବଜାରସ୍ଥିତ ଶ୍ରୀମୁଙ୍ଗାଲାଲ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଆୟୋଜିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବିମଳେଶ କୁମାର ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସମ୍ବଲପୁର ଜିଲା ଶାରୀରିକ ଶିକ୍ଷା ଶିକ୍ଷକ ଜଗବନ୍ଧୁ ବେହେରା, ସମ୍ମାନିତ ଅତିଥିଭାବେ ପ୍ରମୋଦ ସରାଫ, ବିଶିଷ୍ଟ ଶିକ୍ଷାବିତ୍ ଭି.ସମଦେବ ସାହ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅଧିକରୁ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଖେଳକୁଦରେ ଭାଗ ନେବାକୁ ସେ ଆହ୍ୱାନ ଦେଇଥିଲେ।

## ସଂକ୍ଷେପରେ

### ପୋଖରୀ ହୁଡ଼ାରୁ ନବଜାତ ଶିଶୁ ମୃତଦେହ ଜବତ

**କୁଚିଣ୍ଡା,୧୩।୧୨(ବିରଞ୍ଚି ଦର୍ଚ୍ଚା)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ଖଣ୍ଡୋକଟା ଗାଁ ସମୀପ ଧାନଖେତରେ ଥିବା ପୋଖରୀ ହୁଡ଼ାରୁ ସ୍ଥାନୀୟ ପୋଲିସ ଏକ ନବଜାତ ଶିଶୁର ମୃତଦେହ ଜବତ କରିଛି। ଏକ ଅଖାବସ୍ତାରେ ବାନ୍ଧି ନବଜାତ ଶିଶୁକୁ କେହି ଅଲୋଡା ମନେକରି ଫୋପାଡି ଦେଇଥିବା ଚର୍ଚ୍ଚା ହେଉଛି। ଅପରାହ୍ନ ପ୍ରାୟ ୨ଟାରେ ମୁହଁ ବନ୍ଧାଯାଇ ପଡିଥିବା ଏକ ଅଖାବସ୍ତାର ଚାରିପଟେ ବୁଲା କୁକୁର ଟାଣୁଥିବା ଗାଁ ଲୋକ ଦେଖିଥିଲେ। ଅଖାବସ୍ତା ମୁହଁ ଖୋଲିବାରେ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜନ୍ମିତ ଶିଶୁ(ନାହିଥିବା)କୁ କିଏ କେଉଁ ପରିସ୍ଥିତିରେ ଓ କାହିଁକି ଏଭଳି ଅମାନୁଷିକ ଭାବେ ଫିଙ୍ଗିଲା ତାହା ସ୍ପଷ୍ଟ ହୋଇନାହିଁ।

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ପଡିଆବାହାଲ,୧୩।୧୨(ରାଧାମୋହନ ଷଡ଼ଙ୍ଗୀ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା କଂସର ରାସ୍ତାକଡ଼ ପେଟ୍ରୋଲ ପମ୍ପ ନିକଟରେ ଠିଆ ହୋଇଥିବା ଏକ ଟ୍ରକରେ ପିଟି ହୋଇ ଶୁକ୍ରବାର ଜଣେ  ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଂସର ପଞ୍ଚାୟତ ମୂଷାକାନି ଗ୍ରାମର ସଞ୍ଜୟ ଲୁଗୁନ(୧୯)। ଗାଡିରେ ଥିବା ସଞ୍ଜୟଙ୍କ ଭଉଣୀ ସୋନାଲି(୨୦)ଗୁରୁତର ହୋଇଛନ୍ତି। ସମ୍ବଲପୁରରୁ ବାଇକ(ନଂ.ଓଡି ୧୫ ୱାଇ ୧୮୪୪)ରେ ଭଉଣୀଙ୍କୁ ନେଇ ସଞ୍ଜୟ ଘରକୁ ଫେରୁଥିବାବେଳେ ଟ୍ରକ ପଛରେ ପିଟି ହୋଇ ଯାଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ପଠାଯାଇଥିଲା। ହେଲେ ସେଠାରେ ଡାକ୍ତର ସଞ୍ଜୟଙ୍କୁ ମୃତ ଘୋଷଣା କରିଥିଲେ।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**ସମ୍ବଲପୁର,୧୩।୧୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ବୈଦିକ ବିହାର କଲୋନୀରେ ରହୁଥିବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଳଭଦ୍ର ପ୍ରସାଦ ପାଢୀଙ୍କର ଗୁରୁବାର ବିଳମ୍ବିତ ରାତିରେ ୭୯ ବୟସରେ ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା



ନିକଟରେ ପତ୍ନୀ, ଦୁଇ ପୁଅ ଉତ୍କଳ ପାଢୀ ଏବଂ ଉଦିତ, ୨ କନ୍ୟା ଏବଂ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ପାଢୀ ସମ୍ବଲପୁର ଜିଲାର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଚାକିରି କରି ଅବସର ଗ୍ରହଣ କରିଥିଲେ। ଧନକଉଡା ବ୍ଲକ ବିଶାଳଖିଣ୍ଡାର ମୂଳବାସୀନ୍ଦା ପାଢୀ ଦୀର୍ଘବର୍ଷ ହେବ ସମ୍ବଲପୁର ଭାଲୁପାଲି ଛକ ନିକଟ ବୈଦିକ ବିହାର କଲୋନୀରେ ରହୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବୈଦିକ ବିହାର ଉନ୍ନୟନ କମିଟି କର୍ମକର୍ତ୍ତା, କଲୋନୀ ବାସୀ ଓ ଗଣ୍ୟମାଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ସମ୍ବଲପୁର ରାଜଘାଟରେ ତାଙ୍କ ଅନ୍ତିମ ସତ୍କାର କରାଯାଇଥିଲା।

# ନୃତ୍ୟଗୀତ, ନାଟକରେ ବିଭୋର ଦର୍ଶକ

## ତିନିଦିନିଆ ନାଟ୍ୟୋତ୍ସବ ଉଦ୍‌ଘାଟିତ

**ସମ୍ବଲପୁର,୧୩।୧୨(ବି.ଶଙ୍କର)**

କଖଗ ନାଟ୍ୟାନୁଷ୍ଠାନ ଆୟୋଜିତ ତିନିଦିନିଆ ନାଟ୍ୟୋତ୍ସବ ଶୁକ୍ରବାର ରାତିରେ ସମ୍ବଲପୁର ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚରେ ଉଦ୍‌ଘାଟିତ ହୋଇଯାଇଛି। ହାସ୍ୟକବି ମନୋରଞ୍ଜନ ସାହୁ, ଅଭିନେତା ଉତ୍ତମ ବେହେରା, କବି ଡ. ପ୍ରଦୀପ କୁମାର ପଣ୍ଡା, ଶିକ୍ଷାବିତ୍ ଡ. ପ୍ରଦୀପ ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ଭବାନୀଶଙ୍କର ଦାଶ, ତରୁଣ ଶଙ୍କର ମିଶ୍ର, ଧ୍ରୁବ ପ୍ରସାଦ ପଣ୍ଡା, ଡ. ଦ୍ୱାରିକାନାଥ ନାୟକ, ସାହିତ୍ୟିକ ମୋହନ ସାହୁ ଏବଂ ଗୀତାରାଣୀ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ନାଟ୍ୟୋତ୍ସବ ସ୍ମରଣିକା ଲୋକାର୍ପଣ କରିଥିଲେ।

ପ୍ରଥମ ସନ୍ଧ୍ୟାର ପ୍ରଥମ ଅର୍ଘ୍ୟ ଭାବେ ନୃତ୍ୟାଞ୍ଜଳି କାର୍ଯ୍ୟକ୍ରମ ହୋଇଥିଲା। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ରଚିତ କବିତାକୁ ସୁନ୍ଦରଗଡ ଆଙ୍ଗିକ କଳାକେନ୍ଦ୍ରର ଗୁରୁ ବିଭୁ ରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶନା ଏବଂ କଣ୍ଠଶିଳ୍ପୀ



ଶୁକ୍ରବାର ରାତିରେ ସମ୍ବଲପୁର ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚଠାରେ କଖଗ ନାଟ୍ୟାନୁଷ୍ଠାନ ଆୟୋଜିତ ନାଟ୍ୟୋତ୍ସବରେ କଳାକାରଙ୍କ ନୃତ୍ୟାଞ୍ଜଳି କାର୍ଯ୍ୟକ୍ରମ।

ସସ୍ମିତା ସାହୁଙ୍କ ସୁମଧୁର ଗୀତର ତାଳରେ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଜୀବନ୍ ଶୀର୍ଷକରେ କବିତା, ସଙ୍ଗୀତ ଚିତ୍ରକଳାର ଅନନ୍ୟ ସଙ୍ଗମ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ବ୍ରଜେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। କବି ରାମକୃଷ୍ଣ ସାହୁ, ଦୁର୍ଗାପ୍ରସାଦ ପଣ୍ଡା, ମନୋଜ ପଣ୍ଡା, ଲକ୍ଷ୍ମୀନାରାୟଣ ହୋତା, ସରୋଜ ମହାନ୍ତି, ସ୍ୱୟଂପ୍ରଭା ରଥ, ପ୍ରବାସିନୀ ହୋତା, ଅଶୋକ କୁମାର ପୂଜାହାରୀ କବିତା ପାଠ କରିଥିଲେ। ଏଥିରେ କଣ୍ଠଶିଳ୍ପୀ ବିଶ୍ୱସ୍ୱରୂପ ମହାପାତ୍ର, ହୃଦାନନ୍ଦ ଗଡ଼ତିଆ, ପ୍ରୀତିନନ୍ଦା ମିଶ୍ର, ମୃଦୁଳା ଘୋଷ ଓ କସ୍ତୁରୀ ଦାଶ କଣ୍ଠଦାନ କରିଥିଲେ। ଚିତ୍ରଶିଳ୍ପୀ କୁଦୀପ ବର୍ମା ଚିତ୍ରାଙ୍କନ କରିଥିଲେ। ସେହିପରି ବ୍ରଜେନ୍ଦ୍ର ନାୟକଙ୍କ ରଚନା, ନିର୍ଦ୍ଦେଶନା, ସଙ୍ଗୀତ ପରିଚାଳନାରେ ସମ୍ବଲପୁର ଧନୁପାଲି ସ୍ଥିତ କଖଗ ଅନୁଷ୍ଠାନ କଳାକାରମାନେ ନାଟକ ମାଧ୍ୟମରେ ଜୀବନ ପରିବେଷଣ କରିଥିଲେ। ବିଭିନ୍ନ ଭୂମିକାରେ ସଂଯୁକ୍ତା ପଣ୍ଡା, ବିଭୁ ରଞ୍ଜନ ମହାନ୍ତି ଅଭିନୟ କରିଥିଲେ। ସସ୍ମିତା ସାହୁ ପ୍ରଚ୍ଛଦ କଣ୍ଠଶିଳ୍ପୀ ଭାବେ କାର୍ଯ୍ୟ କରିଥିଲେ। ଗୋଟିଏ ମଞ୍ଚରେ ନୃତ୍ୟ, ଗୀତ, ଚିତ୍ର, କବିତା ପାଠ ଏବଂ ନାଟକ ଦେଖି ଦର୍ଶକମାନେ ବିମୋହିତ ହୋଇଥିଲେ।

# ଗାଁର ଉନ୍ନତି ବିନା ଦେଶର ପ୍ରଗତି ଅସମ୍ଭବ



ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ଜନ୍ମମାଟି ନାଟକର ଏକ ଦୃଶ୍ୟ।

**ସମ୍ବଲପୁର,୧୩।୧୨(ବି.ଶଙ୍କର)**

## ଶ୍ରୀରଙ୍ଗ ସମାଗମ-୨୪ ଦ୍ୱିତୀୟ ଦିବସ

ସାଂସ୍କୃତିକ ଅନୁଷ୍ଠାନ ଶ୍ରୀକଲଚରାଲ ଆସୋସିଏଶନ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗ ମିଳିତ ଆନୁକୂଲ୍ୟରେ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ-୨୪ର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ନାଟକ ଜନ୍ମମାଟି ମଞ୍ଚସ୍ଥ ହୋଇଛି। ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ନୃପରାଜ ସାହୁ, ବୁର୍ଲା ଲାୟନ୍ସ କ୍ଲବର ସଭାପତି ଡା. ଅରବିନ୍ଦ ମହାକୁର, ପ୍ରଦର୍ଶନ କଳା ବିଭାଗ ସଂଯୋଜକ ପ୍ରଫେସର ଡ. ଗୋପୀନାଥ ବାଗ ଅତିଥିଭାବେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜକ ଶ୍ରୀକଲଚରାଲ ଆସୋସିଏଶନ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରା ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ତାଙ୍କୁ ସହଯୋଗ କରିଥିଲେ ପ୍ରଦର୍ଶନ କଳା ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଅରବିନ୍ଦ ପଣ୍ଡା। ଏହି ଅବସରରେ ରାଉରକେଲାର ଅଭିନେତ୍ରୀ ସୁଦେଷ୍ଣା ରାଣୀ ରାଉତଙ୍କୁ ସ୍ୱର୍ଗତ ସାଧନା କମଳ ବହିଦାରଙ୍କ ସ୍ମୃତିରେ ସାଧନା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସଭା ପ୍ରାରମ୍ଭରେ ବର୍ଷିୟାନ ନାଟ୍ୟ ବ୍ୟକ୍ତିତ୍ୱ ସ୍ୱର୍ଗତ ଶଙ୍କର ପ୍ରସାଦ ନାୟକଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ନାଟ୍ୟୋତ୍ସବର ଦ୍ୱିତୀୟ ସନ୍ଧ୍ୟାକୁ ତାଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା। ସଭା ପରେ ରାଉରକେଲା ପକ୍ଷରୁ ପଦ୍ମଶ୍ରୀ ମନୋରଞ୍ଜନ ଦାଶଙ୍କ ରଚିତ ଓ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ ଜନ୍ମମାଟି ମଞ୍ଚସ୍ଥ ହୋଇଥିଲା । ଜନ୍ମମାଟିରେ ଗାନ୍ଧୀଜୀଙ୍କ ଦୃଷ୍ଟିରେ ଗାଁର ଉନ୍ନତି ବିନା ଦେଶର ପ୍ରଗତି ଅସମ୍ଭବ । ମାତ୍ର ବିଡ଼ମ୍ବନାର ବିଷୟ ଯେ, ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଗାଁର ଉନ୍ନତି ସେତେ ମାତ୍ରାରେ ହୋଇପାରି ନାହିଁ । କାରଣ ଆଧୁନିକ ସହରାଭିମୁଖୀ ସଭ୍ୟତାର ମୋହରେ ଆଜି ସମସ୍ତେ ଗାଁ ପ୍ରତି ବିମୁଖ । ତାହା ହେଲେ ଶସ୍ୟଶାମଳା ଜନ୍ମମାଟି କଣ ଶ୍ରୀହୀନ ହୋଇଯିବ, ଏହିଭଳି ଏକ ସମ୍ବେଦନଶୀଳ କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ଶେଷରେ ନାଟକ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଉଦ୍‌ଜାନ ଭିତ୍ତିକ ଅକ୍ଷୟ ଶକ୍ତି ଉତ୍ପାଦନ ଶୀର୍ଷକ ଆଲୋଚନା





ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

**ସମ୍ବଲପୁର,୧୩।୧୨(ବି.ଶଙ୍କର)**

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ସ୍ପିନ ଆଧାରିତ ଅକ୍ଷୟ ଉଦଜାନ ଶକ୍ତି ଉତ୍ପାଦନ ଏବଂ ନାନୋ ଉତ୍ପାଦକ ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଆଲୋଚକଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପଦାର୍ଥବିଜ୍ଞାନ ପ୍ରାଧ୍ୟାପକ ଡ. ଦେବବ୍ରତ ମିଶ୍ର ଯୋଗଦାନ କରିଥିଲେ। ଅଧୁନା ଶକ୍ତି ସଙ୍କଟ ତଥା ଶକ୍ତି ଉତ୍ପାଦନ ଜନିତ ପ୍ରଦୂଷଣ କାଳଖଣ୍ଡରେ ସବୁଜ ଶକ୍ତି ଉତ୍ପାଦନ ଏକ ଆହ୍ୱାନରେ ପରିଣତ ହୋଇଛି । ଏହି ଅବସରରେ ସମାନ୍ତର ଇଲେକ୍ଟ୍ରନ ସ୍ପିନ ପ୍ରକ୍ରିୟାରେ ଜଳରୁ ଉଦଜାନ ରୂପକ ସବୁଜ ଶକ୍ତି ଉତ୍ପାଦନ ସମସ୍ତ ସଙ୍କଟ ଦୂର କରିପାରିବ ବୋଲି ପ୍ରଫେସର ମିଶ୍ର କହିଥିଲେ । ପ୍ରଫେସର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଗବେଷକ ମଣ୍ଡଳୀ ଏହି କ୍ଷେତ୍ରରେ ଅନେକ ପ୍ରଗତି କରିଥିବାର ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ବରାଳ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ସ୍ୱଚ୍ଛ ଶକ୍ତିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ରାକେଶ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭା ସଂଯୋଜନା କରିଥିଲେ। ଭିସୁଟ୍ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ.ଅକ୍ଷୟ କୁମାର ପଟ୍ଟନାୟକ ଏହି ସଭାରେ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

### କେନ୍ଦୁପତ୍ର ଡିଭିଜନସ୍ତରୀୟ କଲ୍ୟାଣ ପାଣ୍ଠି ବୋର୍ଡ ବୈଠକ

**ସମ୍ବଲପୁର,୧୩।୧୨(ବି.ଶଙ୍କର)**

ସମ୍ବଲପୁର କେନ୍ଦୁପତ୍ର ଡିଭିଜନର ଡିଭିଜନସ୍ତରୀୟ କଲ୍ୟାଣ ପାଣ୍ଠି ବୋର୍ଡ ବୈଠକ ସମ୍ବଲପୁର କେନ୍ଦୁପତ୍ର ରିସର୍ଚ୍ଚ ଟ୍ରେନିଙ୍ଗ ସେଣ୍ଟରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡିଭିଜନାଲ ଫରେଷ୍ଟ ଅଧିକାରୀ(କେନ୍ଦୁପତ୍ର) ଗୌରୀ ଶଙ୍କର ଦାଶ ଅଧ୍ୟକ୍ଷତା କରିଥିଲେ । କମିଟି ସଦସ୍ୟମାନଙ୍କ ମଧ୍ୟରେ ଏସଡିଏଫଓ ରଣେନ୍ଦ୍ର କୁମାର ସ୍ୱାଇଁ, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଡିଭିଜନ ସମ୍ପାଦକ ଗୋକୁଳ ମେହେରଙ୍କ ସମେତ ନଅ ଜଣ ରେଞ୍ଜ ଅଧିକାରୀ ଯୋଗଦେଇଥିଲେ । ବୋର୍ଡ ବୈଠକରେ ଆଗତ ହୋଇଥିବା କେନ୍ଦୁପତ୍ର ସଂଗ୍ରହ ସମୟରେ ମୃତ୍ୟୁବରଣ କରିଥିବା ୩୭ ତୋଳାଳି ଓ ବନ୍ଧେଇ ଶ୍ରମିକଙ୍କ ପରିବାରକୁ ପ୍ରତ୍ୟେକ ୨ଲକ୍ଷ ଟଙ୍କା ଦେବା ପାଇଁ ମଞ୍ଜୁର କରାଯାଇଥିଲା । ଏହି ସମସ୍ତ ପାଣ୍ଠି ଭୁବନେଶ୍ୱରସ୍ଥିତ ମୁଖ୍ୟ ବନ ସଂରକ୍ଷକ କେନ୍ଦୁପତ୍ରଙ୍କୁ ସହାୟତା ରାଶି ପ୍ରଦାନ ପାଇ ଚିଠି ଦ୍ୱାରା ଜଣାଇ ଦିଆଯାଇଛି ।

# ବିଦ୍ୟାଳୟ ସଙ୍ଗଠନ ପ୍ରତିଷ୍ଠା ଦିବସ, ବାର୍ଷିକ କ୍ରୀଡ଼ା

**ସମ୍ବଲପୁର,୧୩।୧୨(ପ୍ରମୋଦ ବହିଦାର)**

ବୁର୍ଲାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ରେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ପ୍ରତିଷ୍ଠା ଦିବସ ସହିତ କ୍ରୀଡା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ସୁସ୍ମିତା ପ୍ରଧାନଙ୍କ ଅଧକ୍ଷତାରେ ସ୍ଥପନା ଦିବସ ଉଦ୍‌ଘାଟନୀ ଉତ୍ସବରେ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସନ୍ତୋଷ ପ୍ରଧାନ ମୁଖ୍ୟଅତିଥି ତଥା କେନ୍ଦ୍ରୀୟ ବିଦ୍ୟାଳୟର ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ସୋମଦତ୍ତ ଶାସ୍ତ୍ରୀ, ଗଣିତ ଶିକ୍ଷୟିତ୍ରୀ ବ୍ରାହ୍ମଣୀ ମିଶ୍ର ସମ୍ମାନିତ ଅତିଥିଭବେ ଯୋଗ ଦେଇଥିଲେ। ଶିକ୍ଷାର ସୁଦୃଢ଼ୀକରଣ ପାଇଁ ପିଏମଶ୍ରୀ ଅନ୍ତର୍ଗତ ନୂତନ କାର୍ଯ୍ୟକ୍ରମ ସମୂହର ପରିଚୟ କାର୍ଯ୍ୟକ୍ରମରେ କର୍ମେଇ ନାଚ, ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ, ଡିଜିଟାଲ ଲାଇବ୍ରେରୀ, ଇକୋକ୍ଲବ, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ବିଜ୍ଞାନ ପରିସର ଓ ଗଣିତ ପରିସର ବିଷୟରେ ସଂକ୍ଷିପ୍ତ ବିବରଣୀ ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ଲିଖିତ ଅନ୍ତର୍ବିଭାଗୀୟ ପ୍ରକଳ୍ପ, ଶିକ୍ଷଣ ସାମଗ୍ରୀ, ବିଜ୍ଞାନ ପରିସର, ଗଣିତ ପରିସର, ମୃତ୍ତିକା କଳା, ବଟିକ ପ୍ରିଣ୍ଟ କଳା ଓ ପିଏମଶ୍ରୀ ଅନ୍ତର୍ଗତ ଅନ୍ୟ କାର୍ଯ୍ୟକ୍ରମଗୁଡିକର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପତାକା ଉତ୍ତୋଳନ ପରେ ମୁଖ୍ୟଅତିଥି କ୍ରୀଡା ନାୟିକା ଯୋଗୀତା ବାଞ୍ଜିଙ୍କ ନେତୃତ୍ୱରେ ବିଦ୍ୟାଳୟର ସ୍କାଉଟ ଗାଇଡ଼ ଓ ଚାରି ସଦନର ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ ଖେଳକୁଦରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ଅତିଥି କ୍ରୀଡ଼ା ଉତ୍ସବରେ ଅତିଥିମାନେ ପତାକା ଉତ୍ତୋଳନ କରୁଛନ୍ତି।

### ଯୋଗାଣ ବିଭାଗର ତଦନ୍ତ ଉପରେ ପ୍ରଶ୍ନ ଚିହ୍ନ

# ସମ୍ବଲପୁରରେ ବାହାର ଜିଲାର ଧାନ

**ସମ୍ବଲପୁର, ୧୩।୧୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ସାତୁପାଲିସ୍ଥିତ ଆଇପି ରାଇସ୍ ମିଲ ନିକଟରେ ପଶ୍ଚିମବଙ୍ଗ ନମ୍ବର ଥିବା ଧାନ ବୋଝେଇ ଟ୍ରକ(ଡବ୍ଲୁବି-୩୩ବି-୦୧୪୫)କୁ ଜବତ ଘଟଣାରେ ଶୁକ୍ରବାର ଯୋଗାଣ ବିଭାଗ ତଦନ୍ତ ଜାରି ରହିଛି। ଘଟଣାରେ ଯୋଗାଣ ବିଭାଗ ସହ ପୋଲିସର ଟିମ ଆଇପି ରାଇସ୍ ମିଲ ଏବଂ ଟ୍ରକ ରଖାଯାଇଥିବା ଚୌଧୁରୀ ରାଇସ୍ ମିଲ୍ ଯାଇ ତଦନ୍ତ କରିଛି। ଜବତ ଗାଡ ସୁନ୍ଦରଗଡ ଜିଲା ଲହୁଣୀପଡ଼ାର ବୋଲି ଜଣାପଡିଛି। ତଦନ୍ତ ସମୟରେ ଗାନ୍ଧିପ୍ରସାଦ ଯାଦବ ମାମକ ବ୍ୟକ୍ତି ନିଜକୁ ଧାନ ଏବଂ ଟ୍ରକ ମାଲିକ ବୋଲି ପରିଚୟ ଦେଇଥିଲେ । ତେବେ ସେ ଗାଡ଼ିର କାଗଜପତ୍ର ଦେଖାଇଥିବା ବେଳେ ଧାନ ସମ୍ପର୍କିତ କୌଣସି କାଗଜପତ୍ର ଦେଖାଇ ପାରି ନ ଥିବା ଜଣାପଡିଛି। ତେବେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଚାଷୀମାନେ ଟ୍ୟାଗ ହୋଇଥିବା



ଜବତ ହୋଇଥିବା ଧାନଗାଡି।

ମଣ୍ଡିରେ ହିଁ ଧାନ ବିକ୍ରୀ କରିପାରିବେ। ପୁଣି ପ୍ରତି ଜିଲାର ସୀମାରେ ଅନଧିକାର ଧାନ ପ୍ରବେଶ ଉପରେ କଟକଣା ରହିଛି। ଏଭଳି ସ୍ଥିତିରେ ସୁନ୍ଦରଗଡ଼ର ଧାନ କିପରି ସମ୍ବଲପୁର ଜିଲାକୁ ପ୍ରବେଶ କଲା ତାକୁ ନେଇ ଜିଲା କୃଷକ ସଙ୍ଗଠନ ସଭାପତି ଉମେଶ ମିଶ୍ର ପ୍ରଶ୍ନ ଉଠାଇଛନ୍ତି। ଧାନ ମାଲିକ ଭାବେ ପରିଚୟ ଦେଉଥିବା ବ୍ୟକ୍ତିଙ୍କ ପାଖରେ ଆବଶ୍ୟକ କାଗଜପତ୍ର ନ ଥିବା ବେଳେ ବେଆଇନ ଧାନ ବିକ୍ରି ମାମଲାର ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁଙ୍କ ତତ୍ତ୍ୱାବଧାନରେ ସହକାରୀ ଯୋଗାଣ ଅଧିକାରୀ ସୌଭାଗ୍ୟରଞ୍ଜନ ନାୟକ, ଏସିଏସଓ ମନୋଜ ବେହେରା, ଧନକଉଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ମନୋଜ ସା', ଏସିଏସଓ ବିଶ୍ୱରଞ୍ଜନ ସାହୁ, ବୁର୍ଲା ଏସ୍‌ଡିପିଓ ଅମିତ ମହାନ୍ତି, ବୁର୍ଲା ଥାନା ଅଧିକାରୀ ଅନୀଲ ପ୍ରଧାନ ଉପସ୍ଥିତ ଥିଲେ । ଅନ୍ୟ ପକ୍ଷରେ ଜିଲା ଯୋଗାଣ ବିଭାଗ ରାଇସ୍‌ମିଲର ଗେଟ ବନ୍ଦ କରି ତଦନ୍ତ କରୁଥିବା ବେଳେ କୌଣସି ପ୍ରକାର ତଥ୍ୟ ଗଣମାଧ୍ୟମକୁ ଦେବାକୁ କୁଣ୍ଠାବୋଧ କରୁଛି। ଏଥିପାଇଁ ଯୋଗାଣ ବିଭାଗର ତଦନ୍ତର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି।

# ସାଲେଭାଡ଼ି ହାଇସ୍କୁଲର ରୌପ୍ୟ ଜୟନ୍ତୀ



ପୂରାତନ ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କୁଚିଣ୍ଡା,୧୩।୧୨(ବିରଞ୍ଚି ଦର୍ଚ୍ଚା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ସାଲେଭାଡି ରାହାସ ବିହାରୀ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଚନ୍ଦ୍ରହାସ କର୍ଣ୍ଣଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି, ଆଠଗାଁସ୍ଥିତ ଡୁମେରମାଲ ଋଷିକୁଳ ଆଶ୍ରମ ପୂଜ୍ୟ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରିଜୀ ମହାରାଜ ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସାଲେଭାଡି ସରପଞ୍ଚ ଧନୁର୍ଜୟ ନାଏକ, ସମିତି ସଭ୍ୟ ସନ୍ତୋଷ ନାଏକ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିଗଣ ଛାତ୍ରୀଛାତ୍ରଙ୍କ ମଣିଷ ଗଢା କାରଖାନାଭାବେ ପରିଚିତ ପବିତ୍ର ଶିକ୍ଷାନୁଷ୍ଠାନରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ଶିକ୍ଷକ ଭୈରବ କୁମାର ସାହୁ ସଭା ପରିଚାଳନା କରିଥିଲେ। ସଂସ୍କୃତ ଶିକ୍ଷକ ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ପୁରାତନ ଛାତ୍ରୀଛାତ୍ରଙ୍କ ଦାରା ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ପୁରାତନ ଶିକ୍ଷକ ଭୋଜରାଜ କିଷାନ, ଦୁର୍ଯ୍ୟୋଧନ ପଟେଲ, ରୀତା ପଟେଲ, ସୁଶାନ୍ତ ମୁଣ୍ଡା, ଜୟନ୍ତ ଚୌଧୁରୀଙ୍କୁ ମାନପତ୍ରସହ ଉପଢୌକନ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ରବିନାରାୟଣ ପଟେଲ, ମିତ୍ରଭାନୁ କିଷାନ, ଦେବାନନ୍ଦ ନାଏକ, ନିରଞ୍ଜନ ପଟେଲ ଓ ଜମିଦାତା ପ୍ରଶାନ୍ତ ପଟେଲଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଶିକ୍ଷକ ତ୍ରିଶଙ୍କର ପଟେଲ, ରଞ୍ଜନ କୁମାର ନାଏକ, ରାଜେନ୍ଦ୍ର କୁମାର ସାହୁ, ସଞ୍ଜିବ କୁମାର ପଟେଲ ସହଯୋଗ କରିଥିଲେ।

# ବିବିଧତା ଭିତରେ ଏକତା ସୃଷ୍ଟି ଯୁବ ଉତ୍ସବର ଲକ୍ଷ୍ୟ

**ସମ୍ବଲପୁର,୧୩।୧୨(ଭବାନୀ ଶଙ୍କର ଭୋଇ)**

## ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଘାଟିତ

ସମ୍ବଲପୁର ତପସିନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ, ବିବିଧତା ଭିତରେ ଏକତା ସୃଷ୍ଟି କରିବା ହେଉଛି ଯୁବା ଉତ୍ସବର ମୂଳ ଲକ୍ଷ୍ୟ। ଏଥିପାଇଁ ସମସ୍ତ ପ୍ରତିଯୋଗୀଙ୍କୁ ସମ୍ବଲପୁର ଜିଲାର କଳା, ସଂସ୍କୃତି, ସାହିତ୍ୟକୁ ବିଶ୍ୱ ଦରବାରରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବାକୁ ଆହ୍ୱାନ ଦେଇଥିଲେ। ମହାନଗର ନିଗମ କମିଶନର ବେଦଭୂଷଣ କହିଥିଲେ ଯୁବଉତ୍ସବ ମାଧ୍ୟମରେ ଯୁବକ ଯୁବତୀମାନଙ୍କର ପ୍ରତିଭାର ବିକଶିତ ହୋଇପାରିବ। ଏକା ସାଙ୍ଗରେ ଉଭୟ ତପସିନୀ କକ୍ଷ ଓ ଜିଲା ସ୍କୁଲରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ





ଯୁବ ଉତ୍ସବରେ ଯୁବକଳାକାର ମାନେ ପ୍ରତିଭା ପ୍ରଦର୍ଶନ କରୁଛନ୍ତି ।

ହୋଇଥିଲା । ଲୋକନୃତ୍ୟ ଲୋକଗୀତ, ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଜିଲାର ପ୍ରାୟ ୧୭୫ରୁ ଉର୍ଦ୍ଧ୍ୱ ୧୫-୨୯ ବୟସର ଯୁବତୀଯୁବକ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଦଳଗତ ଲୋକନୃତ୍ୟ ପ୍ରତିଯୋଗିତାରେ କୁଚିଣ୍ଡା ଏନଏସି ପ୍ରଥମ, ଜମନକିରା ଡାନ୍ସ ଗୃପ ଦ୍ୱିତୀୟ, ଫୋନ ଡାନ୍ସ ଗ୍ରୁପ କୁଚିଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏକାକୀ ଲୋକନୃତ୍ୟ ପ୍ରତିଯୋଗିତାରେ କ୍ଷିତୁନ ଦାସଭାୟା ପ୍ରଥମ, ରାଜା ନାୟକ ଦ୍ୱିତୀୟ, ପୂଜା ସିଂହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦଳଗତ ଲୋକ ସଙ୍ଗୀତ ପ୍ରତିଯୋଗିତାରେ କୁଚିଣ୍ଡା ଏନଏସି ପ୍ରଥମ, ମାନେଶ୍ୱର ଗ୍ରୁପ ଦ୍ୱିତୀୟ, ବାମରା ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏକାକୀ ଲୋକ ସଙ୍ଗୀତ ପ୍ରତିଯୋଗିତାରେ ଅଙ୍କିତ ସରଙ୍ଗି ପ୍ରଥମ, ଅମିଶା କୁଲୁର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କବିତା ରଚନା ପ୍ରତିଯୋଗିତାରେ ନୀତିଶ ସହାନି ପ୍ରଥମ, ସୁଇଟି ମିଶ୍ରା ଦ୍ୱିତୀୟ, ପ୍ଲାବନ କୁମାର ଚୌଧରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗଳ୍ପ ଲିଖନରେ ବିବେକାନନ୍ଦ ତ୍ରିପାଠୀ, ଶର୍ମିଷ୍ଠା ନାଗ, ସରସ୍ୱତୀ ସାମନ୍ତରାୟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରକଳା ପ୍ରତିଯୋଗିତାରେ ଖୁସି ସାହ ପ୍ରଥମ, ଅଭିଷେକ ବିଶାଳ ଦ୍ୱିତୀୟ ଓ ସୌରଭ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇଲୋକୁଶନ ପ୍ରତିଯୋଗିତାରେ ସ୍ୱୟମ ପୂଝାର, ସୁପ୍ରିୟା ମହାରଣା, ଶିବଟେନ ରାଜା ଖାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀମାନେ ରାଜ୍ୟ ଓ ଜାତୀୟ ସ୍ତରରେ ଅଂଶଗ୍ରହଣ କରିବେ ବୋଲି ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ସୂଚନା ଦେଇଛନ୍ତି।

**ହାଇବ୍ରିଡ୍ ମଡେଲ**

## ଆଜି ନିଷ୍ପତ୍ତି ନେଇପାରେ ଆଇସିସି

**ନୂଆଦିଲ୍ଲୀ, ୧୩।୧୨ (ପି.ଟି.):** ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମୋହସିନ ନକ୍ଭିଙ୍କ ସହ ଭର୍ଚୁଆଲ ଆଲୋଚନା ପରେ ଚାମ୍ପିୟନ୍ସ ଟ୍ରଫି ପାଇଁ ହାଇବ୍ରିଡ୍ ମଡେଲରକୁ କିପରି କାର୍ଯ୍ୟକାରୀ କରାଯାଇପାରିବ ସେ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଉଚ୍ଚ କର୍ତ୍ତୃପକ୍ଷ ଶନିବାର ଚୂଡ଼ାନ୍ତ କରିପାରନ୍ତି। ଆଇସିସି ଇଭେଣ୍ଟ ପାଇଁ ଭାରତ ହେଉ ଅବା ପାକିସ୍ତାନ ଦୁହେଁ ପରସ୍ପର ଦେଶକୁ ଗସ୍ତ କରିବେ ନାହିଁ। ଏଥିରେ ସହମତି ପ୍ରକାଶ ପାଇଛି। ଫଳତଃ ଆସନ୍ତା ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ହେବାକୁଥିବା ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଭାରତ ଓ ପାକିସ୍ତାନ ଦୁବାଇରେ ଖେଳିବେ। ଟୁର୍ନାମେଣ୍ଟ ୮ଟି ଦଳକୁ ନେଇ ଅନୁଷ୍ଠିତ ହେବ। ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ପିସିବି ପୂର୍ବରୁ ସ୍ପଷ୍ଟ କରିସାରିଛି ଯେ, ଭାରତ ଓ ପାକିସ୍ତାନ ଆୟୋଜନ କରିବାକୁ ଥିବା ସମସ୍ତ ଆଇସିସି ଇଭେଣ୍ଟ ଲାଗି ଉଭୟ ଦେଶ ପାଇଁ ସମାନ ନୀତି ଅବଲମ୍ବନ କରାଯାଏ ତେବେ ପିସିବି ହାଇବ୍ରିଡ୍ ମଡେଲ ଗ୍ରହଣ କରିବାକୁ ରାଜି ଅଛି।

# ରୋହିତ, କୋହଲିଙ୍କ ଉପରେ ନଜର

ବ୍ରିସବେନ୍, ୧୩।୧୨ (ପି.ଟି.)

ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍ ଗାବାରେ ଶନିବାର ଆରମ୍ଭ ହେବ। ପ୍ରଥମ ୨ ମ୍ୟାଚ୍‌ରେ ଉଭୟ ଦଳ ଗୋଟିଏ ଲେଖାଏ ବିଜୟ ହାସଲ କରିଥିବା ବେଳେ ସିରିଜ୍ ବର୍ତ୍ତମାନ ୧-୧ରେ ରହିଛି। ତେବେ ସିରିଜ ଆଗକୁ ବଢ଼ିବା ସହ ଭାରତର ସିନିୟର ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଅଧିନାୟକ ରୋହିତ ଶର୍ମା ଓ ଷ୍ଟାର ବ୍ୟାଟର

**ବର୍ଡର-ଗାଭାସ୍କର ଟ୍ରଫି ତୃତୀୟ ଟେଷ୍ଟ**

ବିରାଟ କୋହଲି ଖରାପ ଫର୍ମ ଦେଇ ଗତି କରୁଛନ୍ତି। ଯଦିଓ ପ୍ରଥମ ଟେଷ୍ଟରେ ବିରାଟଙ୍କ ବ୍ୟାଟରୁ ଏକ ଶତକ ଆସିଥିଲା। ତେବେ ନିୟମିତ ଭାବରେ ସେ ଅଫ୍ ଷ୍ଟମ୍ପ ବାହାର ବଲ ଖେଳିବା ପ୍ରୟାସରେ ଉଇକେଟ ହରାଉଛନ୍ତି। ଅନ୍ୟ ପକ୍ଷରେ ରୋହିତ ଇନ୍ ସୁଇଙ୍ଗ ବଲ୍‌କୁ ଖେଳିବାରେ ଦୁର୍ବଳତା ଦେଖାଇଛନ୍ତି। ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆ ଦଳରେ ମଧ୍ୟ ସମାନ ସମସ୍ୟା ରହିଛି। କେବଳ ଟ୍ରାଭିସ ହେଡଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଖେଳାଳି ଭଲ ପ୍ରଦର୍ଶନ କରିବାରେ ସକ୍ଷମ ହୋଇନାହାନ୍ତି। ବିରାଟ କୋହଲିଙ୍କ ପରି ଷ୍ଟିଭ୍ ସ୍ମିଥ୍ ମଧ୍ୟ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ଉଭୟ ରୋହିତ ଓ କୋହଲି ଦକ୍ଷ ବ୍ୟାଟର ଏହାକୁ ନେଇ କୌଣସି ସନ୍ଦେହ ନାହିଁ। ତେବେ ୨୦୨୧ ପରଠାରୁ ଉଭୟ ଖେଳାଳି ଭଲ ପ୍ରଦର୍ଶନ କରିବାରେ ସକ୍ଷମ ହୋଇନାହାନ୍ତି। ତେବେ ଅଷ୍ଟ୍ରେଲୀୟ ପରିବେଶରେ ଉଭୟ ଖେଳାଳି ସିମ୍ ମୁଭମେଣ୍ଟ ଓ ବାଉନ୍ସକୁ ବୁଝିବାରେ ସମର୍ଥ ହୋଇନାହାନ୍ତି। ଚଳିତ ବର୍ଷରେ ରୋହିତଙ୍କ ଟେଷ୍ଟ ଆଭରେଜ ୬.୮୮ ରହିଥିବା ବେଳେ କୋହଲିଙ୍କ ଆଭରେଜ ୧୦ ରହିଛି। ଉଭୟ ଖେଳାଳି କ୍ରିଜ୍‌ରେ କିଛି ସମୟ ବିତାଇଲେ ଭଲ ପ୍ରଦର୍ଶନ କରିପାରିବେ ବୋଲି ଆଶା କରାଯାଉଛି। ପର୍ଥରେ କୋହଲି ଏକ ଶତକ ହାସଲ କରି ନିଜ ଉପରେ ଥିବା ଚାପ ଅନେକାଂଶରେ ହଟାଇବାରେ ସକ୍ଷମ ହୋଇଛନ୍ତି। ତେବେ ରୋହିତଙ୍କ ଉପରେ ଡେମୋକ୍ଲିସ୍ ଖଣ୍ଡା ଏବେବି ଝୁଲୁଛି। ସେହିପରି ତୃତୀୟ ଟେଷ୍ଟରେ ରୋହିତ ଓପନ କରିବେ କି ତୃତୀୟ ସ୍ଥାନରେ ବ୍ୟାଟିଂ କରିବେ ସେ ସମ୍ପର୍କରେ ମଧ୍ୟ କୌଣସି ସୂଚନା ଉପଲବ୍ଧ ନାହିଁ।

ବୋଲିଂ ଫର୍ମକୁ ଦେଖିଲେ ଉଭୟ ଦଳ ଭଲ ପ୍ରଦର୍ଶନ କରିଛନ୍ତି। ତେବେ ଭାରତର ଯଶପ୍ରୀତ୍ ବୁମ୍‌ରା ଚମତ୍କାର ବୋଲିଂ କରି ଅନ୍ୟମାନଙ୍କୁ ପଛରେ ଛାଡ଼ିବାରେ ସକ୍ଷମ ହୋଇଛନ୍ତି। ଗାବାର ଟ୍ରାକ୍ ପେସ୍ ଓ ବାଉନ୍ସକୁ ସୁହାଇବା ନେଇ କ୍ୟୁରେଟର ପୂର୍ବାନୁମାନ କରିଥିବା ବେଳେ ଭାରତୀୟ ପେସର ଏହାର ଫାଇଦା ନେବାକୁ ଚାହିଁବେ। ଗୋଟିଏ ପଟରୁ ବୁମ୍‌ରା ଘାତକ ବୋଲିଂ କରିଥିବା ବେଳେ ଅନ୍ୟ ଭାରତୀୟ ବୋଲର ଏତେଟା ପ୍ରଭାବଶାଳୀ ହୋଇନାହାନ୍ତି। ତୃତୀୟ ଟେଷ୍ଟ ପାଇଁ ହର୍ଷିତ ରାଣାଙ୍କ ସ୍ଥାନରେ ଆକାଶ ଦୀପ୍‌ଙ୍କୁ ଭାରତ ସାମିଲ କରିବାର ସମ୍ଭାବନା ରହିଛି। ଅନ୍ୟ ପକ୍ଷରେ ଘରୋଇ ପରିବେଶରେ ଖେଳୁଥିବା ଅଷ୍ଟ୍ରେଲିଆ ଭାରତୀୟ ବ୍ୟାଟରଙ୍କୁ ଅସୁବିଧାରେ ପକାଇବାରେ ସମର୍ଥ ହୋଇଛନ୍ତି।

ସେହିପରି ଭାରତର ଚୂଡ଼ାନ୍ତ ଏକାଦଶରେ ସ୍ପିନର କିଏ ରହିବ ତାକୁ ନେଇ ମଧ୍ୟ କୌଣସି ସୂଚନା ନାହିଁ। ପ୍ରଥମ ଟେଷ୍ଟରେ ୱାଶିଂଟନ୍ ସୁନ୍ଦର ଓ ଦ୍ୱିତୀୟ ଟେଷ୍ଟରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଖେଳାଇଥିଲା ଭାରତ। ତେବେ ବିଦେଶ ମାଟିରେ ଚମତ୍କାର ବ୍ୟାଟିଂ ରେକର୍ଡ ରଖିଥିବା ରବୀନ୍ଦ୍ର ଜାଡେଜାଙ୍କୁ ଭାରତ ଏହି ମ୍ୟାଚ୍‌ରେ ଖେଳାଇବ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହେଉନାହିଁ। ସେହିପରି ଅଷ୍ଟ୍ରେଲିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଜୋଶ ହାଜେଲଉଡ। ହାଜେଲଉଡଙ୍କ ଉପସ୍ଥିତି ଅଷ୍ଟ୍ରେଲିଆ ଦଳକୁ ଆହୁରି ଶକ୍ତିଶାଳୀ କରିଛି। ସ୍କଟ୍ ବୋଲାଣ୍ଡ ବାହାରେ ବସିବାକୁ ଥିବା ବେଳେ ଭାରତ ୨୦୨୧ରେ ଗାବାର ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବ।


ଶୁକ୍ରବାର ନେଟ୍ ସେସନ ଅବସରରେ ଭାରତୀୟ ଦଳ।

**ମ୍ୟାଚ୍ ସ୍ଥାନ: ବ୍ରିସବେନ୍, ଗାବା**
**ସମୟ: ସକାଳ ୫.୫୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

# ଗୁକେଶଙ୍କୁ ୫ କୋଟି


ବିଶ୍ୱ ଚେସ୍ ଚାମ୍ପିୟନ୍‌ଶିପ୍ ଟ୍ରଫି ସହିତ ଡି. ଗୁକେଶ।

ଚେନ୍ନାଇ, ୧୩।୧୨ (ପି.ଟି.)

ଚେସ୍ ଖେଳାଳି ଡି. ଗୁକେଶଙ୍କ ପାଇଁ ୫ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍। ଗୁକେଶ ମାତ୍ର ୧୮ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱଚେସ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ସିଙ୍ଗାପୁରରେ ଗୁରୁବାର ସେ ପ୍ରତିଯୋଗିତାର ୧୪ତମ ତଥା ଅନ୍ତିମ ଗେମ୍‌ରେ ଗତଥରର ଟାଇଟଲ ବିଜେତା ଚାଇନାର ଡିଙ୍ଗ୍ ଲିରେନ୍‌ଙ୍କୁ ହରାଇ ଦେଇଛନ୍ତି। ଏହି ଅବସରରେ ଷ୍ଟାଲିନ୍ କହିଛନ୍ତି, ଗୁକେଶ ଦେଶ ପାଇଁ ଅପାର ଗୌରବ ଓ ଆନନ୍ଦ ଆଣି ଦେଇଛନ୍ତି। ଭବିଷ୍ୟତରେ ସେ ଦେଶ ପାଇଁ ଏହିଭଳି ଆହୁରି ଅନେକ ସଫଳତା ଆଣିଦେବେ ବୋଲି ସେ ଆଶା କରିଛନ୍ତି। ୧୪ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାର ଅଧିକାଂଶ ଗେମ୍ ଡ୍ର ଭାବେ ଶେଷ ହୋଇଥିଲା। ମ୍ୟାଚର ୧୪ତମ ତଥା ଅନ୍ତିମ କ୍ଲାସିକାଲ ଟାଇମ୍ କଣ୍ଟ୍ରୋଲ ଗେମ୍‌ରେ ବିଜୟ ଲାଭ କରିବା ପରେ ଗୁକେଶ ଆବଶ୍ୟକ ୭.୫ ପଏଣ୍ଟ ସ୍କୋର କରିଥିବା ବେଳେ ତାଙ୍କ ଚାଇନିଜ ପ୍ରତିଦ୍ୱନ୍ଦ୍ୱୀ ୬.୫ ପଏଣ୍ଟ ସ୍କୋର କରିଥିଲେ। ବିଜେତା ହିସାବରେ ସେ ୧.୩ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୧୧.୦୩ କୋଟି) ପାଇଛନ୍ତି।

## ଉତ୍ତର ପ୍ରଦେଶ ବିପକ୍ଷରୁ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୧୩।୧୨ (ସରୋଜ ଜେନା) :** ଦୃଷ୍ଟିବାଧିତ ନାଗେଶ ଟ୍ରଫିର ସପ୍ତମ ସଂସ୍କରଣ ଖୋର୍ଦ୍ଧାର କେ.ଟି. ଗ୍ଲୋବାଲ ସ୍କୁଲରେ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଉତ୍ତର ପ୍ରଦେଶକୁ ୧୦୯ରନ୍‌ରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି ଓଡ଼ିଶା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପକ୍ଷରୁ ଲାଲ ପ୍ରସାଦ ସୋରେନ୍ ୭୯ ଓ ସୁଖରାମ ମାଝୀ ୬୮ ରନ୍ କରିବା ଫଳରେ ଦଳ ୪ ଉଇକେଟ ହରାଇ ୨୦୫ ରନ୍ କରିଥିଲା। ୨୦୬ ରନ୍‌ର ପିଛା କରୁଥିବା ଉତ୍ତର ପ୍ରଦେଶ ୧୯.୧ ଓଭରରେ ୯୬ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ଓଡ଼ିଶା ପକ୍ଷରୁ ଦେବରାଜ ବେହେରା ୩, ପଙ୍କଜ ଭୁଏ ଓ କାଳିଆ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟପ୍ ସ୍କୋରର ଲାଲ ପ୍ରସାଦଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ୨ ମ୍ୟାଚ୍ ଗୁଡ଼ିକରେ ତ୍ରିପୁରା, ଚଣ୍ଡୀଗଡ ଓ ମଧ୍ୟପ୍ରଦେଶକୁ ଭେଟିବ।

# ସିଲିକନ୍ ଏଫ୍‌ସି ବିଜୟୀ

ଭୁବନେଶ୍ୱର, ୧୩।୧୨
(ସରୋଜ ଜେନା)

**ଗତିକୃଷ୍ଣ ପଣ୍ଡା ସ୍ମାରକୀ ଫୁଟବଲ୍**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ରେ ଶୁକ୍ରବାର ସିଲିକନ୍ ଏଫ୍‌ସି ୨-୧ ଗୋଲରେ ଲିଙ୍ଗରାଜ କ୍ଲବକୁ ପରାସ୍ତ କରିଛି। ସିଲିକନ୍ ଏଫ୍‌ସି ପକ୍ଷରୁ ସନ୍ଦୀପ ସୌମ୍ୟରଞ୍ଜନ(୮) ଓ ଚକ୍ଷୁକୀରଟ ଶ'(୧୪)ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ଲିଙ୍ଗରାଜ କ୍ଲବ ପକ୍ଷରୁ ସୁନୀଲ କାଣ୍ଡି(୩୯) ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଚକ୍ଷୁକୀରଟଙ୍କୁ ପ୍ଲେୟର ଅଫ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

## ତ୍ରିସା-ଗାୟତ୍ରୀ ଯୋଡ଼ିଙ୍କ ବିଦାୟ

ହାଙ୍ଗଝୋ, ୧୩।୧୨ (ପି.ଟି.)

ଭାରତୀୟ ମହିଳା ଡବଲ୍ସ ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସେମିଫାଇନାଲରେ ପ୍ରବେଶ କରିପାରି ନାହାନ୍ତି। ଗ୍ରୁପ୍ 'ଏ'ରେ ତୃତୀୟ ତଥା ଫାଇନାଲ ମ୍ୟାଚରେ ସେମାନେ ଜାପାନର ନାମି ମାତସୁୟାମା ଓ ଚିହାରୁ ସିଦାଙ୍କଠାରୁ ସିଧାସଳଖ ଗେମ୍‌ରେ ପରାଜିତ ହୋଇଛନ୍ତି। ଏଠାରେ ବିଶ୍ୱର ୪ ନମ୍ବର ପ୍ରତିଦ୍ୱନ୍ଦ୍ୱୀ ଯୋଡ଼ିଙ୍କଠାରୁ ସେମାନେ ୧୭-୨୧, ୧୩-୨୧ରେ ହାରିଯାଇଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ଜାପାନିଜ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଭାରତୀୟ ଯୋଡ଼ି ଖେଳିଥିବା ୫ଟି ମ୍ୟାଚରେ ଏହା ହେଉଛି ଚତୁର୍ଥ ପରାଜୟ।

# ଷ୍ଟିୱାର୍ଟ କ୍ରିକେଟ ଏକାଡେମୀ ଉଦ୍‌ଘାଟିତ


ଷ୍ଟିୱାର୍ଟ ଏକାଡେମୀ ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ଗହଣରେ ଅତିଥି।

ଭୁବନେଶ୍ୱର, ୧୩।୧୨
(ସରୋଜ ଜେନା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଶୁକ୍ରବାର ଷ୍ଟିୱାର୍ଟ କ୍ରିକେଟ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। ୩୦ ଜିଲାରେ ୪୧ କ୍ରିକେଟ ଏକାଡେମୀ ନିର୍ମାଣର ଲକ୍ଷ୍ୟରେ ଏହାକୁ ନିର୍ମାଣ କରାଯାଇଛି। କେବଳ ବାଳିକା କ୍ରିକେଟରଙ୍କ ଅଭ୍ୟାସ ପାଇଁ ଏହି ଏକାଡେମୀର ନିର୍ମାଣ କରାଯାଇଛି। ପୂର୍ବତନ ଭାରତୀୟ ସ୍ପିନର ନରେନ୍ଦ୍ର ହିରୱାନୀ ଓ ଓଡ଼ିଆ ଅନ୍ତର୍ଜାତୀୟ ଖେଳାଳି ସ୍ୱାଗତିକା ରଥ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେଇ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟିୱାର୍ଟ ସ୍କୁଲ ପ୍ରିନ୍ସିପାଲ ଡି. ମାର୍ଟିନା, ସମ୍ପାଦକ ବି.ଡି. ଦାସ, ଓସିଏ ସ୍ପୋର୍ଟ୍ସ କୋ-ଅର୍ଡିନେଟର ଶୁଭାଶିଷ ସାହୁ, ଓସିଏ ସଦସ୍ୟ ସୁଶାନ୍ତ କୁମାର ମହାନ୍ତି ଓ ସିଇଓ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ। ଭିଜନ ୨୦୨୪ ଆଧାରରେ ଏହି ଏକାଡେମୀ ନିର୍ମାଣ କରାଯାଇଥିବା ବେଳେ ବିଭିନ୍ନ ବୟସ ବର୍ଗର ମହିଳା ଖେଳାଳିଙ୍କୁ ଏଠାରେ ଅଭ୍ୟାସ କରିବାର ସୁଯୋଗ ମିଳିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି।

# ସେମି ଲାଇନଅପ୍ ଚୂଡ଼ାନ୍ତ

କଟକ, ୧୩।୧୨ (କାର୍ତ୍ତିକ ସାହୁ)

**ଓଡିଶା ମାଷ୍ଟର୍ସ ବ୍ୟାଡମିଣ୍ଟନ**

କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଓଡ଼ିଶା ମାଷ୍ଟର୍ସ୍ ସୁପର-୧୦୦ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମି ଫାଇନାଲ ଲାଇନ ଅପ୍ ଚୂଡ଼ାନ୍ତ ହୋଇଛି। ମହିଳା ସିଙ୍ଗଲ୍ସରେ ସାଇ ୟାନ୍ କାନ୍, ସୋରୋନା ୟୋଶିକାୱା, ତନ୍‌ଭି ଶର୍ମା ଓ ଶ୍ରୀୟାଂସୀ ଭାଲିସେଟ୍ଟୀ ସେମିରେ ପ୍ରବେଶ କରିଛନ୍ତି। ସାଇ ୟାନ୍ କାନ ୨୧-୧୭, ୧୬-୨୧ ଓ ୨୧-୧୧ରେ ହାନ୍ କିଆନ୍ ଜିଙ୍କୁ, ସୋରୋନା ୟୋଶିକାୱା ୧୫-୨୧, ୨୧-୧୫ ଓ ୨୪-୨୨ରେ ରକ୍ଷିତା ଶ୍ରୀ ରାମରାଜଙ୍କୁ, ତନ୍‌ଭି ଶର୍ମା ୨୫-୨୩ ଓ ୨୧-୧୬ରେ ଅନମୋଲ ଖର୍ବଙ୍କୁ ଓ ଶ୍ରୀୟାଂସୀ ଭାଲିସେଟ୍ଟୀ ୧୩-୨୧, ୨୧-୧୦ ଓ ୨୧-୧୪ ସେଟରେ ଲୋ ସିନ୍ ୟାନ ହାପିଙ୍କୁ ହରାଇଥିଲେ।

ସେହିପରି ପୁରୁଷ ସିଙ୍ଗଲ୍ସରେ ରିତ୍ୱିକ ସଞ୍ଜୀବ ସତୀଶ, ପାନିଟଚାଫୋନ ଟୀରାଟ୍‌ସକୁଲ, ଥରୁନ ମନେପଲ୍ଲୀ ଓ ସତୀଶ କରୁଣାକରନ ସେମିରେ ପ୍ରବେଶ କରିଛନ୍ତି। ସଞ୍ଜୀବ ୪-୨୧, ୨୧-୧୯ ଓ ୨୧-୧୩ ସେଟରେ ହୁ ଝେ ଆନଙ୍କୁ, ପାନିଟଚାଫୋନ ୨୧-୬, ୨୧-୧୪ ସେଟରେ ଲିଉ ଜୁ ଜୁଆନଙ୍କୁ, ଥରୁନ ମନେପଲ୍ଲୀ ୨୧-୧୧, ୨୧-୬ ସେଟରେ ଅଭିଷେକ ସୈନିଙ୍କୁ ଓ ସତୀଶ କରୁଣାକରନ ୨୧-୧୮, ୧୨-୨୧ ଓ ୨୧-୯ ସେଟରେ ଆୟୁଷ ସେଟ୍ଟୀଙ୍କୁ ପରାସ୍ତ କରିଥିଲେ।

## ଦିଲ୍ଲୀରେ ପ୍ରସ୍ତୁତି ଆରମ୍ଭ କଲା ଓଡ଼ିଶା

ଭୁବନେଶ୍ୱର, ୧୩।୧୨
(ସରୋଜ ଜେନା)

ଦିଲ୍ଲୀ ଯମୁନା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଆସନ୍ତା ଡିସେମ୍ବର ୨୫ ରୁ ୨ ଜାନୁଆରୀ ମଧ୍ୟରେ ନବମ ଜାତୀୟ ସିନିୟର ଏବଂ ପଞ୍ଚମ ୨୫ ବର୍ଷରୁ କମ୍ ଲନ୍ ବଲ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଦଳ ଦିଲ୍ଲୀରେ ପହଞ୍ଚି ଜୋରଦାର ପ୍ରସ୍ତୁତ ଆରମ୍ଭ କରିଛି। ଆସନ୍ତା ୨୪ ତାରିଖରେ ପ୍ରସ୍ତୁତି ଶିବିର ଶେଷ ହେବ। ଓଡ଼ିଶା ସିନିୟର ଦଳରେ ଛଅ ଜଣ ମହିଳା ଏବଂ ଛଅ ଜଣ ପୁରୁଷ ଖେଳାଳି ଯୋଗଦେଇ ଥିବା ବେଳେ ୫ ବର୍ଷରୁ କମ ଦଳରେ ଦୁଇ ଜଣ ମହିଳା ଏବଂ ଦୁଇ ଜଣ ପୁରୁଷ ସାମିଲ ଅଛନ୍ତି। ବୋଲିଂ ଫେଡ଼ରେଶନ ଅଫ ଇଣ୍ଡିଆର କୋଚ ନୀତିନ ବାସୱାନି ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ଗତ ବର୍ଷ ଓଡ଼ିଶା ଲନ୍ ବଲ ଦଳ ଆସାମର ଗୁଆହାଟୀରେ ରାଜ୍ୟ ପାଇଁ ସାତଟି ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଏନେଇ ଏହି ବର୍ଷ ମଧ୍ୟ ଭଲ ଖେଳ ପ୍ରଦର୍ଶନ କରି ଅଧିକ ପଦକ ହାସଲ କରିବେ ବୋଲି ସଂଘ ଆଶା ରଖିଥିବା ରାଜ୍ୟ ବୋଲିଂ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି ।

## ବିଜୟ ସହ କିଟ୍‌ର ଅଭିଯାନ

ଭୁବନେଶ୍ୱର, ୧୩।୧୨
(ବିଜୟ ରଣା)

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଟେନିସ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି କିଟ୍ ମହିଳା ଟେନିସ ଦଳ। ଏହି ଟୁର୍ନାମେଣ୍ଟ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାର ପ୍ରଥମ ଦିବସରେ କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଦଳ ୨:୦ ଗେମ୍‌ରେ ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ଦଳ ଶନିବାର ମାଡ୍ରାସ ୟୁନିଭର୍ସିଟି ବିପକ୍ଷରେ କ୍ୱାର୍ଟରଫାଇନାଲ ଖେଳିବ। ଋତୁପର୍ଣ୍ଣା ଚୌଧାରୀ, ଅଭିଳାସ ବିସ୍ତା, ରିୟା ମର୍ଦ୍ଦରାଜ ଓ ଆକୃତିଙ୍କୁ ନେଇ କିଟ୍ ଦଳ ଇତିମଧ୍ୟରେ ଚତୁର୍ଥ ଖେଲୋଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ୨୦୨୪-୨୫ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ମହମ୍ମଦ ଏନାମୁଲ ହକ୍ ଦଳର କୋଚ୍ ରହିଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ